# ଧରିତ୍ରୀ
# DHARITRI

ଭୁବନେଶ୍ୱର, ଶନିବାର, ନଭେମ୍ବର ୧୧/୨୦୨୩ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, November 11/2023 Page 16 ₹ 7.00

୪୯ଶ ଭାଗ ୩୪୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 346 ମୂଲ୍ୟ₹୭/-







# ଲାଲ୍‌ଚାନ୍ଦ୍‌ର ଧନତେରସ୍ ଓ ଦୀପାବଳି ଅଫର୍

**ଏକ୍ସକ୍ଲୁସିଭ୍ ଡିଜାଇନ୍ ପାଆନ୍ତୁ ସର୍ବନିମ୍ନ ଗଢ଼ା ମୂଲ୍ୟ, ସ୍ୱଚ୍ଛ ରିହାତି ଏବଂ ବିନା ଲୁକ୍କାୟିତ ସର୍ତ୍ତରେ**

LALCHND
Trusted Brand Since 1948



## ଗଢ଼ା ମୂଲ୍ୟ ଉପରେ ବିଭ୍ରାନ୍ତିକର ଅଫର୍‌ଠାରୁ ଦୂରେଇ ରୁହନ୍ତୁ

| ବିଭ୍ରାନ୍ତିକର ଦାବି/ ଅଫର୍ | ସତ୍ୟତା |
|---|---|
| ମୋଟ୍ ସୁନା ମୂଲ୍ୟ ଉପରେ **ଫ୍ଲାଟ୍ ୪.୫% ରିହାତି** | ଗ୍ରାହକମାନେ କ୍ରୟ କରିଥିବା ସୁନା ଗହଣାର ମୋଟ ମୂଲ୍ୟ ଉପରେ ଫ୍ଲାଟ୍ ୪.୫% ରିହାତି ପାଉଥିବା ବେଳେ ବାସ୍ତବରେ ଗଢ଼ା ମୂଲ୍ୟ କେତେ, ସେ ସମ୍ପର୍କରେ କୌଣସି ତଥ୍ୟ ପାଉନାହାନ୍ତି । ଏଠାରେ ଅଧିକ ରିହାତି ଆଳ ଦେଖାଇ ଗ୍ରାହକଙ୍କୁ ଆକର୍ଷିତ କରାଯାଉଛି । ଏତଦ୍‌ଦ୍ୱାରା ଗ୍ରାହକମାନେ ଠକେଇର ଶିକାର ହେଉଥିବା ସ୍ପଷ୍ଟ ଜଣାପଡୁଛି । |
| **୩୦% ପର୍ଯ୍ୟନ୍ତ ରିହାତି** ମୂଲ୍ୟବାନ ପଥର ଓ ପୋଲ୍‌କି ଜୁଏଲାରୀର ଗଢ଼ା ମୂଲ୍ୟ ଉପରେ | ଏହି ଜୁଏଲର୍ କମ୍ ବିକ୍ରୟ ଜୁଏଲାରୀ ଉପରେ ସର୍ବାଧିକ ୩୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରୁଥିବା ବେଳେ ଅନ୍ୟ ସମସ୍ତ ଜୁଏଲାରୀ ଉପରେ ଅଧିକ ଗଢ଼ାମୂଲ୍ୟ ନେଇଥାଏ । ଏଥିସହ କେତେକ ମନୋନୀତ ଡିଜାଇନ୍‌ର ଜୁଏଲାରୀ ଉପରେ ହିଁ ଏହି ଅଫର୍ ଲାଗୁ କରାଯାଇଛି । |
| **୨୦୦୦/-, ୧୦୦୦/-, ୫୦୦/- ଟଙ୍କାର ଗିଫ୍ଟ ଭାଉଚର୍**, ନିର୍ଦ୍ଦିଷ୍ଟ କ୍ରୟମୂଲ୍ୟ ଉପରେ | କେତେକ ଜୁଏଲର୍ ଗିଫ୍ଟ ଭାଉଚର୍‌ର ଆଳ ଦେଖାଇ ଗ୍ରାହକଙ୍କୁ ଆକର୍ଷିତ କରୁଛନ୍ତି, କିନ୍ତୁ ପ୍ରକୃତରେ ଗ୍ରାହକଙ୍କୁ ଏହି ଅଫର୍‌ର ଯୋଗ୍ୟ ହେବା ପାଇଁ ମୋଟାଅଙ୍କର ସୁନା ଗହଣା କ୍ରୟ କରିବାକୁ ପଡ଼ିଥାଏ । |
| **୨୫% ପର୍ଯ୍ୟନ୍ତ ଛାଡ଼** ସୁନା ଗହଣାର ମଜୁରୀ ଉପରେ | ସୁନା ଗହଣାର ଗଢ଼ା ମୂଲ୍ୟ ଉପରେ ୨୫% ପର୍ଯ୍ୟନ୍ତ ରିହାତି ଦେଉଛନ୍ତି, କିନ୍ତୁ ନିଜ ମନମୁତାବକ ଗଢ଼ା ମୂଲ୍ୟକୁ ବଢ଼ାଇ ଦେଇ ତା' ଉପରେ ରିହାତି ପ୍ରଦାନ କରି ଗ୍ରାହକଙ୍କୁ ଭୁଆଁ ବୁଲାଉଛନ୍ତି । |
| **୨୦% ପର୍ଯ୍ୟନ୍ତ ଛାଡ଼** ସୁନା ଗହଣାର ଗଢ଼ା ମୂଲ୍ୟ ଉପରେ | ଏହି ପ୍ରତିଷ୍ଠାନ ସୁନା ଗହଣା ଉପରେ ସର୍ତ୍ତମୂଳକ (*) ଅଫର୍ ରଖି ୨୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରୁଛନ୍ତି, କିନ୍ତୁ ସଠିକ୍ ଗଢ଼ା ମୂଲ୍ୟ ସମ୍ପର୍କରେ ଗ୍ରାହକଙ୍କୁ ଜଣାଉନାହାନ୍ତି, ଯାହାଦ୍ୱାରା ଗ୍ରାହକମାନେ କ୍ରୟ ସମୟରେ ଦ୍ୱନ୍ଦ୍ୱରେ ପଡୁଛନ୍ତି । |
| **ଫ୍ଲାଟ୍ ୫୯୯ଟଙ୍କା ଗଢ଼ା ମୂଲ୍ୟ** ରେଗୁଲାର୍ ସୁନା ଗହଣା ଉପରେ | ଏଠାରେ ଜୁଏଲର୍ ଏଚ୍‌ୟୁଆଇଡି ହଲ୍‌ମାର୍କ ସୁନା ସମ୍ପର୍କରେ କୌଣସି ତଥ୍ୟ ନଦେଇ ରେଗୁଲାର୍ ସୁନା ଗହଣାର ଗଢ଼ା ମୂଲ୍ୟ ଉପରେ ୫୯୯ଟଙ୍କା ରିହାତି ପ୍ରଦାନ କରୁଛନ୍ତି । ଏଥିସହ ଏହି ଅଫର୍ କେବଳ ସୀମିତ ଡିଜାଇନ୍ ଉପରେ ଲାଗୁ ହେଉଥିବା ବେଳେ ଅନ୍ୟ ସମସ୍ତ ଗହଣା ଉପରେ ଗ୍ରାହକଙ୍କୁ ୧୨୦୦ଟଙ୍କା ଗଢ଼ା ମୂଲ୍ୟ ଦେବାକୁ ପଡୁଛି । |
| ସ୍ୱର୍ଣ୍ଣ ମୁଦ୍ରା(*) | ଏହି ଜୁଏଲର୍ ସର୍ତ୍ତମୂଳକ (*) ଅଫର୍ ରଖି ମାଗଣା ସ୍ୱର୍ଣ୍ଣ ମୁଦ୍ରା ପ୍ରଦାନ କରିଥାଏ । |

### ଲାଲ୍‌ଚାନ୍ଦ୍ ଜୁଏଲର୍ସ

ଲାଲ୍‌ଚାନ୍ଦ୍ ଜୁଏଲର୍ସ ସମସ୍ତ ଗହଣା ଉପରେ ଫ୍ଲାଟ୍ ଗଢ଼ା ମୂଲ୍ୟ ଏବଂ ସ୍ୱଚ୍ଛ ରିହାତି ପ୍ରଦାନ କରେ ।

**୬୨୫ ଟଙ୍କା/ଗ୍ରାମ୍**
ସମସ୍ତ ଏଚ୍‌ୟୁଆଇଡି ହଲ୍‌ମାର୍କଯୁକ୍ତ ସୁନା ଗହଣାର ଗଢ଼ା ମୂଲ୍ୟ

ଫ୍ଲାଟ୍ **୨୦,୦୦୦ଟଙ୍କା/କ୍ୟାରେଟ୍**
ରିହାତି ହୀରା ମୂଲ୍ୟ ଉପରେ

ଫ୍ଲାଟ୍ **୫୦% ରିହାତି**
ରୁପା ଗହଣାର ଗଢ଼ା ମୂଲ୍ୟ ଉପରେ

ଫ୍ଲାଟ୍ **୨୦% ରିହାତି**
ନିର୍ଦ୍ଦିଷ୍ଟ ହାତଘଣ୍ଟା ବ୍ରାଣ୍ଡ ଗୁଡ଼ିକ ଉପରେ

ଫ୍ଲାଟ୍ **୧୫% ରିହାତି**
ବ୍ରାଣ୍ଡେଡ୍ ଆଇଟମ୍‌ର ମୂଲ୍ୟ ଉପରେ

**ମାଗଣା ରୁପା ମୁଦ୍ରା**
(ଆଇଜେଏସ୍ଏଫ)୨୫,୦୦୦ ଟଙ୍କା ବା ତଦୂର୍ଦ୍ଧ୍ୱ ମୂଲ୍ୟର କ୍ରୟ ଉପରେ
ଏବଂ
**ନିଶ୍ଚିତ ଉପହାର**
୨୫,୦୦୦ ଟଙ୍କା ବା ତଦୂର୍ଦ୍ଧ୍ୱ ମୂଲ୍ୟର କ୍ରୟ ଉପରେ

**ହିସାବ କରନ୍ତୁ | ତୁଳନା କରନ୍ତୁ | ତା'ପରେ କିଣନ୍ତୁ**

## ଗଢ଼ା ମୂଲ୍ୟ ଉପରେ ହେଉଥିବା ସ୍କାମ୍ ସମ୍ପର୍କରେ ଗ୍ରାହକମାନଙ୍କୁ ଅବଗତ କରାଇବା ଲାଲ୍‌ଚାନ୍ଦ୍ ଜୁଏଲର୍ସର ଦାୟିତ୍ୱ

ଉତ୍ତମ ଗ୍ରାହକ ସେବା ପ୍ରଦାନ କରିବା ଲାଲ୍‌ଚାନ୍ଦ୍‌ର ମୂଳମନ୍ତ୍ର । କାରଣ ଆମେ ଶତ ପ୍ରତିଶତ ଏଚ୍‌ୟୁଆଇଡି (ହଲ୍‌ମାର୍କଯୁକ୍ତ ଏକକ ପରିଚୟପତ୍ର) ନିୟମ ଅନୁପାଳନ କରିଅଛୁ, ଯାହାଦ୍ୱାରା ଆମର ପ୍ରିୟ ଗ୍ରାହକଙ୍କୁ ସର୍ବୋତ୍ତମ ସପିଂର ଅଭିଜ୍ଞତା ପ୍ରଦାନ କରିପାରିବୁ ।

ବିଆଇଏସ୍ ହଲ୍‌ମାର୍କଯୁକ୍ତ ପୁରୁଣା ସୁନା ଏକ୍ସଚେଞ୍ଜରେ ପାଆନ୍ତୁ ୧୦୦% ସୁନା ମୂଲ୍ୟ



ସମସ୍ତ ଆକାରର ୯୯୯ ଶୁଦ୍ଧତା ବିଶିଷ୍ଟ ସ୍ୱର୍ଣ୍ଣ ମୁଦ୍ରା ଉପଲବ୍ଧ

**ଆକର୍ଷଣୀୟ ଜୁଏଲାରୀ ସପିଂ**
୨୫ ହଜାର ଟଙ୍କାର ଗହଣା ଉପରେ ନିଶ୍ଚିତ କୁପନ୍ ଏବଂ ସୀମିତ ସଂସ୍କରଣର ରୁପା ମୁଦ୍ରା

**ଲାଲ୍‌ଚାନ୍ଦ୍ ଜୁଏଲର୍ସରେ ବିଶ୍ୱର ସର୍ବବୃହତ ଅଳଙ୍କାର ମହୋତ୍ସବ**

**ଅବିଶ୍ୱସନୀୟ ପୁରସ୍କାର**
ପର୍ଯ୍ୟାୟକ୍ରମେ ଡ୍ର'ରେ ୫୦୦୦ କୁପନ୍‌ର ପ୍ରତି ସେଟ୍‌ରେ ୨୫ ଗ୍ରାମ୍ ସୁନା ମୁଦ୍ରା

ଚମକିବ ସମସ୍ତଙ୍କ ଭାଗ୍ୟ! ଜିତନ୍ତୁ*

- ୧ କିଲୋଗ୍ରାମ ସୁନାର ୫ଟି ପୁରସ୍କାର
- ୧୦ ଲକ୍ଷ ଟଙ୍କା ବିଶିଷ୍ଟ ଜଡ଼ାଉ ଜୁଏଲାରୀର ୫ଟି ପୁରସ୍କାର
- ୧୦ ଲକ୍ଷ ଟଙ୍କା ବିଶିଷ୍ଟ ଟେମ୍ପଲ୍ ଜୁଏଲାରୀର ୫ଟି ପୁରସ୍କାର
- ୫ ଲକ୍ଷ ଟଙ୍କା ବିଶିଷ୍ଟ ହୀରା ଓ ମୂଲ୍ୟବାନ ପଥର ଖଚିତ ଜୁଏଲାରୀର ୧୦ଟି ପୁରସ୍କାର
- ୨.୫ ଲକ୍ଷ ଟଙ୍କା ବିଶିଷ୍ଟ ସୁନା ଗହଣାର ୧୦ଟି ପୁରସ୍କାର
- 'ଡିଭାଇନ୍ ସଲିଟେଆର୍' ତରଫରୁ ହୀରା ଖଚିତ ସୁନା ମୁଦ୍ରାର ୧୦୦ଟି ପୁରସ୍କାର

IJSF INDIA JEWELLERY SHOPPING FESTIVAL 2023
ପ୍ରାୟୋଜକ DIVINE SOLITAIRES

ଉପରିସ୍ଥ ଆଇଜେଏସ୍ଏଫ୍ ସ୍କିମ୍ ୧୫ ଅକ୍ଟୋବରରୁ ୨୨ ନଭେମ୍ବର ପର୍ଯ୍ୟନ୍ତ ବୈଧ

HDFC BANK
FESTIVE TREATS

- ଏଚ୍‌ଡିଏଫ୍‌ସି ବ୍ୟାଙ୍କ କ୍ରେଡିଟ୍/ଡେବିଟ୍ କାର୍ଡ ବ୍ୟବହାରରେ ତୁରନ୍ତ ୫% ଛାଡ଼
- ସର୍ବନିମ୍ନ ୪୦,୦୦୦ଟଙ୍କାର ନେଣଦେଣ ଉପରେ ଏହା ବୈଧ । ସର୍ବାଧିକ ୩,୦୦୦ଟଙ୍କାର ଛାଡ଼
- ପ୍ରତି କାର୍ଡ ପିଛା ଥରେ ବ୍ୟବହାର ଉପରେ ଏହି ଛାଡ଼ ୧୪ ନଭେମ୍ବର ୨୦୨୩ ପର୍ଯ୍ୟନ୍ତ ବୈଧ

ମାଷ୍ଟର କ୍ୟାଣ୍ଟିନ୍ ଶୋ'ରୁମ୍‌ରେ ଏମ୍ଏମ୍‌ଟିସି ସ୍ୱର୍ଣ୍ଣମୁଦ୍ରା ଏବଂ ରଘୁନାଥପୁର, କଟକ ତଥା ବ୍ରହ୍ମପୁରରେ ଏମ୍ଏମ୍‌ଟିସି ରୁପା ମୁଦ୍ରା ଉପଲବ୍ଧ

**ଲାଲ୍‌ଚାନ୍ଦ୍ ପ୍ରତିଶ୍ରୁତି** ★ ଏଚ୍‌ୟୁଆଇଡି ହଲ୍‌ମାର୍କ ସୁନା ★ ସର୍ବନିମ୍ନ ଗଢ଼ାମୂଲ୍ୟ ★ ଆଜୀବନ ରକ୍ଷଣାବେକ୍ଷଣ ★ ବାଏବ୍ୟାକ୍‌ର ଗ୍ୟାରେଣ୍ଟି ★ ଉଚ୍ଚ ଶୁଦ୍ଧତା ପରିମାପକ କ୍ୟାରେଟ୍ ମିଟର୍

**JEWELLERS SINCE 1988**

| ଭୁବନେଶ୍ୱର ରଘୁନାଥପୁର | ଭୁବନେଶ୍ୱର ମାଷ୍ଟର୍ କ୍ୟାଣ୍ଟିନ୍ | ଭୁବନେଶ୍ୱର ଏସ୍‌ପ୍ଲାନେଡ୍ ମଲ୍ | ବ୍ରହ୍ମପୁର ଧର୍ମ ନଗର | କଟକ କ୍ୟାଣ୍ଟନ୍‌ମେଣ୍ଟ ରୋଡ୍ | ନୂଆଦିଲ୍ଲୀ ଲାଜପତ୍ ନଗର |
|---|---|---|---|---|---|
| 0674-2469149/150/151 | 0674-2534016/17/18 | +91-99372 29625 | 0680-2229401/02/04 | 0671-2302505/3505/4505 | 011-45769564 |

ଆପଣମାନଙ୍କ ସୁବିଧା ପାଇଁ ଆମର ମାଷ୍ଟର୍ କ୍ୟାଣ୍ଟିନ୍ ଶୋ'ରୁମ୍‌ର ପଛପାର୍ଶ୍ୱସ୍ଥ ନୂତନ ଦ୍ୱାରଠାରେ ପର୍ଯ୍ୟାପ୍ତ ପାର୍କିଂର ସୁବ୍ୟବସ୍ଥା ସହ ନିୟମିତ ସମ୍ମୁଖ ଦ୍ୱାର ନିକଟରେ ଭାଲେ ପାର୍କିଂ ଉପଲବ୍ଧ ।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ନଭେମ୍ବର ୧୧/୨୦୨୩ | Bhubaneswar, Saturday, November 11/2023 | ପୃଷ୍ଠା-୧




**ଇଲାୟାରାଜାଙ୍କ ବାୟୋପିକ୍‌ରେ ଧନୁଷ୍**
ସାଉଥ୍ ଅଭିନେତା ଧନୁଷ ଖ୍ୟାତନାମା ସଙ୍ଗୀତଜ୍ଞ ଇଲାୟାରାଜାଙ୍କ ଚରିତ୍ରରେ ନଜରକୁ ଆସିବେ। ୦୮

୧୨ **ଡୁସେନଙ୍କ ଦୃଢ଼ ବ୍ୟାଟିଂ**
ରସି ଭାନ୍ ଡର ଡୁସେନ ଦୃଢ଼ ବ୍ୟାଟିଂ କରି ଆଫଗାନିସ୍ତାନ ବିପକ୍ଷ କ୍ରିକେଟ ବିଶ୍ୱକପ୍ ମ୍ୟାଚରେ ଦକ୍ଷିଣ ଆଫ୍ରିକାକୁ ବିଜୟୀ କରାଇଛନ୍ତି।



# ଶ୍ରୀମନ୍ଦିରରେ ଦଳାଚକଟା: ୨୦ ଆହତ



ମହାପ୍ରଭୁଙ୍କ ଦର୍ଶନ ପାଇଁ ଶୁକ୍ରବାର ଶ୍ରୀମନ୍ଦିର ସମ୍ମୁଖରେ ଶ୍ରଦ୍ଧାଳୁ ଓ ହବିଷିଆଳିଙ୍କ ଭିଡ଼।

- ତ୍ରୁଟିପୂର୍ଣ୍ଣ ଦର୍ଶନ ବ୍ୟବସ୍ଥାକୁ ଦାୟୀ କଲେ ଭକ୍ତ
- ତୁରନ୍ତ ୪ ଦ୍ୱାର ଖୋଲାଯିବାକୁ ଦାବି
- ଏସ୍‌ପି କହିଲେ ଘଟଣାର ତଦନ୍ତ ହେବ

**ପୁରୀ, ୧୦।୧୧ (ଅଜିତ ମହାନ୍ତି)**

ବର୍ତ୍ତମାନ କାର୍ତ୍ତିକ ମାସ ଚାଲିଥିବାରୁ ମହାପ୍ରଭୁଙ୍କ ଦର୍ଶନ କରିବା ସହ ମହାପ୍ରସାଦ ପାଇବା ଆଶାରେ ଦୈନିକ ପୁରୀରେ ଅଗଣିତ ଶ୍ରଦ୍ଧାଳୁଙ୍କ ସମାଗମ ହେଉଛି। ସେହିପରି ପୁରୀରେ ହବିଷିଆଳିମାନେ ରହି କାର୍ତ୍ତିକ ବ୍ରତ ପାଳନ କରୁଛନ୍ତି। ଫଳରେ ଶ୍ରୀମନ୍ଦିରରେ ପ୍ରବଳ ଭିଡ଼ ହେଉଛି। ଭିଡ଼କୁ ପ୍ରତିହତ କରିବା ସହ ଭକ୍ତଙ୍କ ସୁବିଧା ଦର୍ଶନ ପାଇଁ ଜିଲା ପ୍ରଶାସନ ଏବଂ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଉଥିବା କୁହାଯାଉଛି। ମାତ୍ର ବାସ୍ତବ ଚିତ୍ର ଓଲଟା ଦେଖିବାକୁ ମିଳୁଛି। ଶୁକ୍ରବାର ସକାଳେ ଶ୍ରୀମନ୍ଦିରରେ ପ୍ରବଳ ଗହଳି ଯୋଗୁ ଦଳାଚକଟା ହୋଇ ୨୦ରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଆହତ ହୋଇଛନ୍ତି। ଏଥିପାଇଁ ତ୍ରୁଟିପୂର୍ଣ୍ଣ ଦର୍ଶନ ବ୍ୟବସ୍ଥାକୁ ଦାୟୀ କରାଯାଉଛି।

ସମ୍ପ୍ରତି କେବଳ ସିଂହଦ୍ୱାର ଦେଇ ଭକ୍ତ ଓ ପଶ୍ଚିମ ଦ୍ୱାର ଦେଇ ପୁରୀବାସୀଙ୍କୁ ଶ୍ରୀମନ୍ଦିରରେ ପ୍ରବେଶ ଅନୁମତି ରହିଛି। ଶୁକ୍ରବାର ଧନତେରସ ଥିବାରୁ ମା' ଲକ୍ଷ୍ମୀ ଓ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିରରେ ଭକ୍ତଙ୍କ ଗହଳି ଆଶାତୀତ ଥିଲା। ମହାପ୍ରଭୁଙ୍କ ମଙ୍ଗଳ ଆଳତି ସମୟରେ ସିଂହଦ୍ୱାର ବ୍ୟାରିକେଡ୍ ଖୋଲାଯାଇ ଶ୍ରଦ୍ଧାଳୁ ଓ ହବିଷିଆଳିମାନଙ୍କୁ ଏକକାଳୀନ ମନ୍ଦିର ଭିତରକୁ ଛଡ଼ାଯାଇଥିଲା। ଫଳରେ ସାତପାହାଚ ଓ ଘଣ୍ଟିଦ୍ୱାର ନିକଟରେ ଶ୍ରଦ୍ଧାଳୁଙ୍କ ଭିଡ଼ ହେବା ସହ ଠେଲାପେଲା ସୃଷ୍ଟି ହୋଇଥିଲା। ଅନେକ ହବିଷିଆଳି ଓ ଶ୍ରଦ୍ଧାଳୁ ତଳେ ପଡ଼ିଯାଇଥିଲେ। ଏପରିକି ଜଣଙ୍କ ଉପରେ ଜଣେ ପଡ଼ି ଆହତ ହୋଇଥିଲେ। କେତେଜଣ ଅଣନିଃଶ୍ୱାସୀ ହୋଇପଡ଼ି ଥିବାବେଳେ ଅନ୍ୟ କେତେଜଣଙ୍କ ହାତ ଓ ଗୋଡ଼ରେ ଆଘାତ ଲାଗିଥିଲା। ସେଠାରେ ଦାୟିତ୍ୱରେ ଥିବା ଜେଟିପି, ଓଡ଼ିଶା ପୋଲିସ, ସ୍ୱେଚ୍ଛାସେବୀ, ସେବାୟତମାନେ ଆହତମାନଙ୍କୁ ଉଦ୍ଧାର କରି ପ୍ରଥମେ ଶ୍ରୀମନ୍ଦିର ପରିସରସ୍ଥ କାର୍ଯ୍ୟାଳୟକୁ ନେଇଥିଲେ। ସେଠାରେ ସେମାନଙ୍କୁ ଫ୍ୟାନ୍ ଏବଂ ଏସି ଲଗାଇ ଶୁଆଇ ଦେଇଥିଲେ। ଓଆର୍‌ଏସ୍ ପାଣି ମଧ୍ୟ ପିଇବାକୁ ଦେଇଥିଲେ। ଗୁରୁତର ଆହତମାନଙ୍କୁ ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ସେମାନଙ୍କର ଚିକିତ୍ସା ପରେ ସମସ୍ତେ ସୁସ୍ଥ ଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

ଆହତ ହୋଇଥିବା ଜଣେ ଶ୍ରଦ୍ଧାଳୁ କହିଛନ୍ତି, ଦର୍ଶନ ପାଇଁ ଯାଉଥିଲୁ। ପ୍ରବଳ ଗହଳି କାରଣରୁ ହଠାତ୍ ଠେଲାପେଲା ପରିସ୍ଥିତି ସୃଷ୍ଟି ହୋଇଥିଲା। ଆଗରେ ଠିଆହୋଇଥିବା ଲୋକେ ତାଙ୍କ ଉପରେ ପଡ଼ିଯିବାରୁ ସେ ତଳେ ପଡ଼ିଗଲେ। ତାଙ୍କ ସମେତ ସାଥିରେ ଥିବା ସମ୍ପର୍କୀୟଙ୍କ ଗୋଡ଼ରେ ଆଘାତ ଲାଗିଛି। ମେଡିକାଲ ଆସି ☞ପୃଷ୍ଠା-୨

## ଶ୍ରୀଲଙ୍କାକୁ ସସ୍‌ପେଣ୍ଡ କଲା ଆଇସିସି

**ଦୁବାଇ, ୧୦।୧୧ (ପି.ଟି.)**

ସରକାରୀ ହସ୍ତକ୍ଷେପ ପାଇଁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଶୁକ୍ରବାର ଶ୍ରୀଲଙ୍କା କ୍ରିକେଟ (ଏସ୍‌ଏଲ୍‌ସି)କୁ ସସ୍‌ପେଣ୍ଡ କରିଛି। ଚଳିତ ଦିନିକିଆ ବିଶ୍ୱକପ୍‌ରେ ଶ୍ରୀଲଙ୍କାର ପ୍ରଦର୍ଶନ ନୈରାଶ୍ୟଜନକ ରହିଛି। ଦଳ ୯ଟି ଗେମ୍‌ରୁ ୭ଟିରେ ପରାଜିତ ହୋଇଥିଲା। ଏହାକୁ ନେଇ ଦେଶର ଖେଳପ୍ରେମୀଙ୍କ ମହଲରେ ଉତ୍ତେଜନା ପ୍ରକାଶ ପାଇଥିଲା। ଫଳତଃ ଶ୍ରୀଲଙ୍କା କ୍ରୀଡ଼ା ମନ୍ତ୍ରୀ ଏସ୍‌ଏଲ୍‌ସିକୁ ବହିଷ୍କୃତ କରିଥିଲେ। ମାତ୍ର କୋର୍ଟରେ ଅପିଲ ଦ୍ୱାରା ଏସଏଲସି ପୁନଃ ଅବସ୍ଥାପିତ ହେବାରୁ ଦେଶର କ୍ରିକେଟ ପରିଚାଳନା ପରିଷଦରେ ପରିସ୍ଥିତି ଅଧିକ ଜଟିଳ ହୋଇପଡ଼ିଥିଲା। (ସବିଶେଷ ରିପୋର୍ଟ ଖେଳ ପୃଷ୍ଠାରେ)






## କୋଲକାତାରୁ ପାରାଦୀପ ଆସୁଥିବା ବସ୍ ଜଳିଗଲା, ୩୬ ଆହତ

**ପାରାଦୀପ, ୧୦।୧୧ (ଶରତ ରାଉତ)**



କୋଲକାତାର ବାବୁଘାଟ ବସ୍ ଟର୍ମିନାଲରୁ ପାରାଦୀପ ଆସୁଥିବା ଏକ ଶତୀତାପ ନିୟନ୍ତ୍ରିତ ଯାତ୍ରୀବାହୀ ବସ୍ 'ଶିବମ୍ ଟ୍ରାଭେଲ୍ସ' ଶୁକ୍ରବାର ରାତି ପ୍ରାୟ ସାଢ଼େ ୧୦ଟାରେ ଚଳନ୍ତା ଅବସ୍ଥାରେ ଜଳିଯାଇଛି। ପଶ୍ଚିମବଙ୍ଗର ଖଡ଼ଗପୁର ଥାନା ଅନ୍ତର୍ଗତ ୪୧ ନଂ ଜାତୀୟ ରାଜପଥର ମାଡ଼ପୁରଠାରେ ଏହି ଘଟଣା ଘଟିଛି। ମିଳିଥିବା ପ୍ରାଥମିକ ସୂଚନା ଅନୁଯାୟୀ ବସ୍‌ରେ ୪୫ରୁ ୫୦ ଯାତ୍ରୀ ଥିଲେ। ସେମାନଙ୍କ ମଧ୍ୟରୁ ୩୬ଜଣ ଆହତ ହୋଇଥିବା ଜଣାପଡ଼ିଛି। ରିପୋର୍ଟ ପ୍ରସ୍ତୁତି ବେଳକୁ ଖଡ଼ଗପୁର ଅଞ୍ଚଳର ୨ଟି ଅଗ୍ନିଶମ ଟିମ୍ ନିଆଁ ଆୟତ୍ତ ଓ ଯାତ୍ରୀ ଉଦ୍ଧାର କାର୍ଯ୍ୟ ଚଳାଇଥିଲେ। ଆହତମାନଙ୍କୁ ମେଦିନାପୁର ମେଡିକାଲ କଲେଜ ଏବଂ ଖଡ଼ଗପୁର ଗ୍ରାମୀଣ ହସ୍ପିଟାଲରେ ଚିକିତ୍ସା କରାଯାଉଛି। ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡ଼ି ନ ଥିବାବେଳେ ଶର୍ଟସର୍କିଟରୁ ଏହି ଅଘଟଣ ଘଟିଥିବା କୁହାଯାଉଛି। ସେହିପରି ଗାଡ଼ିରେ ବାଣ ଅଣାଯାଉଥିଲା, ସେଥିରୁ ଅଗ୍ନିକାଣ୍ଡ ଘଟିଥିବା ମଧ୍ୟ କୁହାଯାଉଛି। ବସ୍‌ର ଡ୍ରାଇଭର ଏବଂ କଣ୍ଡକ୍ଟରଙ୍କ ପତ୍ତା ମିଳୁନାହିଁ।

## ୧୫ରେ ଲଘୁଚାପ

**ଉପକୂଳ ଜିଲାରେ ପ୍ରବଳ ବର୍ଷା ସମ୍ଭାବନା**

**ଭୁବନେଶ୍ୱର, ୧୦।୧୧ (ଅନିଲ ଦାସ)**

ଆସନ୍ତା ୧୩ ତାରିଖରେ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ କ୍ଷେତ୍ର ସୃଷ୍ଟି ହେବ। ୧୫ ତାରିଖ ବେଳକୁ ଏହା ଲଘୁଚାପରେ ପରିଣତ ହେବ। ଏହା ଡିପ୍ ଡିପ୍ରେସନ (ଅବପାତ)ରେ ପରିଣତ ହୋଇ ଉତ୍ତର ଦିଗକୁ ଗତିକରି ଓଡ଼ିଶା ଉପକୂଳମୁହାଁ ହେବ। ତେବେ ଅବପାତ ବାତ୍ୟାର ରୂପ ନେବା ସମ୍ଭାବନାକୁ ମଧ୍ୟ ଏଡ଼ାଯାଇ ନ ପାରେ। ବାତ୍ୟା ହେବ କି ନାହିଁ ତାହା ଆସନ୍ତା ୩/୪ ଦିନ ମଧ୍ୟରେ ସ୍ପଷ୍ଟ ହେବ। ଲଘୁଚାପ ଓଡ଼ିଶା ଉପକୂଳ ଦେଇ ଅତିକ୍ରମ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ନିଯୁକ୍ତି ମାନଦଣ୍ଡର ନବୀକରଣ**

## ଏଟିଏମ୍‌ରେ ଟଙ୍କା ଭରୁଥିବା ଭ୍ୟାନ୍‌ରୁ ଲୁଟ୍

## ବନ୍ଧୁକ ଦେଖାଇ ୧ କୋଟି ୭୩ ଲକ୍ଷ ନେଇଗଲେ

- ମୁହଁରେ କଳା କପଡ଼ା ପିନ୍ଧି ଗାଡ଼ି ରଖି ବାଟ ଓଗାଳିଲେ
- ଫାଇନାନ୍ସ କର୍ମଚାରୀଙ୍କଠାରୁ ୫୩ ହଜାର ଟଙ୍କା ଲୁଟ୍

**ଟିଗିରିଆ, ୧୦।୧୧ (ଜାଫର ଖାଁ)**



ଟଙ୍କା ଲୁଟ୍ ହୋଇଥିବା ଭ୍ୟାନ୍

ଟିଗିରିଆ ଥାନା ଅଞ୍ଚଳରେ ଶୁକ୍ରବାର ୨ ସ୍ଥାନରୁ ଟଙ୍କା ଲୁଟ୍ ହୋଇଛି। ଏହି ଥାନା ଅନ୍ତର୍ଗତ ଗୋଡ଼ିଝରିଆ ନିକଟସ୍ଥ ରାସ୍ତାରୁ ଅପରାହ୍ନରେ ଏଟିଏମକୁ ଟଙ୍କା ନେଇ ଯାଉଥିବା ଏକ ଭ୍ୟାନ୍‌କୁ ଅଟକାଇ ୧ କୋଟି ୭୩ ଲକ୍ଷ ଟଙ୍କା ଲୁଟି ନିଆଯାଇଛି। ପ୍ରାୟ ୭ରୁ ୮ ଜଣ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ଏହି କାଣ୍ଡ କରିଥିବା ଅଭିଯୋଗ ହୋଇଛି। ଟିଗିରିଆ ପୋଲିସ ତଦନ୍ତ କରିବା ସହ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଛି। ମାତ୍ର ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଦୁର୍ବୃତ୍ତଙ୍କ ସମ୍ପର୍କରେ କୌଣସି ସୂଚନା ମିଳିନାହିଁ। ଭ୍ୟାନକୁ ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ ପାଇଁ ଘଟଣାସ୍ଥଳରେ ରଖାଯାଇଛି। ସେହିପରି ଟିଗିରିଆ ଥାନା ଅନ୍ତର୍ଗତ ସୋମପଡାଠାରୁ ପାଞ୍ଚଗାଁ ମଧ୍ୟରେ ଏକ ନିଛାଟିଆ ରାସ୍ତାରେ ଜଣେ ଘରୋଇ ଫାଇନାନ୍ସ କର୍ମଚାରୀଙ୍କଠାରୁ ୫୩ ହଜାର ଟଙ୍କା ଲୁଟି ନିଆଯାଇଛି।

ପୋଲିସ ସୂଚନା ଅନୁଯାୟୀ, ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ)ର ଆଠଗଡ଼ରୁ ନରସିଂହପୁର ମଧ୍ୟରେ ଥିବା ବିଭିନ୍ନ ଏଟିଏମ୍‌ରେ ଟଙ୍କା ଭରିବା ଉଦ୍ଦେଶ୍ୟରେ ଏକ ସୁରକ୍ଷା ସଂସ୍ଥାର ଭ୍ୟାନ୍ ୨କୋଟି ଟଙ୍କା ନେଇ ବାହାରିଥିଲା। ଏଥିରେ ଜଣେ ସୁରକ୍ଷାକର୍ମୀ ଓ ୨ ଜଣ ବ୍ୟାଙ୍କ କର୍ମଚାରୀ ଓ ଚାଳକ ମିଶାଇ ୪ ଜଣ ଥିଲେ। ଭ୍ୟାନଟି ଆଠଗଡ଼ର ଶଙ୍କରପୁର ଦେଇଯାଇଥିଲା। ଟିଗିରିଆସ୍ଥିତ ଗୋଡ଼ିଝରିଆ ଏଟିଏମ୍‌ରେ ପ୍ରଥମେ ଟଙ୍କା ଭର୍ତ୍ତି କରିଥିଲେ। ଏହାପରେ ଅପରାହ୍ନ ପ୍ରାୟ ୨ ଟା ୩୦ ମିନିଟରେ ଟିଗିରିଆ ଆଡ଼କୁ ଯାଉଥିବା ସମୟରେ ନୂଆସଡ଼କସ୍ଥିତ ତାରିଣୀ ମନ୍ଦିର ନିକଟସ୍ଥ ଆମ୍ବବଗିଚା ପୂର୍ବରୁ ଏକ ପରିତ୍ୟକ୍ତ ରାଇସ୍‌ମିଲ୍ ନିକଟରେ ଏକ ନମ୍ବର ବିହୀନ ଧଳା ସ୍କର୍ପିଓ, ସ୍କୁଟି ଓ ବାଇକ ସେମାନଙ୍କ ବାଟ ଓଗାଳିଥିଲେ। ଏସବୁ ଗାଡ଼ିରେ ଆସିଥିବା ୭ରୁ ୮ ଜଣ ଦୁର୍ବୃତ୍ତ ମୁହଁରେ କଳା କପଡ଼ା ବାନ୍ଧିଥିଲେ। ସେମାନଙ୍କ ହାତରେ ବନ୍ଧୁକ ସହ ଅନ୍ୟାନ୍ୟ ମାରଣାସ୍ତ୍ର ଥିଲା। ସେମାନେ ସୁରକ୍ଷାକର୍ମୀଙ୍କୁ ଧମକ ଦେବାସହ ସେମାନଙ୍କଠାରୁ ବନ୍ଧୁକ ଛଡାଇ ନେଇ ପାଖ ଜମିକୁ ଫିଙ୍ଗି ଦେଇଥିଲେ। ଏଥିସହ ଗାଡି ଚାଳକ ଓ ୨ ଜଣ ☞ପୃଷ୍ଠା-୨




**ଆଜିର ମନ୍ତବ୍ୟ**

ଜାତି ଜନଗଣନା ଏକ ବୈପ୍ଳବିକ ପଦକ୍ଷେପ। ଏହା ଜନସାଧାରଣଙ୍କ ଜୀବନରେ ପରିବର୍ତ୍ତନ ଆଣିବ।
**-ରାହୁଲ ଗାନ୍ଧୀ, କଂଗ୍ରେସ ନେତା**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଢମଣା ପଶିଲା ଗାତେ,**
**ବୋହୂ ଭୁଆସୁଣୀ ହାଟକୁ ଯିବେ,**
**ଓଢ଼ଣା ପଡ଼ିଛି ହାତେ ।**

ବୟୋଜ୍ୟେଷ୍ଠମାନଙ୍କୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ମୁଣ୍ଡରେ ଓଢ଼ଣା ପକାଯାଇଥାଏ। ମଥାରେ ଓଢ଼ଣା ଦେବା ନାରୀର ଲଜ୍ଜାଶୀଳା ଗୁଣକୁ ପରିପ୍ରକାଶ କରିଥାଏ। ଗ୍ରାମ୍ୟ ବୋହ ଭୁଆସୁଣୀ ବଜାର ହାଟ ବୁଲିବା ପାଇଁ ଘରୁ ଗୋଡ଼ କାଢ଼ିଥିବା ବେଳେ ନିଜକୁ ଦୃଷ୍ଟି ଆଢୁଆଳରେ ରଖିବାକୁ ଯାଇ ହାତେ ଲମ୍ବର ଓଢ଼ଣା ଟାଣିଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଡିଙ୍କି ପଡ଼େ ରସ ରସ;**
**ଚନ୍ଦ୍ରମା ମୁହଁରେ ନାହିଁ ହରଷ**
**ମିଛେ ବୋଲେ ବସ ବସ।**

ମନ ଖରାପ ଥିଲେ ମୁହଁର ଭାବଭଙ୍ଗୀ ଅନେକାଂଶରେ ବଦଳି ଯାଇଥାଏ। ଇଚ୍ଛା ନ ଥିଲେ ମଧ୍ୟ ବାଧ୍ୟବାଧକତାରେ ପଡ଼ି ଅନ୍ୟ ଆଗରେ ମୁହଁରେ ହସ ଖେଳେଇବାକୁ ପଡ଼ିଥାଏ। ମିଛରେ ଖୁସି ଥିବାର ବାହାନା କରୁଥିବା ଲୋକ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




# ଜେଏସ୍‌ଡବ୍ଲ୍ୟୁ ଖଣି ଆଗରେ ଅଞ୍ଚଳବାସୀଙ୍କ ବିକ୍ଷୋଭ

## ପରିବହନ, ନିଯୁକ୍ତିରୁ ବଞ୍ଚିତ ଖଣି ପ୍ରଭାବିତ

ଯୋଡ଼ା,୧୦।୧୧(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳସ୍ଥିତ ନୂଆଗାଁ ଜେଏସ୍‌ଡବ୍ଲ୍ୟୁ(ଜିନ୍ଦଲ ସାଉଥ୍ ୱେଷ୍ଟ) ଖଣି ସ୍ଥାନୀୟ ଖଣି ପ୍ରଭାବିତ ଅଞ୍ଚଳବାସୀଙ୍କୁ ଅଣଦେଖା କରୁଛି। ଖଣି ପ୍ରଭାବିତ ଲୋକଙ୍କ ପରିବର୍ତ୍ତେ ବାହାର ରାଜ୍ୟର ଲୋକଙ୍କୁ ନିଯୁକ୍ତି ଦିଆଯାଉଛି। ସ୍ଥାନୀୟ ଟ୍ରକ୍ ମାଲିକଙ୍କୁ ପରିବହନ କାମରେ ନିୟୋଜିତ କରା ନ ଯାଇ ଟ୍ରେଲର ମାଧ୍ୟମରେ ମାଲ ପରିବହନ ହେଉଛି। ଏହାର ପ୍ରତିବାଦରେ ଶୁକ୍ରବାର ପୂର୍ବାହ୍ନରେ ଖଣି ପ୍ରଭାବିତ ଗୁଆଲି, ଗନ୍ଧଲପଦା, ନୂଆଗାଁ, ପାଣ୍ଡୁଲିପଷି, ଟୋପାଡ଼ିହି, କେନ୍ଦୁଡିହି, ବରପଦା, କାଟେସାହି ଅଞ୍ଚଳବାସୀ ଖଣି ଫାଟକକୁ ବନ୍ଦ କରି ବିକ୍ଷୋଭ ପ୍ରଦର୍ଶନ କରିବା ସହ ଧାରଣାରେ ବସିଛନ୍ତି।

ଅଭିଯୋଗ ଅନୁଯାୟୀ, ଖଣିରୁ ନିର୍ଗତ ପ୍ରଦୂଷିତ ଜଳକୁ ନାଳରେ ଛାଡ଼ି ଦିଆଯାଉଛି। ଫଳରେ ଜଳ ପ୍ରଦୂଷଣ ହେଉଛି। ରାସାୟନିକ ପଦ୍ଧତିରେ ବାରୁଦ ବିସ୍ଫୋରଣ କରାଯାଉଥିବାରୁ ସ୍ଥାନୀୟ ଅଞ୍ଚଳରେ ମୃଦୁ ଭୂକମ୍ପନ ଅନୁଭୂତ ହେଉଛି। ଅଞ୍ଚଳବାସୀ ସିଧାସଳଖ ପ୍ରଭାବିତ ହେଉଥିଲେ ସୁଦ୍ଧା କମ୍ପାନୀ କାହାରିକୁ ନିଯୁକ୍ତି ଦେଉନାହିଁ। ଠିକାଦାରଙ୍କ ଅଧୀନରେ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କୁ ଛୁଟି ପଇସା ଦିଆଯାଉନାହିଁ, ଠିକାଦାର ସେମାନଙ୍କୁ ସ୍ଥାୟୀ ନିଯୁକ୍ତି ଦେଉନାହାନ୍ତି। କାର୍ଯ୍ୟକ୍ଷେତ୍ରରେ ପାନୀୟ ଜଳ ଓ ଅନ୍ୟାନ୍ୟ ସୁବିଧା ନାହିଁ। କାମ ମାଗିଲେ ଗ୍ରାମବାସୀଙ୍କୁ ଧମକ ଦିଆଯାଉଛି। ବରପଦା ଗ୍ରାମରେ ଥିବା ଶ୍ମଶାନକୁ ମଧ୍ୟ କମ୍ପାନୀ ଦଖଲରେ ରଖିଛି। ଖଣିରେ ନିୟୋଜିତ ପ୍ରାୟ ୧୫୦ ସୁରକ୍ଷାକର୍ମୀଙ୍କ ମଧ୍ୟରୁ ମାତ୍ର ଜଣେ ମହିଳା ସ୍ଥାନୀୟ ଭାବେ ନିଯୁକ୍ତି ପାଇଛନ୍ତି। ଗ୍ରାମ ରାସ୍ତାରେ ହଜାର ସଂଖ୍ୟାରେ ଖଣିଜ ବୋଝେଇ ଭାରିଯାନକୁ ପାର୍କିଂ କରି ରାସ୍ତାଟିକୁ ଖଣି କମ୍ପାନୀ ନିଜ ଅକ୍ତିଆରରେ ରଖିଥିବା ଗ୍ରାମବାସୀ କହିଛନ୍ତି। ସ୍ଥାନୀୟ ମା' ତାରିଣୀ ଟ୍ରକ୍ ଓନର୍ ଆସୋସିଏଶନ ସହ ଖଣି କମ୍ପାନୀ କୌଣସି ଆଲୋଚନା ନ କରି ବାହାର ରାଜ୍ୟର ଟ୍ରେଲରଗୁଡ଼ିକରେ ଖଣିଜ ପରିବହନ କରୁଛି। ଫଳରେ ସ୍ଥାନୀୟ ଟ୍ରକ୍ ମାଲିକ କାର୍ଯ୍ୟହରା ହେଉଛନ୍ତି। ଯୋଡ଼ା ଖଣି ମଣ୍ଡଳରେ ଖଣି ଥାଇ କୋଇଡ଼ା ଖଣି ମଣ୍ଡଳର ବିମଳାଗଡ଼, ରେଞ୍ଜଡ଼ା, ରୋକ୍ସି, ବାରସୁଆଁ, ପଟାସାହି ପ୍ରଭୃତି ରେଳ ସାଇଡିଂକୁ ବାହାର ଅଞ୍ଚଳର ଠିକାଦାରଙ୍କୁ ଲଗାଇ ଲୁହାପଥର ପରିବହନ କରାଯାଉଥିବା ଅଭିଯୋଗ ହୋଇଛି। ଧାରଣାସ୍ଥଳରେ ଜେଏସ୍‌ଡବ୍ଲ୍ୟୁ ପକ୍ଷରୁ ଲଜିଷ୍ଟିକ ହେଡ୍ ସୁବ୍ରତ ସାହୁ, ମାନବ ସମ୍ବଳ ଅଧିକାରୀ ଜିତେନ୍ଦ୍ର ନନ୍ଦଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ପହଞ୍ଚି ଦୀର୍ଘ ୪ ଘଣ୍ଟା ଧରି ଆଲୋଚନା କରିଥିଲେ। ଆଲୋଚନା ସମୟରେ ଯୋଗ୍ୟତା ଅନୁଯାୟୀ ସର୍ବନିମ୍ନ ୫୦ ଜଣ ମହିଳା ଓ ପୁରୁଷଙ୍କୁ ଖଣିରେ ସିଧାସଳଖ ସ୍ଥାୟୀ ନିଯୁକ୍ତି ଓ ଘରୋଇ ସୁରକ୍ଷାକର୍ମୀଭାବେ ୮୦ଜଣ ମହିଳା ଏବଂ ପୁରୁଷଙ୍କୁ ନିଯୁକ୍ତି, ପ୍ରଶାସନର ଉପସ୍ଥିତିରେ ଆଲୋଚନା କରାଯିବା, ଶ୍ରମିକମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ନ କରିବା ଆଦି ଦାବି ପୂରଣ ନ ହେଲେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଦିଆଯିବ ବୋଲି ଯୋଡ଼ା ବ୍ଲକ୍ ଅଧ୍ୟକ୍ଷ କବିନ୍ଦ୍ର ନାଏକ, ଗୁଆଲି ସରପଞ୍ଚ ବିଦ୍ୟାଧର ନାଏକ, ଟ୍ରକ୍ ମାଲିକ ସଂଘ ପକ୍ଷରୁ କୁଶ ଆପଟ୍ଟ, ଡବର ମୁଣ୍ଡା, ଦଶରଥ ବାରିକ, ସଞ୍ଜୀବ ପଲେଇ, ମନୋଜ ମହାପାତ୍ର, ରଥ ମହାକୁଡ଼, ମହେଶ୍ୱର ଘଣା, ସତ୍ୟାନନ୍ଦ ଘଣା, ଦିଲୀପ ପ୍ରଧାନ, ମହେଶ୍ୱର ଆପଟ୍ଟ ପ୍ରମୁଖଙ୍କ ସମେତ ଶତାଧିକ ମହିଳା ଓ ପୁରୁଷ ଚେତାବନୀ ଦେଇଥିଲେ।

ଖଣିର ମାନବ ସମ୍ବଳ ଅଧିକାରୀ ଜିତେନ୍ଦ୍ର ନନ୍ଦ କହିଛନ୍ତି, ଦାବିଗୁଡ଼ିକୁ ଲିପିବଦ୍ଧ କରାଯାଇଛି, ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ଅଧିକାରୀ ସୁବ୍ରତ ସାହୁ କହିଛନ୍ତି, ୧୫ ଦିନ ମଧ୍ୟରେ ପରିବହନ ଠିକାଦାର ନିଯୁକ୍ତିକୁ ଆଲୋଚନା ମାଧ୍ୟମରେ ସମାଧାନ କରାଯିବ। ମାତ୍ର ସମାଧାନ ନ ହେବା ପର୍ଯ୍ୟନ୍ତ ଖଣିରୁ ଟ୍ରେଲର ବନ୍ଦ କରିବା ପାଇଁ ଗ୍ରାମବାସୀ ଦାବି କରିଥିଲେ।


ଜେଏସ୍‌ଡବ୍ଲ୍ୟୁ ଖଣି ଫାଟକ ଆଗରେ ଧାରଣାରତ ଗ୍ରାମବାସୀ।

# ୨୧ରେ ରାଷ୍ଟ୍ରପତିଙ୍କ ୨ଦିନିଆ ସମ୍ବଲପୁର ଗସ୍ତ

### ନୂଆ ଶିକ୍ଷା ରାଷ୍ଟ୍ରୀୟ ଅଭିଯାନର ଶୁଭାରମ୍ଭ କରିବେ

ସମ୍ବଲପୁର,୧୦।୧୧(ବି.ଶଙ୍କର)



ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଆସନ୍ତା ୨୧ରେ ଦୁଇଦିନିଆ ସମ୍ବଲପୁର ଜିଲା ଗସ୍ତ କାର୍ଯ୍ୟକ୍ରମ ରହିଛି। ୨୧ରେ ରାଷ୍ଟ୍ରପତି ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ଉତ୍ସବରେ ଯୋଗଦେବା କାର୍ଯ୍ୟକ୍ରମ ରହିଛି ବୋଲି କୁଳପତି ପ୍ରଫେସର ବଂଶୀଧର ମାଝି ସୂଚିତ କରିଛନ୍ତି। ସେହିପରି ୨୨ରେ ରାଷ୍ଟ୍ରପତି ପଧାନପାଲି ଛକ ପାବନ ସରୋବରଠାରେ ବ୍ରହ୍ମାକୁମାରୀ ଶିକ୍ଷା ପ୍ରଭାଗ ଆୟୋଜିତ ନୂଆ ଭାରତ ପାଇଁ ନୂଆ ଶିକ୍ଷା ରାଷ୍ଟ୍ରୀୟ ଅଭିଯାନର ଶୁଭାରମ୍ଭ କରିବେ। ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ପାବନ ସରୋବରଠାରେ ସମସ୍ତ ପ୍ରକାର ପ୍ରସ୍ତୁତି ଚାଲିଛି। ସମ୍ବଲପୁର ଦାନୀବନ୍ଧସ୍ଥିତ ବ୍ରହ୍ମାକୁମାରୀ ପଶ୍ଚିମ ଓଡ଼ିଶା ଉପକେନ୍ଦ୍ରରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଆୟୋଜକମାନେ ଏହି ସୂଚନା ଦେଇଛନ୍ତି।

ସେମାନେ ଆହୁରି କହିଥିଲେ, ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ରାଜ୍ୟପାଳ ରଘୁବର ଦାସ, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେବାକୁ ସମ୍ମତି ପ୍ରଦାନ କରିଛନ୍ତି। ଏଥିରେ ପଶ୍ଚିମ ଓଡ଼ିଶାରୁ ପ୍ରାୟ ୪ହଜାର ପ୍ରତିନିଧିଙ୍କ ସମାଗମ ହେବ। ଯେଉଁମାନେ ଯୋଗଦେବାକୁ ଚାହିଁବେ ସେମାନେ ୧୫ ତାରିଖ ସୁଦ୍ଧା ବ୍ରହ୍ମାକୁମାରୀ ସମ୍ବଲପୁରଙ୍କ ସହାୟତାରେ ପଞ୍ଜୀକରଣ କରିପାରିବେ। ପ୍ରତିନିଧିମାନେ ନିଜ ସାଥିରେ ଏଣ୍ଟ୍ରି କାର୍ଡ ଓ ଆଧାର କାର୍ଡ ଧରିବା ଅତ୍ୟନ୍ତ ଜରୁରୀ। ସାଙ୍ଗରେ ବ୍ୟାଗ୍, ପାଣି ବୋତଲ, ମୋବାଇଲ ଫୋନ୍ ନେବାକୁ ବାରଣ କରାଯାଇଛି। ପ୍ରତିନିଧିମାନଙ୍କ ସକାଶେ ବାଇକ୍, କାର୍, ବସ୍ ପାର୍କିଂ ବ୍ୟବସ୍ଥା କରାଯାଇଛି। ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମର ସମାପ୍ତି ପରେ ପୂର୍ବାହ୍ନ ୧୦ରୁ ୧୧ ବ୍ରହ୍ମାକୁମାରୀ ଶିକ୍ଷା ପ୍ରଭାଗର ଅଧ୍ୟକ୍ଷ ବ୍ରହ୍ମାକୁମାର ଡ. ମୃତ୍ୟୁଞ୍ଜୟ ଓ ଉପାଧ୍ୟକ୍ଷା ବ୍ରହ୍ମାକୁମାରୀ ରାଜଯୋଗିନୀ ସିଲୁ ପ୍ରେରଣାଦାୟକ ବକ୍ତବ୍ୟ ପ୍ରଦାନ କରିବେ ବୋଲି କହିଛନ୍ତି। ଖବରଦାତା ସମ୍ମିଳନୀରେ ସମ୍ବଲପୁରସ୍ଥିତ ପଶ୍ଚିମ ଓଡ଼ିଶାର ଉପକ୍ଷେତ୍ର ସଞ୍ଚାଳିକା ରାଜଯୋଗିନୀ ପାର୍ବତୀ, ବ୍ରହ୍ମାକୁମାର ନଥମଲ ଓ ବ୍ରହ୍ମାକୁମାରୀ ଦୀପା ଉପସ୍ଥିତ ଥିଲେ।

# କୋଟିପତି ଆୟୁର୍ବେଦ କଲେଜ ଅଧ୍ୟକ୍ଷ ଗିରଫ

### ଆୟଠାରୁ ୧୧୩ ପ୍ରତିଶତ ଅଧିକ ସମ୍ପତ୍ତି ଠାବ

ଭୁବନେଶ୍ୱର,୧୦।୧୧
(ସତ୍ୟଜିତ୍ ରାଉତ)


ସୁଦର୍ଶନ ବେହେରା

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବଲାଙ୍ଗୀର ଜିଲା ସରକାରୀ ଆୟୁର୍ବେଦ ମହାବିଦ୍ୟାଳୟ ଓ ହସ୍ପିଟାଲ ଅଧ୍ୟକ୍ଷ ସୁଦର୍ଶନ ବେହେରାଙ୍କୁ ଶୁକ୍ରବାର ଭିଜିଲାନ୍ସ ଗିରଫ କରିଛି। ଭିଜିଲାନ୍ସ ପକ୍ଷରୁ ହୋଇଥିବା ଚଢ଼ାଉରେ ସୁଦର୍ଶନଙ୍କ ବିପୁଳ ଆୟବହିର୍ଭୂତ ସମ୍ପତ୍ତି ଠାବ ହୋଇଛି। ଏହା ତାଙ୍କ ପ୍ରକୃତ ଆୟଠାରୁ ୧୧୩ ପ୍ରତିଶତ ଅଧିକ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ଏହି ସମ୍ପତ୍ତି ସଂକ୍ରାନ୍ତରେ ସୁଦର୍ଶନ ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଶୁକ୍ରବାର ତାଙ୍କ ନାମରେ ଏକ ମାମଲା (ନଂ.୩୨/୨୦୨୩) ରୁଜୁ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଗିରଫ ପରେ ଅଭିଯୁକ୍ତ ସୁଦର୍ଶନଙ୍କୁ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ଗୁରୁବାର ପୁରୀ ଜିଲା ସତ୍ୟବାଦୀ ଥାନା ଅନ୍ତର୍ଗତ ଶ୍ରୀରାମଚନ୍ଦ୍ରପୁରସ୍ଥିତ ସୁଦର୍ଶନଙ୍କ ଘର, ସମ୍ବଲପୁର ବୁର୍ଲା ସିଆର୍‌ପିଏଫ୍ କ୍ୟାମ୍ପସ୍ଥିତ ସ୍ତ୍ରୀଙ୍କ କ୍ୱାର୍ଟର ସମେତ ବଲାଙ୍ଗୀର, ପୁରୀ ଓ ସମ୍ବଲପୁରର ୭ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଏହି ସମୟରେ ସୁଦର୍ଶନଙ୍କ ୨୮ଟି ପ୍ଲଟ୍ ସମେତ ପୁରୀ ଜିଲା ସତ୍ୟବାଦୀ ଥାନା ଅନ୍ତର୍ଗତ ସାକ୍ଷୀଗୋପାଳ ବ୍ଲକ୍ ଛକରେ ଏକ ୪ ମହଲା କୋଠା, ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତ ଅନ୍ତର୍ଗତ ନହଳାସ୍ଥିତ ଦୁଇ ମହଲା କୋଠା, ଗୋପ ସୋରିସିଆପଡ଼ାସ୍ଥିତ କୋଠା ଠାବ ହୋଇଥିଲା। ସେହିଭଳି ୨୫୦ ଗ୍ରାମର ସୁନା ଅଳଙ୍କାର, ୩ଟି ଚାରିଚକିଆ ଯାନ(ସମସ୍ତ ଗାଡ଼ି ନମ୍ବର ୩୨୩୨) ଓ ଦୁଇଟି ବାଇକ ଠାବ ହୋଇଥିଲା। ତେବେ ଏହି ମାମଲାରେ ଅଧିକ ତଦନ୍ତ କରାଯାଉଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

## ଶ୍ରୀମନ୍ଦିରରେ ଦଳାଚକଟା...

ଚିକିତ୍ସିତ ହେଉଛୁ। ଚାରିଦ୍ୱାର ଖୋଲା ନ ଯିବା ଏବଂ ତ୍ରୁଟିପୂର୍ଣ୍ଣ ଦର୍ଶନ ବ୍ୟବସ୍ଥା ଯୋଗୁ ଏଭଳି ଘଟଣା ଘଟିଲା। ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଇ ପଦକ୍ଷେପ ନେବା ଆବଶ୍ୟକ। ସେହିପରି ଦାୟିତ୍ୱରେ ଥିବା ସ୍ୱେଚ୍ଛାସେବୀ ମନୋଜ ସାହୁଙ୍କ କହିବା ଅନୁଯାୟୀ, ସକାଳେ ହବିଷିଆଳିଙ୍କୁ ନେଇ ମନ୍ଦିରକୁ ଯାଇଥିଲୁ। ଘଣ୍ଟିଦ୍ୱାରଠାରେ ହଠାତ ଭକ୍ତଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା। ଫଳରେ ଜଣଙ୍କ ଉପରେ ଜଣେ ପଡ଼ିଯାଇଥିଲେ। ତେଣୁ କେତେଜଣ ହବିଷିଆଳିଙ୍କ ସମେତ ପ୍ରାୟ ୨୦ ଜଣ ଭକ୍ତ ଆହତ ହୋଇଛନ୍ତି। ଏସ୍‌ପି କନୱର ବିଶାଳ ସିଂହ ଦଳାଚକଟା ବା ଠେଲାପେଲା ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି, ଦର୍ଶନ ବ୍ୟବସ୍ଥା ଭଲରେ ହେଉଛି। ସମସ୍ତ ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯାଉଛି। ଶୁକ୍ରବାର ପ୍ରଥମ ପର୍ଯ୍ୟାୟରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଯାଇଥିବା କେତେଜଣ ବୟସ୍କ ବ୍ୟକ୍ତି ଗହଳି କାରଣରୁ ପଡ଼ିଯାଇଥିଲେ। ସେମାନଙ୍କୁ ଉଦ୍ଧାର କରାଯାଇ ମେଡିକାଲକୁ ନିଆଯାଇଥିଲା। ଚିକିତ୍ସା ପରେ ସମସ୍ତେ ସୁସ୍ଥ ଥିବାରୁ ସମସ୍ତଙ୍କୁ ଡିସ୍‌ଚାର୍ଜ କରାଯାଇଛି। ଏହି ଘଟଣାର ତଦନ୍ତ କରାଯିବ। ଭକ୍ତଙ୍କ ସୁବିଧା ପାଇଁ ୧୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଆଉ ୧୦ ପ୍ଲାଟୁନ ଫୋର୍ସ ମୁତୟନ ହେବେ ବୋଲି ଏସ୍‌ପି ସୂଚନା ଦେଇଛନ୍ତି।ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ କହିଛନ୍ତି, ମହାପ୍ରଭୁଙ୍କ ଦର୍ଶନ କରିବା ନିମନ୍ତେ ଭକ୍ତମାନଙ୍କ ମଧ୍ୟରେ ବ୍ୟଗ୍ରତା ଦେଖିବାକୁ ମିଳୁଛି। ଫଳରେ ଭିଡ଼ ହୋଇ ଠେଲାପେଲା ପରିସ୍ଥିତି ଉପୁଜୁଛି। ବୟସ୍କ ବ୍ୟକ୍ତିମାନେ ତଳେ ପଡ଼ିଯାଉଥିବା ଦେଖିବାକୁ ମିଳୁଛି। ସମସ୍ତ ଭକ୍ତ ଯେପରି ଦର୍ଶନ କରି ଭଲରେ ଯିବେ ସେଥିପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉଥିବା ସେ ପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଶ୍ରୀମନ୍ଦିର ୪ ଦ୍ୱାର ଖୋଲାଯାଉ ନ ଥିବାରୁ ଅଧିକାଂଶ ସମୟରେ ଭକ୍ତମାନେ ଘଣ୍ଟା ଘଣ୍ଟା ଧରି ବଡ଼ଦାଣ୍ଡ ଏବଂ ବ୍ୟାରିକେଡ୍ ଭିତରେ ଠିଆହେଇ ରହୁଛନ୍ତି। ଫଳରେ ସେମାନେ ଅନେକ ସମସ୍ୟା ଭୋଗୁଛନ୍ତି। ବିଶେଷକରି ବୟସ୍କ ଓ ପିଲାମାନେ ହଇରାଣ ହେଉଛନ୍ତି। ଆଗକୁ ପଞ୍ଚକ ଥିବାରୁ ଅଧିକ ଭକ୍ତଙ୍କ ସମାଗମ ହେବ। ତେଣୁ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ ସହ ତୁରନ୍ତ ୪ ଦ୍ୱାର ଖୋଲାଯିବାକୁ ଭକ୍ତଙ୍କ ପକ୍ଷରୁ ଦାବି ହେଉଛି।

## ୧୫ରେ ଲଘୁଚାପ....

କରିବା ବେଳେ କୋହଲିଆ ପବନ ସହ ବର୍ଷା ହେବ। ଏହାର ପ୍ରଭାବରେ ଆସନ୍ତା ୧୫ରୁ ୨୦ ତାରିଖ ମଧ୍ୟରେ ଓଡ଼ିଶା ଉପକୂଳ ଓ ଆଭ୍ୟନ୍ତରୀଣ ଜିଲାଗୁଡ଼ିକରେ ବର୍ଷା ହେବାର ସମ୍ଭାବନା ରହିଛି। ଉପକୂଳବର୍ତ୍ତୀ ଜିଲା ପୁରୀ, ଗଞ୍ଜାମ, ଖୋର୍ଦ୍ଧା, ନୟାଗଡ଼ରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏଥିସହିତ କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଅନୁଗୋଳ, ଢେଙ୍କାନାଳ ଆଦି ଜିଲାରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। କେତେକ ସ୍ଥାନରେ ୬୦ରୁ ୭୦ ମିଲିମିଟର ବର୍ଷା ହେବାର ସମ୍ଭାବନା ରହିଛି। ଗତ କିଛିଦିନ ହେବ ରାଜ୍ୟରେ ପାରଦ ତଳମୁହାଁ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, କୋରାପୁଟରେ ସର୍ବନିମ୍ନ ତାପମାତ୍ରା ୧୧.୬ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଫୁଲବାଣୀ ୧୩, ଦାରିଙ୍ଗବାଡ଼ି ୧୩, ନବରଙ୍ଗପୁର ୧୫, ଭବାନୀପାଟଣାରେ ସର୍ବନିମ୍ନ ତାପମାତ୍ରା ୧୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ସେହିପରି ରାଜ୍ୟର ଅନ୍ୟାନ୍ୟ ଅଞ୍ଚଳରେ ସର୍ବନିମ୍ନ ତାପମାତ୍ରା ୨୦ ଡିଗ୍ରୀ ସେଲ୍‌ସିୟସ ତଳେ ରହିଛି।

**ପ୍ରଥମ ପୃଷ୍ଠାରୁ...**

## ଏଟିଏମ୍‌ରେ ଟଙ୍କା ...

କର୍ମଚାରୀଙ୍କଠାରୁ ମୋବାଇଲଫୋନ ଛଡ଼େଇ ନେଇଥିଲେ। ଏହାପରେ ଟଙ୍କା ଭର୍ତ୍ତି ଟ୍ରଙ୍କ୍ ନେଇ ରେଙ୍ଗାଲି କେନାଲ ରାସ୍ତାରେ ପଳାଇ ଯାଇଥିଲେ। କିଛି ବାଟ ଗଲା ପରେ ମୋବାଇଲଫୋନଗୁଡ଼ିକୁ ଫୋପାଡ଼ି ଦେଇଥିଲେ। ଖବରପାଇ ତିଗିରିଆ ଆଇଆଇସି ଜ୍ଞାନରଞ୍ଜନ ସାମଲ, ଏସ୍‌ଆଇ ସନ୍ତୋଷ କୁମାର ପ୍ରଧାନ ପହଞ୍ଚି ଘଟଣାର ତଦନ୍ତ କରିଛନ୍ତି। କଟକ ଗ୍ରାମାଞ୍ଚଳ ଏସ୍‌ପି ମିହିର କୁମାର ପଣ୍ଡା, ଅତିରିକ୍ତ ଏସପି କେ. ପି ପଟ୍ଟନାୟକ ଘଟଣାସ୍ଥଳ ପରିଦର୍ଶନ କରି ଏହା ଉପରେ ନଜର ରଖିଥିବା କହିଛନ୍ତି। ସେହିପରି ସୋମପଡ଼ା-ପାଞ୍ଚଗାଁ ନିଛାଟିଆ ରାସ୍ତାରେ ହୋଇଥିବା ଲୁଟ୍ ଘଟଣାରେ ୩ ଜଣ ଯୁବକ ସମ୍ପୃକ୍ତ ଥିବା ଜଣାପଡ଼ିଛି। ଘରୋଇ ଫାଇନାନ୍ସ ସଂସ୍ଥାର କର୍ମଚାରୀ ପ୍ରତାପ କୁମାର ସାହୁ ତିଗିରିଆ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ସେ ସୋମପଡ଼ାରୁ ଟଙ୍କା ଆଦାୟ କରି ଏକ ବାଇକ୍ ଯୋଗେ ଦିନ ପ୍ରାୟ ୧୨ଟା ୩୦ରେ ଫେରୁଥିଲେ। ଏହି ସମୟରେ ୩ ଜଣ ଦୁର୍ବୃତ୍ତ ମୁହଁରେ ମୁଖା ପିନ୍ଧି ଏକ ନମ୍ବରବିହୀନ ପଲ୍‌ସର ଗାଡ଼ିରେ ଆସି ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଦେଇଥିଲେ। ଏଥିସହ ତାଙ୍କ ପାଖରେ ଥିବା ଟଙ୍କା ବ୍ୟାଗ୍‌କୁ ନେଇ ସେଠାରୁ ଫେରାର ହୋଇଯାଇଥିଲେ। ଗୋଟିଏ ଦିନରେ ତିଗିରିଆ ଥାନା ଅଞ୍ଚଳରେ ୨ଟି ଲୁଟ୍ ମାମଲା ପୋଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସହଯୋଗରୁ ଅଟକିରହିଥିବା କାମରେ ଅଗ୍ରଗତି ଘଟିବ। ଆର୍ଥିକ ସଂକଟ ରହିଥିଲେ ମଧ୍ୟ ସରକାରୀସ୍ତରରୁ ସାହାଯ୍ୟ ସମ୍ଭାବନା ରହିଛି। ଅପ୍ରିୟ ସତ୍ୟ ଭାଷଣଜନିତ ବନ୍ଧୁ ସମ୍ପର୍କରେ ନ୍ୟୂନତା ଦେଖାଦେଇପାରେ। କଳା, ସାହିତ୍ୟ, ସଂସ୍କୃତି, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ସମାଧାନ ହେବ।

**ବୃଷ**
ଶୁକ୍ର ଉପଚୟାଧିପତି ଚନ୍ଦ୍ରଙ୍କ ସଂଯୋଗ ହେତୁ ସ୍ୱାସ୍ଥ୍ୟରେ ଅବନତି ଘଟିବ। ରବିଙ୍କ ଦୁର୍ବଳତା ପାରିବାରିକ ଆବଶ୍ୟକତା ପୂରଣ ପାଇଁ ଚିନ୍ତିତ କରାଇପାରେ। ପ୍ରତିବନ୍ଧକ ହଟାଇବା ସକାଶେ ବନ୍ଧୁଙ୍କ ସହଯୋଗ ଆବଶ୍ୟକ କରିବେ। ସାମାଜିକସ୍ତରରେ ସମ୍ମାନ ପାଇବେ ଓ ଚେଷ୍ଟା କରୁଥିବା କାମରେ ସାମାନ୍ୟ ଅଗ୍ରଗତି ଘଟିବ।

**ମିଥୁନ**
ତୃତୀୟାଧିପଙ୍କ ବଳହୀନତା କାରଣରୁ ବନ୍ଧୁମାନେ ଦୂରେଇ ରହୁଥିଲେ ମଧ୍ୟ ଠିକ୍ ସମୟରେ ସାହାଯ୍ୟ କରିବେ। ପଡ଼ୋଶୀମାନେ ଆନୁଷଙ୍ଗିକ ପ୍ରେରଣା ଯୋଗାଇପାରନ୍ତି। ପାରିବାରିକ ସ୍ତରରେ ପୁରୁଣା କଥାକୁ ବେଶି ଦୋହରାଇବା ଠିକ୍ ହେବନି। ଅଫିସିଆଲି କାମରେ ତର୍କ ଓ ବିବାଦ ବୃଦ୍ଧି ପାଇବାର ଆଶଙ୍କା ରହିଛି।

**କର୍କଟ**
ରାଶ୍ୟାଧିପତିଙ୍କ ସହ ଶନିଙ୍କ ଷଡ଼ାଷ୍ଟକ ସ୍ଥିତି ରହିଥିବାରୁ ଏକାଧାରରେ ଦୈହିକ ଓ ମାନସିକସ୍ଥିତି ଭଲ ରହିବ ନାହିଁ। ଯିଏ ଯାହା କହିଲେ ଟିକିଏ ଟିକିଏ କଥାରେ ଚିଡ଼ିଚିଡ଼ି କିମ୍ବା ବିରକ୍ତି ଲାଗିବ। ଅନ୍ୟମାନଙ୍କ କଥାକୁ ଭିନ୍ନାର୍ଥରେ ଗ୍ରହଣକରି ଅଶାନ୍ତ ରହିପାରନ୍ତି। ଅର୍ଥ ସମ୍ପର୍କ, ସହକର୍ମୀଙ୍କ ସହଯୋଗ, ଉପରିସ୍ଥଙ୍କ ସହ ଆଲୋଚନାଦି ମନ୍ଦ ହେବନାହିଁ।

**ସିଂହ**
ପାପଗ୍ରହଯୁକ୍ତ ନୀଚସ୍ଥ ରବିଜନିତ ସମସ୍ୟାର ସମାଧାନ ନ ହେଉଣୁ ଅନ୍ୟ ଏକ ସମସ୍ୟା ମୁଣ୍ଡଟେକିବ। ପାରିବାରିକ ସ୍ତରରୁ କୌଣସି ବିଭ୍ରାନ୍ତିକର ଖବର ଅସ୍ଥିରତାର କାରଣ ହୋଇପାରେ। ସମ୍ପର୍କୀୟଙ୍କ ସହ କୌଣସି ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ଅଂଶଗ୍ରହଣ କରିପାରନ୍ତି। ବିଭିନ୍ନ କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବାରେ ସମର୍ଥ ହେବେ।

**କନ୍ୟା**
ଶୁଭଗ୍ରହ ପ୍ରଭାବରେ କାମ ହାସଲର ଲକ୍ଷ୍ୟନେଇ ଅନ୍ୟମାନଙ୍କୁ ମନେଇବାରେ ସଫଳ ହେବେ। ଆର୍ଥିକ ଦିଗଟି ଭଲ ରହିବା କାରଣରୁ କୌଣସି କାମ ଅଟକିବ ନାହିଁ। ସାଧାରଣ କଥାରେ କ୍ରୋଧିତ ହେଲେ ପରିସ୍ଥିତି ବିଗିଡିଯାଇ ପାରେ। ଅଜଣା ବ୍ୟକ୍ତିଙ୍କ ଦ୍ୱାରା ପ୍ରଭାବିତ ହୋଇ କୌଣସି କାମ କରିବା ଠିକ୍ ହେବନି।

**ତୁଳା**
ପରିସ୍ଥିତିକୁ ଦେଖି କାମ କରି ଜାଣିଲେ କୌଣସି ଅସୁବିଧା ହେବନାହିଁ। ପାପଗ୍ରହଯୁକ୍ତ ମଙ୍ଗଳ ଯୋଗୁ ଯେତିକି ପାଇବେ ତାହାଠାରୁ ଅଧିକ ଖର୍ଚ୍ଚଜନିତ ମନସ୍ତାପ କରିପାରନ୍ତି। ଠିକ୍ କଥା ବନ୍ଧୁମାନଙ୍କୁ ଖୁସି କରାଇବା ବଦଳରେ ଓଲଟା ପ୍ରତିକ୍ରିୟା ସୃଷ୍ଟି କରିବ। ସମ୍ପର୍କୀୟଙ୍କ ପରୋକ୍ଷ ଶତ୍ରୁତା ବାଧା ସୃଷ୍ଟି କରିପାରେ।

**ବିଛା**
ଅଷ୍ଟମାଧିପତି ରାଶିରେ ରହିଥିବାରୁ ଅତୀତର ବିବାଦୀୟ କଥା ଆଜିର ମୁଖ୍ୟଚିନ୍ତା ହୋଇପାରେ। ଦୀର୍ଘ ଦିନରୁ ପ୍ରତୀକ୍ଷିତ କୌଣସି ଶୁଭଖବର ମନକୁ ଆହ୍ଲାଦିତ କରିବ। ସାଙ୍ଗସାଥୀମାନଙ୍କ ସହ କିଛି ନୂଆ ସ୍ଥାନକୁ ପରିଦର୍ଶନରେ ଯାଇପାରନ୍ତି। କର୍ମକ୍ଷେତ୍ରରେ ସାହସିକତା ପ୍ରଦର୍ଶନ କରି ଉଚ୍ଚ ପ୍ରଶଂସିତ ହେବେ।

**ଧନୁ**
ଯାହା ଚିନ୍ତା କରୁଥିବେ ତାହାର ଓଲଟା କାମ ମନକୁ ଭାରାକ୍ରାନ୍ତ କରିବ। ମନ ମୋହିଲାଭଳି କଥା ଓ ସୁନ୍ଦର ବ୍ୟବହାର ପ୍ରଦର୍ଶନ କରି ସମସ୍ତଙ୍କର ପ୍ରିୟପାତ୍ର ହେବେ। ଆଲୋଚନା ପରିସରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହୋଇପାରନ୍ତି। ଆତ୍ମୀୟମାନଙ୍କ ଜରିଆରେ ବକେୟା ଅର୍ଥ ଆଦାୟ କରିପାରନ୍ତି।

**ମକର**
ଭାଗ୍ୟସ୍ଥାନରେ ଶୁକ୍ର ଓ ଚନ୍ଦ୍ର ପ୍ରତ୍ୟେକ କ୍ଷେତ୍ରରେ ଶୁଭଦାୟକ ହେବ। ବହୁତଦିନରୁ ଦେଖିନଥିବା ବନ୍ଧୁ କିମ୍ବା କଥା କହୁନଥିବା ଅନ୍ତରଙ୍ଗଟି ପାଇଁ ମନ ଛଟପଟ ହୋଇପାରେ। ଶିଳ୍ପ, ବାଣିଜ୍ୟ, କଳା ସାହିତ୍ୟ, ସାମ୍ବାଦିକତାରେ କୌଣସି ଅସୁବିଧା ହେବନାହିଁ। ପରିଜନଙ୍କ ସହ ଆଜିର ପ୍ରତ୍ୟୁଷ ଯାତ୍ରାରୁ ଆନନ୍ଦ ପାଇବେ।

**କୁମ୍ଭ**
କାମଗୁଡ଼ିକ ଅନ୍ୟମାନଙ୍କ ସକାଶେ ଯେତିକି ସହଜ ଓ ସୁବିଧାଜନକ ହୋଇପାରୁଛି ଆପଣଙ୍କ ପାଇଁ ତାହା ନ ହେବା କାରଣରୁ ଚିନ୍ତା କରିବେ। ପାରିବାରିକ ଶୃଙ୍ଖଳା ରକ୍ଷାରେ ସମ୍ପର୍କୀୟଙ୍କ ସହାୟତା ନେବାକୁ ପଡ଼ିପାରେ। କୌଣସି ନୀଚଜାତିର ବ୍ୟକ୍ତିଙ୍କ ସହାୟତାରୁ ଉପକୃତ ହୋଇପାରନ୍ତି। କୌଣସି ସ୍ୱର୍ଣକାତର କଥାରେ ଚିହ୍ନା ପଡ଼ନ୍ତୁନାହିଁ।

**ମୀନ**
କର୍ମକ୍ଷେତ୍ରରେ ଅସୁବିଧା ଦେଖାଦେଲେ ମଧ୍ୟ ପରକ୍ଷଣରେ ସବୁ ଠିକ୍ ହୋଇଯିବ। ଇଚ୍ଛା ନ ଥିଲେ ମଧ୍ୟ ବନ୍ଧୁଙ୍କ କାମରେ ଆପଣଙ୍କୁ ହଠାତ୍ ଜରୁରୀ କାମରେ ବାହାରକୁ ଯିବାକୁ ପଡ଼ିପାରେ। ଅଫିସ୍ କାମରେ କିମ୍ବା ରାଜନୈତିକ ସ୍ତରରେ ସମସ୍ୟା ବୃଦ୍ଧି ପାଇବା କାରଣରୁ ସାମୟିକ ମାନସିକ ସୁସ୍ଥତା ରହିବ ନାହିଁ। ବ୍ୟବସାୟିକ ସ୍ଥିତି ପ୍ରାୟତଃ ଭଲ ରହିବାର ସମ୍ଭାବନା ରହିଛି।

ଆଜି କାର୍ତ୍ତିକ କୃଷ୍ଣ ତ୍ରୟୋଦଶୀ ଯୁକ୍ତ ଚତୁର୍ଦ୍ଦଶୀ, ଶନିବାର, ନଭେମ୍ବର ୧୧ ତାରିଖ, ରାଷ୍ଟ୍ରୀୟ ଶିକ୍ଷା ଦିବସ, ମୌଲାନା ଆବୁଲ୍ କଲାମ୍ ଆଜାଦ୍‌ଙ୍କ ଜୟନ୍ତୀ, ଧନ୍ୱନ୍ତରୀ ଜୟନ୍ତୀ, ରାଶିନକ୍ଷତ୍ର-ଚିତ୍ରା/କନ୍ୟା, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ, ଦିବା ଘ.୦୭।୨୫ ଗତେ ଘ.୦୮।୪୩ ମଧ୍ୟେ, ଘ.୧୧।୫୨ ଗତେ ଘ.୧୨।୫୪ ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ.୦୮।୪୩ ଗତେ ଘ.୧୦।୦୬ ମଧ୍ୟେ ରାହୁକାଳ।

**ଯୁବକଙ୍କୁ ତଣ୍ଟି ଚିପି ହତ୍ୟା ଅଭିଯୋଗ**

ଭୋଗରାଇ, ୧୦।୧୧(ପ୍ରଦୀପ ଦାସ): ବାଲେଶ୍ୱର ଜିଲା ଭୋଗରାଇ ଥାନା ଜଳସୋହରିଆ ଗ୍ରାମର ଜଣେ ଯୁବକଙ୍କୁ ତଣ୍ଟିଚିପି ହତ୍ୟା କରାଯାଇ ଏକ କାଜୁବାଦାମ ଗଛରେ ଝୁଲାଇ ଦିଆଯାଇଥିବା ଅଭିଯୋଗ ହୋଇଛି। ମୃତ ଯୁବକ ହେଲେ ଚନ୍ଦନ କୁଣ୍ଡୁ (୧୯)। ତାଙ୍କୁ ହତ୍ୟା କରାଯାଇଥିବା ନେଇ ତାଙ୍କ ବଡ଼ଭାଇ ଶକ୍ତିଧର ଏତଲା ଦେଇଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା(ନଂ. ୪୦୩/୨୩) ରୁଜୁ କରି ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି। ଚନ୍ଦନ ଦାଦନ ଶ୍ରମିକ ଭାବେ ଚେନ୍ନାଇର ଏକ ଘରୋଇ କମ୍ପାନୀରେ ତାଙ୍କ ମା'ଙ୍କ ସହିତ ରହି କାମ କରୁଥିଲେ। ଗତ ଗୁରୁବାର ରାତି ପ୍ରାୟ ସାଢେ ୯ଟାରେ ସେ ସାଙ୍ଗମାନଙ୍କ ସହ ଚନ୍ଦନ ଯାତ୍ରା ଦେଖିବାକୁ ବେଣୁଦା ଯାଇ ଘରକୁ ଫେରି ନ ଥିଲେ।

**ଏସ୍‌ଟିଏ କ୍ରିପ୍ଟୋ ଟୋକନ୍‌ରେ ହଜାରେ କୋଟିରୁ ଊର୍ଦ୍ଧ୍ୱ ଠକେଇ ମାମଲା**

**ଝାଡ଼ଖଣ୍ଡ ଏସ୍‌ଟିଏ ମୁଖ୍ୟ ଗିରଫ**

ଭୁବନେଶ୍ୱର,୧୦।୧୧ (ସତ୍ୟଜିତ୍ ରାଉତ): 'ଏସ୍‌ଟିଏ କ୍ରିପ୍ଟୋ ଟୋକନ୍' ନାଁରେ ଲୋକଙ୍କୁ ହଜାରେ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଠକେଇ ମାମଲାରେ ଆଉଜଣେ ଅଭିଯୁକ୍ତଙ୍କୁ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଝାଡ଼ଖଣ୍ଡରୁ ଗିରଫ କରିଛି। ସେ ହେଲେ ଝାଡ଼ଖଣ୍ଡ ଧାନବାଦ ଜିଲା ନିର୍ସା ଥାନା ଅଞ୍ଚଳର ସୁଶିଲ୍ କୁମାର ଟୁଡୁ। ଅଭିଯୁକ୍ତ ସୁଶୀଲ ଏସ୍‌ଟିଏ ପ୍ରତିଷ୍ଠାତା ସଦସ୍ୟ ଓ ଝାଡ଼ଖଣ୍ଡ ଏସ୍‌ଟିଏର ମୁଖ୍ୟ। ତାଙ୍କୁ ବୁଧବାର ଗିରଫ କରାଯିବା ପରେ ଧାନବାଦ ସିଜେଏମ୍ କୋର୍ଟରେ ହାଜର କରାଯାଇଥିଲା। ସେଠାରୁ ୩ଦିନିଆ ରିମାଣ୍ଡରେ ଅଣାଯାଇ ଶୁକ୍ରବାର କଟକ ଓପିଆଇଡି କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ସୁଶୀଲ୍‌ଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।




ରାଜ୍ୟ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ଭୁବନେଶ୍ୱରସ୍ଥିତ ଜନତା ମଇଦାନଠାରେ ଚାଲିଥିବା ଅନ୍ତର୍ଜାତୀୟ ମିଲେଟ୍‌ସ ସମ୍ମିଳନୀର ଶୁକ୍ରବାର ଉଦ୍‌ଯାପନ ଅବସରରେ ରାଜ୍ୟପାଳ ରଘୁବର ଦାସ ଏବଂ ଅନ୍ୟ ଅତିଥିମାନେ 'ରିପୋର୍ଟସ୍ ଅନ୍ ମିଲେଟ୍ ଆଣ୍ଡ୍ ଏସ୍‌ଡିଜି'କୁ ଉନ୍ମୋଚନ କରୁଛନ୍ତି। **(ଫଟୋ: ବିକାଶ ନାୟକ)**

# 'ଓଡ଼ିଶା ମିଲେଟ୍ ମିଶନ ବିଶ୍ୱ ମଡେଲ'

## ଅନ୍ତର୍ଜାତୀୟ ପୁଷ୍ଟିଶସ୍ୟ ସମ୍ମିଳନୀ ଉଦ୍‌ଯାପିତ

- **ଲଘୁଶସ୍ୟ ପ୍ରୋତ୍ସାହନ ଦିଗରେ ଓଡ଼ିଶା ଅଗ୍ରଣୀ ରାଜ୍ୟ: ରାଜ୍ୟପାଳ**
- **ଉତ୍କଳ ପ୍ରସଙ୍ଗ ଏବଂ ଓଡ଼ିଶା ରିଭ୍ୟୁର ମିଲେଟ୍ ବିଶେଷାଙ୍କ ଉନ୍ମୋଚିତ**

ଭୁବନେଶ୍ୱର,୧୦।୧୧(ଶର୍ମିଷ୍ଠା ପାଣିଗ୍ରାହୀ)

ମିଲେଟ୍‌ସ ଆମ ଭାରତର ପାରମ୍ପରିକ ଖାଦ୍ୟ। ଶୁଷ୍କ ଅଞ୍ଚଳରେ ବହୁ କମ୍ ରାସାୟନିକ ସାର ବ୍ୟବହାରରେ ମିଲେଟ ଚାଷ ହୋଇଥାଏ। ଚାଉଳ ଓ ଗହମ ତୁଳନାରେ ଏଥିରେ ଅଧିକ ସୂକ୍ଷ୍ମ ପୋଷକତତ୍ତ୍ୱ ରହିଛି ଏବଂ ପ୍ରୋଟିନ୍‌ର ମାତ୍ରା ମଧ୍ୟ ଅଧିକ। ଏହିସବୁ ବିଶେଷ ଗୁଣ ଯୋଗୁ ମିଲେଟ୍‌ସକୁ ଜଳବାୟୁ ସ୍ମାର୍ଟ ଫସଲ ଭାବରେ ସାଧାରଣରେ ଅଭିହିତ କରାଯାଏ। ଏହି ଲଘୁଶସ୍ୟକୁ ପ୍ରୋତ୍ସାହନ ଦେବା ଦିଗରେ ଓଡ଼ିଶା ଅଗ୍ରଣୀ ରାଜ୍ୟ ବୋଲି ରାଜ୍ୟପାଳ ରଘୁବର ଦାସ କହିଛନ୍ତି। ରାଜ୍ୟ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ଜନତା ମଇଦାନଠାରେ ଚାଲିଥିବା ଅନ୍ତର୍ଜାତୀୟ ମିଲେଟ୍‌ସ ସମ୍ମିଳନୀର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଦାସ କହିଛନ୍ତି, ନୀତି ଆୟୋଗ ଏବଂ ଭାରତ ସରକାର ଓଡ଼ିଶା ମିଲେଟ ମିଶନକୁ ବିଭିନ୍ନ ରାଜ୍ୟରେ ପ୍ରୟୋଗ କରିବା ପାଇଁ ଏକ ମଡେଲ ଭାବରେ ଚିହ୍ନଟ କରିଛନ୍ତି। ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ଓଡ଼ିଶା ମିଲେଟ ମିଶନକୁ ମଧ୍ୟ ଏକ ମଡେଲ ଭାବରେ ଗ୍ରହଣ କରିଛି। ଏହାକୁ ପୂରା ଭାରତ, ଆଫ୍ରିକା ଓ ଦକ୍ଷିଣ ବିଶ୍ୱରେ ପ୍ରୟୋଗ କରାଯାଇପାରିବ ବୋଲି ରାଜ୍ୟପାଳ କହିଛନ୍ତି।

କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଲେ, ପୁଷ୍ଟିଶସ୍ୟ ମାଣ୍ଡିଆ ରାଜ୍ୟ କୃଷିର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ପାଲଟିଯାଇଛି। ଚାଷୀଙ୍କ ଆୟବୃଦ୍ଧି ସହ ମହିଳା ସଶକ୍ତୀକରଣ ଦିଗରେ ଏହା ଏକ ପ୍ରମୁଖ ଅସ୍ତ୍ର ଭାବେ ସାବ୍ୟସ୍ତ ହୋଇଛି। ଅନ୍ୟତମ ସମ୍ମାନିତ ଅତିଥି ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ମନ୍ତ୍ରୀ ଜଗନ୍ନାଥ ସାରକା କହିଲେ, ମାଣ୍ଡିଆର ପୌଷ୍ଟିକତା ସମ୍ପର୍କରେ ଲୋକମାନେ ଅଧିକରୁ ଅଧିକ ସଚେତନ ହେବା ଓଡ଼ିଶା ମିଲେଟସ ମିଶନର ସଫଳତା ଦିଗରେ ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ। ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ତଥା ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ଅସିତ କୁମାର ତ୍ରିପାଠୀ କହିଲେ, ଓଡ଼ିଶା ମିଲେଟସ ମିଶନ ପରି ଅନେକ କ୍ଷେତ୍ରରେ ଓଡ଼ିଶା ଆଜି ଭାରତବର୍ଷରେ ନେତୃତ୍ୱ ପ୍ରଦାନ କରୁଛି। ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ମନ୍ତ୍ରୀ ବାସନ୍ତି ହେମ୍ବ୍ରମ୍ ପୁଷ୍ଟିଶସ୍ୟ ମାଣ୍ଡିଆର ପ୍ରଚାର ପ୍ରସାର ଓ ଲୋକଙ୍କ ଖାଦ୍ୟଥାଳିରେ ମାଣ୍ଡିଆ ପହଞ୍ଚାଇବା ଦିଗରେ ମିଶନ ଶକ୍ତିର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହତ୍ତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଫିକି ସଭାପତି ଶୁଭ୍ରକାନ୍ତ ପଣ୍ଡା ମାଣ୍ଡିଆର ପ୍ରଚାର ପ୍ରସାର ଦିଗରେ ଓଡ଼ିଶା ମିଲେଟ୍‌ସ ମିଶନର ବିଭିନ୍ନ କାର୍ଯ୍ୟକ୍ରମ ଉଦାହରଣୀୟ ବୋଲି କହିଥିଲେ। କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ସ୍ୱାଗତ ଭାଷଣ ଏବଂ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ। ଉଦ୍ୟାନ କୃଷି ନିର୍ଦ୍ଦେଶକ ରୋହିତ କୁମାର ଲେଙ୍କା ଉପସ୍ଥିତ ଥିଲେ। ଏହିଅବସରରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଅନ୍ତର୍ଜାତୀୟ ପୁଷ୍ଟିଶସ୍ୟ ସମ୍ମିଳନୀ ଉପଲକ୍ଷେ ପ୍ରକାଶିତ ଉତ୍କଳ ପ୍ରସଙ୍ଗ ଏବଂ ଓଡ଼ିଶା ରିଭ୍ୟୁର ମିଲେଟ ବିଶେଷାଙ୍କ ରାଜ୍ୟପାଳଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଏହାର ସମ୍ପାଦିକା କସ୍ତୁରୀ ମହାପାତ୍ର ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ ଉପସ୍ଥିତ ଥିଲେ। ଏଥିସହିତ ରିପୋର୍ଟସ୍ ଅନ୍ ମିଲେଟ୍ ଆଣ୍ଡ୍ ଏସ୍‌ଡିଜିକୁ ମଧ୍ୟ ରାଜ୍ୟପାଳ ଉନ୍ମୋଚନ କରିଥିଲେ।


ଆନ୍ତର୍ଜାତିକ ତୀର୍ଥକ୍ଷେତ୍ର ଦକ୍ଷିଣେଶ୍ୱର କାଳୀ ମନ୍ଦିରରେ ପରମହଂସ ଶ୍ରୀରାମକୃଷ୍ଣଦେବଙ୍କ ପ୍ରଦତ୍ତ ମାର୍ଗ ଓ ମତରେ ୧୬୯ତମ ଶ୍ରୀ ଶ୍ରୀ ଶ୍ୟାମା ପୂଜାର ବ୍ରତୀ ଆମେ



ପୃଥିବୀବ୍ୟାପୀ ଅଗଣିତ ସୁଧୀ ଭକ୍ତଗଣଙ୍କର ପ୍ରତ୍ୟାଶା ଅନୁଯାୟୀ ଡିଡି ବାଂଲା, ଡିଡି ଓଡ଼ିଆ, ଡିଡି ତ୍ରିପୁରା, ଡିଡି ଗୁଆହାଟି, ଡିଡି ବିହାର ସହ ସିଧାସଳଖ ଆନ୍ତର୍ଜାତିକ ସମ୍ପ୍ରଚାର ଡିଡି ଭାରତୀରେ କରାଯିବ।

୧୨ ନଭେମ୍ବର, ରବିବାର, ରାତ୍ରି ୧୦:୩୦ ମିନିଟରେ ଦୂରଦର୍ଶନରେ ଦକ୍ଷିଣେଶ୍ୱର କାଳୀ ମନ୍ଦିରରୁ ସିଧାସଳଖ ଏହି ମହାପୂଜା ଦେଖନ୍ତୁ।

ଦକ୍ଷିଣେଶ୍ୱର କାଳୀ ମନ୍ଦିରର ଅଛି ପରିଷଦ ପକ୍ଷରୁ କୁଶଳ ଚୌଧୁରୀ କର୍ତ୍ତୃକ ଆୟୋଜିତ ଓ ପ୍ରକାଶିତ






VISIT US AT ODISHA: • BHUBANESWAR • RELIANCE MALL, MASTER CANTEEN • NANDAN KANAN ROAD, PATIA • ESPLANADE ONE MALL, RASULGARH • CUTTACK • COLLEGE SQUARE • CDA, CUTTACK • PURI, VIP ROAD • BALASORE, CINEMA COMPLEX • BERHAMPUR, BHAPUR BAZAAR AVENUE • ROURKELA • PANPOSH ROAD • FORUM MALL CIVIL TOWN SHIP • SAMBALPUR, BUDHARAJA MAIN ROAD • ANGUL SANKAR CINEMA ROAD • BALANGIR, RADHARANI PARA • JAJPUR ROAD CHORDA BY PASS • JHARSUGUDA, SARBAHAL ROAD, MARWADIPADA • SUNDERGARH, SBI SQUARE MEDICAL CHOWK • TALCHER ROAD, SHARMA CHOWK | TO LOCATE YOUR NEAREST MYJIO STORE, SMS LOCATE <PINCODE> TO 561611

Unless specified, the Retail Prices shown are for 1 Number of the product. Retail Price mentioned of all products are inclusive of all taxes.

"ଆମର ଏଇ ସାଧାରଣ ମାନବୀୟ ସ୍ତରରୁ ଉର୍ଦ୍ଧ୍ୱକୁ ଉଠିଥିବା ଯେକୌଣସି ମହାନ୍ ମଣିଷ ଆମକୁ ଏହି ପ୍ରତ୍ୟୟ ଦିଅନ୍ତି ଯେ- ମଣିଷ ପକ୍ଷରେ ଏକ ଦିବ୍ୟ ଜୀବନ ବଞ୍ଚିବାର ସମ୍ଭାବନା ଅଛି। ଏବଂ ଯେକୌଣସି ମନୁଷ୍ୟ ମଧ୍ୟ ଇଚ୍ଛା ବା ସଂକଳ୍ପ କଲେ- ଦିବ୍ୟ ଆଲୋକ ଓ ଦିବ୍ୟଶକ୍ତି ପ୍ରାପ୍ତ ହୋଇପାରିବ। -ଶ୍ରୀଅରବିନ୍ଦ



# ନିଯୁକ୍ତି ମାନଦଣ୍ଡର ନବୀକରଣ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

କେନ୍ଦ୍ରୀୟ ଲୋକସେବା ଆୟୋଗ(ୟୁପିଏସ୍‌ସି) ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଚୟନ ପାଇଁ ଏହାର ନିର୍ଦ୍ଦେଶାବଳୀକୁ ନବୀକରଣ କରିଛି। ଗତ ମାସରେ ଜାରି କରାଯାଇଥିବା ସଂଶୋଧନ ଅନୁଯାୟୀ, ଅବସର ପୂର୍ବରୁ କାର୍ଯ୍ୟକାଳ ଅତି କମ୍‌ରେ ୬ମାସ ବାକିଥିବା ପୋଲିସ ଅଧିକାରୀମାନେ ଏହି ପଦବୀ ପାଇଁ ବିଚାର ଯୋଗ୍ୟ ହେବେ। ଅଧିକନ୍ତୁ କେନ୍ଦ୍ରୀୟ ଡେପୁଟେଶନରେ ଥିବା ଆଇପିଏସ୍ ଅଧିକାରୀଙ୍କୁ ଡେପୁଟେଶନରୁ ମୁକ୍ତ କରାଯାଇପାରିବ ନାହିଁ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ(ଏମ୍‌ଏଚ୍‌ଏ) ଯଦି ରାଜ୍ୟ ସରକାରଙ୍କୁ ଅବଗତ କରେ ତେବେ ସେମାନଙ୍କୁ ରାଜ୍ୟ ଡିଜିପି ପାଇଁ ବିଚାରକୁ ନିଆଯିବ ନାହିଁ। ଅବସର ସମୟ ପାଖାପାଖିରେ ଡିଜିପି ନିଯୁକ୍ତ କରିବା କିମ୍ବା ୟୁପିଏସ୍‌ସି ପ୍ରକ୍ରିୟାକୁ ଅଣଦେଖାପୂର୍ବକ କାର୍ଯ୍ୟନିର୍ବାହୀ ଡିଜିପିଙ୍କ କାର୍ଯ୍ୟକାଳ ବୃଦ୍ଧିକରି ଡିଜିପି ଭାବେ ନିଯୁକ୍ତି ଦେବା ପ୍ରକ୍ରିୟାରୁ ରାଜ୍ୟଗୁଡ଼ିକୁ ବିରତ ରହିବା ପାଇଁ ଏହିସବୁ ପରିବର୍ତ୍ତନ କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ଆମ୍ ଆଦମୀ ପାର୍ଟି ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ଡିଜିପି ଭାବରେ ଗୌରବ ଯାଦବଙ୍କ ନିଯୁକ୍ତିକୁ ବିରୋଧ କରି ପଞ୍ଜାବର ପୂର୍ବତନ ଡିଜିପି ଭି.କେ. ଭୌରା କୋର୍ଟର ଦ୍ୱାରସ୍ଥ ହୋଇଛନ୍ତି। ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ପଦରେ ୨ ବର୍ଷ ରହିବା ଲାଗି ୟୁପିଏସ୍‌ସିର ନିୟମ ଥିବା ସତ୍ତ୍ୱେ ଭୌରାଙ୍କୁ ତାଙ୍କ କାର୍ଯ୍ୟକାଳର ମଧ୍ୟଭାଗରେ ସ୍ଥାନାନ୍ତର କରାଯିବା ପରେ ସେ କୋର୍ଟକୁ ଯାଇଛନ୍ତି। ଚଳିତ ବର୍ଷ ଜୁନ୍‌ରେ ପଞ୍ଜାବ ସ୍ୱାଧୀନ ଭାବରେ ରାଜ୍ୟ ଡିଜିପି ନିଯୁକ୍ତ କରିବାକୁ ଆଇନ ପ୍ରଣୟନ କରିଥିଲା। ତେବେ ପଞ୍ଜାବ ପୋଲିସ (ସଂଶୋଧନ) ବିଲ୍, ୨୦୨୩, ଆଇନ ହେବା ପାଇଁ ରାଜ୍ୟପାଳଙ୍କ ଅନୁମୋଦନ ଲାଗି ବିଚାରାଧୀନ ରହିଛି। କୌତୂହଳର ବିଷୟ, ୨୦୨୧ରେ କେନ୍ଦ୍ର ଆଇଏଏସ୍, ଆଇପିଏସ୍ ଓ ଆଇଏଫ୍‌ଏସ୍ ଅଧିକାରୀଙ୍କୁ ରାଜ୍ୟ ସରକାରଙ୍କ ସହମତି ନ ନେଇ ଡେପୁଟେଶନ ନିମନ୍ତେ ଆଇଏଏସ୍ କ୍ୟାଡର ନିୟମରେ ସଂଶୋଧନ କରିବାକୁ ପ୍ରସ୍ତାବ ଦେଇଥିଲା। ରାଜ୍ୟଗୁଡ଼ିକ ବିରୋଧ କରିବାରୁ ତାହାକୁ ସ୍ଥଗିତ ରଖାଯାଇଥିଲା। ତେବେ ରାଜ୍ୟଗୁଡ଼ିକ ଏହି ନୂତନ ନିର୍ଦ୍ଦେଶାବଳୀକୁ କିପରି ଗ୍ରହଣ କରିବେ ତାହା ଦେଖିବାର କଥା।

### ଆଭିମୁଖ୍ୟରେ ପରିବର୍ତ୍ତନ

ବରିଷ୍ଠ ସିଭିଲ୍ ସର୍ଭାଣ୍ଟ ବିଶେଷକରି ଯୁଗ୍ମ ସଚିବ କିମ୍ବା ତଦୂର୍ଦ୍ଧ୍ୱ ପଦବୀରେ ଥିବା ସଚିବମାନଙ୍କ ପ୍ରଦର୍ଶନ ଉପରେ ଅନ୍ୟ କର୍ମଚାରୀ ମୂଲ୍ୟାୟନ କରିବା ପଦ୍ଧତି (୩୬୦-ଡିଗ୍ରୀ ମୂଲ୍ୟାଙ୍କନ ପଦ୍ଧତି)କୁ ମୋଦି ସରକାର ଏବେ ପ୍ରତ୍ୟାଖ୍ୟାନ କରିଛନ୍ତି। ଆଭିମୁଖ୍ୟରେ ଏହି ଆକସ୍ମିକ ପରିବର୍ତ୍ତନ ମୋଦି ସରକାରଙ୍କ ଉତ୍ତରଦାୟିତ୍ୱ ଏବଂ ଏକ ସ୍ୱଚ୍ଛ ତଥା ଯୋଗ୍ୟତାଭିତ୍ତିକ ଚୟନ ପ୍ରକ୍ରିୟାର ପ୍ରତିବଦ୍ଧତା ଉପରେ ପ୍ରଶ୍ନ ଉଠାଇଛି। ୨୦୧୫ରେ ମୂଲ୍ୟାଙ୍କନ ପଦ୍ଧତି ଆରମ୍ଭ ବେଳେ ସରକାର କହିଥିଲେ ଯେ, ପୂର୍ବ ପ୍ରଦ୍ଧତିରେ ମୂଲ୍ୟାଙ୍କନ ସମୟରେ ସ୍ୱଚ୍ଛତା ଏବଂ ସାମର୍ଥ୍ୟର ଅତ୍ୟାବଶ୍ୟକ ଦିଗଗୁଡ଼ିକୁ ଜାଣି ହେଉ ନ ଥିବାରୁ ୩୬୦-ଡିଗ୍ରୀ ମୂଲ୍ୟାଙ୍କନ ବ୍ୟବସ୍ଥା ଆରମ୍ଭ କରାଯାଇଥିଲା। ବାସ୍ତବରେ ଦିଲ୍ଲୀ ହାଇକୋର୍ଟ ଏହାର ବୈଧତାକୁ ଦର୍ଶାଇ ୨୦୧୭ରେ ନୂତନ ବ୍ୟବସ୍ଥାକୁ ସମର୍ଥନ କରିଥିଲେ। ତେବେ ଏଭଳି ସମ୍ପୂର୍ଣ୍ଣ ପରିବର୍ତ୍ତନ ଏବେ କାହିଁକି? ସରକାରଙ୍କ ଏହି ପଦ୍ଧତିକୁ ପ୍ରତ୍ୟାଖ୍ୟାନ କରିବା ଏକ ଆଶ୍ଚର୍ଯ୍ୟଜନକ ବିଷୟ ଏବଂ ଚିନ୍ତାଜନକ ମଧ୍ୟ। ଏହା ସଙ୍ଗତିର ଅଭାବକୁ ପ୍ରକାଶ କରେ। ଏହା ବିନା ସହମତିରେ ମୌଳିକ ପ୍ରକ୍ରିୟାଗୁଡ଼ିକୁ ପରିବର୍ତ୍ତନ କରିବା ଇଚ୍ଛାଶକ୍ତିକୁ ଦର୍ଶାଏ। ସୂତ୍ରରୁ ଜଣାପଡ଼ିଛି ଯେ, ଉତ୍ତରାଖଣ୍ଡ କ୍ୟାଡରର ଭାରତୀୟ ବନ ସେବା (ଆଇଏଫ୍‌ଏସ୍) ଅଧିକାରୀ ସଞ୍ଜୀବ ଚତୁର୍ବେଦୀ ଟ୍ରିବ୍ୟୁନାଲରେ ଏକ ପିଟିଶନ ଦାୟର କରିବାରୁ କାର୍ମିକ ଓ ପ୍ରଶିକ୍ଷଣ ବିଭାଗ( ଡିଓପିଟି) କେନ୍ଦ୍ରୀୟ ପ୍ରଶାସନିକ ଟ୍ରିବ୍ୟୁନାଲ(ସିଏଟି)) ସର୍କିଟ ବେଞ୍ଚ ଆଗରେ କାହିଁକି ସତ୍ୟପାଠ ଦାଖଲ କରିଛି। ଚତୁର୍ବେଦୀ ଦାବି କରିଥିଲେ ଯେ, କେନ୍ଦ୍ର ସ୍ତରରେ ତାଙ୍କୁ ଜଣେ ଯୁଗ୍ମ ସଚିବ ଭାବେ ନିଯୁକ୍ତି ଦେବା ଲାଗି ତାଲିକାଭୁକ୍ତ କରାଯାଇ ନ ଥିଲା। ହ୍ୱିସିଲ ବ୍ଲୋୟର ଚତୁର୍ବେଦୀଙ୍କୁ ଅଣଦେଖା କରିବା ପାଇଁ ପୂରା ସିଷ୍ଟମକୁ ବେକାର କରିବା ନିଶ୍ଚିତ ଭାବରେ ମାତ୍ରାଧିକ କାର୍ଯ୍ୟକୁ ସୂଚିତ କରୁଛି।

### ରେଲ୍‌ୱେରେ ଅଦଳବଦଳ

ଇଣ୍ଡିଆନ ରେଲୱେ ମ୍ୟାନେଜମେଣ୍ଟ ସର୍ଭିସ( ଆଇଆର୍‌ଏମ୍‌ଏସ୍)ରୁ ୧୦ ଜଣ ବରିଷ୍ଠ ରେଲୱେ ଅଧିକାରୀଙ୍କୁ ଜେନେରାଲ ମ୍ୟାନେଜର ଭାବରେ ନିଯୁକ୍ତି ପାଇଁ ନିଷ୍ପତ୍ତି ନିଆଯାଇଛି। କୌତୂହଳପ୍ରଦ ବିଷୟ ହେଉଛି, ପ୍ରମୁଖ ପଦବୀରେ ରହିଥିବା ୨ଜଣ ଜେନେରାଲ ମ୍ୟାନେଜରଙ୍କୁ ଅପେକ୍ଷାକୃତ କମ୍ ଭୂମିକା ଥିବା ପଦବୀକୁ ବଦଳି କରାଯିବା। ଏହି ପଦକ୍ଷେପକୁ ନେଇ ରେଲୱେ ପରିସରରେ ଗୁଜବ ସୃଷ୍ଟି ହୋଇଛି। ଗୁଜବ ଉଠିବାର କାରଣ ଗତ ମାସରେ କିଛି ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମରୁ ଠାବ କରାଯାଇପାରେ। ନିର୍ଦ୍ଦେଶାବଳୀରେ ବଡ଼ଧରଣର ଏପାଖସେପାଖ କରାଯାଇ ପୂର୍ବରୁ ଉତ୍ତର-ପୂର୍ବ ସୀମାନ୍ତ ରେଲୱେ ନିର୍ମାଣ ବିଭାଗର ଜେନେରାଲ ମ୍ୟାନେଜର ଥିବା ଏସ୍.କେ.ଝାଙ୍କୁ ପୁଣେର ଭାରତୀୟ ରେଲୱେ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସିଭିଲ୍ ଇଞ୍ଜିନିୟରିଂର ମହାନିର୍ଦ୍ଦେଶକ ଭାବରେ ରାମ କରଣ ଯାଦବଙ୍କୁ ସ୍ଥାନାନ୍ତର କରାଯାଇ ନିଯୁକ୍ତ କରାଯାଇଥିଲା। ଯାଦବ ବି ଝାଙ୍କ ଦାୟିତ୍ୱ ଗ୍ରହଣ କରିଥିଲେ। ସମାନ ପ୍ରକାର ବିଚ୍ୟୁତି ସି.ଭି. ରମଣଙ୍କ କ୍ଷେତ୍ରରେ ଘଟିଥିଲା। ଉତ୍ତର ପୂର୍ବାଞ୍ଚଳ ରେଲୱେ ଜେନେରାଲ ମ୍ୟାନେଜର ରମଣଙ୍କୁ ରେଳ ବୋର୍ଡର ଡିଭିଜନାଲ ପର୍ସନାଲ ଅଫିସର (ରେଳ ଷ୍ଟୋର୍‌ସ) ସଚିବଙ୍କ କାର୍ଯ୍ୟାଳୟକୁ ସ୍ଥାନାନ୍ତର କରାଯାଇଛି। ଏହି ପଦକ୍ଷେପରେ ଲେଭଲ ୧୫ ପୋଷ୍ଟରୁ ଲେଭଲ ୧୬କୁ ସାମୟିକ ଭାବେ ନବୀକରଣ କରାଯାଇଛି, ଯାହା ସେପ୍ଟେମ୍ବର ୩୦, ୨୦୨୫ ପର୍ଯ୍ୟନ୍ତ ଚାଲିବ। ନିକଟ ସୂତ୍ରରୁ ଜଣାପଡ଼ିଛି ଯେ ଅନୁସନ୍ଧାନକାରୀ ସଂସ୍ଥାଗୁଡ଼ିକର ମତାମତ ଏବଂ ଅଜ୍ଞାତ ସୂଚନା ଦ୍ୱାରା ଏହି ନିଷ୍ପତ୍ତି ପ୍ରଭାବିତ ହୋଇପାରେ।

Email: dilipcherian@gmail.com

# ପ୍ରଜାଙ୍କ ମତରେ ଶାସନ ଚାଲିବ



ଅକ୍ଷୟ କୁମାର ମିଶ୍ର

ସ୍ୱାଧୀନତା ପ୍ରାପ୍ତିର ବହୁପୂର୍ବରୁ ଉତ୍କଳମଣି ଗୋପବନ୍ଧୁ ଦାସ ଦେଶର ଶାସନ ବ୍ୟବସ୍ଥାକୁ ନେଇ ରଚନା କରିଯାଇଥିବା କବିତାର ପଙ୍‌କ୍ତିଟି ହେଲା -

"ପ୍ରଜା ଲାଗି ଉଦେ ରବି ଶଶୀ ତାରା,
ପ୍ରଜା ଲାଗି ବହେ ଶତ ନଦୀ ଧାରା।
ପ୍ରଜା ଲାଗି ରାଜ୍ୟ ପ୍ରଜାର ଶାସନ,
ଯୁଗେ ଯୁଗେ ଏହା ଶାସ୍ତ୍ରର କଥନ ।।"

ପ୍ରଜାଙ୍କ ମତରେ ଶାସନ ଚାଲିବ। ଲୋକେ ହେବେ ଶକ୍ତିକେନ୍ଦ୍ର। ଲୋକଙ୍କ ଦ୍ୱାରା ଶାସନ ପରିଚାଳିତ ହେବ। ତାହାହିଁ ହେଲା। ସ୍ୱାଧୀନତା ପରେ ଦେଶ ସେହି ରାସ୍ତାରେ ଚାଲିବ ବୋଲି ସ୍ଥିର ହେଲା। ଦେଶ ଆପଣେଇଲା ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାକୁ। ସେତେବେଳକୁ ଉତ୍କଳମଣି ଇହଧାମରେ ନ ଥିଲେ। ପ୍ରଥମ କଥାଟି ହେଲା ଶାସନ ବ୍ୟବସ୍ଥାକୁ ନେଇ ସେ ଯାହା ପରିକଳ୍ପନା କରିଥିଲେ ତାହାହିଁ ହେଲା, କିନ୍ତୁ କାଗଜ କଲମରେ। ପ୍ରଚଳନ ହେଲା ଲୋକତନ୍ତ୍ର, କିନ୍ତୁ ବାସ୍ତବରେ ଏହା ହେଲା ଦଳତନ୍ତ୍ର। ଏବେ ତ ଦଳତନ୍ତ୍ରରୁ ଏକତନ୍ତ୍ର ଅଭିମୁଖୀ ହେଲାଣି। ଲୋକ ପ୍ରତିନିଧିମାନଙ୍କ ଦ୍ୱାରା ଶାସନ ପରିଚାଳିତ ହେବ ବୋଲି ସ୍ଥିର ହେଲା। ଏମାନେ କେମିତି ନିର୍ବାଚିତ ହେବେ, ଏମାନଙ୍କର ଯୋଗ୍ୟତା କ'ଣ ହେବ, କେଉଁମାନେ ଏମାନଙ୍କୁ ବାଛିବେ ଏ ସମସ୍ତ ସମସ୍ୟାର ସମାଧାନ ନିମନ୍ତେ ସଂହିତା ପ୍ରସ୍ତୁତ ହେଲା। ଆମେ ସଭିଏଁ ଏହାକୁ ପାଳନ କରିବୁ ବୋଲି ଶପଥ ନେଲୁ। କିନ୍ତୁ ପ୍ରତି ମୁହୂର୍ତ୍ତରେ ଶପଥ ଭାଙ୍ଗି ଚାଲିଲୁ। ନିର୍ବାଚନ ପ୍ରକ୍ରିୟାରେ ଅନେକ ସଂସ୍କାର ଆସିଛି। ପ୍ରଥମେ ୨୧ ବର୍ଷ କିମ୍ବା ତଦୂର୍ଦ୍ଧ୍ୱ ଲୋକମାନେ ନିଜର ମତ ସାବ୍ୟସ୍ତ କରି ପ୍ରତିନିଧି ଚୟନ କରୁଥିଲେ। ୧୯୮୮ ରେ ୬୧ତମ ସମ୍ବିଧାନ ସଂଶୋଧନ ମାଧ୍ୟମରେ ଏହି ବୟସ ସୀମାକୁ କମାଇ ୧୮ ବର୍ଷକୁ ଅଣାଯାଇଛି। ଲୋକେ ବାଲଟ୍ ପେପର୍ ମାଧ୍ୟମରେ ଭୋଟ ଦେଉଥିଲେ। ୧୯୯୭ ଠାରୁ ଇଭିଏମ୍‌ରେ ମତଦାନ କରୁଛନ୍ତି। କୌଣସି ପ୍ରମାଣପତ୍ରର ବ୍ୟବସ୍ଥା ନଥିଲା। ୧୯୯୩ ରେ ସମସ୍ତ ମତଦାତାଙ୍କୁ ପ୍ରମାଣପତ୍ର ଦେବାର ବ୍ୟବସ୍ଥା ହେଲା। ୨୦୦୪ ଠାରୁ ପ୍ରମାଣପତ୍ର ଦେଖାଇବା ବାଧ୍ୟତାମୂଳକ ହେଲା। ଏସବୁ ସତ୍ତ୍ୱେ କହିପାରିବା ନାହିଁ ଆମ ଦେଶରେ ଅବାଧ, ନିରପେକ୍ଷ ଏବଂ ସ୍ୱଚ୍ଛ ନିର୍ବାଚନ ହେଉଛି ବୋଲି। କ୍ଷମତା ଓ ବାହୁବଳ ସାଙ୍ଗକୁ ଅର୍ଥର ପ୍ରାବଲ୍ୟ ଗଣତନ୍ତ୍ରକୁ ବାଟବଣା କରୁଛି। ଯାହା ଦେଖାଯାଉଛି, ଗଣତନ୍ତ୍ରର ପ୍ରୟୋଗଶାଳାକୁ ଏବେ ସର୍ବବୃହତ୍ ବ୍ୟବସାୟ କ୍ଷେତ୍ର ବୋଲି ବିଚାର କରାଯାଉଛି। ଅର୍ଥ ବିନିଯୋଗ କରି ଲାଭ ଉଠେଇବା



ଯେମିତି ବ୍ୟବସାୟର ଅସଲ କଥା, ସେମିତି କୋଟି କୋଟି ଟଙ୍କା ଖର୍ଚ୍ଚ କରି ଲୋକପ୍ରତିନିଧି ହେବା ଏବଂ ଦଶଗୁଣ ଅର୍ଥ ଉଠାଇବା ଏବେ ଜନସେବାର ମୁଖ୍ୟ ଉଦ୍ଦେଶ୍ୟ ପାଲଟି ଗଲାଣି।

ସେବା ଓ ତ୍ୟାଗ ପରସ୍ପର ପରିପୂରକ। ଯେଉଁଠି ତ୍ୟାଗ ନାହିଁ ଭୋଗ ଅଛି, ସେଠାରେ ସେବା ଏକ ଛଳନାପୂର୍ଣ୍ଣ ଶବ୍ଦମାତ୍ର। ଆମେ ଯାହା ଦେଖୁଛେ, ଆଜିକାଲି ଯେଉଁମାନେ ଜନସେବା କରିବା ପାଇଁ ଆଗଭର ହେଉଛନ୍ତି ସେମାନଙ୍କ ମଧ୍ୟରୁ ସିଂହଭାଗ ଲୋକ ନିଜର ପ୍ରତିଷ୍ଠା ପାଇଁ ପାଗଳ। ନିଜର ବଂଶଧରଙ୍କୁ ପ୍ରତିଷ୍ଠିତ କରିବା ପାଇଁ ବ୍ୟାକୁଳ। ଯେଉଁମାନଙ୍କର ଲକ୍ଷ୍ୟ କ୍ଷମତା, ପ୍ରତିଷ୍ଠା, ପ୍ରଭାବକୁ ଯେକୌଣସି ପ୍ରକାରେ ନିଜ ସପକ୍ଷରେ ହାତେଇବା ସେ କାହୁଁ କରିବେ ଦେଶ ସେବା। ବିଚିତ୍ର କଥା ହେଉଛି, ଥରେ ଲୋକପ୍ରତିନିଧି ହୋଇଗଲା ପରେ ଚୌକିର ମୋହ ଛାଡ଼ିବାକୁ ନାରାଜ। ପୁଅ କିମ୍ବା ଝିଅକୁ ରାଜନୈତିକ ଉତ୍ତରାଧିକାରୀ କରାଇବା ସାଧାରଣ ଘଟଣା ହୋଇଗଲାଣି। ଗଣତନ୍ତ୍ରର ମୁଖା ପିନ୍ଧି ରାଜତନ୍ତ୍ରର କ୍ଷୁଧା ମେଣ୍ଟାଇବାର ଏକ ସୁନ୍ଦର ପରିକଳ୍ପନା ପ୍ରଜାଙ୍କୁ କ୍ରମଶଃ ଶାସନ ବ୍ୟବସ୍ଥାଠାରୁ ଦୂରେଇ ନେଉଛି।

ଲୋକଙ୍କ ଦ୍ୱାରା ନିର୍ବାଚିତ ହେବା ପରେ ଲୋକଙ୍କ ମତକୁ ଆମ ଦେଶରେ ଜନପ୍ରତିନିଧିମାନେ କେତେ ଗୁରୁତ୍ୱ ଦିଅନ୍ତି ତାହା ପ୍ରତିଦିନ ଲୋକମାନେ ଅଙ୍ଗେ ଲିଭାଉଛନ୍ତି। ସତ କହିବାକୁ ଗଲେ ନିର୍ବାଚନ ଆସିଲେ ଲୋକଙ୍କ କଥା ମନେପଡ଼େ। ଲୋକଙ୍କ ନିକଟକୁ ନେତାମାନେ ଆସନ୍ତି। ନିଃସ୍ୱାର୍ଥପର ସେବାର କାହାଣୀ ବଖାଣନ୍ତି। ଯାହା ହେବ ଲୋକଙ୍କ ମତରେ ହେବ ବୋଲି ନିର୍ଭର ପ୍ରତିଶ୍ରୁତି ଦିଅନ୍ତି। ନିର୍ବାଚନ ସରିଲେ ନେତାମାନେ ନେତାଙ୍କ ବାଟରେ ଗୁହନ୍ତି। ପ୍ରଜାଙ୍କ ମତରେ ଶାସନ ହୁଏ ନାହିଁ ବରଂ ପ୍ରଜାମାନେ ଶାସକଙ୍କ ମତରେ ଚାଲିବାକୁ ବାଧ ହୁଅନ୍ତି। ଲୋକେ କ'ଣ ଚାହୁଁଛନ୍ତି ଏକଥା ଜାଣିବାକୁ ପ୍ରୟାସ ହୁଏ ନାହିଁ। ଗୋଟିଏ ନୂତନ ନୀତି କିମ୍ବା ନିୟମ ପ୍ରଣୟନ ପୂର୍ବରୁ ଯେଉଁସବୁ ବିଧିବ୍ୟବସ୍ଥା ଅଛି ତାହା ଅନୁପାଳନ ହୁଏ ନାହିଁ, ବିଚାରବିମର୍ଶ ହେଉ ନାହିଁ। ଖୋଲାଖୋଲି ତର୍ଜମା ହେଉ ନାହିଁ। ଶାସକ ଶ୍ରେଣୀ ଯାହା ଚାହୁଁଛନ୍ତି, ସଂଖ୍ୟାଗରିଷ୍ଠତା ଖେଳରେ ତାକୁ ଅନୁମୋଦନ କରାଇ ନେଉଛନ୍ତି। ଅଧିକାଂଶ ଅଧିନିୟମ ଅଧ୍ୟାଦେଶ ବଳରେ ପାରିକରାଇ ନିଆଯାଉଛି। ଏମିତି ବି ହେଉଛି ମୁଖିଆଙ୍କ ମତ ଶାସକ ଶ୍ରେଣୀର ମତ ବୋଲି ଧରିନିଆଯାଉଛି। ପ୍ରଜା ଏଠାରେ କିଏ?

ପୁନଶ୍ଚ ଗଣତନ୍ତ୍ର ବୋଇଲେ ଆମେ ବୁଝୁ ଲୋକ ପ୍ରତିନିଧିଙ୍କ ଦ୍ୱାରା ପରିଚାଳିତ ଶାସନ ବ୍ୟବସ୍ଥା। ଏହି ବ୍ୟବସ୍ଥାରେ ବ୍ୟବସ୍ଥାପକ ସଭା ଯାହା ଆଇନ ତିଆରି କରେ, ତାକୁ କାର୍ଯ୍ୟପାଳିକା କାର୍ଯ୍ୟକାରୀ କରେ। କିନ୍ତୁ ଏବେ ବ୍ୟବସ୍ଥାପକ ସଭା କେବଳ ମୋହର ମାରୁଛି। ଅର୍ଥାତ୍ ଲୋକଙ୍କ ପାଖରେ ଯେଉଁମାନେ ସିଧାସଳଖ ଉତ୍ତରଦାୟୀ ସେମାନଙ୍କ ଗୁରୁତ୍ୱ ହ୍ରାସ ପାଇଛି। କୁହାଯାଇପାରେ, ତୃଣମୂଳ ସ୍ତର ସହିତ ସିଧାସଳଖ ସମ୍ପର୍କ ନ ଥିବା ଲୋକଙ୍କ ବେଦନାକୁ ହୃଦୟଙ୍ଗମ କରିପାରୁନଥିବା ବ୍ୟକ୍ତିମାନେ ଯଦି ଶାସନ ବ୍ୟବସ୍ଥାର ମସ୍ତିଷ୍କ ହେବେ, ଶାସନ ହୁଏତ ଠିକ୍ ଚାଲିବ କିନ୍ତୁ ଲୋକଙ୍କ ପ୍ରକୃତ ଚାହିଦା କେତେ ପୂରଣ ହେବ ତାହା ସନ୍ଦେହ ଘେରରେ।

ପ୍ରକୃତରେ ଯଦି ପ୍ରଜାଙ୍କ ମତରେ ଶାସନ ବ୍ୟବସ୍ଥା ଚାଲୁ ବୋଲି ଆମେ ଚାହିଁବା, ତେବେ ଗ୍ରାମସଭା ଉପରେ ସର୍ବାଧିକ ଗୁରୁତ୍ୱ ଦେବାକୁ ପଡ଼ିବ। ଗ୍ରାମସଭା କହିଲେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ଯାହାର ସର୍ବୋଚ୍ଚ ସ୍ତରକୁ ଜିଲା ପରିଷଦ, ମଧ୍ୟମ ସ୍ତରକୁ ପଞ୍ଚାୟତ ସମିତି ଏବଂ ତୃଣମୂଳ ସ୍ତରକୁ ଗ୍ରାମ ପଞ୍ଚାୟତ ବୋଲି କୁହାଯାଏ। ଗ୍ରାମ ପଞ୍ଚାୟତର କ୍ୟାବିନେଟ୍ ଗଢ଼ା ହୁଏ ୱାର୍ଡ଼ ମେମ୍ବରମାନଙ୍କୁ ନେଇ। ୱାର୍ଡ଼ ମେମ୍ବରମାନେ ଲୋକଙ୍କ ମତକୁ ସାଧାରଣ ସଭା ଜରିଆରେ ଗ୍ରହଣ କରି ଗ୍ରାମ ପଞ୍ଚାୟତରେ ଉପସ୍ଥାପନ କରିବା ହେଉଛି ପ୍ରଜାତନ୍ତ୍ରର ଅନ୍ତଃସ୍ୱର। ଆମ ଦେଶରେ ଏହି ବ୍ୟବସ୍ଥାର ପ୍ରଚଳନ ହେବା ପାଇଁ ଲାଗିଲା ୪୫ ବର୍ଷ। ୭୩ତମ ସମ୍ବିଧାନ ସଂଶୋଧନ ମାଧ୍ୟମରେ ଯଦିଓ ଏହା ୧୯୯୨ ମସିହାରେ ବିଧିବଦ୍ଧ ଭାବେ ଲାଗୁ ହେଲା, କିନ୍ତୁ ଏହା ଭିତରେ ତିନି ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ପୂର୍ଣ୍ଣାଙ୍ଗ କ୍ଷମତା ଗ୍ରାମସଭାକୁ ଦିଆଯାଇପାରିଲା ନାହିଁ। ଅପରପକ୍ଷେ ଲୋକମାନଙ୍କର ମତ ଦେବା ବ୍ୟବସ୍ଥା କେତେ ସହଜ ଓ ସ୍ୱାଧୀନ ତାହା ମଧ୍ୟ ବିଚାରସାପେକ୍ଷ। ପୁଣି ମତସବୁ ଗ୍ରହଣ କଲାପରେ ସେଗୁଡ଼ିକ ଆଲୋଚନା ପରିସରକୁ ନିଆଯାଏ କି ନାହିଁ ତାହା କହିବାବାହୁଲ୍ୟ। ମୋଟାମୋଟି କହିବାକୁ ଗଲେ ପ୍ରଜାଙ୍କ ମତରେ ଶାସନ ପରିଚାଳନା ଏକ ସର୍ବଗ୍ରାହ୍ୟ ଚିନ୍ତନ ହୋଇଥିଲେ ବି ଏହା ଆଜିଯାଏ ବାହ୍ୟ ଆବରଣ ହୋଇ ରହିଯାଇଛି।

ସଭାପତି, ଓଷ୍ଟା, ମୋ: ୯୯୩୮୭୬୩୨୩୭

# ଜଳ ଭୀରୁତାର ପରିଣାମ



ଡ. ପ୍ରମୋଦ କୁମାର ପଣ୍ଡା

ସଭ୍ୟତାର ଅଭ୍ୟୁଦୟରେ ନଦୀଗୁଡ଼ିକର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ବଣମଣିଷ ସ୍ଥାୟୀ ଭାବରେ ବସବାସ କରିବା ପାଇଁ ନଦୀକୂଳକୁ ସର୍ବୋତ୍କୃଷ୍ଟ ସ୍ଥାନ ହିସାବରେ ବାଛିଥିଲା। କାରଣ ଏଠାରେ ବର୍ଷସାରା ପାନୀୟ ଜଳ ମିଳୁଥିଲା ଓ ବିଭିନ୍ନ ପ୍ରକାର ଫସଲ ଚାଷ ପାଇଁ ଆବଶ୍ୟକ ଉର୍ବର ମୃତ୍ତିକା ଓ ପ୍ରଚୁର ଜଳ ଥିଲା। ସେ ସିନ୍ଧୁ ନଦୀକୂଳରେ ଗଢ଼ିଉଠିଥିବା ପ୍ରାଚୀନ ସିନ୍ଧୁ ସଭ୍ୟତା ହେଉ କିମ୍ବା ମିଶରର ନୀଳନଦୀ କୂଳରେ ଗଢ଼ିଉଠିଥିବା ସଭ୍ୟତା ହେଉ କିମ୍ବା ଟାଇଗ୍ରୀସ ଓ ୟୁଫ୍ରେଟିସ ନଦୀକୂଳରେ ଗଢ଼ିଉଠିଥିବା ମେସୋପଟାମିଆ ସଭ୍ୟତା ହେଉ କିମ୍ବା ହୋୟାଙ୍ଗ ହୋ ନଦୀକୂଳରେ ଚୀନ ସଭ୍ୟତା ହେଉ, ସବୁଠି ନଦୀକୂଳ ଆଦିମ ଅଧିବାସୀମାନଙ୍କର ଭରସା ଜିତିଥିଲା। ସେମାନଙ୍କର ନାନାବିଧ ଆବଶ୍ୟକତା ପୂର୍ଣ୍ଣ କରିବାରେ ସହାୟକ ହେଉଥିଲା। ସେତେବେଳେ ନଦୀନାଳ ପୂର୍ଣ୍ଣ ଏବଂ ହିଂସ୍ରଜନ୍ତୁ ସଙ୍କୁଳ ସ୍ଥଳ ପଥରେ ଯାତାୟାତର ସୁବିଧା ହେଉ ନ ଥିବାରୁ ନଦୀଜଳ ଗମନାଗମନ ଓ ବ୍ୟବସାୟର ମୁଖ୍ୟ ଭୂମିକା ନେଇଥିଲା। ପ୍ରାଚୀନ କାଳରୁ ଓଡ଼ିଶାରେ ମଧ୍ୟ ନଦୀ ବିକାଶର ଇଞ୍ଜିନ ଭାବରେ କାର୍ଯ୍ୟ କରିଆସିଛି। ନଦୀ ଜଳପଥ ଦେଇ ବିଦେଶକୁ ବାଣିଜ୍ୟ ହେଉଥିଲା। ପୁରୀ ଓ କୋଣାର୍କ ଭଳି ବିଶାଳକାୟ ମନ୍ଦିରର ପଥର ଏହି ନଦୀଜଳ ପଥ ଦେଇ ଆସିଥିବାର ଇତିହାସ କହେ। କହିବାକୁ ଗଲେ ନଦୀ ଓଡ଼ିଶାର ଜନ, ଧାନ, ପାନ ଓ ମୀନ ବିକାଶ ଦିଗରେ ଭୂମିକା ନେଇଥିଲା। ମାତ୍ର ଆଜି ଅବସ୍ଥା ବଦଳିଯାଇଛି। ଆମେ କୁମ୍ଭୀରର ବଂଶ ବୃଦ୍ଧି କରି ନଦୀ ନାଳରେ ଛାଡ଼ିବା ଦ୍ୱାରା ନଈକୂଳିଆ ଅଞ୍ଚଳର ଜନଜୀବନ ବିପନ୍ନ ହୋଇପଡ଼ିଛି। ପ୍ରତି ମାସରେ କେନ୍ଦ୍ରାପଡ଼ା ଜିଲାରୁ କୁମ୍ଭୀରଟଣା ଜନ ମୃତ୍ୟୁ ଖବର ଆସୁଛି। ବର୍ତ୍ତମାନ ନଦୀ ଓ ନାଳରେ କୁମ୍ଭୀର ଉପସ୍ଥିତି ଭୟ ଏକପ୍ରକାର ଜନଜୀବନକୁ ପ୍ରଭାବିତ କରିବାକୁ ବସିଲାଣି।

ନଦୀକୂଳିଆ ଲୋକେ ଶୌଚ, ଗାଧୋଇବା, ଲୁଗାପଟା ଧୋଇବା, ଗୋରୁ ଗାଧୋଇବା, ଗୋରୁଙ୍କୁ ପାଣି ପିଆଇବା, ଜଳସେଚନ ଆଦି କାର୍ଯ୍ୟ ପାଇଁ ନଦୀ ନାଳ ଉପରେ ନିର୍ଭର କରନ୍ତି। କୁମ୍ଭୀର ନଦୀ ନାଳରେ ରହିଲେ ଲୋକଙ୍କ ମନରେ ଭୟ ସୃଷ୍ଟି ହେବ। ଫଳରେ ଲୋକେ ଆଉ ନଦୀ ନାଳକୁ ଯିବାକୁ ସାହସ କରିବେ ନାହିଁ। ଗୋରୁ, ଛେଳି, ମେଣ୍ଢା ସବୁ ନଦୀକୂଳିଆ ପାଟ ଜମିରେ ଚରୁଥିଲେ ଓ ନଈରୁ ପାଣି ପିଉଥିଲେ। କୁମ୍ଭୀର ଭୟରେ ଲୋକେ ଗୋରୁ ପାଳିବେନି। ଗୋପାଳନ ଉପରେ ନିର୍ଭରଶୀଳ ଭୂମିହିନ ଗରିବ ଲୋକଙ୍କ ଜୀବନ ଜୀବିକା ବିପନ୍ନ ହେବା ସ୍ୱାଭାବିକ। ଆଉ ଏକ ବଡ଼ ସମସ୍ୟା ଉପୁଜିବାକୁ ଯାଉଛି। ତାହା ହେଲା ଧୀବରମାନଙ୍କ ଜୀବନ ଜୀବିକା। ଆଦିମ କାଳରୁ ଧୀବର ସମ୍ପ୍ରଦାୟ ନଦୀ ନାଳରୁ ମାଛ ମାରି ସେମାନଙ୍କ ପରିବାର ଚଳାଇ ଆସୁଛନ୍ତି। ମାତ୍ର କୁମ୍ଭୀର ଭୟରେ ସେମାନେ ନଦୀ ନାଳ ଯିବା ବନ୍ଦ କରିଦେଲେ ଧୀରେ ଧୀରେ ତାଙ୍କ ବଂଶଧର ମାଛ ଧରିବା କୌଶଳ ଭୁଲିଯିବେ। ସମୟ ଆସିବ ନଦୀ ନାଳରୁ ମାଛ ଧରିବା ପାଇଁ ମାଛ ଧରାଳି ମିଳିବେ ନାହିଁ। ପଡ଼ୋଶୀ ରାଜ୍ୟରୁ ଧୀବର ଆଣିବାକୁ ପଡ଼ିବ ଆମ ରାଜ୍ୟକୁ। ଆମ ରାଜ୍ୟରେ ଏହାର



ଝଲକ ଦେଖିବାକୁ ମିଳିଲାଣି। ନଡ଼ିଆ ଓ ତାଳର ଗଡ଼ କୁହାଯାଉଥିବା ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ଗଛ ଚଢ଼ାଳି ଆଉ ମିଳୁ ନାହାନ୍ତି। ସେଥିପାଇଁ ଲୋକେ ନଡ଼ିଆ ଗଛ ଲଗାଇବା କମାଇଲେଣି।

ଭିତରକନିକାରେ କୁମ୍ଭୀର ପାଳନ କରିବା ଦ୍ୱାରା କୁମ୍ଭୀରମାନେ ଜଳ ପ୍ରବାହରେ ବିଭିନ୍ନ ନଦୀ ନାଳକୁ ଯାଇ ଧନଜୀବନ ନଷ୍ଟ କରୁଛନ୍ତି। ତାଙ୍କର ବଂଶ ବୃଦ୍ଧି ଦ୍ୱାରା ଖାଦ୍ୟାଭାବ ସମୟରେ ଉପର ମୁଣ୍ଡରେ ପ୍ରବେଶ କରି ମଣିଷ ଓ ଗୃହପାଳିତ ପଶୁଙ୍କୁ ମାରି ଖାଇବା ଘଟଣା ବଢ଼ିବାରେ ଲାଗିଛି। ସେଥିପାଇଁ ବନ ବିଭାଗ ନଦୀର ବିଭିନ୍ନ ଘାଟରେ ବା ତୁଠରେ ତା'ର ଜାଲି ବ୍ୟବସ୍ଥା କରୁଛନ୍ତି। ମାତ୍ର ଖରା, ବର୍ଷା ଓ ପାଣିରେ ବୁଡୁଥିବା ବାଡ ବା ଜାଲି ଯେ ସବୁଦିନ ସବଳ ହୋଇ ରହିବ, ଏହାର ଗ୍ୟାରେଣ୍ଟି ନାହିଁ। ତା'ଛଡା ନଦୀ ନାଳର ସମସ୍ତ ସ୍ଥାନରେ ବାଡ଼ ଲଗାଇବା ପ୍ରଶାସନ ପକ୍ଷେ ମଧ୍ୟ ସମ୍ଭବ ନୁହେଁ। କିଛି ଅଧିକାରୀଙ୍କ ମତରେ ନଦୀକୂଳିଆ ଲୋକଙ୍କୁ ସଚେତନ କରାଯାଇପାରିଲେ କୁମ୍ଭୀର ଉପଦ୍ରବରୁ ରକ୍ଷା ମିଳିପାରିବ। ମାତ୍ର ଏହା ଆଂଶିକ ସମ୍ଭବ।

ଭୋକିଲା କୁମ୍ଭୀର ଯେକୌଣସି ଉପାୟରେ କ୍ଷତି କରିପାରିବ। ଜୈବ ବିବିଧତାର ସୁରକ୍ଷା ପାଇଁ କୁମ୍ଭୀର ପାଳନ କରାଯାଉ, ମାତ୍ର ତାହା ତାର ଜାଲି ମଧ୍ୟରେ ଆବଦ୍ଧ କରି କରାଯାଉ। ଆମେ କୃତ୍ରିମ ହ୍ରଦ ସୃଷ୍ଟି କରି ସେଠାରେ କୁମ୍ଭୀର ପାଳନ କରିପାରିବା ତାର ଜାଲି ଘେରାଇ। ତା' ଛଡା ସମୁଦ୍ର କୂଳିଆ ତଳି ଜଳବନ୍ଦୀ ବା ଜଳମଗ୍ନ ଅଞ୍ଚଳରେ ତାରବାଡ ଦେଇ ସୀମିତ ସଂଖ୍ୟକ କୁମ୍ଭୀର ପାଳନ କରାଯାଇ ପାରିବ। ମାତ୍ର ସେପରି ନ କରି ନଦୀ ନାଳରେ ଅସଂଖ୍ୟ କୁମ୍ଭୀର ପାଳନ କଲେ, ଲୋକେ ନଦୀ ନାଳକୁ ଭୟ କରିବେ। ନୂଆ ପିଢ଼ି ବା ପିଲାମାନଙ୍କୁ ନଦୀ ନାଳକୁ ଛାଡ଼ିବେ ନାହିଁ। ନୂଆ ପିଢ଼ି ନଦୀ ନାଳକୁ ଗାଧୋଇବା, ପହଁରିବା, ଡଙ୍ଗା ଚଳାଇବା, ଡଙ୍ଗାରେ ଜିନିଷ ପରିବହନ କରିବା, ମାଛ ଧରିବା ଆଦି କାମ ପାଇଁ ନଈକୁ ନ ପଶିଲେ, କିଛି ବର୍ଷ ପରେ ସେମାନେ ନଦୀଜଳକୁ ଦେଖିଲେ ଡରିବେ। ଏବେବି ନଈ ନ ଥିବା ଆଭ୍ୟନ୍ତରଣ ଅଞ୍ଚଳର ଲୋକେ ନଈରେ ପଶିବାକୁ ଭୟ କରନ୍ତି। ଆମ ଦୁଃସାହସୀ ଜାତିଟା ଡରପୋକ ଜାତିରେ ପରିଣତ ହେବ। ଆମ ରାଜ୍ୟରେ ଲୋକଙ୍କ ପାଣିରେ ଚଳିବାର ସାହସ କମିଯିବ, ବନ୍ୟା ସମୟରେ ଧନଜୀବନ ସୁରକ୍ଷା କେମିତି କରିବେ? ବନ୍ୟା ସମୟରେ କୁମ୍ଭୀର ଚାରିଆଡେ ବ୍ୟାପିବାର ସମ୍ଭାବନା ମଧ୍ୟ ରହିଛି। ଇତିହାସ କହେ ଆମ ପୂର୍ବପୁରୁଷ ଦୁଃସାହସୀ ଥିଲେ ଓ ସମୁଦ୍ରର ଭୟାବହତାକୁ ଖାତିର ନ କରି କାଠ ବୋଇତରେ ଜାଭା ସୁମାତ୍ରା ମଧ୍ୟ ଯାତ୍ରା କରିପାରୁଥିଲେ। ଏବେ ଆମ ପାଖରେ ସେ ଦୁଃସାହସ ଆଜି ଆଉ ନାହିଁ। ଆମେ ଭୀରୁ ହୋଇ ସାରିଲେଣି। ସେପରି ସ୍ଥଳେ ପିଢ଼ି ପରେ ପିଢ଼ି ଯେତେବେଳେ ନଦୀନାଳଠାରୁ ଦୂରେଇ ରହିବେ, ସେତେବେଳେ ଗାଁରେ ଥିବା ଗଡିଆରେ ବି ପହଁରିବାକୁ ସକ୍ଷମ ହେବେ ନାହିଁ।

ଶ୍ୟାମଚାନ୍ଦପାଟନା, ଭଦ୍ରକ
ମୋ: ୮୯୧୭୪୨୬୪୪୦

## ଏଇ ଭାରତରେ

ପ୍ରଦୂଷଣ ଏବେ ବିଶ୍ୱ ପାଇଁ ଚିନ୍ତାର କାରଣ ହୋଇଥିବାବେଳେ ଭାରତର ସହରଗୁଡ଼ିକରେ ସ୍ଥିତି ଗମ୍ଭୀର ହେବାରେ ଲାଗିଛି। ବିଶ୍ୱର ସବୁଠୁ ପ୍ରଦୂଷିତ ସହରଗୁଡ଼ିକ ମଧ୍ୟରେ ଭାରତର ୨୨ଟି ସହର ରହିଛି। ଏଭଳି ସ୍ଥିତିକୁ ଦେଖିଲେ ଦେଶରେ ପ୍ରଦୂଷଣ ହାର କମାଇବା ଲାଗି ଜୀବନଶୈଳୀରେ ପରିବର୍ତ୍ତନ ଆଣିବାର ଆବଶ୍ୟକତା ଯେତିକି ରହିଛି ବୃକ୍ଷ ରକ୍ଷଣାବେକ୍ଷଣର ଗୁରୁତ୍ୱ ସେତିକି ଅଛି। କେବଳ ବୃକ୍ଷରୋପଣ କରିଦେଲେ ହେବନାହିଁ, ବରଂ ବିଭିନ୍ନ ସ୍ଥାନରେ ଥିବା ପୁରୁଣା ଗଛଗୁଡ଼ିକର ସୁରକ୍ଷା ଜରୁରୀ। ଏହି କ୍ରମରେ ହାଇଦ୍ରାବାଦର ୫୩ ବର୍ଷୀୟା ଆସିୟା ଖାନ୍‌ଙ୍କ ପଦକ୍ଷେପ ପ୍ରଶଂସନୀୟ। ଆସିୟାଙ୍କ ନେତୃତ୍ୱରେ ଏକ ୨୦ ଜଣିଆ ପରିବେଶପ୍ରେମୀଙ୍କ ଟିମ୍ ଜାତୀୟ ରାଜପଥ ପ୍ରାଧିକରଣର ଗଛକଟା ନିଷ୍ପତ୍ତି ବିରୋଧରେ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନଜିଟି)ର ଦ୍ୱାରସ୍ଥ ହୋଇ ୯୧୪ ବରଗଛର ସୁରକ୍ଷା ନିଶ୍ଚିତ କରିଛନ୍ତି। ଏହିସବୁ ଗଛ ୧୦୦ ବର୍ଷର ପୁରୁଣା। ମୋଇନାବାଦରୁ ମାନେଗୁଡ଼ାଯାଏ ଜାତୀୟ ରାଜପଥ ୪ ଥାକିଆ କରିବା ଲାଗି ଏହିସବୁ ଗଛ କାଟିବାକୁ ଏନ୍‌ଏଚ୍‌ଏଆଇ ନିଷ୍ପତ୍ତି ନେଇଥିଲା। ଏହା ନିଶ୍ଚିତ ଯେ ଆସିୟାଙ୍କ ନେତୃତ୍ୱରେ ବୃକ୍ଷ ସୁରକ୍ଷାର ବିଜୟ ଦେଶରେ ଅନ୍ୟମାନଙ୍କୁ ବାଟ ଦେଖାଇବ।

## ୨୫ ବର୍ଷ ତଳର ଧରିତ୍ରୀ

୧୧ ନଭେମ୍ବର ୧୯୯୮

- ଏକ ବଡ଼ ଧରଣର ଅଗ୍ନିକାଣ୍ଡ ଯୋଗୁ ଚାନ୍ଦିପୁରସ୍ଥିତ କେନ୍ଦ୍ର ପ୍ରତିରକ୍ଷା ଓ ଗବେଷଣା କେନ୍ଦ୍ର (ଡିଆର୍‌ଡିଓ)ର ଏକ ୟୁନିଟ୍ ସମ୍ପୂର୍ଣ୍ଣ ଭସ୍ମୀଭୂତ।
- ଭାରତ ଓ ଇଟାଲୀ ମଧ୍ୟରେ ବିଜ୍ଞାନ ଓ ବୈଷୟିକ ଜ୍ଞାନକୌଶଳ ଉପରେ ପାରସ୍ପରିକ ସହାୟତା ସମ୍ପର୍କୀୟ ଏକ ଚୁକ୍ତିନାମା ସ୍ୱାକ୍ଷରିତ।
- ଇସ୍ରାଏଲ ଆଣବିକ ନିରସ୍ତ୍ରୀକରଣ ଚୁକ୍ତି ଗ୍ରହଣ କରିବା ନେଇ ଏକ ପ୍ରସ୍ତାବ ଜାତିସଂଘର ନିରସ୍ତ୍ରୀକରଣ ଓ ଅନ୍ତର୍ଜାତୀୟ ସାମରିକ ବିଭାଗ ଦ୍ୱାରା ଗୃହୀତ।

## ସୁ-ଡୋ-କୁ

sudoku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 3 | | | | 2 | |
| | | | | 5 | | | | 4 |
| 7 | | 5 | | 8 | | | | |
| | 2 | | 8 | 7 | 6 | | | |
| | 3 | 9 | | | | | | |
| | | | | | | 8 | | |
| | | | 6 | | 4 | | | |
| 1 | | 3 | | | | | | |
| 4 | | | | 2 | | | 3 | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 9 | 6 | 3 | 8 | 4 | 2 | 7 | 5 |
| 3 | 8 | 7 | 2 | 5 | 9 | 6 | 4 | 1 |
| 2 | 4 | 5 | 1 | 6 | 7 | 9 | 3 | 8 |
| 7 | 1 | 2 | 4 | 3 | 5 | 8 | 6 | 9 |
| 9 | 5 | 3 | 8 | 7 | 6 | 4 | 1 | 2 |
| 4 | 6 | 8 | 9 | 1 | 2 | 7 | 5 | 3 |
| 8 | 7 | 9 | 5 | 4 | 1 | 3 | 2 | 6 |
| 6 | 2 | 1 | 7 | 9 | 3 | 5 | 8 | 4 |
| 5 | 3 | 4 | 6 | 2 | 8 | 1 | 9 | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ରେଳ ଦୁର୍ଘଟଣା ବଢୁଛି

ମହାଶୟ,

ରେଳ ସେବାର ଉନ୍ନତି କଳ୍ପେ ଉନ୍ନତ ବୈଷୟିକ ଜ୍ଞାନକୌଶଳର ରେଳ ଇଞ୍ଜିନ ନିର୍ମାଣ କରାଯାଉଛି। ମାତ୍ର ଲଗାତର ଭାବେ ଘଟୁଥିବା ଦୁର୍ଘଟଣା ପାଇଁ ଯାତ୍ରୀମାନେ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ଟ୍ରେନ୍‌ର ବୈଷୟିକ ତ୍ରୁଟି, ଖରାପ ଇଞ୍ଜିନ, ରେଳ ଧାରଣାର ତ୍ରୁଟି ଓ ଅସାବଧାନତା ବଶତଃ ଅନେକ ଦୁର୍ଘଟଣା ସଂଗଠିତ ହୋଇ ବହୁ ଯାତ୍ରୀ ପ୍ରାଣ ହରାଉଛନ୍ତି। ବାଲେଶ୍ୱର ବାହାନଗା ରେଳ ଦୁର୍ଘଟଣାରେ ୨୯୫ଜଣ ଯାତ୍ରୀ ପ୍ରାଣହରାଇଲେ। କେଉଁଠି ଟ୍ରେନ୍‌ରେ ଅଚାନକ ନିଆଁ ଜଳି ଉଠୁଛି ତ ଆଉ କେଉଁଠି ମାଲଗାଡ଼ି ସହ ଅନ୍ୟ ଗାଡ଼ି ଧକ୍କା ହେବାରୁ ଲାଇନଚ୍ୟୁତ ହେଉଛି। ଅକ୍ଟୋବର ୨୯ ରାତିରେ ବିଶାଖାପାଟଣା ପଲାସା ପାସେଞ୍ଜର ଟ୍ରେନ୍ ବିଶାଖାପାଟଣା ରାୟଗଡ଼ା ଟ୍ରେନ୍‌ରେ ଧକ୍କା ଦେବା ଫଳରେ ୧୩ଜଣ ଯାତ୍ରୀଙ୍କ ଜୀବନହାନି ଘଟିବା ସହ ଅନେକ ଶହ ଆହତ ହୋଇଥିଲେ। ଏପରି ରେଳ ଦୁର୍ଘଟଣାମାନ ବାରମ୍ବାର ଘଟୁଥିଲେ ମଧ୍ୟ ରେଳ ବିଭାଗ ପକ୍ଷରୁ କୌଣସି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଉ ନାହିଁ। କେବଳ ଦୈନିକ ଗାଙ୍ଗ କୁଲି, ଲାଇନମ୍ୟାନ ଓ ଗେଟ୍ ମ୍ୟାନ୍ ଉପରେ ରୋଷ ଝାଡ଼ି ଉପରସ୍ଥ ଅଧିକାରୀମାନେ ନିରବରେ ଦାୟିତ୍ୱ ସାରିଦେଉଛି। ରେଳଯାତ୍ରୀମାନଙ୍କର ନିରାପତ୍ତା ପାଇଁ ସରକାର ବିଶେଷ ଧ୍ୟାନ ଦେବା ଦରକାର।

-ମହେଶ୍ୱର ନାୟକ, ଗୋଲୁଆ, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଆଜି ଏହି ଅଥିର ପବନେ ମିଶି
ସୁଦୂର ସେ ପାରୁଁ କି କାନ୍ଦେ ବଇଁଶୀ ?
ଭାସିଆସେ କେସନ ସେ ମୃଦୁ ଧ୍ୱନି
ପ୍ରତି ରେଣୁ କଣାରେ ଥରେ ଅବନୀ !

-(ବଂଶୀ ଧ୍ୱନି)
-କାଳିନ୍ଦୀ ଚରଣ ପାଣିଗ୍ରାହୀ


Reliance
Growth is Life
SMART BAZAAR
SMART SUPERSTORE
ଫେଷ୍ଟିଭାଲ ସେଲ୍
1st NOV - 15th NOV
ଫେଷ୍ଟିଭାଲ୍‌କୁ ବେଷ୍ଟିଭାଲ୍ ବନାନ୍ତୁ
ସ୍ମାର୍ଟ ବଜାର ଚାଲନ୍ତୁ
ଭୁବନେଶ୍ୱର: ଫୋରମ ମାର୍ଟ, ସତ୍ୟ ନଗର • ନେକ୍ସସ୍ ଏସପ୍ଲାନେଡ୍ ମଲ, ରସୁଲଗଡ଼ • ସିମ୍ଫୋନୀ ମଲ, ରୁଦ୍ରପୁର • ଡିଏନ୍ ରେଗାଲିଆ, ପାତ୍ରପଡ଼ା • କ୍ରିଷ୍ଣା ପ୍ଲାଜା, ନୟାପଲ୍ଲୀ • ସେଣ୍ଟ୍ରାଲ ବ୍ୟାଙ୍କ ପାଖ, ସାମନ୍ତରାପୁର • ରିଲାଏନ୍ସ ମଲ , ରେଲୱେ ଷ୍ଟେସନ ପ୍ଲାଟଫର୍ମ 1 ନିକଟ, ମାଷ୍ଟର କ୍ୟାଣ୍ଟିନ୍ • ଇସ୍କନ୍ ମନ୍ଦିର ସାମ୍ନା, ନୟାପଲ୍ଲୀ • ରିଲାଏନ୍ସ ଡିଜିଟାଲ ନିକଟ, ପଟିଆ । କଟକ : ଏନଏସ୍‌ସିବି ଆର୍କେଡ୍, ଓଲ୍ଡ ଜେଲ ରୋଡ୍, ଦରଘା ବଜାର • ମୁନିସିପାଲିଟି କାର୍ଯ୍ୟାଳୟ ପଛ ପାର୍ଶ୍ୱ, ଚୌଦ୍ୱାର • ଷ୍ଟୁଆର୍ଟ କଲେଜ ସାମ୍ନା, ବକ୍ସି ବଜାର • କିତାବମହଲ ନିକଟ, କଲେଜ ଛକ • ଇପିକଲ ସର୍କଲ ନିକଟ, ଜଗତପୁର ଯାଜପୁର ରୋଡ୍ : ଉତ୍କଳ ସେଣ୍ଟ୍ରାଲ ପଏଣ୍ଟ, ଚୋର୍ଧା ବାଇପାସ୍, କେନ୍ଦୁଝର : କେଟିଏମ୍ ମଲ୍, ମାଇନିଂ ରୋଡ୍, ସମ୍ବଲପୁର : ସିଟି ସେଣ୍ଟର, ଫାର୍ମ ରୋଡ୍, ଝାରସୁଗୁଡ଼ା : ଶାନ୍ତି ସିଟି ସେଣ୍ଟର, ସରବହାଲ ରୋଡ୍ ରାଉରକେଲା : ଶାନ୍ତି ଟାୱର, ପୁରୁଣା ଟ୍ୟାକ୍ସି ଷ୍ଟାଣ୍ଡ ନିକଟ • ଫୁଟୋନ୍ ମଲ୍, ଛେଣ୍ଡ କଲୋନୀ ନିକଟ, ଜୟପୁର : ଏସଆର୍ ସେଣ୍ଟ୍ରାଲ ମଲ, ମେନ୍ ରୋଡ୍, ପୁରୀ : ଗୁରୁ ଏମ୍ପାୟର, ଗ୍ରାଣ୍ଡ ରୋଡ୍, ଯାଜପୁର ରୋଡ୍ : ଚୋର୍ଧା ବାଇପାସ୍ ନିକଟ , ଭଦ୍ରକ : ଚାପୁଲିଆ ବାଇପାସ୍,ବାଲେଶ୍ୱର: ଷ୍ଟେସନ ରୋଡ୍ ବାରିପଦା: କେ ଏମ ବି ଏମ ରୋଡ୍ ସମ୍ବଲପୁର: ବୁଢାରାଜା ଫ୍ଲାଏ ଓଭର ନିକଟରେ ଝାରସୁଗୁଡା : ସରବାହାଲ ରୋଡ୍ ସୁନ୍ଦରଗଡ଼ : ହସ୍ପିଟାଲ ରୋଡ୍, ରାଉରକେଲା : ଫୋରମ ଗ୍ୟାଲେରିଆ ମଲ,ବରଗଡ : ପ୍ରାଇଭେଟ୍ ବସ ଷ୍ଟାଣ୍ଡ ନିକଟରେ, ବଲାଙ୍ଗୀର : ଭାଗୀରଥୀ ଛକ, ଖୋର୍ଦ୍ଧା : ନୂଆ ବସ ଷ୍ଟାଣ୍ଡ ନିକଟ,ଢେଙ୍କାନାଳ : ଦକ୍ଷିଣକାଳୀ ରୋଡ୍, ଅନୁଗୁଳ : ଦିବ୍ୟା ଜ୍ୟୋତି ଟକିଜ୍, କେନ୍ଦ୍ରାପଡା : ତିନିମୁହାଣୀ ଛକ ନିକଟ , ରାୟଗଡ଼ା : ଭି.କେ ସେଣ୍ଟ୍ରାଲ,ସିମିଳିଗୁଡ଼ା : ମେନ୍ ରୋଡ୍, ମାଲକାନଗିରି: ଏନଏଚ୍-326, କଲେକ୍ଟର ଅଫିସ୍ ନିକଟ
ସ୍ୱିଟ୍‌ସ୍
BUY ANY 1 GET ANY 1 FREE
କାଜୁ କଟ୍ଲୀ / ବର୍ଫି /ରସଗୁଲା / ଗୁଲାବ ଜାମୁନ / ମଇସୋର୍ ପ୍ୟାକ୍ / ସୋନପାପଡି / ବେସନ ଲଡୁ 200 g ଠେଇଁକି (ନିର୍ଦ୍ଦିଷ୍ଟ ପ୍ରକାରର)
(ବିକାଜୀ / ପ୍ରଭୁଜୀ / ହିଲଦୀରାମ ଚାନ୍ଦମାଲ / ସ୍ନାକଟ୍ୟାକ୍ / ଲାଲ)
MRP ₹159 ଠେଇଁକି
ଡ୍ରାଏ ଫ୍ରୁଟ୍‌ସ୍
BUY 1 GET 1 FREE
ଡ୍ରାଏ ଫ୍ରୁଟ୍‌ସ ଗିଫ୍ଟ ପ୍ୟାକ୍ 225 g
MRP ₹399 ଠେଇଁକି
₹349 / ₹369
ଗୁଡ୍ ଲାଇଫ୍ ଆଲମଣ୍ଡ / କ୍ୟାଶ୍ୟୁ (W320) 500 g
MRP ₹549 / ₹499
ସଞ୍ଚୟ ₹200 / ₹130
ହୋମ୍ ଏସେନଶିଆଲ୍‌ସ୍
₹49 ଠେଇଁକି
PHILIPS ECOLINK
MRP ₹140 ଠେଇଁକି
₹699
24 ପିସ୍ ଷ୍ଟେନଲେସ୍ ଷ୍ଟିଲ୍ ଡିନର ସେଟ୍
MRP ₹2400 ଠେଇଁକି
50% ଛାଡ଼
MRP ₹1295 ଠେଇଁକି
ସ୍ମାର୍ଟ ପ୍ରାଇସ୍ ₹648 ଠେଇଁକି
କ୍ୟାଡବରୀ ସେଲିବ୍ରେସନ୍ / ଫେରେରୋ ରୋଚର୍ ଚକୋଲେଟ୍ / ଲୋଟି / ଓରିଅନ୍ ଚୋକୋ-ପାଇ 130.9 g ଠେଇଁକି (ନିର୍ଦ୍ଦିଷ୍ଟ ରେଞ୍ଜ୍)
ପର୍ଯ୍ୟନ୍ତ 33% ଛାଡ଼
MRP ₹135 ଠେଇଁକି
ଅମୁଲ କାଜୁ କଟ୍ଲୀ 200 g / 500 g
ସଞ୍ଚୟ ₹20/ ₹50
MRP ₹190 / ₹435
ସ୍ମାର୍ଟ ପ୍ରାଇସ୍ ₹170 / ₹385
ବିସ୍କୁଟ୍- ଲାର୍ଜ ପ୍ୟାକ୍ 300 g ଠେଇଁକି (ନିର୍ଦ୍ଦିଷ୍ଟ ପ୍ରକାରର)
BUY ANY 2 GET ANY 1 FREE
MRP ₹120 ଠେଇଁକି / ୟୁନିଟ
କୋକାକୋଲା/ ସ୍ପ୍ରାଇଟ୍ / ଥମ୍ସ ଅପ୍ / ମାଜା / ପେପ୍‌ସୀ / ମିରିଣ୍ଡା 600 ml ଠେଇଁକି (ନିର୍ଦ୍ଦିଷ୍ଟ ପ୍ରକାରର)
BUY ANY 3 GET ANY 1 FREE
MRP ₹38 ଠେଇଁକି / ୟୁନିଟ
ପ୍ରଭୁଜୀ ଭୁଜିଆ 900 g
BUY 1 GET 1 FREE
MRP ₹390 ଠେଇଁକି
ଓମ୍‌ଫେଡ୍ ଘିଅ 1 ℓ
ସ୍ମାର୍ଟ ପ୍ରାଇସ୍ ₹685
MRP ₹720
ସଞ୍ଚୟ ₹35
ଫର୍ଚୁନ୍ ରିଫାଇନ୍ଡ ରାଇସ୍ ବ୍ରାନ୍ ହେଲ୍‌ଥ ତେଲ 5 ℓ + ଫର୍ଚୁନ୍ ରୋଜାନା ବାସମତି ରାଇସ୍ 5 kg
ସ୍ମାର୍ଟ ପ୍ରାଇସ୍ ₹949
MRP ₹1425
ସଞ୍ଚୟ ₹476
ଲୁଜ୍ ସ୍ୱର୍ଣ୍ଣ ରାଇସ୍ 1 kg
ସ୍ମାର୍ଟ ପ୍ରାଇସ୍ ₹39
ବଜାର ମୂଲ୍ୟ ₹46
ଫର୍ଚୁନ୍ ସଲଫରଲେସ୍ ଚିନି 5 kg
ସ୍ମାର୍ଟ ପ୍ରାଇସ୍ ₹244 (₹48.80/kg)
MRP ₹320
ସଞ୍ଚୟ ₹76
ଗୁଡ୍ ଲାଇଫ୍ କଚ୍ଚିଘାନୀ ସୋରିଷ ତେଲ 1 ℓ
ସ୍ମାର୍ଟ ପ୍ରାଇସ୍ ₹119
MRP ₹170
ସଞ୍ଚୟ ₹51
ଅନପଲିସିଡ୍ ଡାଲି ରେଞ୍ଜ୍ (ଟାଟା / ଗୁଡ୍ ଲାଇଫ୍)
BUY ANY 2 GET ANY 1 FREE
MRP ₹64 ଠେଇଁକି / ୟୁନିଟ
ଗ୍ରାସ ବ୍ରୁମ ବ୍ରୋମ ରେଗୁଲାର / XL 1 ୟୁନିଟ
50% ଛାଡ଼
MRP ₹170 / ₹250
ସ୍ମାର୍ଟ ପ୍ରାଇସ୍ ₹85 / ₹125
ପେଅର୍ସ / ଡଭ୍ / ଫିଆମା / ଲକ୍ସ / ସିନ୍ଥଲ / ଗୋଦରେଜ୍ ନଂ.1 / ସନ୍ତୁର ସୋପ୍ 125 g ଠେଇଁକି (ମଲ୍ଟି ପ୍ୟାକ୍) (ନିର୍ଦ୍ଦିଷ୍ଟ ପ୍ରକାରର)
BUY ANY 2 GET ANY 1 FREE
MRP ₹175 ଠେଇଁକି / ୟୁନିଟ
ବଡ଼ି ଲୋଶନ୍ / କ୍ରିମ୍ / ଫେସ୍ ୱାଶ୍ 100 ml ଠେଇଁକି (ନିର୍ଦ୍ଦିଷ୍ଟ ପ୍ରକାରର)
50% ଛାଡ଼
MRP ₹230 ଠେଇଁକି
ସ୍ମାର୍ଟ ପ୍ରାଇସ୍ ₹115 ଠେଇଁକି
ବ୍ୟୁଟି ଏସେନସିଆଲ୍ 0.35 ml ଠେଇଁକି (ନିର୍ଦ୍ଦିଷ୍ଟ ପ୍ରକାରର)
BUY 1 GET 1 FREE
MRP ₹99 ଠେଇଁକି
ପୂଜା ସାମଗ୍ରୀ (ଅଗରବତୀ / କର୍ପୂର / ଡ୍ରିକ୍ସ / ଧୂପ) (ନିର୍ଦ୍ଦିଷ୍ଟ ପ୍ରକାରର)
BUY 1 GET 1 FREE
MRP ₹25 ଠେଇଁକି
ଦୀପାବଳୀର ସ୍ୱାଗତ ଷ୍ଟାଇଲରେ କରନ୍ତୁ
ସ୍ମାର୍ଟ ବଜାର ଚାଲନ୍ତୁ
ମହିଳା
କୁର୍ତ୍ତା ₹299
କୁର୍ତ୍ତିବାର ₹299
ଦୁପଟ୍ଟା ₹199
ଡ୍ରେସ୍ ₹599
ପୁରୁଷ
କୁର୍ତ୍ତା ₹299
ଜ୍ୟାକେଟ୍ ₹699
ଟି-ଶାର୍ଟ୍‌ସ୍ ₹299
ଜେନିମ୍‌ସ୍ ₹599
ପିଲାମାନଙ୍କ
କୁର୍ତ୍ତା ₹349
ଲେହେଙ୍ଗା ସେଟ୍ ₹599
ଟି-ଶାର୍ଟ୍‌ସ୍ ₹149
*T & C Apply.
ଗୋଲ୍ଡ ପ୍ଲେଟେଡ୍ ପୋର୍ସେଲେନ୍ ସର୍ଭିଂ ରେଞ୍ଜ
ସ୍ମାର୍ଟ ପ୍ରାଇସ୍ ₹499 ଠେଇଁକି
MRP ₹998 ଠେଇଁକି
TRIDENT Raymond Home
ଡବଲ୍ ବେଡ୍‌ସିଟ୍ ପିଲୋ କଭର ସହିତ (144 TC)
ସ୍ମାର୍ଟ ପ୍ରାଇସ୍ ₹737
Offer valid till 12th November 2023
MRP ₹2699
3 ପିସ୍ ହାର୍ଡ ଟ୍ରଲି ସେଟ୍
*ଆଣ୍ଟି ଥେଫ୍ଟ ଜିପର୍ ସହିତ । *7 ବର୍ଷ ୱାରେଣ୍ଟି
ସ୍ମାର୍ଟ ପ୍ରାଇସ୍ ₹5999
MRP ₹22000
BERGNER
ମାଷ୍ଟରପ୍ରୋ ଏୟାର ଫ୍ରାୟର 4.2 ℓ
ସ୍ମାର୍ଟ ପ୍ରାଇସ୍ ₹4999
*8 ପ୍ରିସେଟ୍ ମେନୁ
MRP ₹16990
ଅଫର୍‌ସ ଏଠାରେ ମଧ୍ୟ ଉପଲବ୍ଧ ଅଛି
fresh Signature
AXIS BANK
dil se open CELEBRATIONS
10% Instant Discount
On Min. Txn of ₹3000/- on Axis Bank Credit Cards | Max Discount up to ₹500/-
Valid Once Per Card | Offer Valid From 9th Nov to 15th Nov 2023
ICICI Bank
10% Instant Discount*
On Credit Cards | Min. Transaction of ₹3,000/- | Max Discount up to ₹500/-
Valid From 9th to 18th November 2023 | Valid Once per Card
ଆପଣଙ୍କ ନିକଟତମ ଷ୍ଟୋର୍ ବିଷୟରେ ଜାଣିବା ପାଇଁ ସ୍କାନ୍ କରନ୍ତୁ
ସର୍ତ୍ତ ଓ ନିୟମାବଳୀ ଲାଗୁ । ଅଫର୍ ଷ୍ଟକ୍ ଶେଷ ପର୍ଯ୍ୟନ୍ତ ବୈଧ । ସମସ୍ତ ଅଫର୍ ବିନା ବିଜ୍ଞପ୍ତିରେ ପରିବର୍ତ୍ତନଶୀଳ ଅଟେ । ପ୍ରଦର୍ଶିତ ଦ୍ରବ୍ୟର ଚିତ୍ର / ଫଟୋଗ୍ରାଫ୍ କେବଳ ଉପସ୍ଥାପନ ଉଦ୍ଦେଶ୍ୟ ପାଇଁ । ହୋମୱେୟାର ଏବଂ ଆପାରେଲ୍‌ସ ଅଫର୍ କେବଳ ସ୍ମାର୍ଟ ବଜାର ଏବଂ ସ୍ମାର୍ଟ ସୁପରଷ୍ଟୋର୍‌ରେ ବୈଧ ଅଟେ । ସମସ୍ତ ଉତ୍ପାଦର ଏମ୍‌ଆର୍‌ପିରେ ସମସ୍ତ ଟିକସ ସାମିଲ ଅଟେ । ରିହାତି ପ୍ରତିଶତକୁ ଅଫର୍ ପ୍ରାଇସ୍‌ର ନିକଟତମ ପ୍ରତିଶତକୁ ପୂର୍ଣ୍ଣାଙ୍କିତ କରାଯିବ। ସମସ୍ତ ଅନ୍ୟ ଅଫର୍ସ 15 ନଭେମ୍ବର 2023 ପର୍ଯ୍ୟନ୍ତ ବୈଧ ଅଟେ । ସମସ୍ତ ବିବାଦ କେବଳ ମୁମ୍ବାଇରେ କୋର୍ଟର ସ୍ୱତନ୍ତ୍ର ଅଧିକାର ଅଧୀନ ଅଟେ ।

# କାମ ନ ସରୁଣୁ ପାଚେରିରେ ଫାଟ

ଯାଜପୁର,୧୦।୧୧(ହର୍ଷବର୍ଦ୍ଧନ ବେହେରା)

■ ନିମ୍ନମାନର କାର୍ଯ୍ୟ, ଦୁର୍ବଳ ସାମଗ୍ରୀ ବ୍ୟବହାର
■ ଡିଏମ୍‌ଏଫ୍ ପାଣ୍ଠିକୁ ଚଳୁ କରିବାକୁ ଚକ୍ରାନ୍ତ
■ ବ୍ୟାସ ସରୋବର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ



ବ୍ୟାସ ସରୋବର ସୌନ୍ଦର୍ଯ୍ୟକରଣ ପାଚେରି ଫାଟି ଯାଇଛି।

ସହରବାସୀଙ୍କ ଦାବି, ଆନ୍ଦୋଳନ ପରେ ଦୀର୍ଘ ବର୍ଷ ଧରି ଅବହେଳିତ ହୋଇ ପଡ଼ିରହିଥିବା ବ୍ୟାସ ସରୋବର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଚାଲିଛି। ଜଙ୍ଗଲ ଜମିରେ ଏହା ଚାଲିଥିବା ଅଭିଯୋଗ କରି ଏନ୍‌ଜିଟି(ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ)ରେ ମାମଲା ରୁଜୁ ହେବା ପରେ ପ୍ରାୟ ୧ ବର୍ଷ ଧରି କାର୍ଯ୍ୟ ସାମାନ୍ୟ ବ୍ୟାହତ ହୋଇଥିଲା। ବର୍ତ୍ତମାନ ବିଭିନ୍ନ ନିର୍ମାଣ କାର୍ଯ୍ୟ ଜୋରସୋରରେ ଚାଲିଥିବାବେଳେ ଅତି ଦୁର୍ବଳ ଏବଂ ନିମ୍ନମାନର ସାମଗ୍ରୀ ବ୍ୟବହାର ହେଉଥିବା ଦେଖିବାକୁ ମିଳିଛି। ଏହାର ନିର୍ମାଣ କାର୍ଯ୍ୟ ନ ସରୁଣୁ ପାଚେରିରେ ବଡ଼ ଫାଟ ସୃଷ୍ଟି ହୋଇ ଗଳିପଡ଼ିବା ଆଶଙ୍କା ସୃଷ୍ଟି ହୋଇଛି। ଏହାସହ ରାସ୍ତା ସମ୍ପ୍ରସାରଣ, ଗମ୍ବୁଜ ନିର୍ମାଣ, ଷ୍ଟେନ୍‌ଲେସ୍ ଷ୍ଟିଲ୍ ପାଇପ୍ ବଦଳରେ ନିମ୍ନମାନର କଳଙ୍କ ଲାଗିଥିବା ଲୁହା ପାଇପ୍ ବ୍ୟବହାର ଇତ୍ୟାଦି କାର୍ଯ୍ୟରେ ବ୍ୟାପକ ଅନିୟମିତତା ହେଉଥିବା ଚର୍ଚ୍ଚା ହେଉଛି। ଫଳରେ ଜିଲା ଖଣିଜ ପ୍ରତିଷ୍ଠାନ (ଡିଏମ୍‌ଏଫ୍) ପାଣ୍ଠିରୁ ଆବଣ୍ଟିତ ପ୍ରାୟ ୬୪ କୋଟି ଟଙ୍କାର ସିଂହଭାଗ ଅର୍ଥ ବାଟମାରଣା ହେଉଛି ବୋଲି ସହରବାସୀ ଅଭିଯୋଗ ଆଣିଛନ୍ତି। ଏହାସହ ଏହି ହରିଲୁଟରେ ଜିଲା ପ୍ରଶାସନର କେତେଜଣ ଦୁର୍ନୀତିଗ୍ରସ୍ତ ଅଧିକାରୀ ଏବଂ ଠିକାସଂସ୍ଥା କ୍ରିଷ୍ଣା ବିଲ୍ଡର ମଧ୍ୟରେ ଅସାଧୁ ସମ୍ପର୍କ ରହିଥିବା ମତପ୍ରକାଶ ପାଇଛି। ଏହିକ୍ରମରେ ବ୍ୟାସ ସରୋବରର ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ଉଚ୍ଚସ୍ତରୀୟ ବୈଷୟିକ ତଦନ୍ତ କରାଗଲେ ସତ ଲୋକଲୋଚନକୁ ଆସିପାରନ୍ତା ବୋଲି ଦାବି ଉଠିଛି।

ମହାଭାରତର କିମ୍ବଦନ୍ତୀ ବହନ କରୁଥିବା ବ୍ୟାସ ସରୋବର ପର୍ଯ୍ୟଟକଙ୍କୁ ବିଶେଷ ଭାବେ ଆକୃଷ୍ଟ କରିଥାଏ। ଏଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ସହ ମା' ଲକ୍ଷ୍ମୀଙ୍କ ଗୁପ୍ତଗଙ୍ଗା, ବ୍ୟାସଦେବ ଏବଂ ରାଘୁଜୀ ଗୋସାଇଁଙ୍କୁ ପୂଜା କରିବା ଉଦ୍ଦେଶ୍ୟରେ ରାଜ୍ୟ ତଥା ରାଜ୍ୟ ବାହାରୁ ବାର୍ଷିକ ପ୍ରାୟ ୭ ଲକ୍ଷ ଭକ୍ତ ବୁଲିବାକୁ ଆସିଥାନ୍ତି। ଯାଜପୁର-କେନ୍ଦୁଝର ରୋଡ୍ ରେଳଷ୍ଟେଶନଠାରୁ ମାତ୍ର ୩ କିମି ଦୂରରେ ରହିଛି ଏହି ପୌରାଣିକ ପୀଠ। ଗତ ପ୍ରାୟ ୩ ବର୍ଷ ହେବ ଡିଏମ୍‌ଏଫ୍ ପାଣ୍ଠିରୁ ଏହି ପର୍ଯ୍ୟଟନସ୍ଥଳୀର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ହାତକୁ ନିଆଯାଇଛି। ଏଥିରେ ମନ୍ଦିର, ଶିଶୁ ଉଦ୍ୟାନ, ବୋଟିଂ, ନର୍ସରୀ, ବ୍ୟାସଦେବ ମୂର୍ତ୍ତି, ହସ୍ତିନାପୁର, ଭଗବାନ କୃଷ୍ଣ, ପାଣ୍ଡବ ଓ କୌରବ, ଦ୍ରୌପଦୀ, ଚକ୍ରବ୍ୟୂହ, ମାଛଆଖି, ଭୀଷ୍ମଙ୍କ ଶରଶଯ୍ୟା, ବିଶ୍ୱରୂପ ଇତ୍ୟାଦି ନିର୍ମାଣ କରିବାକୁ ଯୋଜନା ରହିଛି। ପ୍ରାୟ ୫୦ ଏକର ଜମିର ଚତୁଃପାର୍ଶ୍ୱରେ ପାଚେରି ନିର୍ମାଣ କରାଯାଇ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଚାଲିଛି। ତେବେ ପାଚେରି ନିର୍ମାଣ ସମୟରେ ଅନେକ ଅନିୟମିତତା ହୋଇଥିବା ଦେଖିବାକୁ ମିଳିଛି। ଏଥିରେ ୬ ଫୁଟ ଗାତ ଖୋଳି ପିଲର ସହ ତଳ ଅଂଶରେ କଂକ୍ରିଟ କରାଯାଉଥିବାବେଳେ ମଝି ପ୍ରାୟ ୩ ଫୁଟ ଇଟା ଯୋଡ଼ାଯାଇଛି। ସେଠାରୁ ମାଟି ଉପରସ୍ତର ପର୍ଯ୍ୟନ୍ତ ପୁଣି କଂକ୍ରିଟ ହୋଇଛି। ଖୋଳା ଗାତରେ ବାଲି ସ୍ଥାନରେ ମାଟି ଓ ମୋରମ ପୋତାଯାଇଛି। ଏହାସହ ଅତି ନିମ୍ନମାନର ଇଟା ସମେତ ଆବଶ୍ୟକ ନିର୍ମାଣ ସାମଗ୍ରୀ ବ୍ୟବହାର ହୋଇନାହିଁ। ଫଳରେ ବାଲି ଗଦାର ବୋଝକୁ ବି ସହି ନ ପାରି ଉକ୍ତ ପାଚେରିଟି ଭାଙ୍ଗି ଯାଇଥିବା ସ୍ପଷ୍ଟ ଭାବେ ଦେଖିବାକୁ ମିଳିଛି। ଠିକାସଂସ୍ଥା କର୍ତ୍ତୃପକ୍ଷଙ୍କ କହିବା ଅନୁସାରେ ଅତି ପୁରୁଣା ଭଙ୍ଗା ଗମ୍ବୁଜଗୁଡ଼ିକୁ ମରାମତି କରି ସେଥିରେ ରଙ୍ଗ ଲଗାଇ ଛାଡି ଦିଆଯିବ। ସେହି ଗମ୍ବୁଜଗୁଡ଼ିକର ପ୍ରାୟ ସମସ୍ତ ଭାଗରେ ଫାଟ ସୃଷ୍ଟି ହୋଇ ଲୁହା ରଡ ଦେଖିବାକୁ ମିଳୁଛି। ତେଣୁ ସେଗୁଡ଼ିକୁ ଭାଙ୍ଗି ନୂଆ ଭାବେ ନିର୍ମାଣ ନ କଲେ ଖୁବ କମ୍ ଦିନରେ ଭୁଶୁଡିପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି। ଠିକାସଂସ୍ଥାର ଲାଭଖୋର ମନୋବୃତ୍ତିକୁ ନିୟନ୍ତ୍ରଣ କରା ନ ଗଲେ ଯେନତେନ ପ୍ରକାରେ କାର୍ଯ୍ୟ ଶେଷ କରି ଫେରାର ହୋଇଯିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

ଏ ସଂକ୍ରାନ୍ତରେ ଠିକାସଂସ୍ଥା କ୍ରିଷ୍ଣା ବିଲଡର୍ସର ମ୍ୟାନେଜର ଜୟବୀରଙ୍କୁ ପଚାରିବାରୁ ସେ କହିଛନ୍ତି, ବାଲି ଗଦା ଯୋଗୁ ପାଚେରିରେ ଫାଟ ସୃଷ୍ଟି ହୋଇଛି। ତାହାର ପୁନଃ ମରାମତି କରାଯାଇ ସୁଦୃଢ଼ କରାଯିବ। ଅନ୍ୟପକ୍ଷେ ସମସ୍ତ କାର୍ଯ୍ୟ ଠିକ୍ ଭାବେ ଚାଲିଛି।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ମୋନାଲିସା



@ ପଞ୍ଚାନନ



@ ବିଭୂତି



@ ବିମଳ



@ ଜଗନ୍ନାଥ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପରିବେଶ ଅନୁକୂଳ ଦୀପ, ଟେରାକୋଟା ସାମଗ୍ରୀ

## ଦୀପାବଳି ପାଇଁ ଟାଟାଷ୍ଟିଲ ଫାଉଣ୍ଡେଶନ ସହାୟତାରେ ପ୍ରସ୍ତୁତ କରିଛନ୍ତି ଏସ୍‌ଏଚ୍‌ଜି ମହିଳା



ମହିଳାମାନେ ଦୀପ ଓ ଟେରାକୋଟା ସାମଗ୍ରୀ ପ୍ରସ୍ତୁତ କରୁଛନ୍ତି।

କଳିଙ୍ଗନଗର,୧୦।୧୧(ଶୁଭାଶିଷ ରାଉତ)

ସୁକିନ୍ଦା ବ୍ଲକ ଅନ୍ତର୍ଗତ ସାନ୍ତରାପୁର ଗ୍ରାମର ମହିଳା କାରିଗରମାନେ ପରିବେଶ ଅନୁକୂଳ ଦୀପାବଳି ପାଳନ ପାଇଁ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରିଛନ୍ତି। ଆଲୋକର ପର୍ବକୁ ସମ୍ପୂର୍ଣ୍ଣ ପରିବେଶ ଅନୁକୂଳ ଢଙ୍ଗରେ ପାଳନ କରିବାରେ ସାହାଯ୍ୟ କରିବା ପାଇଁ ସେମାନେ ଦୀପ ଏବଂ ଟେରାକୋଟାର ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରୁଛନ୍ତି।

ଟେରାକୋଟା କାରିଗରି ପାଇଁ ଜଣାଶୁଣା ଯାଜପୁର ଜିଲା ରସୁଲପୁର ବ୍ଲକ ଗୋପାଳପୁର ଗ୍ରାମର ପ୍ରଥରିଖେଣ୍ଡି ଅଞ୍ଚଳକୁ ଦିନିକିଆ ଗସ୍ତରେ ଯାଇ ଅମ୍ବୋଲବା ପଞ୍ଚାୟତ ସାନ୍ତରାପୁର ଗ୍ରାମର ଜୟ ମା'ଦୁର୍ଗା ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି) ସଦସ୍ୟା ଓ ଜନନୀ କ୍ଲଷ୍ଟର ଲେଭେଲ ଫେଡେରେଶନ(ସିଏଲ୍‌ଏଫ୍)ର ୧୦ ସଦସ୍ୟା ଏହି ନୂତନ କୌଶଳ ହାସଲ କରିଥିଲେ। ସେମାନଙ୍କ ଏହି ଗସ୍ତ ୨୦୨୩ ଅକ୍ଟୋବର ୩୧ରେ ଟାଟା ଷ୍ଟିଲ ଫାଉଣ୍ଡେଶନ ସହାୟତାରେ ଆୟୋଜନ କରାଯାଇଥିଲା। ଦିନିକିଆ ଗସ୍ତ ଅବସରରେ ହସ୍ତତନ୍ତ ବିଭାଗର ମାଷ୍ଟର କାରିଗର ନରେନ୍ଦ୍ର ରଣା ସେମାନଙ୍କୁ ଟେରାକୋଟା ଉତ୍ପାଦର ବିଭିନ୍ନ ପଦକ୍ଷେପ ସମ୍ପର୍କରେ ପ୍ରଶିକ୍ଷଣ ଦେବା ସହ ବଜାର ଚାହିଦା ସମ୍ପର୍କରେ ସୂଚନା ଦେଇଥିଲେ। କାରିଗରମାନେ ସ୍ଥାନୀୟ ମାଟି ଓ ରଙ୍ଗ ବ୍ୟବହାର କରି ଦୀପ, କଳସ ପାତ୍ର ଓ ଅନ୍ୟାନ୍ୟ ଟେରାକୋଟା ସାମଗ୍ରୀ ପ୍ରସ୍ତୁତ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ତିଆରି ହୋଇଥିବା ୩୦୦୦ ଦୀପ ମଧ୍ୟରୁ ଅଧାରୁ ଅଧିକ ବିକ୍ରି ହୋଇଥିବା ଜଣାପଡିଛି। ଦୀପ ଏବଂ ଅନ୍ୟାନ୍ୟ ସାଜସଜ୍ଜା ସାମଗ୍ରୀ ମଧ୍ୟ ସମ୍ପୂର୍ଣ୍ଣ ଜୈବ-ଅବକ୍ଷୟଯୋଗ୍ୟ, ସୁଲଭ, ଅତ୍ୟନ୍ତ ହାଲୁକା ଏବଂ ସ୍ଥାୟୀ। ଏହା ଗ୍ରାହକଙ୍କ ମଧ୍ୟରେ ବେଶ ପସନ୍ଦ ହୋଇପାରିଛି।

# ଦର୍ପଣଗଡ଼ ଫେରିଲା ମା' କୋଟ୍ରାକ୍ଷୀଙ୍କ ମୂର୍ତ୍ତି

ଚଣ୍ଡିଖୋଲ,୧୦।୧୧(ପ୍ରଦୀପ୍ତ କୁମାର ପୃଷ୍ଟି)

■ ୨୦୨୧ ଜାନୁୟାରୀରେ ଚୋରି ହୋଇଥିଲା
■ ୨୦୨୨ ନଭେମ୍ବରରେ ଦିଲ୍ଲୀ ବିମାନ ବନ୍ଦରରେ ଧରା ପଡ଼ିଥିଲା



ଦୀର୍ଘ ୨ ବର୍ଷ ୧୦ ମାସର ପ୍ରତୀକ୍ଷା ପରେ ଶୁକ୍ରବାର ମା'କୋଟ୍ରାକ୍ଷୀଙ୍କ ମୂର୍ତ୍ତି ଯାଜପୁର ଜିଲା ବଡ଼ଚଣା ଥାନା ଅନ୍ତର୍ଗତ ଦର୍ପଣଗଡ଼ ଗ୍ରାମକୁ ଫେରିଛି। ଏହାପରେ ଗ୍ରାମରେ ଆନନ୍ଦର ଲହରି ଖେଳିଯାଇଛି। ଗୁରୁବାର ଦିଲ୍ଲୀରେ ମା'ଙ୍କ ମୂର୍ତ୍ତିକୁ ହସ୍ତାନ୍ତର ପରେ ଯାଜପୁର ପୋଲିସ ଓ ଦର୍ପଣ ସରପଞ୍ଚଙ୍କ ନେତୃତ୍ୱରେ ଯାଇଥିବା ଟିମ୍ ମୂର୍ତ୍ତି ଧରି ଫେରିଛନ୍ତି। ସେମାନେ ଶୁକ୍ରବାର ଭୁବନେଶ୍ୱର ବିମାନ ବନ୍ଦରରେ ଓହ୍ଲାଇ ବଡ଼ଚଣା ଥାନାକୁ ଆସିଥିଲେ। ଥାନାରେ ପୋଲିସ ଗ୍ରାମବାସୀଙ୍କୁ ମୂର୍ତ୍ତି ହସ୍ତାନ୍ତର କରିଥିଲା। ପରେ ସେଠାରୁ ଏକ ଶୋଭାଯାତ୍ରାରେ ମା'ଙ୍କୁ ଦର୍ପଣ ଗ୍ରାମକୁ ନିଆଯାଇଥିଲା। ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ଜିଲା ପରିଷଦ ଉପସଭାପତି ଗଣେଶ୍ୱର ବରାଳ, ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ଯତୀନ୍ଦ୍ର କୁମାର ନାୟକ, ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତି ସେନାପତି ପ୍ରମୁଖ ବଡ଼ଚଣା ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ରଙ୍କଠାରୁ ମୂର୍ତ୍ତିକୁ ଗ୍ରହଣ କରିଥିଲେ। ପରେ ସେଠାରୁ ବାଜା, ବାଣ ଓ ରୋଶଣି କରାଯାଇ ମୂର୍ତ୍ତି ଅଣାଯାଇଥିଲା। ଏଥିରେ ବହୁ କୀର୍ତ୍ତନମଣ୍ଡଳୀ ମଧ୍ୟ ସାମିଲ ହୋଇଥିଲେ। ହଜାରହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ବିରାଟ ଶୋଭାଯାତ୍ରାରେ ମା'ଙ୍କ ମୂର୍ତ୍ତିକୁ ନେଇ ଗ୍ରାମ ପରିକ୍ରମା କରାଇ ମନ୍ଦିରକୁ ନେଇଥିଲେ।

୨୦୨୧ ଜାନୁୟାରୀ ୧୦ରେ ଦର୍ପଣ ଗଡ଼ ଗ୍ରାମର ଗ୍ରାମଦେବତୀ ମା' କୋଟ୍ରାକ୍ଷୀଙ୍କ ଅଷ୍ଟଧାତୁ ନିର୍ମିତ ମୂର୍ତ୍ତି ଚୋରି ହୋଇଯାଇଥିଲା। ବହୁ ପ୍ରଚେଷ୍ଟା ସତ୍ତ୍ୱେ ବଡ଼ଚଣା ପୋଲିସ ମୂର୍ତ୍ତିଠାବ କରିବାରେ ବିଫଳ ହୋଇଥିଲା। ୨୦୨୨ ନଭେମ୍ବରରେ ମୂର୍ତ୍ତିଟି ଦିଲ୍ଲୀ ବିମାନ ବନ୍ଦରରେ ଧରା ପଡ଼ିଥିଲା। କଷ୍ଟମ ବିଭାଗ ପକ୍ଷରୁ ଏ ସମ୍ପର୍କରେ ଯାଜପୁର ପୋଲିସକୁ ସୂଚନା ଦିଆଯାଇଥିଲା। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉଦ୍ୟମକ୍ରମେ ମୂର୍ତ୍ତି ଫେରିଥିବା ସୂଚନା ମିଳିଛି।

# ବନ୍ଧୁକ ଦେଖାଇ ଦାଦାବଟି ଆଦାୟ, ଯୁବକ ଗିରଫ

କଳିଙ୍ଗନଗର,୧୦।୧୧(ଶୁଭାଶିଷ ରାଉତ)

ବନ୍ଧୁକ ଦେଖାଇ ଡୁବୁରୀ-ନରଣପୁର ରାସ୍ତାରେ ଦାଦାବଟି ଆଦାୟ କରୁଥିବା ଜଣେ ଯୁବକଙ୍କୁ ଟମକା ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ କଳିଙ୍ଗନଗର ଥାନା ବାଲିଆପାଳ ଗ୍ରାମର ଅନାଦି ମହାନ୍ତ। ଅନାଦି ଏକ ଗାଡିରେ ଆସି ଟ୍ରକ୍ ଅଟକାଇ ବଟି ଆଦାୟ କରୁଥିଲେ। ଟମକା ପୋଲିସ ଖବର ପାଇ ଫୁଲଝର ନିକଟରେ ଚଢ଼ାଉ କରି ତାଙ୍କଠାରୁ ନଗଦ ୧୫୦୦ ଟଙ୍କା, ଏକ ଲୁହା ଛଡ଼ ଓ ଏକ ଖେଳଣା ବନ୍ଧୁକ ଜବତ କରିବା ସହ ତାଙ୍କୁ ଗିରଫ କରିଥିଲା। ଏନେଇ ଥାନାରେ ନମ୍ବର ୧୩୭/୨୩ ରୁଜୁ ହୋଇଛି।

# ଅଭିଯୁକ୍ତଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡ

## ନାବାଳିକାକୁ ଅପହରଣ ପରେ ବଳାତ୍କାର ମାମଲା

ଯାଜପୁର ଟାଉନ,୧୦।୧୧
(ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି)

ଜଣେ ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର ମାମଲାର ଶୁକ୍ରବାର ରାୟ ପ୍ରକାଶ ପାଇଛି। ଯାଜପୁର ଆଡ୍‌ହକ୍ ଫାଷ୍ଟଟ୍ରାକ୍ ପୋକ୍ସୋ କୋର୍ଟର ବିଚାରପତି ଶରତ ଚନ୍ଦ୍ର ଦେହୁରି ମାମଲାର ବିଚାର କରି ଅଭିଯୁକ୍ତ ଅଭିଯୁକ୍ତ ଜନକ ଗ୍ରାମର ହିମାଂଶୁ ସାହୁଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହିତ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟରେ ଅଧିକ ୬ମାସ ଜେଲ ଦଣ୍ଡାଦେଶ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ପୀଡ଼ିତା ନାବାଳିକାଙ୍କୁ କ୍ଷତିପୂରଣ ବାବଦକୁ ୭ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ଜିଲା ଆଇନ ସହାୟତା ପ୍ରାଧିକରଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ୨୦୧୯ ଜାନୁୟାରୀ ୩ ଅପରାହ୍ନରେ ବାଲିଚନ୍ଦ୍ରପୁର ଅଞ୍ଚଳର ୧୭ ବର୍ଷୀୟା ନାବାଳିକା ତା'ଙ୍କ ସାଙ୍ଗ ଘରକୁ ଯାଉଛି ବୋଲି ମା'ଙ୍କୁ ଜଣାଇଥିଲେ। ହେଲେ ଅନେକ ସମୟ ପରେ ଘରକୁ ନ ଫେରିବାରୁ ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ନ ପାଇବାରୁ ଶେଷରେ ବାଲିଚନ୍ଦ୍ରପୁର ଥାନାରେ ତାଙ୍କ ବାପା ଏକ ଲିଖିତ ଏତଲା ଦାଏର କରିଥିଲେ। ଏତଲାକୁ ଭିତ୍ତିକରି ବାଲିଚନ୍ଦ୍ରପୁର ପୋଲିସ ତଦନ୍ତ ଜାରି ରଖିଥିବାବେଳେ ନାବାଳିକାଙ୍କୁ ଭୁବନେଶ୍ୱର ରେଳଷ୍ଟେଶନ୍‌ରୁ ଉଦ୍ଧାର କରିଥିଲା। ପରେ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ନାବାଳିକାଙ୍କୁ ଅଭିଯୁକ୍ତ ଅପହରଣ କରି ପ୍ରଥମେ ଘଟଗାଁ, ଭୁବନେଶ୍ୱର ଓ ପରେ ହାଇଦ୍ରାବାଦ୍‌ରେ ନେଇ ଚାକିରି କରାଇଦେବାର ଲୋଭ ଦେଖାଇ ବିଭିନ୍ନ ସମୟରେ ବଳାତ୍କାର କରିଥିଲେ। ଅଭିଯୁକ୍ତ ଜଣକ ନାବାଳିକାଙ୍କ ସମ୍ପର୍କୀୟ ଦାଦା ବୋଲି ଜଣାପଡ଼ିଥିଲା। ପୋଲିସ ଏକ ମାମଲା ନମ୍ବର ୪/୨୦୧୯ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା। ମାମଲାର ଚୂଡ଼ାନ୍ତ ଶୁଣାଣି କରି ୧୨ଜଣ ସାକ୍ଷୀଙ୍କ ସାକ୍ଷ୍ୟକୁ ଭିତ୍ତିକରି ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି। ମାମଲାକୁ ସରକାରୀ ଓକିଲ ଶୈଳେନ୍ଦ୍ର ସାମଲ ପରିଚାଳନା କରିଥିଲେ।

## କାଳୀପୂଜା ପାଇଁ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ

# ଶୃଙ୍ଖଳିତ ଦର୍ଶନକୁ ଗୁରୁତ୍ୱ

ଯାଜପୁରରୋଡ୍,୧୦।୧୧(ପବିତ୍ର ରଞ୍ଜନ ମହାନ୍ତି)



ବୈଠକରେ ଯୋଗଦେଇଥିବା ଅଧିକାରୀମାନେ।

ଯାଜପୁର ଜିଲା ବ୍ୟାସନଗର ସହରରେ କାଳୀପୂଜା ଏକ ଗଣ ପର୍ବରେ ପରିଣତ ହୋଇଛି। ୧୨ତାରିଖଠାରୁ ଅନୁଷ୍ଠିତ ହେଉଥିବା ଏହି ପୂଜା ୧୦ ଦିନଧରି ପାଳିତ ହେବ। ୨୨ ତାରିଖରେ ୨୬ତମ ମେଳଣ ଉତ୍ସବ ଅନୁଷ୍ଠିତ ହେବ। ପୂଜାକୁ ସହରରେ ଶାନ୍ତି ଶୃଙ୍ଖଳା ସହ ପାଳନ କରିବା ପାଇଁ ପ୍ରଶାସନ ପକ୍ଷରୁ ଶୁକ୍ରବାର କେଏନ୍‌ଡିଏ ସେଲିବ୍ରେଶନ ମଣ୍ଡପ ସଭାଗୃହରେ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସାଲଭାରିୟସ ଟପ୍ପୋ, ବ୍ୟାସନଗର ତହସିଲଦାର ଦେବାଶିଷ ରାଉତ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ତରୁଣ କୁମାର ମହାପାତ୍ର, ଥାନା ଅଧିକାରୀ ଉପେନ୍ଦ୍ର କୁମାର ପ୍ରଧାନ ଓ ଅଗ୍ନିଶମ ଅଧିକାରୀ ତାପସ କୁମାର ମନ୍ତ୍ରୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇ ଶୃଙ୍ଖଳିତ ଦର୍ଶନକୁ ଗୁରୁତ୍ୱ ଦେଇଥିଲେ।

ଏହି ଗଣପର୍ବକୁ ଶାନ୍ତି ଶୃଙ୍ଖଳାର ସହ ପାଳନକରିବାକୁ ପ୍ରଶାସନିକ ଅଧିକାରୀମାନେ ପୂଜା କମିଟି ଓ ସହରବାସୀଙ୍କ ସହଯୋଗ କାମନା କରିଥିଲେ। ୧୬ ମଣ୍ଡପ ମଧ୍ୟରୁ ୧୩ ମଣ୍ଡପର ସଭାପତି ସମ୍ପାଦକ ଯୋଗଦେଇଥିବା ବେଳେ ଧଳଗିରି ମନ୍ଦିର କମିଟି, ଚାନ୍ଦମା ଓ କୋପଣ୍ଡ କମିଟିର କୌଣସି ସଦସ୍ୟ ଯୋଗ ଦେଇ ନ ଥିବା ଦେଖିବକୁ ମିଳିଥିଲା। ୧୫ ମଣ୍ଡପରେ ମୂର୍ତ୍ତି ପୂଜା ପାଉଥିବା ବେଳେ ଧଳଗିରିରେ ମା'ଙ୍କ ମନ୍ଦିର ପ୍ରତିଷ୍ଠା କରାଯାଇ ପୀଠ ଦେବୀ ଭାବେ ପୂଜା କରାଯାଉଛି। ସମସ୍ତ ପୂଜା ମଣ୍ଡପରେ ପରିମଳ ବ୍ୟବସ୍ଥାକୁ ଗୁରୁତ୍ୱ ଦେବାସହ ସହରର ଷ୍ଟ୍ରିଟ ଲାଇଟ ଓ ବିଭିନ୍ନ ମଣ୍ଡପ ନିକଟରେ ଖୋଲାମେଲାରେ ଥିବା ଡ୍ରେନ ଉପରେ ସିମେଣ୍ଟ ଘୋଡଣି ପକାଇବାକୁ ପୌର କର୍ତ୍ତୃପକ୍ଷଙ୍କୁ ଅତିରିକ୍ତ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ପୂଜା ସମୟରେ ୨୪ ଘଣ୍ଟିଆ ବିଦ୍ୟୁତ୍, ପାନୀୟ ଜଳ ସେବା ଯୋଗାଇଦେବାକୁ ବିଭାଗୀୟ ଅଧିକାରୀଙ୍କୁ ତାଗିଦ କରାଯାଇଥିଲା। ଜନସାଧାରଣଙ୍କୁ ଶୃଙ୍ଖଳିତ ଦର୍ଶନ ପାଇଁ ପୋଲିସ ବ୍ୟବସ୍ଥା ସହ ସହରର ଟ୍ରାଫିକ ବ୍ୟବସ୍ଥାକୁ କଡାକଡି କରାଯାଇ ଥିବା ଥାନା ଅଧିକାରୀ ସୂଚନା ଦେଇଥିଲେ।

■ ଟ୍ରାଫିକ ବ୍ୟବସ୍ଥା କଡ଼ାକଡ଼ି
■ ଶିଳ୍ପାଞ୍ଚଳ ବସଗୁଡ଼ିକ ସହରରେ ପ୍ରବେଶ ଉପରେ କଟକଣା

୨୨ତାରିଖ ଦିବା ୨ ଘଟିକାରେ ମେଢ଼ ଗୁଡିକ ପ୍ରଶାସନ ନିର୍ଦ୍ଧାରଣ କରିଥିବା ସମୟ ଅନୁଯାୟୀ ସ୍ଥାନୀୟ ଗୋପବନ୍ଧୁ ଛକ ନିକଟରେ ପହଞ୍ଚିବାକୁ ନିଷ୍ପତ୍ତି ହୋଇଛି। ସେଠାରୁ ଶୋଭାଯାତ୍ରାରେ ବାହାରି ରାତ୍ର ୯ ଘଟିକା ସୁଦ୍ଧା ସ୍ଥାନୀୟ ଚୋରଦା ମେଳଣ ପଡିଆରେ ମେଢ଼ ଗୁଡିକ ପହଞ୍ଚିବ। ରାତ୍ର ୧୧ ଘଟିକା ସୁଦ୍ଧା ଫାୟାର ଷ୍ଟେଶନ ନିକଟ ଜଳାଶୟରେ ମୂର୍ତ୍ତି ବିସର୍ଜନ କରିବାକୁ ପ୍ରଶାସନିକ ନିଷ୍ପତ୍ତି ହୋଇଛି। ୧୨ତାରିଖ ମଧ୍ୟାହ୍ନ ୧୨ ଘଟିକାଠାରୁ ରାତ୍ର ୧୧ ଘଟିକା ପର୍ଯ୍ୟନ୍ତ ସହର ମଧ୍ୟରେ ଭାରି ଯାନ ଚଳାଚଳ ବନ୍ଦ ରହିବା ସହ ଲୋକଙ୍କ ସୁରକ୍ଷା ପାଇଁ ଟ୍ରାଫିକ ନିୟମକୁ କଡାକ କରାଯାଇଛି। କଳିଙ୍ଗନଗର ଶିଳ୍ପାଞ୍ଚଳ ବସ ଓ ଯାତ୍ରୀବାହୀ ବସଗୁଡିକ ସହର ମଧ୍ୟରେ ପ୍ରବେଶ ଉପରେ କଟକଣା ଲାଗୁ କରାଯାଇଛି। ସେମାନଙ୍କ ଯାତାୟତ ପାଇଁ ସ୍ୱତନ୍ତ୍ର ରୁଟ ବ୍ୟବସ୍ଥା କରାଯାଇଛି। କୌଣସି କାରଣ ନେଇ ବୈଠକରେ ଶାନ୍ତି କମିଟି ସଦସ୍ୟ ଯୋଗଦେଇ ନ ଥିବା ଦେଖିବାକୁ ମିଳିଥିଲା। ଫଳରେ ପୂଜାକାମିଟି ଓ ପ୍ରଶାସନ ମଧ୍ୟରେ ସମନ୍ୱୟ ରକ୍ଷା କରି ଆସୁଥିବା ପରମ୍ପରାକୁ ନେଇ ପ୍ରଶ୍ନ ଉଠିଛି। ପ୍ରଶାସନିକ ବୈଠକରେ ଜରୁରୀ ସେବା ଯୋଗାଉଥିବା ଟାଟା ପାୱାର, ପାନୀୟ ଜଳ ୱାଟକୋ, ପୂର୍ତ୍ତ ବିଭାଗରର କୌଣସି ବରିଷ୍ଠ ଅଧିକାରୀ ଯୋଗ ଦେଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ବୈଠକରେ ଚୋରଦା କାଳୀପୂଜା କମିଟି ତଥା ମେଳଣ କମିଟି ସଭାପତି ପ୍ରମୋଦ କୁମାର ରାଉତ, ସମ୍ପାଦକ ଶିଶିର କୁମାର ରାଉତ, ଆର୍ଯ୍ୟନ କ୍ଲବ ସଭାପତି ରବିନାରାୟଣ ପୁହାଣ, ସମ୍ପାଦକ ନିମାଇଁ ରାଉତ, ବ୍ୟାଙ୍କଷ୍ଟ୍ରିଟର ଅସିତାନନ୍ଦ ବିଶ୍ୱାଳ, ମାନସ ଆଇଚ, ଷ୍ଟେଶନ ବଜାର ସମ୍ପାଦକ ହୃଷୀକେଶ ସାହୁ, ଷ୍ଟିଲ ସିଟିର ବଚନ ସାମଲ, ନରେଶ ମସ୍କରା, ନିୟୁ ମାର୍କେଟ ରାଜକିଶୋର ପ୍ରଧାନ, ଦିନେଶ ସାହୁ, କହେଁଇପୁର କମିଟି ପକ୍ଷରୁ ରବୀନ୍ଦ୍ର ସିଂ ଓ ନୀଳାମଣି ରାଉତ, ଧବଳଗିରି କମିଟି, ରାଧାନାଥ ମାର୍ଗ, ରେଳବାଇ, ନୂତନ ଭାବେ ଦଳା ପୂଜା କମିଟି ଓ ନହକା ବାଇପାସ କମିଟି ସଭ୍ୟ ଉପସ୍ଥିତ ଥିଲେ। ଶେଷରେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ତରୁଣ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ୬ ଦଫା ଦାବି ନେଇ ଆନ୍ଦୋଳନରେ ବସିଲେ କର୍ମକର୍ତ୍ତା

ଆଳି, ୧୦।୧୧ (ବନମାଳୀ ସେନାପତି)

କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଆଳି ଶାଖା ସମ୍ମୁଖରେ ଗୋବିନ୍ଦପୁର କୃଷି ସମବାୟ ସମିତି ପରିଚାଳନା ପରିଷଦ ପକ୍ଷରୁ ୬ ଦଫା ଦାବି ପୂରଣ ପାଇଁ ସଭାପତି, ନିର୍ଦ୍ଦେଶକ ଓ ସେବା ସମବାୟ ସମିତିର ସଭ୍ୟାସଭ୍ୟମାନେ ଶୁକ୍ରବାର ଧାରଣା ଦେଇଛନ୍ତି। ସମିତିର ସଭାପତି ଧନରଞ୍ଜନ ବୋଷଙ୍କ ନେତୃତ୍ୱରେ ହୋଇଥିବା ଏହି ଧାରଣାରେ ସେମାନେ ଅଭିଯୋଗ ବାଢ଼ିଥିଲେ ଯେ, ଗତ ୧ ତାରିଖରେ ସେମାନେ ୬ ଦଫା ଦାବି ପୂରଣ କରିବା ପାଇଁ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ୭ ତାରିଖ ମଧ୍ୟରେ ଦାବି ପୂରଣ ନ ହେଲେ ଧାରଣାରେ ବସିବାକୁ କହିଥିଲେ। ଏ ବିଷୟରେ କର୍ତ୍ତୃପକ୍ଷ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ସମିତିର ସମସ୍ତ କର୍ମକର୍ତ୍ତା ଧାରଣରେ ବସିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ



ସମବାୟ ସମିତିର କର୍ମକର୍ତ୍ତାମାନେ ବ୍ୟାଙ୍କ ସମ୍ମୁଖରେ ଧାରଣା ଦେଇଛନ୍ତି।

## ଗୋବିନ୍ଦପୁର କୃଷି ସେବା ସମବାୟ ସମିତି

ଚାଲୁ ରହିବ ବୋଲି ସେମାନେ କହିଛନ୍ତି। ସେମାନେ ଦାବି ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ମେ ମାସରୁ ୧୭୭ ଜଣସଭ୍ୟାସଭ୍ୟଙ୍କ ନାମରେ ଋଣ ଶାଖା ପରିଚାଳକ ମଞ୍ଜୁର କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ସେମାନଙ୍କ ଲୋନ ଆକାଉଣ୍ଟକୁ ଟଙ୍କା ଟ୍ରାନ୍ସଫର କରାଯାଉନାହିଁ। ଖରିଫ ଋତୁରେ ମଞ୍ଜୁର ହୋଇଥିବା ଋଣ ହିତାଧିକାରୀଙ୍କୁ ଦେବାପାଇଁ ଶାଖା ପରିଚାଳକ ସପ୍ତାହକୁ ମାତ୍ର ୯୦ ହଜାର ଟଙ୍କା ଦେବାକୁ କହୁଛନ୍ତି। ଏପରି ହେଲେ ୪୦ଲକ୍ଷ ଟଙ୍କା ପାଇବାକୁ ସମିତିକୁ କେତେଦିନ ଲାଗିବ ତାହା କହିଲେ କେହି ଶୁଣୁନାହାନ୍ତି। ଆଉ ଦିନ କେଇଟା ପରେ ରବି ଋତୁ ଆରମ୍ଭ ହେବ, ଯଦି ସେତେବେଳକୁ ଖରିଫ୍ ଋଣ ଦିଆ ସରି ନ ଥିବ ତେବେ ରବି ଋଣ ହିତାଧିକାରୀ କିପରି ଭାବେ ପାଇବେ ତାହା କର୍ତ୍ତୃପକ୍ଷ ସ୍ପଷ୍ଟ କରିବାକୁ ସେମାନେ ଦାବି କରିଛନ୍ତି। ଆଳି ଭଳି ଏକ ବଡ଼ ଶାଖାରେ ଜଣେ ବ୍ୟାଙ୍କ ଆସିଷ୍ଟାଣ୍ଟଙ୍କୁ ମ୍ୟାନେଜର ଦାୟିତ୍ୱ ଦିଆଯାଇଛି ଯାହା ସେ ତୁଲାଇବାରେ ବିଫଳ ହୋଇଛନ୍ତି। ତେଣୁ ଜଣେ ଅଭିଜ୍ଞ ମ୍ୟାନେଜରଙ୍କୁ ନିଯୁକ୍ତ ଦିଆଯାଉ, ବ୍ୟାଙ୍କର କ୍ୟାଶିୟରଙ୍କ ବ୍ୟତୀତ ଅନ୍ୟ ସମସ୍ତ କର୍ମଚାରୀଙ୍କୁ ଏଠାରୁ ବଦଳି କରାଯାଉ। ଏହି ସମବାୟରୁ ଅଲଗା ହୋଇଥିବା ଜୁଆଣିଆ ପ୍ରାଥମିକ କୃଷି ସମବାୟ ସମିତି ଓ ପେତପଡା କୃଷି ସମବାୟ ସହିତ ଗଠନରେ ଅନିୟମିତତା ହୋଇଥିବା ଅଭିଯୋଗରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ମାମଲା ହୋଇଥିବା ବେଳେ ଓ ରହିତାଦେଶ ଥିବା ସତ୍ତ୍ୱେ ଶାଖା ପରିଚାଳକ କିପରି ଜୁଆଣିଆ ସେବା ସମବାୟ ସମିତିକୁ ୪୩ ଲକ୍ଷ ଟଙ୍କା ଦେଇଛନ୍ତି ତାହାର ତଦନ୍ତ ପାଇଁ ସେମାନେ ଦୃଢ଼ ଦାବି କରିଛନ୍ତି। ଏ ନେଇ ବ୍ୟାଙ୍କ ପରିଚାଳକ ସମୀର ମଣ୍ଡଳଙ୍କୁ ପଚାରିବାରେ ଆଳି ବ୍ଲକରେ ୨୧ଟି ପ୍ରାଥମିକ କୃଷି ସମବାୟ ସମିତି ଥିବାରୁ ବ୍ୟାଙ୍କକୁ ଯେଉଁ ପରିମାଣର ଟଙ୍କା ଆସୁଛି ସେହି ଅର୍ଥକୁ ପ୍ରତିଦିନ ଦୁଇଟି ସମବାୟ ସମିତିକୁ ଦିଆଯାଉଛି। ଖୁବ୍‌ଶୀଘ୍ର ଏହି ସମସ୍ୟା ସମାଧାନ କରାଯିବାକୁ ଚେଷ୍ଟା ଚାଲିଛି।

# ଶ୍ରୀଜଗନ୍ନାଥ ସେନାର ଭକ୍ତ ଜନଜାଗରଣ ଯାତ୍ରା

କେନ୍ଦ୍ରାପଡ଼ା, ୧୦।୧୧ (ଜଗନ୍ନାଥ ଧଳ)

ଦୀର୍ଘଦିନ ଧରି ଶ୍ରୀକ୍ଷେତ୍ର ପୁରୀ ଶ୍ରୀମନ୍ଦିରର ରତ୍ନଭଣ୍ଡାର ଖୋଲାଯାଉନାହିଁ। ଏହାର ପ୍ରତିବାଦରେ ଶ୍ରୀଜଗନ୍ନାଥ ସେନା ପକ୍ଷରୁ କେନ୍ଦ୍ରାପଡ଼ା ଜିଲାରେ ଜନଜାଗରଣ ଯାତ୍ରା କରାଯାଇଛି। ଇଚ୍ଛାପୁରସ୍ଥ ଶ୍ରୀବଳଦେବଜୀଉ ମନ୍ଦିର ସମ୍ମୁଖରେ ଶ୍ରୀଜଗନ୍ନାଥ ସେନା ଓ ଶ୍ରୀବଳଦେବ ସେନାର ମିଳିତ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଏଥିରେ ରତ୍ନଭଣ୍ଡାର ଆସନ୍ତା ଦୁଇ ମାସ ମଧ୍ୟରେ ଖୋଲିବା ଓ ଶ୍ରଦ୍ଧାଳୁଙ୍କ ଭିଡ଼କୁ କମାଇବା ପାଇଁ ଶ୍ରୀମନ୍ଦିରର ୪ ଦ୍ୱାର ଖୋଲାଯିବାକୁ ଦାବି ଉପସ୍ଥାପନ କରାଯାଇଥିଲା। ଏଥିରେ ଶ୍ରୀଜଗନ୍ନାଥ ସେନାର କେନ୍ଦ୍ରୀୟ ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ, ମନୋଜ ମିଶ୍ର, ପ୍ରଫୁଲ୍ଲ ବେହେରା, ଶ୍ରୀବଳଦେବ ସେନାର ପପୁନ କୁମାର ସ୍ୱାଇଁ, ଅମର କୁମାର ବାରିକ, ନିରଞ୍ଜନ ମେକାପ, ଜ୍ୟୋତିରଞ୍ଜନ ପତ୍ରି ପ୍ରମୁଖ ଯୋଗଦେଇଥିଲେ। ସେମାନେ କହିଥିଲେ, ଓଡ଼ିଶା ମାଟିର ଆରାଧ୍ୟ ଶ୍ରୀଜଗନ୍ନାଥ ହୋଇଥିଲେ ହେଁ ସେ ସାରା ବିଶ୍ୱର ଦେବତା। ତାଙ୍କ ଦର୍ଶନ ପାଇଁ ଦେଶ ବିଦେଶରୁ ପ୍ରତ୍ୟହ ଶ୍ରଦ୍ଧାଳୁଙ୍କ ଶ୍ରୀକ୍ଷେତ୍ରକୁ ସୁଅ ଛୁଟୁଛି। ତେବେ ରାଜ୍ୟ ସରକାରଙ୍କ ଅମନଯୋଗିତା ପାଇଁ ଶ୍ରଦ୍ଧାଳୁମାନେ ଶ୍ରୀଜୀଉଙ୍କ ଦର୍ଶନକୁ ଅହେତୁକ ବିଳମ୍ବିତ କରାଯାଉଛି। ଶ୍ରୀମନ୍ଦିରରେ ୪ ଦ୍ୱାର ଅଛି। ତେବେ ଏକମାତ୍ର ମୁଖ୍ୟ ଦ୍ୱାର ମଧ୍ୟମରେ ଶ୍ରଦ୍ଧାଳୁ ଭିତରକୁ ଯାଉଛନ୍ତି। ସବୁ ଦ୍ୱାର ଖୋଲିବା ପାଇଁ ସେନା ପକ୍ଷରୁ ଆଇନଗତ ସହଯୋଗ ଲୋଡ଼ାଯାଇଥିଲା। ଏଥିସହ ରାଜ୍ୟ ବନ୍ଦ୍‌ର ଡାକରା ଦିଆଯାଇଥିଲା। ତେବେ ରାଜ୍ୟ ସରକାର ଓ ପୁରୀ ଜିଲା ପ୍ରଶାସନର ଅନୁରୋଧ ପରେ ଏହି ରାଜ୍ୟ ବନ୍ଦ ଡାକରାକୁ ସାମୟିକ ଭାବେ ସ୍ଥଗିତ ରଖାଯାଇଛି। ଏବେ ପ୍ରତି ଜିଲାରେ ଜନଜାଗରଣ ଯାତ୍ରା ଆୟୋଜିତ କରାଯାଇ ଶ୍ରଦ୍ଧାଳୁଙ୍କୁ ଏ ସମ୍ପର୍କରେ ଅବଗତ କରାଯାଉଛି। ଦାବି ପୂରଣ ନ ହେଲେ ରାଜ୍ୟ ବନ୍ଦ ଡାକରା ଦିଆଯିବ ବୋଲି ସେମାନେ ମତ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ରୀଜଗନ୍ନାଥ ସେନା ଓ ଶ୍ରୀବଳଦେବ ସେନାର ୫୦ରୁ ଊର୍ଦ୍ଧ୍ୱ କର୍ମକର୍ତ୍ତା ଯୋଗଦେଇଥିଲେ।



ଭକ୍ତ ଜନଜାଗରଣ ଯାତ୍ରାରେ ଜଗନ୍ନାଥ ସେନା ଓ ଶ୍ରୀ ବଳଦେବ ସେନାର ସଦସ୍ୟ।

# ନିର୍ବାଚନରେ ଭାଜପା, କଂଗ୍ରେସକୁ କଡ଼ା ଜବାବ ଦିଆଯିବ



ପ୍ରଶିକ୍ଷଣ ଶିବିରରେ ବିଧାୟକ ଧ୍ରୁବ ସାହୁ ଓ ଅନ୍ୟମାନେ।

ପଟ୍ଟାମୁଣ୍ଡାଇ, ୧୦।୧୧ (କଳ୍ପତରୁ ନାୟକ)

## ରାଜନଗର ନିର୍ବାଚନମଣ୍ଡଳୀ ବିଜେଡି ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ପ୍ରତି ନିର୍ବାଚନ ମଣ୍ଡଳୀରେ ଦଳୀୟ ଜନପ୍ରତିନିଧି, କର୍ମକର୍ତ୍ତା ଓ କର୍ମୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କାର୍ଯ୍ୟକ୍ରମ ହେଉଛି। ଏହି କ୍ରମରେ ରାଜନଗର ନିର୍ବାଚନ ମଣ୍ଡଳୀରେ ୮ ତାରିଖଠାରୁ ଆରମ୍ଭ ହୋଇଥିବା ୩ ଦିନିଆ ପ୍ରଶିକ୍ଷଣ ଶିବିର ଶୁକ୍ରବାର ଶେଷ ହୋଇଛି। ରାଜନଗର ବିଧାୟକ ଧ୍ରୁବ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଶିବିରରେ ରଜନଗର ବ୍ଲକର ୩୦ ନଂ. ଜୋନର କର୍ମକର୍ତ୍ତା ଓ ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ୨୦ ଟି ୱାର୍ଡକୁ ମିଶାଇ ପ୍ରାୟ ୧୮ ଶହ ଛାମୁଆ ନେତା, କର୍ମୀ, ଯୁବକ ଓ ମହିଳାମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ୩ ଦିନ ବ୍ୟାପି ଆୟୋଜିତ ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ରହି ରାଜନଗର ବିଧାୟକ ସାହୁ ସେବା ମନୋବୃତ୍ତି ନେଇ ଦଳର ନେତା ଓ କର୍ମୀମାନେ ନିଷ୍ଠାର ସହ କାର୍ଯ୍ୟ କରି ପ୍ରତ୍ୟେକ ଗରିବ ଲୋକ ମୁହଁରେ ହସ ଫୁଟାଇ ପାରିଲେ ମୁଖ୍ୟମନ୍ତ୍ରୀ ପଟ୍ଟନାୟକଙ୍କ ନୂତନ ବିକଶିତ ସମୃଦ୍ଧ ଓଡ଼ିଶା ଗଠନ ସ୍ୱପ୍ନ ସାକାର ହୋଇପାରିବ ବୋଲି କହିଥିଲେ। ଏଥିସହ ମୁଖ୍ୟମନ୍ତ୍ରୀ ନବୀନଙ୍କ ବିକାଶ ମନ୍ତ୍ରରେ ବିରୋଧୀଙ୍କୁ ମୁକାବିଲା କରିବାକୁ ପରାମର୍ଶ ଦେଇଥିଲେ।

ପଟ୍ଟାମୁଣ୍ଡାଇ ବ୍ଲକ ସଂସାର ଫଳଠାରେ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିରର ଉଦ୍‌ଯାପନୀରେ ରାଜ୍ୟ ବିଜେଡି ମୁଖପାତ୍ର ସଞ୍ଜୟ ବାବୁ ଯୋଗଦେଇ କେନ୍ଦ୍ରରେ ଶାସନ କ୍ଷମତାରେ ଥିବା ପ୍ରଚାର ସର୍ବସ୍ୱ ଭାଜପା ଓ ଅପପ୍ରଚାରରେ ମାତିଥିବା କଂଗ୍ରେସ ଦଳକୁ ଆଗାମୀ ସାଧାରଣ ନିର୍ବାଚନରେ ଠିକଣା ଜବାବ ଦିଆଯିବ। ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ବିଭିନ୍ନ ବର୍ଗର ଲୋକମାନଙ୍କ ପାଇଁ ଯୋଜନା ପରେ ଯୋଜନା କରି ସାଧାରଣଲୋକଙ୍କ ହୃଦୟ ଜିତିଥିବା ବିଜେଡି ସୁପ୍ରିମୋ ମୁଖ୍ୟମନ୍ତ୍ରୀ ପଟ୍ଟନାୟକଙ୍କ ବିକାଶ ମନ୍ତ୍ର ନେଇ ସାମାଜିକ ଗଣମାଧ୍ୟମରେ ସକ୍ରିୟ ରହିବାକୁ କହିଥିଲେ। ରାଜ୍ୟ ବିଜେଡି ପକ୍ଷରୁ ନିୟୋଜିତ ତାଲିମଦାତା ଦେବାଶିଷ ସ୍ୱାଇଁ ଓ ବିଶ୍ୱପ୍ରକାଶ ସାହୁ ରାଜନଗର ନିର୍ବାଚନମଣ୍ଡଳୀ ବିଜେଡି ସକ୍ରିୟ କର୍ମୀ ତାଲିମ ଶିବିରରେ ନେତା ଓ କର୍ମୀମାନଙ୍କୁ ପ୍ରୋଜେକ୍ଟର ମାଧ୍ୟମରେ ତାଲିମ ପ୍ରଦାନ କରିଛନ୍ତି। ୩ ଦିନ ବ୍ୟାପି ଆୟୋଜିତ ତାଲିମ ଶିବିରର ପ୍ରଥମ ଦିବସର ରାଜନଗର ବ୍ଲକର ୩୨ନଂ. ଜୋନର ୧୧ ପଞ୍ଚାୟତ ଓ ପଟ୍ଟାମୁଣ୍ଡାଇ ବ୍ଲକର ୧୮ ନଂ. ଜୋନର ୭ ପଞ୍ଚାୟତ, ଗଙ୍ଗାରାମପୁର ଓ ବାଛରା ପଞ୍ଚାୟତ ସାମିଲ କରାଯାଇଥିବା ବେଳେ ଦ୍ୱିତୀୟରେ ରାଜନଗର ବ୍ଲକର ୩୧ ନଂ. ଜୋନ ଓ ପଟ୍ଟାମୁଣ୍ଡାଇ ବ୍ଲକର ୧୭ ନଂ. ଜୋନ ସହିତ ଅରଡ଼ପଲ୍ଲୀ ଓ ସାନଜରିଆ ପଞ୍ଚାୟତକୁ ସାମିଲ କରାଯାଇଥିଲା। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ ବ୍ଲକ ବିଜେଡି ସଭାପତି କିଶୋର ସାହୁ, ରାଜନଗର ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତ, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌରାଧ୍ୟକ୍ଷ ହେମନ୍ତ ସାହୁ, ରାଜନଗର ବ୍ଲକ ଅଧ୍ୟକ୍ଷା ପ୍ରତିଭା ପାତ୍ର, ୩୦ନଂ. ଜୋନ ଜିଲା ପରିଷଦ ସଦସ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ, ୧୭ନଂ. ଜୋନ ଜିଲାପରିଷଦ ସଦସ୍ୟ ରଞ୍ଜନ ବିଶ୍ୱାଳ, ରାଜ୍ୟ ପରିଷଦ ସଦସ୍ୟ ମିଟୁ ଦାଶ, ସୋସିଆଲ ମିଡ଼ିଆ ସଂଯୋଜକ ବିଜୟ ନାୟକ, ଜିଲା ବିଜେଡି ଉପସଭାପତି ସୁବାସ ଦାସ, ସମ୍ପାଦକ ପ୍ରଶାନ୍ତ ରାଉତ, ପଟ୍ଟାମୁଣ୍ଡାଇ ନଗର ବିଜେଡି ସଭାପତି ଖଗେଶ୍ୱର ଲେଙ୍କା, ଅରକ୍ଷିତ ସାହୁ , ସାଧାରଣ ସମ୍ପାଦକ କଳାକାର ପ୍ରଧାନ, ରାଜନଗର ବ୍ଲକ ସମ୍ପାଦକ ନରହରି ଜେନାଙ୍କ ସମେତ ପଟ୍ଟାମୁଣ୍ଡାଇ ପରାଞ୍ଚଳର ବିଜେଡି ୧୪ କାଉନସିଲର, ଛାମୁଆ ସଙ୍ଗଠନ କର୍ମକର୍ତ୍ତା ଓ ରାଜନଗର ବ୍ଲକର ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଓ ବିଜେଡି ସକ୍ରିୟ ସଦସ୍ୟମାନେ ଯୋଗ ଦେଇଥିଲେ।

ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ମୋନାଲିସା



@ ପଞ୍ଚାନନ



@ ବିଭୂତି



@ ବିମଳ



@ ଜଗନ୍ନାଥ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଅନନ୍ତ ଚରଣ ମହାନ୍ତିଙ୍କ ସ୍ମୃତିଚାରଣ ସଭା

ରାଜନଗର, ୧୦।୧୧ (ଭାସ୍କର ରାଉତରାୟ)

ଜଗତ୍‌ଗୁରୁ ଠାକୁର ଶ୍ରୀ ଶ୍ରୀଅଭିରାମ ପରମହଂସ ଦେବଙ୍କ କେରେଡାଗଡ଼ ଆଞ୍ଚଳିକ ଭକ୍ତଗୋଷ୍ଠୀ ପକ୍ଷରୁ ରାଜନଗର ଆଞ୍ଚଳିକ ଭକ୍ତଗୋଷ୍ଠୀର ସଭାପତି ଅନନ୍ତ ଚରଣ ମହାନ୍ତିଙ୍କ ଉଦ୍ଦେଶ୍ୟରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ଆଞ୍ଚଳିକ ଭକ୍ତଗୋଷ୍ଠୀର ସଭାପତି ଶଶିଭୂଷଣ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ସମ୍ପାଦକ ହିମାଂଶୁ ଶେଖର ଦାସ, ଉପସଭାପତି ମୁରଲୀଧର ସାହୁ, ଅଶୋକ ଜେନା, ସ୍ୱର୍ଣ୍ଣଲତା ବିଶ୍ୱାଳ ପ୍ରମୁଖ ଯୋଗଦେଇ ମହାନ୍ତିଙ୍କ ସ୍ମୃତିଚାରଣ କରିଥିଲେ। ସଭା ପ୍ରାରମ୍ଭରେ ଅମର ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।

# ବାଇକ୍ ଚୋରି ରାକେଟ ଠାବ: ୪ ଗିରଫ, ୮ ବାଇକ୍ ଜବତ

ମାର୍ଶାଘାଇ, ୧୦।୧୧
(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ଥାନା ଅଞ୍ଚଳରେ ଦୀର୍ଘଦିନ ଧରି ଚାଲିଥିବା ଏକ ବାଇକ୍ ଚୋର ରରାକେଟକୁ ପୋଲିସ ଧରିଛି। ସେମାନଙ୍କଠାରୁ ୮ଟି ବାଇକ୍ ଜବତ କରିଛି। ଶୁକ୍ରବାର ଅପରାହ୍ନରେ ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ କେନ୍ଦ୍ରାପଡ଼ା ଆଡିସନାଲ ଏସ୍‌ପି ଜଲନ୍ଧର ଜାଲି କହିଛନ୍ତି ଯେ, ଚାଳିତ ମାସ ୨ ତାରିଖରେ ଥାନା ଅନ୍ତର୍ଗତ ତିଖିରୀ ଗ୍ରାମର କଳ୍ପତରୁ ବେହେରାଙ୍କ ଏକ ବାଇକ ଚୋରି ଯାଇଥିବା ନେଇ ସେ ଅଭିଯୋଗ କରିଥିଲେ। ଘଟଣାର ତଦନ୍ତ କରି ଏଏସଆଇ ସଞ୍ଜୀବ କୁମାର ଖଟୁଆ ଥାନା ଅନ୍ତର୍ଗତ ଗରଜଙ୍ଗା ଗ୍ରାମର ଶିବ ପ୍ରସାଦ ରାଉତ (୫୪)କୁ ଗିରଫ କରି ଥିଲେ। ତାଙ୍କୁ ପଚରାଉଚରା କରାଯିବା ପରେ ସେ ଦୀର୍ଘଦିନ ହେବ ଅନେକ ବାଇକ୍ ଚୋରି କରି ବଡ଼ପାଳ ଛକରେ ଗ୍ୟାରେଜ କରିଥିବା ଥାନା ଅନ୍ତର୍ଗତ କୁଆଁରପାଳ ଗାଁର ସୂର୍ଯ୍ୟକାନ୍ତ ପରିଡା ଓରଫ ଦିପୁ (୩୭) ଓ ପାଟକୁରା ଥାନା ଅନ୍ତର୍ଗତ ରାମଚନ୍ଦ୍ରପୁର ଗାଁରେ ଗ୍ୟାରେଜ କରିଥିବା ରବୀନ୍ଦ୍ର ସେଠୀ ଓରଫ କମ୍ପାନୀଙ୍କୁ ବାଇକ୍ ବିକ୍ରି କରନ୍ତି ବୋଲି ସେ କହିବା ପରେ ଏମାନଙ୍କୁ ଧରିବା ପାଇଁ ୨ଟି ପୋଲିସ ଟିମ ଏଏସଆଇ ହରେକୃଷ୍ଣ ନନ୍ଦ



ମାର୍ଶାଘାଇ ଥାନାରେ ଖବରଦାତା ସମ୍ମିଳନୀରେ ଏଏସ୍‌ପି ଜଳନ୍ଧର ଜାଲି, ଆଇଆଇସି ପ୍ରଜ୍ଞାପାରମିତା ଜେନା ଓ ଗିରଫ ଅଭିଯୁକ୍ତମାନେ।

ଓ ଲୋଭାବତୀ ସାହୁଙ୍କ ନେତୃତ୍ୱରେ ଗଠିତ କରାଯାଇଥିଲା। ଏଏସ୍‌ଆଇ ନନ୍ଦ ବଡ଼ପାଳ ଛକରେ ଗ୍ୟାରେଜ କରିଥିବା ଦିପୁଙ୍କୁ ଧରିବା ସହ ତାଙ୍କ ନିକଟରୁ ୩ଟି ବାଇକ୍ ଜବତ କରିଥିବା ବେଳେ ଏଏସଆଇ ସାହୁ ରାମଚନ୍ଦ୍ରପୁର ଗାଁରେ ଗ୍ୟାରେଜ କରିଥିବା କମ୍ପାନୀଙ୍କ ଧରିବା ସହ ତାଙ୍କ ନିକଟରୁ ୩ଟି ବାଇକ୍ ଜବତ କରିଥିଲେ। ଏହି ୨ ଗ୍ୟାରେଜ ମାଲିକଙ୍କ ସହଯୋଗୀ ପାଟକୁରା ଥାନା ଅନ୍ତର୍ଗତ ମନ୍ତେଇ ଗାଁର ଅରୁଣ କୁମାର ନାୟକଙ୍କୁ ଧରାଯିବା ସହ ତାଙ୍କ ନିକଟରୁ ଏକ ବାଇକ୍ ଜବତ କରାଯାଥିଲା। ମୁଖ୍ୟ ଅଭିଯୁକ୍ତ ଶିବଙ୍କ ନିକଟରୁ ମଧ୍ୟ ଏକ ବାଇକ ଜବତ କରାଯାଇଛି। ଶିବ ବିଭିନ୍ନ ସ୍ଥାନରୁ ବାଇକ୍ ଚୋରି କରି ଏହି ଗ୍ୟାରେଜରେ ବିକ୍ରି କରିଥାନ୍ତି ବୋଲି ଏଏସ୍‌ପି ଜାଲି ସୂଚନା ଦେଇଛନ୍ତି। ୩ଟି କେସରେ ଏମାନେ ଜଡିତ ଥିବା ପୋଲିସ ସୂତ୍ରରୁ ଜଣାପଡିଛି। ଥାନାରେ ନଂ. ୫୧୧/୨୩ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଖବର ଦାତା ସମ୍ମିଳନୀରେ ମାର୍ଶାଘାଇ ଥାନା ଆଇଆଇସି ପ୍ରଜ୍ଞା ପାରମିତା ଜେନା ଓ ଏଏସଆଇ ନନ୍ଦ ଉପସ୍ଥିତ ଥିଲେ।

# ଫାଇନାଲରେ ପପୁଲାର କ୍ଲବ ଢେଙ୍କାନାଳ

ରାଜକନିକା, ୧୦।୧୧ (ସଞ୍ଜୟ କୁମାର ଦାଶ)

## ରାଜ୍ୟସ୍ତରୀୟ ଆମନ୍ତ୍ରଣୀୟ ରାଜକନିକା ଫୁଟ୍‌ବଲ କପ୍

ରାଜକନିକା ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ଚାଲିଥିବା ୪୨ତମ ରାଜକନିକା କପ୍ ଆମନ୍ତ୍ରଣୀୟ ଫୁଟ୍‌ବଲ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ଖେଳ ଆରଏନ୍ ହାଇସ୍କୁଲ ମିନି ଷ୍ଟାଡିୟମରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଖେଳରେ ପପୁଲାର କ୍ଲବ ଢେଙ୍କାନାଳ ଆୟୋଜକ ରାଜକନିକା ଆଥ୍‌ଲେଟିକ ଆସୋସିଏଶନକୁ ଭେଟିଥିଲା। ଏଥିରେ ପପୁଲାର କ୍ଲବ ରାଜକନିକା ଆଥ୍‌ଲେଟିକ ଆସୋସିଏଶନକୁ ୪–୨ ଟାଇବ୍ରେକରରେ ପରାସ୍ତକରି ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ଖେଳଟି ୦–୦ ଗୋଲରେ ବରାବର ରହିବାରୁ ଟାଇବ୍ରେକରର ସହାୟତା ନିଆଯାଇଥିଲା। ଖେଳକୁ ଆସୋସିଏଶନର ପୂର୍ବତନ ସମ୍ପାଦକ ସ୍ୱର୍ଗତ ଶତଦଳ ଦାସ, ଶିକ୍ଷକ ତ୍ରିଲୋଚନ ମଲ୍ଲିକ ଓ ହୃଦାନନ୍ଦ ସୂତାରଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଇଥିଲା। ଖେଳରେ ମୁଖ୍ୟ ଅତିଥି ଭାବେ ଫୁଟ୍‌ବଲ ଖେଳାଳି ତଥା ଶିଳ୍ପପତି ନବରଞ୍ଜନ ପଟ୍ଟନାୟକ ଓ ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ଫୁଟ୍‌ବଲ ଆସୋସିଏଶନର ସମ୍ପାଦକ ଭେଟେରାନ୍ କ୍ରୀଡ଼ାବିତ୍ ପ୍ରଫୁଲ୍ଲ କୁମାର ମିଶ୍ର, କଟକ ଫୁଟ୍‌ବଲ ଆସୋସିଏଶନର ସମ୍ପାଦକ ଭେଟେରାନ୍ କ୍ରୀଡ଼ାବିତ୍ ବିଳାସ ଚନ୍ଦ୍ର ବେହେରା ଏବଂ ଏସ୍‌ଏନ୍ କଲେଜ ପ୍ରାଣୀ ବିଜ୍ଞାନ ବିଭାଗୀୟ ମୁଖ୍ୟ ଅଧ୍ୟାପିକା ଡ. ମିଥିଳା ଦାସ ପ୍ରମୁଖ ଯୋଗଦେଇଥିଲେ। ସେମାନେ ଆଜିର ଶ୍ରେଷ୍ଠ ଖେଳାଳି ପପୁଲାର ଦଳର ଗୋଲରକ୍ଷକ ଅମ୍ରିତ୍ କୁମାର ନାୟକଙ୍କୁ ଯୁଧିଷ୍ଠିର ମଥାନ ସ୍ମାରକୀ ଅର୍ଥରାଶି ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ଆସୋସିଏଶନର ବରିଷ୍ଠ ଉପଦେଷ୍ଟା କୃଷ୍ଣଚନ୍ଦ୍ର ପଣ୍ଡା, ଉପସଭାପତି ପ୍ରାଧ୍ୟାପକ ବୈକୁଣ୍ଠନାଥ ପରିଡ଼ା, ଅନ୍ୟତମ ଉପସଭାପତି କପିଳେନ୍ଦ୍ର ମଲ୍ଲିକ, ଯୁଗ୍ମ ସମ୍ପାଦକ ପ୍ରାଣବନ୍ଧୁ ରାଉତ, ଇଂ. ପ୍ରଶାନ୍ତ କୁମାର ବିଶ୍ୱାଳ ଓ ଡ. ଫକୀର ଚନ୍ଦ୍ର ପ୍ରଧାନ, ମିଡିଆ ସେଲ୍ ସମ୍ପାଦକ ଅଜୟ କୁମାର ରାଉତ, ଫୁଟ୍‌ବଲ ସମ୍ପାଦକ ଶିବପ୍ରସାଦ ମଲ୍ଲିକ, କୋଷାଧ୍ୟକ୍ଷ ଦେବେନ୍ଦ୍ର କୁମାର ନାୟକ, ଭାଷ୍ୟକାର ସୌମ୍ୟକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ମିଙ୍କୁନ ମହାନ୍ତି ଖେଳ ପରିଚାଳନା କରିଥିବାବେଳେ ସୁଦୀପ୍ତ ଦାସ, ଶଶିକାନ୍ତ ଦାସିଆ, ଅମର କୁମାର ଜେନା ଓ ଗୋଲକ ବିହାରୀ ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ। ବାସୁଦେବ ବେହେରା, ପର୍ଶୁରାମ ସାହୁ, ପ୍ରହଲ୍ଲାଦ ଜେନା, ତ୍ରିଲୋଚନ ପାଣି, ନରେନ୍ଦ୍ର ଦାସ, ମାନଗୋବିନ୍ଦ ବଳ, ଶରତ ମଲ୍ଲିକ, ପ୍ରଭାସ ସେନାପତି ଓ ଶରତ କୁମାର ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶନିବାର ଦ୍ୱିତୀୟ ସେମିଫାଇନାଲରେ ୟଙ୍ଗ୍ ଉତ୍କଳ କ୍ଲବ କଟକ ଧାନ୍‌ବାଦ ଫୁଟବଲ କ୍ଲବ ଝାଡ଼ଖଣ୍ଡକୁ ଭେଟିବ ବୋଲି ଆସୋସିଏଶନର ସାଧାରଣ ସମ୍ପାଦକ ଅଜୟ କୁମାର ନାୟକ ସୂଚନା ଦେଇଛନ୍ତି।



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।

# କେନାଲରେ ପଡ଼ି ବ୍ୟକ୍ତିଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା

ନୟାଗଡ଼/ଶରଣକୁଳ ୧୦।୧୧
(ଲୋକନାଥ ମିଶ୍ର/ଦୀପକ କର)



ଜଳସମ୍ପଦ କାର୍ଯ୍ୟାଳୟ ସମ୍ମୁଖରେ ମୃତଦେହ ରଖି ପରିବାର ଓ ଗ୍ରାମବାସୀ ଧାରଣା ଦେଇଛନ୍ତି।

- ରାତିତମାମ ପଡି ରହିଲା ମୃତଦେହ
- ମୃତଦେହ ରଖି ଶରଣକୁଳ ଜଳ ସମ୍ପଦ କାର୍ଯ୍ୟାଳୟ ସମ୍ମୁଖରେ ରଖି ଧାରଣା
- ୨ ବର୍ଷ ହେଲା କେନାଲ ଭାଙ୍ଗି ଯାଇଥିଲେ ମଧ ମରାମତି ହୋଇନି

ନୟାଗଡ଼ ଜିଲା ଶରଣକୁଳ ଥାନା ବୁଢ଼ାବୁଢ଼ିଆଣି ଡ୍ୟାମର ମାନପୁର କେନାଲରେ ହରିହରପୁର ଗାଁର ସନ୍ତୋଷ ଜେନା(୫୫) ନାମକ ଜଣେ ବ୍ୟକ୍ତି ପଡ଼ି ପ୍ରାଣ ହରାଇଛନ୍ତି। ସନ୍ତୋଷ ଗୁରୁବାର ସନ୍ଧ୍ୟାରେ କେନାଲରେ ପଡି ମୃତ୍ୟୁ ହୋଇଥିଲେ ମଧ କେହି ଜାଣି ପାରି ନ ଥିଲେ। ଶୁକ୍ରବାର ମୃତ୍ୟୁ ଖବର ଜଣାପଡ଼ିବା ପରେ ମାନପୁର ଓ ହରିହରପୁର ଗାଁରେ ଉତ୍ତେଜନା ଦେଖା ଦେଇଥିଲା। ଅନ୍ୟପକ୍ଷେ ମୃତଦେହକୁ ଶରଣକୁଳ ଜଳସମ୍ପଦ କାର୍ଯ୍ୟାଳୟ ସମ୍ମୁଖରେ ରଖି ଶୁକ୍ରବାର ଅପରାହ୍ନରେ ରାସ୍ତାରୋକୋ କରାଯାଇଥିଲା। ଖବରପାଇ ଶରଣକୁଳ ଥାନା ପୋଲିସ ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ ମଧ ସୁଫଳ ମିଳି ନ ଥିଲା। ଓଡଗାଁ ତହସିଲଦାର ଓ ଶରଣକୁଳ ରାଜସ୍ୱ ନିରୀକ୍ଷକ ଘଟଣା ସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ସହ ୧୦ ହଜାର ଟଙ୍କା ସହାୟତା ରାଶି ରେଡକ୍ରସରୁ ଦେବା ପରେ ରାସ୍ତାରୋକୋ ହଟିଥିଲା।

ପ୍ରାପ୍ତ ସୂଚନା ଅନୁସାରେ ହରିହରପୁର ଗାଁର ସନ୍ତୋଷ ଜେନା ପରିବାର ସହ ଶ୍ୱଶୁର ଘର ମାନପୁର ଏକ ଭୋଜିକୁ ଯାଇଥିଲେ। ଭୋଜି ଖାଇ ସାରି ସ୍ତ୍ରୀଙ୍କୁ ଶ୍ୱଶୁର ଘରେ ଛାଡି ସାଇକେଲ ଯୋଗେ ନିଜ ଗାଁକୁ ଫେରୁଥିଲେ। ବାଟରେ ଜଳସମ୍ପଦ ବିଭାଗର ଏକ କେନାଲ ୨ ବର୍ଷ ହେଲା ଭାଙ୍ଗି ପରିତ୍ୟକ୍ତ ହୋଇ ପଡି ରହିଥିଲେ ମଧ ସନ୍ତୋଷ ଜାଣି ନ ଥିଲେ। ହେଲେ ଜଳସମ୍ପଦ ବିଭାଗ ଏହାକୁ ମରାମତି କରି ନ ଥିଲା। ଏଭଳିସ୍ଥଳେ ସନ୍ତୋଷ ଗୁରୁବାର ସନ୍ଧ୍ୟା ପରେ କେନାଲ ଖାତରେ ପଡି ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ଶୁକ୍ରବାର ପୂର୍ବାହ୍ନରେ କେନାଲ ଘାଇରେ ଜଣେ ପଡିଥିବା ଜଣାପଡ଼ିଥିଲା। ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତର ସନ୍ତୋଷଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହକୁ ଜବତ କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଅନ୍ୟପକ୍ଷେ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ତେବେ ପରିବାର ଓ ସ୍ଥାନୀୟ ଲୋକ ମୃତଦେହକୁ ଘରକୁ ନ ନେଇ ଶରଣକୁଳ ଜଳସମ୍ପଦ କାର୍ଯ୍ୟାଳୟ ସମ୍ମୁଖରେ ରଖି ଶୁକ୍ରବାର ଅପରାହ୍ନରେ ରାସ୍ତାରୋକୋ ଆନ୍ଦୋଳନ କରିଥିଲେ।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ମୋନାଲିସା



@ ପଞ୍ଚାନନ



@ ବିଭୂତି



@ ବିମଳ



@ ଜଗନ୍ନାଥ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସବ୍‌ସିଡି, ଲୋନ୍‌ରେ ମିଳିବ କୃଷି ଉପକରଣ

ନୟାଗଡ଼,୧୦।୧୧(ଲୋକନାଥ ମିଶ୍ର)

## ନଭେମ୍ବର ୧୩ରୁ କୃଷି ଯନ୍ତ୍ରପାତି ମେଳା

ନୟାଗଡ଼ ଷ୍ଟାଡିୟମରେ ନଭେମ୍ବର ୧୩ରୁ ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା କରାଯିବ। ଏହା ୫ ଦିନ ଚାଲି ୧୭ରେ ଉଦ୍‌ଯାପିତ ହେବ। କୃଷି ଯନ୍ତ୍ରପାତି ମେଳା ସମ୍ପର୍କରେ ଜିଲାପାଳ ରବୀନ୍ଦ୍ର କୁମାର ସାହୁ ସର୍କିଟ ହାଉସରେ ଖବରଦାତା ସମ୍ମିଳନୀ କରିଥିଲେ। ଏଥିରେ ଜିଲା ମୁଖ୍ୟ କୃଷି ଅଧିକାରୀ ବିଷ୍ଣୁ ପ୍ରସାଦ ସାହୁ, ସହାକାରୀ ଜିଲା ମୁଖ୍ୟ କୃଷି ଅଧିକାରୀ ଲଲାଟେନ୍ଦୁ ମହାପାତ୍ର, ନିର୍ବାହୀ ଯନ୍ତ୍ରୀ ସୁଧାଂଶୁ ଶେଖର ଦାସ, ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ରୀନାଥ ପଟ୍ଟନାୟକ, ସହକାରୀ ଯନ୍ତ୍ରୀ ବିଶ୍ୱଜିତ୍ ପାଟଯୋଶୀ ଯୋଗ ଦେଇଥିଲେ। ସେମାନେ କହିଥିଲେ ଯନ୍ତ୍ରପାତି ମେଳାରେ ସାଧାରଣ ବର୍ଗର ଚାଷୀ କୃଷି ଯନ୍ତ୍ରପାତି କ୍ରୟ କଲେ ୪୦ ପ୍ରତିଶତ, ଅନୁସୂଚିତ ଜାତି, ଜନଜାତି, ମହିଳା, କ୍ଷୁଦ୍ର ଓ ନାମମାତ୍ର ଚାଷୀ ୫୦ ପ୍ରତିଶତ ରିହାତି ପାଇବେ। ସେହିପରି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ୭୫ ପ୍ରତିଶତ ରିହାତିରେ କୃଷି ଯନ୍ତ୍ରପାତି କ୍ରୟ କରିପାରିବେ। କୃଷି କାର୍ଯ୍ୟରେ ବ୍ୟବହୃତ ହେଉଥିବା ବିଭିନ୍ନ କୃଷି ଯନ୍ତ୍ରପାତିର ବ୍ୟବହାର, ଆବଶ୍ୟତା, ରକ୍ଷଣାବେକ୍ଷଣ, ସରକାରୀ ରିହାତି, କୃଷି ଯନ୍ତ୍ରପାତିର ବ୍ୟବହାର ଉପରେ ତାଲିମ ପାଇଁ ବ୍ୟବସ୍ଥା ରହିଛି। ପ୍ରତିଦିନ ୨୦୦ ଜଣ ଚାଷୀ ତାଲିମ ପାଇବେ। ୫ ଦିନର ମେଳାରେ ୧ ହଜାର ଚାଷୀ ପ୍ରଶିକ୍ଷଣ ନେବାକୁ ବ୍ୟବସ୍ଥା ରହିଛି। ୨୦୨୧-୨୨ ଆର୍ଥିକ ବର୍ଷରେ ୯୦୩ ଜଣ ଚାଷୀ ୪ କୋଟି ୭୬ ଲକ୍ଷ ଟଙ୍କାର କୃଷି ଯନ୍ତ୍ରପାତି କ୍ରୟ କରିଛନ୍ତି। ସେହିପରି ୨୦୨୨-୨୩ ଆର୍ଥିକ ବର୍ଷରେ ୧୦୨୨ ଚାଷୀ ୫ କୋଟି ୧୦ ଲକ୍ଷ ଟଙ୍କାର ଅନୁରୂପ ଭାବେ କୃଷି ଯନ୍ତ୍ରପାତି କ୍ରୟ କରିଛନ୍ତି। ତେବେ ୨୦୨୩-୨୪ ଆର୍ଥିକ ବର୍ଷରେ ଏବେ ୬୮୬ ଚାଷୀ ୪କୋଟି ୧୦ ଲକ୍ଷ ଟଙ୍କାର କୃଷି ଯନ୍ତ୍ରପାତି କିଣିଛନ୍ତି। କୃଷି ଯନ୍ତ୍ରପାତି କ୍ରୟ ବଢ଼ି ଚାଲିଛି। କୃଷି ଯନ୍ତ୍ରପାତି ମେଳାରେ ୪୦ଟି ଷ୍ଟଲ ଖୋଲିବ। ୨୦ ରୁ ଊର୍ଦ୍ଧ୍ୱ କମ୍ପାନୀ ଯୋଗ ଦେବାର ରହିଛି। ସରକାରୀ ରିହାତିରେ କୃଷି ଯନ୍ତ୍ରପାତି କ୍ରୟ ପାଇଁ ଅନଲାଇନରେ ଆବେଦନ କରିବାକୁ କୁହାଯାଇଛି। ଅନ୍ୟପକ୍ଷେ କୃଷି ଉପକରଣ କିଣିବାକୁ ହେଲେ ଚାଷୀଙ୍କ ଆଇଡି ଦରକାର। ଆଇଡି ନ ଥିଲେ ୭ଦିନ ମଧରେ ଆଇଡି କରାଯାଇ ପାରିବ ବୋଲି କୁହାଯାଇଛି।



କୃଷି ଯନ୍ତ୍ରପାତି ମେଳା ଲାଗି ଅନୁଷ୍ଠିତ ବୈଠକରେ ଜିଲାପାଳ ଓ ଅନ୍ୟମାନେ।

# ମାଣ୍ଡିଆ ପରି ଖାଦ୍ୟ ଅପପୁଷ୍ଟିକୁ ରୋକିବ



ମାଣ୍ଡିଆ ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ଗଣିଆ,୧୦।୧୧ (ସନ୍ତୋଷ କୁମାର ପ୍ରଧାନ)

ପ୍ରତିବର୍ଷ ନଭେମ୍ବର ୧୦ ତାରିଖକୁ ମାଣ୍ଡିଆ ଦିବସ ପାଳନ ରୂପେ ଘୋଷଣା କରାଯାଇଛି। ଏପରିସ୍ଥଳେ ଶୁକ୍ରବାର ଗଣିଆ ବ୍ଲକ ପ୍ରଶାସନ ଓ ଗଣିଆ ଉନ୍ନୟନ କମିଟି ପକ୍ଷରୁ ବ୍ଲକ ସଭାଗୃହ ପରିସରରେ ମାଣ୍ଡିଆ ଦିବସ ପାଳନ କରାଯାଇଛି। ବୈଠକରେ ବ୍ଲକ ଅଧ୍ୟକ୍ଷା ଝୁନା ଜେନା, ବିଡିଓ ଡମ୍ବରୁଧର ମଲ୍ଲିକ, ଆତ୍ମା କମିଟି ଅଧ୍ୟକ୍ଷା ଗୀତାରାଣି ରାଉତ, ବ୍ଲକ ମହିଳା ଓ ଶିଶୁ ବିକାଶ ଅଧିକାରୀ ଉଷାରାଣୀ ସାହୁ, ଗଣିଆ ସରପଞ୍ଚ ଗିରିଧାରୀ ସେଠୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ମାଣ୍ଡିଆ ପରି ଫସଲ ଚାଷ ପାଇଁ ମିଲେଟ ମିଶନ ଦ୍ୱାରା ଚାଷୀଙ୍କୁ ମିଳୁଥିବା ପ୍ରୋତ୍ସାହନ ସମ୍ପର୍କରେ ବୁଝାଇ ଥିଲେ। ଏହି ଅବସରରେ ସ୍ୱେଚ୍ଛାସେବୀ ସଙ୍ଗଠନ ଗଣିଆ ଉନ୍ନୟନ କମିଟି ପକ୍ଷରୁ ମାଣ୍ଡିଆ ଚାଷ ସଚେତନତା ରଥ ବିଭିନ୍ନ ଗାଁ ପରିକ୍ରମା କରିଥିଲା। ବିଶେଷକରି ମାଣ୍ଡିଆ ପରି ଖାଦ୍ୟ ଅପପୃଷ୍ଟିକୁ ରୋକିବା ଦିଗରେ ପ୍ରମୁଖ ଖାଦ୍ୟ ଭାବେ ପରିଗଣିତ ହେଉଛି। ମାଣ୍ଡିଆ ପରି ଖାଦ୍ୟରେ ଆଣ୍ଟି ଅକ୍ସିଡେଣ୍ଟ ଓ କ୍ୟାଲସିୟମ ଭରପୁର ହୋଇ ରହିଥିବା ବେଳେ ଏହାର ଚାଷ ପାଇଁ ଚାଷୀଙ୍କୁ ସଚେତନତା କରିବାର ସମୟ ଆସିଛି ବୋଲି ବିଡିଓ ମଲ୍ଲିକ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ବିଭାଗର ଅଧିକାରୀଙ୍କ ସମେତ ଅଙ୍ଗନୱାଡି କର୍ମୀ ଉପସ୍ଥିତ ରହିଥିଲେ। ପରେ ମାଣ୍ଡିଆରୁ ପ୍ରସ୍ତୁତ ଖାଦ୍ୟ ସାମଗ୍ରୀ ଷ୍ଟଲକୁ ବ୍ଲକ ଅଧ୍ୟକ୍ଷା ଉଦ୍‌ଘାଟନ କରିବା ପରେ ଖାଦ୍ୟ ସାମଗ୍ରୀଗୁଡିକୁ ଉପସ୍ଥିତ ଅତିଥିମାନଙ୍କୁ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଗଣିଆ ଉନ୍ନୟନ କମିଟିର ସମ୍ପାଦକ ଆନନ୍ଦ ଚନ୍ଦ୍ର ବେହେରା ପରିଚାଳନା କରିଥିଲେ।

# ଜବରଦଖଲ ଉଚ୍ଛେଦ

ନୟାଗଡ଼,୧୦।୧୧(ଲୋକନାଥ ମିଶ୍ର)



ପ୍ରଶାସନ ପକ୍ଷରୁ ଜବରଦଖଲରେ ଥିବା ଘରକୁ ଭାଙ୍ଗି ଦିଆଯାଇଛି।

ନୟାଗଡ଼ ମ୍ୟୁନିସିପାଲିଟି ପକ୍ଷରୁ ସହରର ଶିବାଜୀ ନଗରରେ ଓ ସରସ୍ୱତୀ ବିଦ୍ୟା ମନ୍ଦିର ପଛ ପାଖ ସରସ୍ୱତୀ ବିହାରରୁ ଜବରଦଖଲ ଶୁକ୍ରବାର ଉଚ୍ଛେଦ ହୋଇଛି। ଶିବାଜୀ ନଗରରେ ଜଣେ ବ୍ୟକ୍ତି ସରକାରୀ ରାସ୍ତାକୁ ଜବରଦଖଲ କରି ପ୍ରାଚୀର କରିବା ସହ ଆଜବେଷ୍ଟସ ପକାଇ ଅସ୍ଥାୟୀ ଘର କରିଥିଲେ। ସେହିପରି ସରସ୍ୱତୀ ବିଦ୍ୟାମନ୍ଦିର ପଛପାଖ ସରସ୍ୱତୀ ବିହାରରେ ଡ୍ରଗ ଇନ୍ସପେକ୍ଟରଙ୍କ କାର୍ଯ୍ୟାଳୟ ସହ ସରକାରୀ ବାସଭବନ ହେବାକୁ ଥିବା ପ୍ରାୟ ୫୦ ଡେସିମିଲ ଜମିକୁ ତାରବାଡ କରି ଜବରଦଖଲ କରାଯାଇଥିଲା। ନୟାଗଡ ତହସିଲଦାର ଓ ନୟାଗଡ ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଉପସ୍ଥିତିରେ ପୋଲିସ ଫୋର୍ସ ଥାଇ ଜବରଦଖଲ ଉଚ୍ଛେଦ କରାଯାଇଛି।

# କାୟାକଳ୍ପ କାର୍ଯ୍ୟକ୍ରମକୁ ଲୋକାଭିମୁଖୀ ପାଇଁ ପ୍ରୟାସ

ନୟାଗଡ,୧୦।୧୧(ଲୋକନାଥ ମିଶ୍ର)

ନୟାଗଡ଼ ବ୍ଲକର ବାଲୁଗାଁସ୍ଥିତ ସରକାରୀ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ମାଧ୍ୟମରେ କାୟାକଳ୍ପ କାର୍ଯ୍ୟକ୍ରମକୁ ଲୋକାଭିମୁଖୀ କରିବା ପାଇଁ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ସାଇକେଲ ରାଲି, ଭଲି ବଲ ପ୍ରତିଯୋଗିତା, ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ୱେଚ୍ଛାସେବୀ, ଜନସାଧାରଣ, ଯୁବବର୍ଗ ଓ ଛାତ୍ରୀଛାତ୍ରମାନଙ୍କୁ ସାମିଲ କରାଯାଇଥିଲା। ଏଥିସହ ସ୍ୱଚ୍ଛତା ପକ୍ଷ ପାଳନ ଅବସରରେ ଦାସକାଠିଆ ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଡା. ଶୁଭଶ୍ରୀ ମହାନ୍ତି, ଜୁଲିଏଟ ଦାସ ଓ ଦେଶ କଲ୍ୟାଣୀ ଲିନା ପରିଚାଳନା କରିଥିଲେ। ପ୍ରଭାତି ମହାପାତ୍ର ଓ ଅନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ। ସ୍ଥାନୀୟ ସରପଞ୍ଚ ମନୋଜ କୁମାର ନାୟକ ଓ ଅନ୍ୟ ଲୋକ ପ୍ରତିନିଧିମାନେ ସହଯୋଗ କରିଥିଲେ।

# ଭାଜପାର ଜିଲା ସଭାପତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ନୟାଗଡ଼,୧୦।୧୧(ଲୋକନାଥ ମିଶ୍ର)

ଭାଜପାର ନୟାଗଡ଼ ଜିଲା ପାଇଁ ନବନିଯୁକ୍ତ ଜିଲା ସଭାପତି ତାପସ ରଞ୍ଜନ ମାର୍ଥାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଶୁକ୍ରବାର ଦିଆଯାଇଛି। ପୂର୍ବତନ କନ୍ଧମାଳ ଏମ୍‌ପି ପ୍ରତ୍ୟୁଷା ରାଜେଶ୍ୱରୀ ସିଂଙ୍କ ନେତୃତ୍ୱରେ ୩୦୦ରୁ ଊର୍ଦ୍ଧ୍ୱ ବାଇକ୍ ଶୋଭାଯାତ୍ରା ଗମ୍ଭାରୀଡ଼ିହିଠାରୁ ନୟାଗଡ଼ ସହର ଦେଇ ଲେଙ୍କୁଡ଼ିପଡା କଲ୍ୟାଣ ମଣ୍ଡପଠାରେ ପହଞ୍ଚି ଥିଲା। ଭାଜପାର ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ରଙ୍କ ଉପସ୍ଥିତିରେ ସ୍ଥାନୀୟ ଅଞ୍ଚଳର ଲୋକମାନଙ୍କୁ ଉତ୍ସାହିତ କରିଥିଲା। ବାଇକ୍ ଶୋଭାଯାତ୍ରାରେ ନୟାଗଡ଼ କଲେଜ ନିକଟସ୍ଥ କଲ୍ୟାଣ ମଣ୍ଡପଠାରେ ପହଞ୍ଚିବା ପରେ ସେଠାରେ ସ୍ୱାଗତ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଜିଲା ପ୍ରଭାରୀ ନିରଞ୍ଜନ ମିଶ୍ର, ପୂର୍ବତନ ଦଶପଲ୍ଲା ବିଧାୟକ ପୂର୍ଣ୍ଣଚନ୍ଦ୍ର ନାୟକ, ରଣପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ନିର୍ମଳା ବେହେରା ସମେତ ଦଳୀୟ କର୍ମକର୍ତ୍ତା ଯୋଗଦେଇଥିଲେ। ଦଳକୁ କିଭଳି ବୁଥସ୍ତରରେ ମଜଭୁତ କରାଯିବ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାକୁ ଲୋକଙ୍କ ନିକଟରେ ପହଞ୍ଚେଇବା, ରାଜ୍ୟ ସରକାରଙ୍କ ବିଫଳତାକୁ ଲୋକଙ୍କ ପାଖରେ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ପହଞ୍ଚାଇବା, ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତି ଇତ୍ୟାଦି ବିଷୟ ଉପରେ ଉପସ୍ଥିତ ବକ୍ତାମାନେ ନିଜର ଅଭିଭାଷଣ ରଖିଥିଲେ।





ସମ୍ବର୍ଦ୍ଧନା ଉତ୍ସବରେ ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର, ପୂର୍ବତନ କନ୍ଧମାଳ ଏମ୍‌ପି ପ୍ରତ୍ୟୁଷା ରାଜେଶ୍ୱରୀ ସିଂ, ନବନିର୍ବାଚିତ ନୟାଗଡ ଭାଜପା ଜିଲା ସଭାପତି ତାପସ ରଞ୍ଜନ ମାର୍ଥା ଓ ଅନ୍ୟମାନେ।

# ପାର୍କିଂ, ପାଟ୍ରୋଲିଂ, ଟ୍ରାଫିକକୁ ଗୁରୁତ୍ୱ

- ଜିଲା ମହୋତ୍ସବ, ପଲ୍ଲିଶ୍ରୀ ମେଳା ପାଇଁ ପ୍ରସ୍ତୁତି ବୈଠକ
- ଡିସେମ୍ବର ୨୪ରୁ ୫ଦିନ ଧରି ହେବ ମହୋତ୍ସବ
- ଅସ୍ଥାୟୀ ଫାଣ୍ଡି, ଟୋଲ ଫ୍ରି ନମ୍ବରର ରହିବ ସୁବିଧା
- ଖାଦ୍ୟ ଷ୍ଟଲ ପାଇଁ ଅଧିକ ସ୍ଥାନ ମିଳିବ





ମହୋତ୍ସବ ପ୍ରସ୍ତୁତି ବୈଠକରେ ବିଧାୟକ ଅରୁଣ କୁମାର ସାହୁ, ଜିଲାପାଳ ରବୀନ୍ଦ୍ର ନାଥ ସାହୁ, ଏସ୍‌ପି ରାହୁଲ ଜୈନ ଓ ଅନ୍ୟମାନେ।

ନୟାଗଡ଼,୧୦।୧୧(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ପରିଷଦ ସମ୍ମିଳନୀ କକ୍ଷ ସୃଜନରେ ଜିଲା ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ପାଇଁ ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ଜିଲାପାଳ ରବୀନ୍ଦ୍ର ନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ, ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ନୟାଗଡ଼ ଏସ୍‌ପି ରାହୁଲ ଜୈନ, ଜିଲା ପରିଷଦର ନିର୍ବାହୀ ଅଧିକାରୀ ସୂତାରୁ କୁମାର ବଳ, ଉପଜିଲାପାଳ ଶକ୍ତିକାନ୍ତ ରାୟ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁରେନ୍ଦ୍ର କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ଗତବର୍ଷର ଲୋକ ଭିଡକୁ ଆଖି ଆଗରେ ରଖି ଜିଲା ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ନୟାଗଡ଼ ଷ୍ଟାଡିୟମରେ କରାଯିବ। ଡିସେମ୍ବର ୨୪ରୁ ୨୮ ତାରିଖ ପର୍ଯ୍ୟନ୍ତ ମହୋତ୍ସବ ହେବ। ତେବେ ମହୋତ୍ସବକୁ ୨ଦିନ ଅଧିକ କରିବା ପାଇଁ ମତ ପ୍ରକାଶ ପାଇଛି। ଯାହାକି ଜିଲା ପ୍ରଶାସନର ବିଚାରାଧୀନ ରହିଛି। ପ୍ରମୁଖ ବ୍ୟକ୍ତି ବିଶେଷଙ୍କୁ ଚୟନ କରାଯାଇ ସମ୍ବର୍ଦ୍ଧିତ କରାଯିବାକୁ ନିଷ୍ପତ୍ତି ହୋଇଛି। ଗତବର୍ଷର ପାର୍କିଂ, ପାଟ୍ରୋଲିଂ ଓ ଟ୍ରାଫିକ ସେବାରେ ଦେଖା ଦେଇଥିବା ଅସୁବିଧା ଆଲୋଚନାରେ ସ୍ଥାନ ପାଇଥିଲା। ଏଣୁ ପାର୍କିଂ, ପାଟ୍ରୋଲିଂ, ଟ୍ରାଫିକ ସେବାକୁ ଗୁରୁତ୍ୱ ଦିଆଯାଇଛି। ଏସ୍‌ପିଙ୍କ ସୂଚନା ଅନୁସାରେ, ମହୋତ୍ସବ ପାଇଁ ଟ୍ରାଫିକ ସେବାକୁ କଡ଼ାକଡି କରାଯିବ। ୨ଜଣ ଡିଏସ୍‌ପି ଓ ଜଣେ ଇନ୍ସପେକ୍ଟର ମହୋତ୍ସବ ଦାୟିତ୍ୱରେ ରହିବେ। ପୋଲିସ ଫୋର୍ସ ମୁତୟନ ହେବେ। ବାଇକ୍ ପାଟ୍ରୋଲିଂ ହେବା ସହ ରାତ୍ରି କାଳୀନ ପାଟ୍ରୋଲିଂ ହେବ। ଅସ୍ଥାୟୀ ପୋଲିସ ଫାଣ୍ଡି ଓ କଣ୍ଟ୍ରୋଲ ରୁମ ଖୋଲିବ। ଟୋଲ ଫ୍ରି ନମ୍ବରର ସୁବିଧା ରହିବ। ପାର୍କିଂ ପାଇଁ ସାଧାରଣ ଲୋକ, ଗଣମାଧ୍ୟମର ପ୍ରତିନିଧି ଓ ଅନ୍ୟମାନେ ଯେପରି ହଇରାଣ ନ ହେବେ ସେଥିପ୍ରତି ସ୍ୱତନ୍ତ୍ର ଭାବେ ପଦକ୍ଷେପ ନିଆଯିବ। ଖାଦ୍ୟ ଷ୍ଟଲ ପାଇଁ ଅଧିକ ସ୍ଥାନ ଦିଆଯିବ। ଲୋକମାନେ ଯେପରି ଖାଦ୍ୟ ଖାଇବାରେ ଅସୁବିଧାର ସମ୍ମୁଖୀନ ନ ହେବେ ସେଥିପ୍ରତି ଧ୍ୟାନ ଦିଆଯିବାକୁ ନିଷ୍ପତ୍ତି ହୋଇଛି। ମହୋତ୍ସବକୁ ଶାନ୍ତି ଶୃଙ୍ଖଳାର ସହ ସମାପନ କରିବାକୁ ବିଭିନ୍ନ କମିଟି ଗଠନ କରାଯାଇଛି। କମିଟିର ମୁଖ୍ୟ ବିଭିନ୍ନ ସମୟରେ ବୈଠକ କରାଇ ମହୋତ୍ସବକୁ ଶାନ୍ତି ଶୃଙ୍ଖଳାର ସହ ସମାପନ କରାଇବାକୁ ପଦକ୍ଷେପ ନେବେ। ଭଲ ସାଂସ୍କୃତିକ ଦଳଙ୍କ ଆଣି କାର୍ଯ୍ୟକ୍ରମ କରାଯିବ। ମହୋତ୍ସବକୁ ଶାନ୍ତିଶୃଙ୍ଖଳା ଓ ଆକର୍ଷଣୀୟ ସହ ନିଜର ଭାବି କାମ କରିବାକୁ ନୟାଗଡ଼ ବିଧାୟକ ସାହୁ ପରାମର୍ଶ ଦେଇଥିଲେ। ବୈଠକରେ ସାହିତ୍ୟିକ, ଲେଖକ, ସମାଜିକ କର୍ମୀ, ଖବରଦାତା, କଳାକାର, ଲେଖକ, ବୁଦ୍ଧିଜୀବୀ ଯୋଗ ଦେଇଥିଲେ। ତେବେ ଜିଲାର ରଣପୁର ବିଧାୟକ, ଖଣ୍ଡପଡ଼ା ବିଧାୟକ ଓ ଦଶପଲ୍ଲା ବିଧାୟକ, ବିଭିନ୍ନ ବ୍ଲକ ଓ ପୌରାଞ୍ଚଳର ଚେୟାରମ୍ୟାନ, ବିଡିଓ ଅନୁପସ୍ଥିତ ଥିଲେ।

# ଆମ ଓଡ଼ିଶା, ନବୀନ ଓଡ଼ିଶା ଯୋଜନା ଶୁଭାରମ୍ଭ




କାର୍ଯ୍ୟକ୍ରମରେ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଏବଂ ଅନ୍ୟମାନେ।

## ଧର୍ମଶାଳା ନିର୍ବାଚନମଣ୍ଡଳୀକୁ ୨୭ କୋଟି

ଧର୍ମଶାଳା/କାଏମା,୧୦।୧୧
(ବଟକୃଷ୍ଣ ପରିଡ଼ା/ଶିବପ୍ରସାଦ ମହାନ୍ତ)

ଧର୍ମଶାଳା ବ୍ଲକ ବଡ଼ କାଏମାସ୍ଥିତ ଲାଲବାହାଦୁର ହାଇସ୍କଲ ଖେଳ ପଡିଆଠାରେ ଶୁକ୍ରବାର ଆମ ଓଡ଼ିଶା, ନବୀନ ଓଡ଼ିଶା ଯୋଜନା ଶୁଭାରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଯୋଜନାର ଶୁଭାରମ୍ଭ କରିଛନ୍ତି। ଏଥିରେ ୫-ଟି ଓ ଆମ ଓଡ଼ିଶା, ନବୀନ ଓଡିଶା ଅଧ୍ୟକ୍ଷ ଭିକେ ପାଣ୍ଡିଆନ ଯୋଜନାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ଧର୍ମଶାଳା ନିର୍ବାଚନମଣ୍ଡଳୀର ୫୪ ପଞ୍ଚାୟତକୁ ୫୦ ଲକ୍ଷ ଲେଖାଏ ମୋଟ୍ ୨୭କୋଟି ଟଙ୍କା ମଞ୍ଜୁର କରିଛନ୍ତି ବୋଲି ପାଣ୍ଡିଆନ କହିଛନ୍ତି। କାର୍ଯ୍ୟକ୍ରମରେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ଜନହିତକର କାର୍ଯ୍ୟକୁ ପ୍ରଶଂସା କରିଥିଲେ। ବ୍ଲକରେ ଥିବା କଲେଜଗୁଡିକ ପାଇଁ ୮ କୋଟି ୫୦ଲକ୍ଷ, ବିଭିନ୍ନ ରାସ୍ତା ଉନ୍ନତୀକରଣ ପାଇଁ ୧୦୦କୋଟି ଟଙ୍କା ମଞ୍ଜୁର ହୋଇଛି। ଇନଡୋର ଷ୍ଟାଡିୟମ ସହ ବିଭିନ୍ନ ପଞ୍ଚାୟତର ଖେଳପଡିଆ ପାଇଁ ଅନୁଦାନ ମଞ୍ଜୁର ହୋଇଥିବା ବିଧାୟକ କହିଛନ୍ତି। କାର୍ଯ୍ୟକ୍ରମରେ ଏସଏଚଜିର ମହିଳାମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ, ତହସିଲଦାର ଶୁଭଙ୍କର ମହାନ୍ତି, ଜିଲାପରିଷଦ ସଭ୍ୟ ଜଳଧର ମହାନ୍ତି, ଚକ୍ରଧର ବେହେରା, ସୁଧାଂଶୁ ଭୂଷଣ ସାହୁ, ପ୍ରଣତୀ ଲେଙ୍କା, ସ୍ମୃତିରେଖା ବେହେରା ଓ ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟାସଭ୍ୟ ଯୋଗ ଦେଇଥିଲେ।

## କୋରେଇ ବ୍ଲକ୍ ପାଇଁ ମିଳିଲା ୧୪ କୋଟି

କୋରେଇ,୧୦।୧୧(ଚନ୍ଦ୍ରକାନ୍ତ ପତି)

ଯାଜପୁର ଜିଲାରେ ଶୁକ୍ରବାର ଆମ ଓଡ଼ିଶା, ନବୀନ ଓଡ଼ିଶା ଯୋଜନା ଶୁଭାରମ୍ଭ ହୋଇଛି। ଉକ୍ତ ଯୋଜନାରେ ଜିଲାକୁ ୧୫୫କୋଟି ୫୦ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଏଥିରେ ୪,୧୦୯ଟି ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ କାର୍ଯ୍ୟକାରୀ ହେବ। କୋରେଇ ବ୍ଲକ ସାଦକପୁର ପଞ୍ଚାୟତର ବଟିରା ପଡ଼ିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଯୋଜନାର ଶୁଭାରମ୍ଭ ହୋଇଛି। କାର୍ଯ୍ୟକ୍ରମରେ କୋରେଇ ବିଧାୟକ ଅଶୋକ ବଳ ଯୋଗଦେଇ କୋରେଇ ବ୍ଲକର ୨୮ ପଞ୍ଚାୟତ ନିମନ୍ତେ ୧୪ କୋଟି ଟଙ୍କାରେ ୫୩ ବିଭିନ୍ନ ପ୍ରକଳ୍ପ ପାଇଁ ଅନୁଦାନ ଆସିଥିବାରୁ ମୁଖ୍ୟମନ୍ତ୍ରୀ ଓ ୫-ଟି ଏବଂ ନବୀନ ଓଡ଼ିଶା ଅଧ୍ୟକ୍ଷ ଭିକେ ପାଣ୍ଡିଆନଙ୍କୁ କୃତଜ୍ଞତା ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କଳିଙ୍ଗନଗର ଏଡିଏମ ସନ୍ତୋଷ ମିଶ୍ର, ବ୍ୟାସନଗର ତହସିଲଦାର ଦେବାଶିଷ ରାଉତ, ବିଡିଓ ଅଶୋକ କୁମାର ମାଝି, ଜିଲା ପରିଷଦ ସଭାପତି ନଳିନୀ ପ୍ରଭା ଜେନା, ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ଦଳାଇ, ଉପାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦାସ, ଯାଜପୁର ଜିଲା ଯୁବ ସଭାପତି ପ୍ରତାପ ମହାନ୍ତି, ବ୍ଲକ ବିଜେଡି ସଭାପତି ଭକ୍ତବତ୍ସଳ ସ୍ୱାଇଁ, ତାରକେଶ୍ୱର ମହାନ୍ତି, ସ୍ୱୟଂସହାୟକ ମହିଳା ଗୋଷ୍ଠୀ, ସରପଞ୍ଚ, ସମିତି ସଭ୍ୟାସଭ୍ୟ, ବ୍ଲକର ସମସ୍ତ କର୍ମଚାରୀ, ଯୁବ ଓ ବରିଷ୍ଠ ନେତାଙ୍କ ସମେତ ବହୁ ଜନ ସାଧାରଣ ଉପସ୍ଥିତ ଥିଲେ। କୋରେଇ ପୋଲିସ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲା।



କୋରେଇ ବ୍ଲକ ସାଦକପୁର ପଞ୍ଚାୟତର ବଟିରା ପଡ଼ିଆରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ଅଶୋକ ବଳ ଏବଂ ଅନ୍ୟମାନେ।



ବରୀ ବ୍ଲକ୍‌ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟିକା ସୁନନ୍ଦା ଦାସ, ଅଧିକାରୀ ଏବଂ ଅନ୍ୟମାନେ।

## ବରୀ ବ୍ଲକ୍‌କୁ ୧୪ କୋଟି ୫୦ ଲକ୍ଷ

ବରୀ,୧୦।୧୧(ମହେନ୍ଦ୍ର ସ୍ୱାଇଁ)

ବରୀ ବ୍ଲକ୍‌ରେ ଆମ ଓଡ଼ିଶା, ନବୀନ ଓଡ଼ିଶା ଯୋଜନା ଶୁଭାରମ୍ଭ ହୋଇଛି। ବ୍ଲକ୍‌ର ୩୯୯ ପ୍ରକଳ୍ପ ପାଇଁ ୧୪ କୋଟି ୫୦ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରୀ ବିଧାୟିକା ସୁନନ୍ଦା ଦାସ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଏବଂ ଆମ ଓଡ଼ିଶା, ନବୀନ ଓଡ଼ିଶା ଅଧ୍ୟକ୍ଷ ଭିକେ ପାଣ୍ଡିଆନଙ୍କୁ କୃତଜ୍ଞତା ଜଣାଇଛନ୍ତି। କାର୍ଯ୍ୟକ୍ରମରେ ବ୍ଲକ୍ ଅଧ୍ୟକ୍ଷ ଅଶୋକ କୁମାର ଗେଡି, ଉପାଧ୍ୟକ୍ଷା ଅର୍ଚ୍ଚନା ମଲିକ, ଜିଲାପରିଷଦ ସଭ୍ୟ ଅଶୋକ ସାମଲ, ଯୁବ ବିଜେଡି ସଭାପତି ରଞ୍ଜନ ପଣ୍ଡା, ଦିଲୀପ ମହାନ୍ତି, ସନ୍ତୋଷ ସାମଲ, ଯାଜପୁର ଜିଲା ପରିଷଦର ପ୍ରକଳ୍ପ ଅଧିକାରୀ ଅଶୋକ କୁମାର ବେଉରିଆ, ବିଡିଓ ପଞ୍ଚାନନ ମଲିକ, ତହସିଲଦାର ଲୋକନାଥ ସେଠୀ, ଅତିରିକ୍ତ ବିଡିଓ ମହେଶ୍ୱର ସେଠୀ, ସରପଞ୍ଚ ରଶ୍ମିତା ପରିଡା, ସସ୍ମିତା କୁଣ୍ଡୁ, ପ୍ରଜ୍ଞାପରମିତା ପରିଡ଼ା, ସୁଶାନ୍ତ ଦାସ, ପ୍ରଭାତି ପଲାଇ, ରେବତୀ ଜେନା, ଜଗଦୀଶ ଜେନା, କୈଳାସ ମଲିକ, ଚପଳା ମଲ୍ଲ ଓ ହରପ୍ରିୟା ସାହୁଙ୍କ ସମେତ ୨୯ ପଞ୍ଚାୟତର ସରପଞ୍ଚ ଏବଂ ସମିତିସଭ୍ୟାସଭ୍ୟ ଯୋଗଦେଇଥିଲେ।

## ମହାବିନାୟକ ଶୈବପୀଠ ପାଇଁ ୭ କୋଟି

ବଡ଼ଚଣା/ଚଣ୍ଡିଖୋଲ,୧୦।୧୧
(ଦିଲୀପ ମହାନ୍ତି/ପ୍ରଦୀପ୍ତ କୁମାର ପୃଷ୍ଟି)

ବଡ଼ଚଣା ବ୍ଲକ୍ ପ୍ରଶାସନ ପକ୍ଷରୁ ଚଣ୍ଡିଖୋଲ ବିଜୁ କଲ୍ୟାଣ ମଣ୍ଡପଠାରେ ଆମ ଓଡ଼ିଶା, ନବୀନ ଓଡ଼ିଶା ଯୋଜନା ଶୁଭାରମ୍ଭ ହୋଇଛି। ଭର୍ଚୁଆଲ ମାଧ୍ୟମରେ ୫-ଟି ଓ ଆମ ଓଡ଼ିଶା ଅଧ୍ୟକ୍ଷ ଭିକେ ପାଣ୍ଡିଆନ ଯୋଗଦେଇ ବଡ଼ଚଣା ବ୍ଲକ ସମ୍ବନ୍ଧରେ କହିଥିଲେ। ମହାବିନାୟକ ଶୈବ ପୀଠ ପାଇଁ ୭ କୋଟି, ଛଡିଆ ପାନ୍ଥ ନିବାସ ପାଇଁ ୧ କୋଟି, ବାବା ଭୈରବାନନ୍ଦ ମହାବିଦ୍ୟାଳୟ ପାଇଁ ୨.୫ ଲକ୍ଷ, ସାହାସପୁର ମହାବିଦ୍ୟାଳୟ ପାଇଁ ୧ କୋଟି, ହାଡିଦାସ ମହାବିଦ୍ୟାଳୟ ପାଇଁ ୫୦ ଲକ୍ଷ, ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟ ୫୦ ଲକ୍ଷ, ବଡ଼ଚଣାର ବିଭିନ୍ନ ନଦୀବନ୍ଧ ମରାମତି ପାଇଁ ୧୦ କୋଟି ଏହିପରି ୪୩ ପଞ୍ଚାୟତର ୫୩୩ ପ୍ରକଳ୍ପ ପାଇଁ ମୋଟ୍ ୨୧ କୋଟି ୫୦ ଲକ୍ଷ ଟଙ୍କା ମୁଖ୍ୟମନ୍ତ୍ରୀ ଅନୁଦାନ କରିଥିବା ପାଣ୍ଡିଆନ ଘୋଷଣା କରିଥିଲେ। ଏହାପରେ ବିଧାୟକ ଅମର ପ୍ରସାଦ ଶତପଥୀ ତାଙ୍କ ବକ୍ତବ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ପାଣ୍ଡିଆନଙ୍କୁ କୃତଜ୍ଞତା ଜଣାଇଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଜିଲା ପରିଷଦ ସଭ୍ୟାସଭ୍ୟ, ସରପଞ୍ଚ, ସମିତିସଭ୍ୟାସଭ୍ୟ, ପଞ୍ଚାୟତ ସଭାପତି, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଭାନେତ୍ରୀ ଓ ବିଭିନ୍ନ ମହିଳା ସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ। ବଡ଼ଚଣା, ବାଲିଚନ୍ଦ୍ରପୁର ଓ ବୈରୀ ପୋଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ବଡ଼ଚଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବୀନ୍ଦ୍ର କୁମାର ପ୍ରଧାନ ପ୍ରାରମ୍ଭିକ ସୂଚନା ଦେଇଥିଲେ।

**DATA ENTRY EXECUTIVE**
**ଆବଶ୍ୟକ**
Bhubaneswar Transports ସଂସ୍ଥା ପାଇଁ Microsoft Office ରେ Data Entry ପାଇଁ ଯୋଗ୍ୟ ପ୍ରାର୍ଥୀ ଆବଶ୍ୟକ। ଯୋଗ୍ୟତା- ଗ୍ରାଜୁଏସନ୍।
ଯୋଗାଯୋଗ- 9853802717

**WANTED**
A reputed Real Estate Company requires
MARKETING MANAGER- 4 Nos.
MARKETING EXECUTIVE- 6 Nos.
(Fixed salary with high incentives).
9938725854, 8339826767

## ରସୁଲପୁର ବ୍ଲକର ୩୮୦ ପ୍ରକଳ୍ପ ପାଇଁ ୧୪ କୋଟି ମଞ୍ଜୁର

ରସୁଲପୁର,୧୦।୧୧(ରଞ୍ଜିତ ରାଉତ)

ଯାଜପୁର ଜିଲାରେ ଶୁକ୍ରବାର ସନ୍ଧ୍ୟାରେ ଆମ ଓଡିଶା, ନୀବନ ଓଡିଶା ଯୋଜନା ଶୁଭାରମ୍ଭ କରାଯାଇଛି। ରସୁଲପୁର ବ୍ଲକ ଅନ୍ତର୍ଗତ କୁଆଖିଆ ବଜାରର ନିୟନ୍ତ୍ରିତ ବଜାର କମିଟି ହାଟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୫-ଟି ଓ ଆମ ଓଡ଼ିଶା, ନବୀନ ଓଡିଶା ଅଧ୍ୟକ୍ଷ ଭି.କେ ପାଣ୍ଡିଆନ ଅଧ୍ୟକ୍ଷତା କରିଥିଲେ। ଆଭାସି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇ କାର୍ଯ୍ୟକ୍ରମକୁ ଲୋକାର୍ପଣ କରିଥିଲେ। ଜିଲାର ୧୦ ବ୍ଲକ ଅଧୀନ ବହୁ ପ୍ରକଳ୍ପ ସଂପର୍କରେ ସୂଚନା ଦିଆଯିବା ସହ ସେ ଦିଗରେ ବ୍ୟୟବରାଦ ହୋଇଥିବା ଅର୍ଥରାଶି ସଂପର୍କରେ ସୂଚନା ଦିଆଯାଇଥିଲା। ରସୁଲପୁର ବ୍ଲକ ପାଇଁ ବରୀ, ଧର୍ମଶାଳା, କୋରେଇ ଆଦି ନିର୍ବାଚନ ମଣ୍ଡଳିରେ ବିଭକ୍ତ କରାଯାଇଛି। ଏହି ବ୍ଲକରେ ମୋଟ ୩୮୦ଟି ପ୍ରକଳ୍ପ ପାଇଁ ୧୪କୋଟି ଟଙ୍କା ବ୍ୟୟବରାଦ କରାଯାଇ ଥିବାବେଳେ ବରୀ ଅଂଶର ୧୦ ପଞ୍ଚାତୟରେ ୧୩୦ ପ୍ରକଳ୍ପ ପାଇଁ ୫କୋଟି, ଧର୍ମଶାଳାରେ ସାମିଲ ହୋଇଥିବା ୯ ପଞ୍ଚାୟତରେ ୧୧୯ ପ୍ରକଳ୍ପ ପାଇଁ ୪.୫କୋଟି, କୋରେଇ ପାଇଁ ୧୩୧ ପ୍ରକଳ୍ପକୁ ୪.୫କୋଟି ଟଙ୍କା ମଂଜୁର ହୋଇଥିବା ଜଣାଯାଇଛି। ଧର୍ମଶାଳା ଅଂଶରେ ଅବସ୍ଥିତ ଐତିହାସିକ ପୀଠ ପ୍ରଭୁ ନାରାୟଣ ଗୋସାଇଁଙ୍କ ବିଜେ ସ୍ଥଳି, ସ୍ଥଳଦେଶର ମନ୍ଦିର ଉନ୍ନତୀକରଣ ପାଇଁ ୪୫କୋଟି, ବରୀ ଅଂଶର ମା' ଖଗେଶ୍ୱରୀ ପୀଠର ଉନ୍ନତୀକରଣ ପାଇଁ ୧.୫କୋଟି, ରସୁଲପୁର ବ୍ଲକ ସହ କୋରେଇ, ବ୍ୟାସନଗର, କଳିଙ୍ଗନଗର ଶିଳ୍ପାଂଚଳକୁ ଗମନାଗମନ ସୁବିଧା ପାଇଁ ଖରସ୍ରୋତା ଉପରେ ୯୮୯ମିଟର ଦୀର୍ଘ ପୋଲ ନିର୍ମାଣ ପାଇଁ ୧୧୧.୩୨କୋଟି ଟଙ୍କା ମଂଜୁର କରାଯାଇଥିବା ସୂଚନା ମିଳିଛି। ରସୁଲପୁର ବିଡିଓ ଅବନିକାନ୍ତ ସାହୁ, ତହସିଲଦାର ନିରଞ୍ଜନ ସାହୁ, କୁଆଖିଆ ଥାନା ଅଧିକାରୀ ଶ୍ରୀକାନ୍ତ କୁମାର ବାରିକ, ଏବିଡିଓ ଦିବ୍ୟକାନ୍ତି ମିଶ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ସୋନାଲି ଧଳ, ଭାରପ୍ରାପ୍ତ ଜିପିଓ ପ୍ରଫୁଲ୍ଲ କୁମାର ଜେନା, ବିଭିନ୍ନ ବିଭାଗର ଅଧିକାରୀମାନେ ଅଂଶଗ୍ରହଣ କରି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



କୁଆଖିଆ ବଜାର କମିଟି ହାଟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଜନସାଧାରଣ।

## ବିଞ୍ଝାରପୁର ବ୍ଲକକୁ ୧୪ କୋଟି ୫୦ ଲକ୍ଷ



ବିଞ୍ଝାରପୁର ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାଚସ୍ପତି ପ୍ରମିଳା ମଲ୍ଲିକ ଓ ଅନ୍ୟମାନେ।

ସିଂହପୁର/ପ୍ରୀତିପୁର,୧୦।୧୧
(ଅନଙ୍ଗ ଉଦୟ ବେଉରିଆ/ସୁଶାନ୍ତ ବେହୁରିଆ)

ବିଞ୍ଝାରପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଆମ ଓଡ଼ିଶା, ନବୀନ ଓଡ଼ିଶା ଯୋଜନା ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଆମ ଓଡ଼ିଶା, ନବୀନ ଓଡ଼ିଶା ଏବଂ ୫-ଟି ଅଧ୍ୟକ୍ଷ ଭିକେ ପାଣ୍ଡିଆନ ଏହି କାର୍ଯ୍ୟକ୍ରମକୁ ଭିଡିଓ କନଫରେନ୍ସ ଜରିଆରେ ଉଦ୍‌ଘାଟନ କରିଥିଲେ। ବ୍ଲକର ୨୯ ପଞ୍ଚାୟତ ପାଇଁ ୧୪ କୋଟି ୫୦ ଲକ୍ଷ ଅନୁଦାନ ଯୋଗାଇ ଦିଆଯାଇଛି। ଏଥିରେ ୪୬୪ ପ୍ରକଳ୍ପ ନିର୍ମାଣ କରାଯିବ ବୋଲି ପାଣ୍ଡିଆନ କହିଛନ୍ତି। ବିଞ୍ଝାରପୁର ବିଧାୟିକା ତଥା ବାଚସ୍ପତି ପ୍ରମିଳା ମଲ୍ଲିକ ଯୋଗଦେଇ ସରକାର ଜଗନ୍ନାଥ ସଂସ୍କୃତିର ବିକାଶ ପାଇଁ ଯେଉଁ ପଦକ୍ଷେପ ଗ୍ରହଣ କରିଛନ୍ତି ତାହା ଓଡ଼ିଆଙ୍କୁ ଗର୍ବିତ କରୁଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ରଞ୍ଜିତା ଦାସ, ଜିଲା ପରିଷଦ ସଭ୍ୟ ନନ୍ଦକିଶୋର ସାମଲ, ଅହଲ୍ୟା ସ୍ୱାଇଁ, ଖଗେଶ୍ୱର ମହାନ୍ତି, ସୁନିତା ନାୟକ, ଉପାଧ୍ୟକ୍ଷ ସେକ ଇର୍ସାଦ, ମାଂସଡା ସରପଞ୍ଚ କଳିକା ଦାସ, ଇଂ. ଲାଇକ ଅଲି ଖାଁ, କୈଳାଶ ସେଠୀ, ରବୀନ୍ଦ୍ର ପରିଡ଼ା, ଶ୍ୟାମସୁନ୍ଦର ବେହେରା, ବିଡିଓ ବିଭୂନ୍ଦ୍ର ଦାସ, ସହକାରୀ ଯନ୍ତ୍ରୀ ପ୍ରଶାନ୍ତ ଦାସ ଓ କନିଷ୍ଠ ଯନ୍ତ୍ରୀ ଅମୂଲ୍ୟ ତ୍ରିପାଠୀ ପ୍ରମୁଖଙ୍କ ସମେତ ବିଭିନ୍ନ ପଞ୍ଚାୟତରୁ ହଜାର ହଜାର ମହିଳା ଯୋଗ ଦେଇଥିଲେ।

## ଦଶରଥପୁର ବ୍ଲକ୍‌କୁ ୧୭ କୋଟି ୫୦ ଲକ୍ଷ ଅନୁଦାନ

ଝୁମ୍ପୁରୀ,୧୦।୧୧(ସରୋଜ ନାୟକ)

ଦଶରଥପୁର ବ୍ଲକ୍‌ରେ ଶୁକ୍ରବାର ଆମ ଓଡ଼ିଶା, ନବୀନ ଓଡ଼ିଶା ଯୋଜନା ଶୁଭାରମ୍ଭ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଏବଂ ଆମ ଓଡ଼ିଶା ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ. ପାଣ୍ଡିୟାନ ଭର୍ଚୁଆଲ ମାଧ୍ୟମରେ ଏହି ଯେଜାନାର ଶୁଭାରମ୍ଭ କରଛନ୍ତି। ଯୋଜନାରେ ବ୍ଲକ୍‌ରେ ୩୫ ପଞ୍ଚାୟତର ୪୪୯ ପ୍ରକଳ୍ପ ନିମନ୍ତେ ୧୭ କୋଟି ୫୦ ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦିଆଯାଇଛି। ବ୍ଲକ୍‌ର ସାଧୁ ଗୌଡ଼େଶ୍ୱର କଲେଜ ପଡ଼ିଆରେ ଏହି ଯୋଜନାର ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ଯୋଗଦେଇ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ଜିଲା ପରିଷଦ ସଭ୍ୟମାନଙ୍କ ସହ ଆଲୋଚନା କରି ଯୋଜନା କିପରି ଠିକ୍ ଢଙ୍ଗରେ କାର୍ଯ୍ୟକାରୀ ହୋଇପାରିବ ସେ ଦିଗରେ ପ୍ରଶାସନକୁ ସହଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟ କେଶରୀ ଦାସ, ଜିଲ୍ଲା ବିଜେଡି ସଭାପତି ସରୋଜ ମହାପାତ୍ର, ବିଡିଓ ଆକାଶ ପଟ୍ଟନାୟକ, ବ୍ଲକ୍ ଅଧ୍ୟକ୍ଷ ଦିଗାମ୍ବର ମଲ୍ଲିକ, ଜିଲା ପରିଷଦ ସଭ୍ୟ ପାର୍ଥସାରଥୀ ମହାପାତ୍ର, ମନସ୍ୱିନୀ ଦାସ, ମାମିନା ମଲ୍ଲିକ, ନୀନାରାନୀ ସାମଲ ଓ ବ୍ଲକ୍ ସହକାରୀ ଯନ୍ତ୍ରୀ ରାହାସ ବିହାରୀ ଜେନା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସୂଚାରୁରୂପେ ପରିଚାଳନା କରାଇଥିଲେ।



କାର୍ଯ୍ୟକ୍ରମରେ ବିଧାୟକ ପ୍ରଣବ ପ୍ରକାଶ ଦାସ ଏବଂ ଅନ୍ୟମାନେ।

## ସୁକିନ୍ଦା ନିର୍ବାଚନମଣ୍ଡଳୀ ପାଇଁ ୨୪ କୋଟି



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ନେତା ଓ ଜନତା।

କଳିଙ୍ଗନଗର,୧୦।୧୧(ଶୁଭାଶିଷ ରାଉତ)

ସୁକିନ୍ଦା ନିର୍ବାଚନୀମଣ୍ଡଳିର ଦାନଗଦି ଓ ସୁକିନ୍ଦା ବ୍ଲକରେ ଆମ ଓଡ଼ିଶା, ନବୀନ ଓଡ଼ିଶା ଯୋଜନାର ଶୁଭାରମ୍ଭ ହୋଇଛି। ଏଥିରେ ସୁକିନ୍ଦା ନିର୍ବାଚନମଣ୍ଡଳୀ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୪କୋଟି ଟଙ୍କା ଅନୁଦାନ ପ୍ରଦାନ କରିଛନ୍ତି। ଦାନଗଦି ବ୍ଲକର ୨୩ ପଞ୍ଚାୟତରେ ୨୭୨ ପ୍ରକଳ୍ପ ପାଇଁ ୧୧ କୋଟି ୫୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଅନୁରୂପ ଭାବେ ୧୨କୋଟି ୫୦ ଲକ୍ଷ ଟଙ୍କା ବ୍ୟୟରେ ସୁକିନ୍ଦାର ୨୫ ପଞ୍ଚାୟତରେ ୩୯୦ ପ୍ରକଳ୍ପ ନିର୍ମାଣ ପାଇଁ ଅର୍ଥ ବରାଦ ହୋଇଛି। ମୁଖ୍ୟମନ୍ତ୍ରୀ ଓ ଆମ ଓଡ଼ିଶା, ନବୀନ ଓଡିଶା ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ ଆଭାସୀ ମାଧ୍ୟମରେ ଯୋଡି ହୋଇ ସମଗ୍ର ନିର୍ବାଚନମଣ୍ଡଳୀରେ ୬୬୨ ପ୍ରକଳ୍ପ ନିର୍ମାଣ ହେବ ବୋଲି ସୂଚନା ଦେଇଛନ୍ତି। ସୁକିନ୍ଦା ବ୍ଲକ ସଦର ମହକୁମାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ଇଂ. ପ୍ରୀତିରଞ୍ଜନ ଘଡ଼ାଇ ଯୋଗଦେଇ ଏହି ଯୋଜନା ବିକାଶର ନୂଆ ଫର୍ଦ୍ଦ ହେବ ବୋଲି କହିଥିଲେ। ସେହିପରି ଦାନଗଦିଠାରେ ଅୟୋଜିତ ଆଭାସୀ କାର୍ଯ୍ୟକ୍ରମରେ କିଆଝର ସରପଞ୍ଚ ରାଜଲକ୍ଷ୍ମୀ ମହାପାତ୍ର ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କୁ ସର୍ବାଙ୍ଗୀନ ବିକାଶ କଥା କହିଥିଲେ। ଦାନଗଦି ବ୍ଲକ ଅଧ୍ୟକ୍ଷା ଅର୍ଚ୍ଚନା ଦାସ, ଉପାଧ୍ୟକ୍ଷ ଅଜୟ କୁମାର ବିନ୍ଧାଣୀ, ସୁକିନ୍ଦା ବ୍ଲକ ଅଧ୍ୟକ୍ଷ ଦିବ୍ୟରଞ୍ଜନ ବରାଳ, ଉପାଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ ଓ ମନ୍ତ୍ରୀଙ୍କ ପ୍ରତିନିଧି ପ୍ରଦୀପ କୁମାର ମହାନ୍ତିଙ୍କ ସମେତ ହଜାର ହାଜର ଜନସାଧାରଣ ଏଥିରେ ଉପସ୍ଥିତ ଥିଲେ।

बैंक ऑफ़ बड़ौदा
Bank of Baroda

**କ୍ଷେତ୍ରୀୟ ଋପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ଭୁବନେଶ୍ୱର**
ପ୍ଲଟ୍ ନଂ.: ୮୩୧/୩୮୨୩, ସାମପୁର, କଳିଙ୍ଗ ନଗର, ଭୁବନେଶ୍ୱର-୦୩,
ମୋ.: ୭୩୨୮୮୩୪୧୪୨, ଫୋନ୍: ୦୬୭୪-୨୩୮୭୧୦୦,
୭୩୨୮୮୩୪୧୪୦/୪୧, ଇମେଲ୍: sarbhu@bankofbaroda.com

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ଆପେଣ୍ଡିକ୍ସ- IV - A (ରୁଲ୍ ୬(୨) ଏବଂ ୮(୬) ଅନୁଯାୟୀ ପ୍ରଦତ୍ତ) ସ୍ଥାବର ସମ୍ପତ୍ତିଗୁଡ଼ିକର ନିଲାମ ନିମନ୍ତେ ବିକ୍ରୟ ବିଜ୍ଞପ୍ତି
ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ରୁଲ୍ ୬(୨) ଏବଂ ୮(୬) ଅନୁଯାୟୀ ସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ନୋଟିସ୍।

ଏତଦ୍ୱାରା ସର୍ବସାଧାରଣ, ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ବ୍ୟାଙ୍କ ଅଫ୍ ବରୋଦାର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା)ଙ୍କ ଦ୍ୱାରା ବ୍ୟାଙ୍କର ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର ସମ୍ପତ୍ତିଗୁଡ଼ିକୁ **ଭୌତିକ ଦଖଲ**ରେ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ** ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି। ଋଣଗ୍ରହୀତା / ବନ୍ଧକଦାତା / ଗ୍ୟାରେଣ୍ଟିଦାତା / ସୁରକ୍ଷିତ ସମ୍ପତ୍ତି / ଦେୟ / ସଂରକ୍ଷିତ ମୂଲ୍ୟ / ଅମାନତ ରାଶି, ବିଡ୍ ବର୍ଦ୍ଧିତ ରାଶି, ଇ-ନିଲାମ ତାରିଖ ଏବଂ ସମୟର ବିସ୍ତୃତ ବିବରଣୀ ନିମ୍ନରେ ପ୍ରଦତ୍ତ।

| କ୍ର. ନଂ. | ଶାଖା/ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ସମ୍ପତ୍ତିଗୁଡ଼ିକର ବିବରଣୀ ଏବଂ ମାଲିକଙ୍କ ନାମ | ଡିମାଣ୍ଡ / ଦଖଲ ନୋଟିସ୍ ତାରିଖ/ ବକେୟା ଦେୟ | ଇ-ନିଲାମ ତାରିଖ ଓ ସମୟ | ସଂରକ୍ଷିତ ମୂଲ୍ୟ / EMD (ରାଶି)/ବିଡ୍ ବର୍ଦ୍ଧିତ ରାଶି | ଦଖଲ ସମ୍ପତ୍ତିର ସ୍ଥିତି (ସାଙ୍କେତିକ / ଭୌତିକ) | ସମ୍ପତ୍ତି ନିରୀକ୍ଷଣ ତାରିଖ ଏବଂ ସମୟ |
|---|---|---|---|---|---|---|---|
| ୧. | ନୟାପଲ୍ଲୀ ଶାଖା ଋଣଗ୍ରହୀତା: ମେସର୍ସ ସାଇ ଶମ୍ଭୁ ଟ୍ରେଡର୍ସ, ଅଂଶୀଦାରମାନେ: ୧) ଶ୍ରୀମତୀ ଅମୁଲି ପ୍ରଧାନ, ୨) ଶ୍ରୀ ଶିବାନନ୍ଦ ପ୍ରଧାନ, ଠିକଣା: ୧) ସା: ପ୍ଲଟ୍ ନଂ.: ୩୭୫, ଯାଲାଁ, ଜିଲ୍ଲା: ଖୋର୍ଦ୍ଧା, ପିନ୍ - ୭୫୨୦୫୪, ଠିକଣା:୨) ଝଗଦପଡା, ପୋ: ପଦ୍ମାବତୀ, ଜିଲ୍ଲା: ନୟାଗଡ, ପିନ୍ - ୭୫୨୦୬୩ | ଶ୍ରୀମତୀ ଅମୁଲି ପ୍ରଧାନଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଯାହାର ପ୍ଲଟ୍ ନଂ.: ୧୬୧, ଖାତା ନଂ.: ୨୦୧/୧୪, କ୍ଷେତ୍ର: ଏକର ୦.୧୬୦ ଡିସିମିଲି, ଅନୁରୂପ ସାବିକ ଖାତା ନଂ.: ୭୧, ସାବିକ ପ୍ଲଟ୍ ନଂ.: ୧୬୧, କ୍ଷେତ୍ର: ଏକର୦.୧୬୦ଡିସିମିଲି, ମୌଜା: ଶିଆରିଆପଲ୍ଲୀ, ଥାନା: ବୋଲଗଡ ନଂ.: ୭୦, ତହସିଲ: ବୋଲଗଡ, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାସ୍ତା, ପଶ୍ଚିମ: ପ୍ଲଟ୍ ନଂ.: ୧୫୬, ଉତ୍ତର: ପ୍ଲଟ୍ ନଂ.: ୧୬୦, ଦକ୍ଷିଣ: ପ୍ଲଟ୍ ନଂ.: ୧୬୨ | ୦୩.୦୭.୨୦୧୯ / ୩୧.୦୧.୨୦୨୦ / ୦୩.୦୭.୨୦୧୯ ସୁଦ୍ଧା ଟ.୯୪,୩୭,୭୫୧.୯୨ + ୦୩.୦୭.୨୦୧୯ ଠାରୁ ଚୁକ୍ତିହାରରେ ସେବାବଦ ପରବର୍ତ୍ତୀ ସୁଧ+ ଖର୍ଚ୍ଚ ଓ ଦେୟ ଏବଂ ବିଯୁକ୍ତ ଆଦାୟ ହୋଇଥିବା ରାଶି, ଯଦି ଥାଏ | ୨୯.୧୧.୨୦୨୩ ଅପରାହ୍ନ ୨.୦୦ ଘଟିକାରୁ ଅପରାହ୍ନ ୬.୦୦ ଘଟିକା | ଟ.୪୧,୨୬,୮୬୯/- / ଟ.୪,୧୫,୦୦୦/- / ଟ.୨୦,୦୦୦/- | ଭୌତିକ | ୨୪.୧୧.୨୦୨୩ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା |
| ୨. | ଭୁବନେଶ୍ୱର ମୁଖ୍ୟ ଶାଖା / ଋଣଗ୍ରହୀତାମାନେ: ୧) ଶ୍ରୀମତୀ ବାସନ୍ତୀ ମଲ୍ଲିକ, ସ୍ୱାମୀ: ୰ ସୁରେନ୍ଦ୍ର ମଲ୍ଲିକ, ଠିକଣା-୧: ପ୍ଲଟ ନଂ.: ୫୯୬/୨୭୭୪, ଗଣେଶ ମଣ୍ଡପ ନିକଟ, ଝାରପଡ଼ା, ଲକ୍ଷ୍ମୀସାଗର, ଭୁବନେଶ୍ୱର - ୭୫୧୦୦୬, ଠିକଣା-୨: କ୍ୱାର୍ଟର ନଂ.: ଇ/୨, ଇମ୍ପ୍ଲିମେଣ୍ଟ ଫ୍ୟାକ୍ଟ୍ରି କଲୋନୀ, ମଙ୍ଗଳା ମନ୍ଦିର ନିକଟ, ସତ୍ୟନଗର, ଭୁବନେଶ୍ୱର-୭୫୧୦୦୭, ୨) ଶ୍ରୀ ମନୋଜ କୁମାର ମଲ୍ଲିକ, ପିତା: ୰ ସୁରେନ୍ଦ୍ର ମଲ୍ଲିକ, ୩) ଶ୍ରୀ ସରୋଜ କୁମାର ମଲ୍ଲିକ, ପିତା: ୰ ସୁରେନ୍ଦ୍ର ମଲ୍ଲିକ, ସମସ୍ତଙ୍କ ଠିକଣା- ପ୍ଲଟ ନଂ.: ୫୯୬/୨୭୭୪, ଗଣେଶ ମଣ୍ଡପ ନିକଟ, ଝାରପଡ଼ା, ଲକ୍ଷ୍ମୀସାଗର, ଭୁବନେଶ୍ୱର -୭୫୧୦୦୬ | ଶ୍ରୀମତୀ ବାସନ୍ତୀ ମଲ୍ଲିକ, ସ୍ୱାମୀ: ୰ ସୁରେନ୍ଦ୍ର ମଲ୍ଲିକଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ ନଂ.: ୫୯୬/୨୭୭୪, ଖାତା ନଂ.: ୯୨୮/୧୮୪୯, କ୍ଷେତ୍ର: ଏକର ୦.୦୨୯ ଡ଼ିସିମିଲି, କିସମ: ଘରବାରୀ, ମୌଜା: ଭୁବନେଶ୍ୱର ସହର, ଗଣେଶ ମଣ୍ଡପ ନିକଟ, ଝାରପଡ଼ା, ଲକ୍ଷ୍ମୀସାଗର, ଭୁବନେଶ୍ୱର-୭୫୧୦୦୬, ଏହାର ଚାରିପାର୍ଶ୍ୱରେ ପୂର୍ବ: ଜୟୀ ସାମଲ, ପଶ୍ଚିମ: ଗୋପାଳ ସାମଲ, ଉତ୍ତର: ରାସ୍ତା, ଦକ୍ଷିଣ: ବୁଲା ଶ୍ରୀଚନ୍ଦନ | ୦୬.୦୧.୨୦୧୭ / ୨୧.୧୧.୨୦୧୭ / ୩୦.୦୭.୨୦୧୬ ସୁଦ୍ଧା ଟ.୩୪,୦୦,୪୦୪/- + ୩୦.୦୭.୨୦୧୬ ଠାରୁ ଚୁକ୍ତିହାରରେ ସେବାବଦ ପରବର୍ତ୍ତୀ ସୁଧ+ ଖର୍ଚ୍ଚ ଓ ଦେୟ ଏବଂ ବିଯୁକ୍ତ ଆଦାୟ ହୋଇଥିବା ରାଶି, ଯଦି ଥାଏ | ୨୯.୧୧.୨୦୨୩ ପୂର୍ବାହ୍ନ ୨.୦୦ ଘଟିକାରୁ ଅପରାହ୍ନ ୬.୦୦ ଘଟିକା | ଟ.୫୧,୭୫,୦୦୦/- / ଟ.୫,୨୦,୦୦୦/- / ଟ.୨୦,୦୦୦/- | ଭୌତିକ | ୨୪.୧୧.୨୦୨୩ ଅପରାହ୍ନ ୫ ଘଟିକା ସୁଦ୍ଧା |
| ୩. | ଶହୀଦ ନଗର ଶାଖା / ଋଣଗ୍ରହୀତା: ମେସର୍ସ ଦାସ କମ୍ପ୍ୟୁଟର୍ସ, ସ୍ୱତ୍ୱାଧିକାରୀ: ଶ୍ରୀ ପ୍ରଶାନ୍ତ କୁମାର ଦାସ, ପ୍ଲଟ୍ ନଂ.: ୪୭୫, ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୬ / ଗ୍ୟାରେଣ୍ଟିଦାତା: ଶ୍ରୀମତୀ ଅନିତା ନାୟକ, ପ୍ଲଟ୍ ନଂ.: ୫୭୩/୫୭୪, ଏକାମ୍ର କାନନ ରୋଡ, ଜୟଦେବ ବିହାର, ଭୁବନେଶ୍ୱର-୭୫୧୦୧୫ | ଶ୍ରୀମତୀ ଅନିତା ନାୟକ ଓରଫ ଦାସଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଯାହାର ପ୍ଲଟ ନଂ.: ୩୬୧/୭୨୪, ସବ୍ ପ୍ଲଟ୍ ନଂ.: ୪୪ ଏବଂ ୪୫ (ଅଂଶ), ଖାତା ନଂ.: ୩୦୬/୧୩୭, କ୍ଷେତ୍ର: ଏକର୦.୦୫୫ ଡ଼ିସିମିଲି, ମୌଜା: କ୍ଷେତ୍ରପାଳ, ଥାନା: ଏୟାରଫିଲ୍ଡ, ତହସିଲ: ଜଟଣୀ, ଏହାର ଚାରିପାର୍ଶ୍ୱରେ ପୂର୍ବ: ରେଭିନ୍ୟୁ ପ୍ଲଟ୍ ନଂ.: ୩୬୮, ପଶ୍ଚିମ: ରାସ୍ତା, ଉତ୍ତର: ସବ୍ ପ୍ଲଟ୍ ନଂ.: ୪୩, ଦକ୍ଷିଣ: ସବ୍ ପ୍ଲଟ୍ ନଂ.: ୪୫ (ଅଂଶ) | ୨୧.୦୩.୨୦୧୭ / ୨୧.୧୦.୨୦୧୭ / ୦୬.୧୧.୨୦୨୩ସୁଦ୍ଧା ଟ.୧,୦୦,୫୧,୩୪୦.୭୮ +୦୬.୧୧.୨୦୨୩ଠାରୁ ଚୁକ୍ତିହାରରେ ସେବାବଦ ପରବର୍ତ୍ତୀ ସୁଧ+ ଖର୍ଚ୍ଚ ଓ ଦେୟ ଏବଂ ବିଯୁକ୍ତ ଆଦାୟ ହୋଇଥିବା ରାଶି, ଯଦି ଥାଏ | ୧୨.୧୨.୨୦୨୩ ପୂର୍ବାହ୍ନ ୨.୦୦ ଘଟିକାରୁ ଅପରାହ୍ନ ୬.୦୦ ଘଟିକା | ଟ.୧୬,୧୭,୦୦୦/- / ଟ.୧,୬୧,୭୦୦/- / ଟ.୨୦,୦୦୦/- | ଭୌତିକ | ୦୮.୧୨.୨୦୨୩ ଅପରାହ୍ନ ୫ ଘଟିକା ସୁଦ୍ଧା |

ନିୟମ ଏବଂ ସର୍ତ୍ତାବଳୀ: ଆଗ୍ରହୀ ନିଲାମଧାରୀମାନେ ୱେବ୍‌ସାଇଟ୍: www.mstcecommerce.com ଲଗ୍ ଇନ୍ କରି, ଅମାନତ ରାଶି ଅନଲାଇନ୍ ମାଧ୍ୟମରେ କ୍ର. ନଂ. ୧ ଓ ୨ ନିମନ୍ତେ ତା୨୮.୧୧.୨୦୨୩ରିଖ ଏବଂ କ୍ର. ନଂ. ୩ ନିମନ୍ତେ ୧୧.୧୨.୨୦୨୩ରିଖ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା ଦାଖଲ କରିବା ଆବଶ୍ୟକ।

ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ୱେବ୍‌ସାଇଟ୍ : https://www.bankofbaroda.in/e-auction.htm, www.mstcecommerce.com and https://ibapi.in ଦେଖନ୍ତୁ ଏବଂ ସମ୍ଭାବ୍ୟ ନିଲାମଧାରୀମାନେ ଯୋଗାଯୋଗ କରନ୍ତୁ: କ୍ଷମତାପ୍ରାପ୍ତ ଅଧିକାରୀ/ ମୁଖ୍ୟ ପ୍ରବନ୍ଧକ, କ୍ଷେତ୍ରୀୟ ଋପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, କଳିଙ୍ଗ ନଗର, ଭୁବନେଶ୍ୱର, ମୋ.: ୭୩୨୮୮୩୪୧୪୨

ସରଫେଶୀ ଆକ୍ଟ ୨୦୦୨ର ସଂଶୋଧନର ରୁଲ ୮(୫), ୮(୬) ଏବଂ ୯(୧) ଅନୁଯାୟୀ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ ବନ୍ଧକଦାତାମାନଙ୍କୁ ପରବର୍ତ୍ତୀ ୧୫/୩୦ ଦିନିଆ ବୈଧାନିକ ବିକ୍ରୟ ନୋଟିସ

ସବିଶେଷ ନିୟମ ଓ ସର୍ତ୍ତାବଳୀ ନିମନ୍ତେ ଏଠାରେ ସ୍କାନ କରନ୍ତୁ

ସ୍ଥାନ: ଭୁବନେଶ୍ୱର
ତାରିଖ: ୧୦.୧୧.୨୦୨୩

କ୍ଷମତାପ୍ରାପ୍ତ ଅଧିକାରୀ
ବ୍ୟାଙ୍କ ଅଫ୍ ବରୋଦା

# ଜାତୀୟ ରାଜପଥରେ ଓଲଟିଲା ଗ୍ୟାସ୍ ବୋଝେଇ ଟ୍ୟାଙ୍କର


ଓଲଟି ପଡ଼ିଥିବା ଗ୍ୟାସ୍ ବୋଝେଇ ଟ୍ୟାଙ୍କର।

- ରାଜପଥରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ
- ସୁରକ୍ଷିତ ଭାବେ ଉଠାଇବା ପାଇଁ ପ୍ରୟାସ ଜାରି

ପାରାଦୀପ,୧୦।୧୧(ଶରତ ରାଉତ)

ପାରାଦୀପ-ଚଣ୍ଡିଖୋଲ ୫୩ନଂ. ଜାତୀୟ ରାଜପଥର ଲକ୍ଷ୍ଥାନାଠାରୁ ୨୦୦ ମିଟର ଦୂର ହାତୀକଣ୍ଡା ପାଖରେ ଶୁକ୍ରବାର ମଧ୍ୟାହ୍ନ ସମୟରେ ଦୁର୍ଘଟଣା ଘଟିଛି। ଏକ ୧୪ ଚକିଆ ଏଲ୍‌ପିଜି ଗ୍ୟାସ୍ ବୋଝେଇ ଟ୍ୟାଙ୍କର ଗାଡି ଦୁର୍ଘଟଣା ପରେ ଓଲଟି ପଡ଼ିଛି। ଏଥିରେ କୌଣସି ଜନଜୀବନ ହାନି ହୋଇନାହିଁ। କିନ୍ତୁ ରାଜପଥ ଉପରେ ଟ୍ୟାଙ୍କର ସମ୍ପୂର୍ଣ୍ଣ ଅବରୋଧ ହେଲା ଭଳି ପଡ଼ି ରହିଥିବାରୁ ଗାଡ଼ି ଚଳାଚଳ ବନ୍ଦ ହୋଇଯାଇଛି। ଟ୍ୟାଙ୍କରକୁ ସୁରକ୍ଷିତ ଭାବେ ସେଠାରୁ ଉଠାଇବା ପାଇଁ କୁଜଙ୍ଗ ଅଗ୍ନିଶମ ବିଭାଗ ଓ ଇଣ୍ଡିଆନ ଅଏଲ ପକ୍ଷରୁ ପ୍ରୟାସ ଜାରି ରହିଛି। ସନ୍ଧ୍ୟା ୭ଟା ବେଳକୁ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଟ୍ୟାଙ୍କର ସେମିତି ରାସ୍ତା ଉପରେ ପଡ଼ିରହିଥିଲା। ଅପରପକ୍ଷେ ଗ୍ୟାସ ନିର୍ଗତ ହେବାର ଆଶଙ୍କା ଥିବାରୁ ସ୍ଥାନୀୟ ଲୋକଙ୍କୁ ୫୦୦ ମିଟର ଦୂରରେ ରହିବା ପାଇଁ ଡାକବାଜି ଯନ୍ତ୍ର ଯୋଗେ ପ୍ରଶାସନ ପକ୍ଷରୁ କୁହାଯାଇଛି। ଉକ୍ତ ଟ୍ୟାଙ୍କର (ଓଡି୦୫ ଏଏଫ୍ ୪୪୯୯)ପାରାଦୀପ ରିଫାଇନେରିରୁ ୩୫ ଟନ ଗ୍ୟାସ୍ ବୋଝେଇ କରି ଝାରସୁଗୁଡା ଅଭିମୁଖେ ଯାଉଥିଲା। ହାତୀକଣ୍ଡା ପାଖରେ ଥିବା ଏକ ସର୍ଭିସ ସେଣ୍ଟର ମଧ୍ୟରୁ ଆଉ ଗୋଟିଏ ୧୮ ଚକିଆ ଟ୍ରକ୍ ହଠାତ ରାଜପଥ ଉପରକୁ ଆସିବା ଫଳରେ ଟ୍ୟାଙ୍କର ଚାଳକ ଜାମୁ ଅରିମ ହଡ଼ବଡ଼େଇ ଯାଇଥିଲେ। ଏହି ସମୟରେ ରାସ୍ତା ଡିଭାଇଡର ଉପରେ ଟ୍ୟାଙ୍କର ଆଗଚକ ଚଢ଼ି ଯାଇଥିଲା। ଫଳରେ ଗାଡି ଓଲଟି ପଡ଼ିଥିଲା ବୋଲି ଅରିମ କୁହନ୍ତି। ଘଟଣା ପରେ ଟ୍ରକ ଚାଳକ ଓ ଖଲାସୀ ଫେରାର ହୋଇଯାଇଥିଲେ। ଖବରପାଇ ଲକ୍ଷଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଭିଡ଼ ନିୟନ୍ତ୍ରଣ କରିଛି।

## ଚେଲିତୋଳ ବାଲିଯାତ୍ରାର ଭୂମିପୂଜନ

ତିର୍ତ୍ତୋଲ, ୧୦।୧୧ (ଗୌରାଙ୍ଗ ଚରଣ ସ୍ୱାଇଁ)

ତିର୍ତ୍ତୋଲସ୍ଥିତ ଚେଲିତୋଳ ବାଲିଯାତ୍ରା ନଭେମ୍ବର ୨୭ରୁ ଡିସେମ୍ବର ୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଶୁକ୍ରବାର ବିଧାୟକ ବିଜୟଶଙ୍କର ଦାସଙ୍କ ତତ୍ତ୍ୱାବଧାନରେ ଏହାର ଭୂମିପୂଜନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ମହାନଦୀ ପଠା ଗୋପିଆକୁଦ ଚେଲିତୋଳ ବାଲିଯାତ୍ରା ମଞ୍ଚ ପିଣ୍ଡିରେ ପୂଜାର୍ଚ୍ଚନା କରାଯିବା ସହ ଭୂମିପୂଜନ କରାଯାଇଥିଲା। କର୍ତ୍ତାଭାବେ ବିଧାୟକ ଦାସ ଦାୟିତ୍ୱନିର୍ବାହ କରିଥିଲେ। ପଣ୍ଡିତ ଶିଶିର କୁମାର ପଣ୍ଡା ହୋମ ଓ ମନ୍ତ୍ର ପାଠ କରି ଥିଲେ। କନିମୂଳର ସମିତି ସଭ୍ୟ ବସନ୍ତ କୁମାର ମହାପାତ୍ର, ତାରକ କୁମାର ଜେନା, ଆମ୍ବ କମିଟି ଅଧ୍ୟକ୍ଷ ଦେବେନ୍ଦ୍ର କୁମାର ମଲ୍ଲିକ, କମିଟି ସଦସ୍ୟ ବିମଳକାନ୍ତ ମହାପାତ୍ର, ଦେବପ୍ରସାଦ ନାୟକ, ବିଜୟ କୁମାର ନାୟକ, ସୁମିତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଅଙ୍ଗନୱାଡି ଶୀତବସ୍ତ୍ର ଯୋଗାଣ ନେଇ ବିବାଦ

## ବିଡିଓଙ୍କ ନିକଟରେ ୭ ଏସ୍‌ଏଚ୍‌ଜି ସଦସ୍ୟାଙ୍କ ଅଭିଯୋଗ


ବିଡିଓଙ୍କ ନିକଟରେ ଅଭିଯୋଗ କରିବାକୁ ଆସିଥିବା ଏସ୍‌ଏଚ୍‌ଜିର ସଦସ୍ୟାମାନେ।

ଏରସମା,୧୦।୧୧(ଦୀପ୍ତି ରଞ୍ଜନ ଖଣ୍ଡୁଆଳ)

ଏରସମା ବ୍ଲକରେ ଅଙ୍ଗନୱାଡ଼ି ଶିଶୁମାନଙ୍କୁ ଶୀତବସ୍ତ୍ର ଯୋଗାଣକୁ ନେଇ ବିବାଦ ସୃଷ୍ଟି ହୋଇଛି। ଏନେଇ ୭ଟି ସ୍ୱୟଂ ସହାୟକ ଦଳର କର୍ମକର୍ତ୍ତାମାନେ ଶୁକ୍ରବାର ଏରସମା ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁସାରେ, ଗତ ୫ ବର୍ଷ ହେବ ବଜରଙ୍ଗୀ, ମା'ଶକ୍ତି, ଧର୍ମେଶ୍ୱର, ଶ୍ରୀୟା, ତୃପ୍ତି, ମଧୁବାବୁ ଓ ମା'ଶାରଳା ସ୍ୱୟଂ ସହାୟିକା ଦଳ ଏରସମାର ଅଙ୍ଗନୱାଡ଼ି ଶିଶୁମାନଙ୍କ ପାଇଁ ପୋଷାକ ଯୋଗାଇ ଆସୁଥିଲେ। ଏଥିସହ ୨ବର୍ଷ ହେଲା ଏସବୁ ଦଳ ପକ୍ଷରୁ ମଧ୍ୟ ସମ୍ପୃକ୍ତ ଶିଶୁମାନଙ୍କୁ ଶୀତବସ୍ତ୍ର ପ୍ରଦାନ କରାଯାଇଥିଲା। ସରକାରୀ ନିୟମ ଅନୁସାରେ, ବସ୍ତ୍ର ଯୋଗାଇବା ସମ୍ପର୍କରେ ଶିଶୁ ବିକାଶ ଯୋଜନା ଅଧିକାରିଣୀଙ୍କ ପକ୍ଷରୁ ସ୍ୱୟ ସହାୟିକା ଦଳର ଅବଗତି ପାଇଁ ସୂଚନା ପ୍ରଦାନ କରାଯିବ। ସେମାନଙ୍କ ମଧ୍ୟରୁ ବିଭାଗ ପକ୍ଷରୁ ଦଳ ଚୟନ କରାଯିବ। ମାତ୍ର ଚଳିତ ବର୍ଷ ଏରସମା ବ୍ଲକ ଶିଶୁ ବିକାଶ ଯୋଜନା ଅଧିକାରିଣୀ ଭାବେ ଅତିରିକ୍ତ ଦାୟିତ୍ୱରେ ଥିବା କୁଜଙ୍ଗ ସିଡିପିଓ ରାଜଶ୍ରୀ ସାହୁ ସ୍ୱୟଂ ସହାୟିକା ଦଳଗୁଡ଼ିକ ଅବଗତି ନିମନ୍ତେ ସୂଚନା ପ୍ରଦାନ ନକରି ଅନ୍ୟ ଏକ ସ୍ୱୟଂ ସହାୟିକା ଦଳକୁ ଶୀତବସ୍ତ୍ର ଯୋଗାଇବା ପାଇଁ ଅନୁମତି ଦେଇଛନ୍ତି। ଏ ସମ୍ପର୍କରେ ମନୋରମା ସୁତାର, ପ୍ରମିଳା ଜେନା, ରୀନାରାଣୀ ପରିଡ଼ା, ନିର୍ଝରବାଳା ସାହୁ, ସୁମିତି ମହାପାତ୍ର, ପୁଷ୍ପାଞ୍ଜଳି ଭୋଳ, ସୁକାନ୍ତି ପାତ୍ର, ମମତା ସାମନ୍ତରାୟ ପ୍ରମୁଖ ସ୍ୱୟଂ ସହାୟକ ଦଳର କର୍ମକର୍ତ୍ତାମାନେ ଏରସମା ବିଡିଓ ଲମ୍ବୋଦର ଖୁଣ୍ଟିଆଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏ ପ୍ରସଙ୍ଗରେ ଏରସମା ଦାୟିତ୍ୱରେ ଥିବା ସିଡିପିଓ ରାଜଶ୍ରୀ ସାହୁଙ୍କୁ ପଚାରିବାରେ ନଭେମ୍ବର ୧୪ରେ ଶୀତବସ୍ତ୍ର ପ୍ରଦାନ କରିବାକୁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିବାରୁ ତରବରିଆ ଭାବେ ସମସ୍ତଙ୍କୁ ଜଣାଇପାରିନାହିଁ ବୋଲି କହିଥିଲେ। ମାତ୍ର ଏହା ଉପରେ ପୁନର୍ବାର ବିଚାରକରି ପୂର୍ବ ୭ଟି ସ୍ୱୟଂ ସହାୟକ ଦଳକୁ ଦାୟିତ୍ୱ ପ୍ରଦାନ କରିବାକୁ ଅଭିଯୋକାରୀମାନେ ଦାବି କରିଛନ୍ତି।

# ବିଜେଡି, କଂଗ୍ରେସର ପ୍ରାର୍ଥିପତ୍ର ଦାଖଲ

## ୨୯ରେ ଜଗତ୍‌ସିଂହପୁର ପୌର ପରିଷଦ ୬ନଂ. ୱାର୍ଡ ଉପନିର୍ବାଚନ


ବିଜେଡି ପ୍ରାର୍ଥିନୀ ନାମାଙ୍କନପତ୍ର ଦାଖଲ କରୁଛନ୍ତି।

ଜଗତ୍‌ସିଂହପୁର, ୧୦।୧୧ (ପ୍ରମାଦ କୁମାର ନାୟକ)

ଜଗତ୍‌ସିଂହପୁର ପୌର ପରିଷଦ ୬ ନମ୍ବର ୱାର୍ଡକାଉନସିଲରଙ୍କ ମୃତ୍ୟୁ ପରେ ନଭେମ୍ବର ୨୯ରେ ଉପନିର୍ବାଚନ ହେବାକୁ ଯାଉଛି। ଏନେଇ ଶୁକ୍ରବାର ଓ ଶନିବାର ୨ଦିନ ନାମାଙ୍କନପତ୍ର ଦାଖଲ ପାଇଁ ସମୟ ଧାର୍ଯ୍ୟ କରାଯାଇଥିଲା। ଏହି ଅନୁଯାୟୀ, ଶୁକ୍ରବାର ବିଜେଡି ଓ କଂଗ୍ରେସ ପକ୍ଷରୁ ନାମାଙ୍କନପତ୍ର ଦାଖଲ ହୋଇଛି। ବିଜେଡିରୁ ରୋଜାଲିନ ଦାଶ ଓ କଂଗ୍ରେସରୁ ଚିନ୍ମୟୀ ନନ୍ଦ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଦାଶଙ୍କ ନାମାଙ୍କନପତ୍ର ଦାଖଲ ସମୟରେ ପରିଷଦ ନିକଟରେ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ଜିଲା ପରିଷଦ ସଭାପତି ମନୋଜ ଭୋଇ, ନଗର ବିଜେଡି ସଭାପତି ସତ୍ୟବ୍ରତ ମହାପାତ୍ର ଓ କେତେଜଣ ପାରିଷଦ ଉପସ୍ଥିତ ଥିଲେ। ସେହିପରି ନନ୍ଦଙ୍କ ସହ ଜିଲା କଂଗ୍ରେସ ସଭାପତି ନଟବର ବାରିକ, ଜଗତ୍‌ସିଂହପୁର ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହ, ଯୁବ କଂଗ୍ରେସ ସଭାପତି ପ୍ରଶାନ୍ତ କୁମାର ମୁଦୁଲି, ନଗର କଂଗ୍ରେସ ସଭାପତି ଓ କେତେଜଣ କଂଗ୍ରେସ ପାରିଷଦ ଉପସ୍ଥିତ ଥିଲେ। ଭାଜପା ପକ୍ଷରୁ ଶନିବାର ପ୍ରାର୍ଥିପତ୍ର ଦାଖଲ ହେବ ବୋଲି ବିଶେଷ ସୂତ୍ରରୁ ସୂଚନା ମିଳିଛି।

ସୂଚନାଯୋଗ୍ୟ, କାଉନ୍‌ସିଲର ସୌଭାଗ୍ୟଲକ୍ଷ୍ମୀ ରଥଙ୍କ ଅକାଳ ମୃତ୍ୟୁ ପରେ ଏହି ୱାର୍ଡରୁ କେଉଁମାନେ ପ୍ରାର୍ଥୀ ହେବେ ସେନେଇ କଳ୍ପନାଜଳ୍ପନା ଲାଗି ରହିଥିଲା। ଗତ ନିର୍ବାଚନରେ ଏହି ୱାର୍ଡରେ ବିଜେଡି ଓ କଂଗ୍ରେସ ପ୍ରାର୍ଥୀଙ୍କ ମଧ୍ୟରେ ଟକ୍କର ହୋଇଥିଲା । କଂଗ୍ରେସ ପ୍ରାର୍ଥୀଙ୍କୁ ବିଜେଡି ପ୍ରାର୍ଥୀ ୧୦ ଖଣ୍ଡ ଭୋଟ ବ୍ୟବଧାନରେ ପରାସ୍ତ କରିଥିଲେ। କିନ୍ତୁ ପୌରାଧ୍ୟକ୍ଷ ପଦବୀ ପାଇଁ କଂଗ୍ରେସ ଖାତାକୁ ବିଜେଡିଠାରୁ ଅଧିକ ୪୦ ଖଣ୍ଡ ଭୋଟ ଯାଇଥିଲା। ତେଣୁ ଏହି ୱାର୍ଡରେ ଆସନ୍ତା ୨୯ ତାରିଖ ନିର୍ବାଚନରେ ଫଳାଫଳ କାହା ସପକ୍ଷରେ ଯିବ ସେନେଇ ଅଙ୍କକଷା ଆରମ୍ଭ ହୋଇଛି ।

# ବିଜେଡି ପ୍ରଶିକ୍ଷଣ ଶିବିରରେ ଗୋଷ୍ଠୀକନ୍ଦଳ ପଦାରେ ପଡ଼ିଲା

କୁଜଙ୍ଗ ୧୦।୧୧ (ମନୋଜ ପ୍ରଧାନ)

ଜଗତ୍‌ସିଂହପୁର ଜିଲା କୁଜଙ୍ଗ ବ୍ଲକ ବାଗୋଇ ପଞ୍ଚାୟତ କୋଠିଆସାହିସ୍ଥିତ ମୁକ୍ତେଶ୍ୱର ମଣ୍ଡପଠାରେ ଚାଲିଥିବା ବିଜେଡିର ତିନିଦିନିଆ ପ୍ରଶିକ୍ଷଣ ଶିବିରର ଉଦ୍‌ଯାପନୀ ଦିବସରେ ଗୋଷ୍ଠୀକନ୍ଦଳ ପଦାରେ ପଡ଼ିଛି। ଶୁକ୍ରବାର ଉଦ୍‌ଯାପନୀ ଦିବସରେ ପାରାଦୀପ ପୌରାଞ୍ଚଳର ୧୯ ୱାର୍ଡର ସକ୍ରିୟ କର୍ମୀ ଓ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତି ହୋଇ ପ୍ରଶିକ୍ଷଣ ନେଇଥିଲେ। ହେଲେ ବହୁ ଛାମୁଆ କର୍ମୀ ପ୍ରଶିକ୍ଷଣ ଦିଆଯାଉଥିବା କୋଠରିକୁ ନ ଯାଇ ବାହାରେ ବସି ପ୍ରତିକ୍ରିୟା ପ୍ରକାଶ କରିଥିଲେ ଯେ, ପୂର୍ବରୁ ଆମେ ଶଙ୍ଖ ଭବନରେ ପ୍ରଶିକ୍ଷିତ ହୋଇଛୁ। ଏଠି ସେହି ଏକାକଥା। ବିଧାୟକ ସମ୍ବିତ ରାଉତରାୟ ଯେଉଁଠି ବସିବେ ଆମ୍ଭେ ସେଠାରେ ବସିବୁ ନାହିଁ। ଯେହେତୁ ଆମେ ବିଜେଡିର ଏବଂ ନବୀନ ପଟ୍ଟନାୟକଙ୍କୁ ଭଲ ପାଉଛୁ ତାଙ୍କ ନିର୍ଦ୍ଦେଶରେ କର୍ମୀମାନଙ୍କୁ ଆଣିକି ଆସିଛୁ ବୋଲି ଯୁବନେତା ଅଟଳ ପରିଡ଼ା ଓ ଜ୍ୟୋତିକାନ୍ତ ପରିଡ଼ା ପ୍ରମୁଖ କହି ଅସନ୍ତୋଷ ପ୍ରକାଶ କରିଥିଲେ। ସେମାନେ କହିଥିଲେ ପୌରପାଳ ବସନ୍ତ ବିଶ୍ୱାଳ ହେଉଛନ୍ତି ଆମ ନେତା। ବିଧାୟକଙ୍କୁ ଆମେ ନେତାଭାବେ ଗ୍ରହଣ କରିପାରିବୁ ନାହିଁ। ଆଗାମୀ ନିର୍ବାଚନରେ ଯଦି ସମ୍ବିତଙ୍କୁ ଦଳ ଟିକେଟ ଦିଏ, ଧର୍ମକୁ ରକ୍ଷାକରି ନିଜର ଭୋଟ ଖଣ୍ଡିକ ଦେବୁ। ହେଲେ ତାଙ୍କ ପାଇଁ ପ୍ରଚାର କି ଭୋଟ କରାଇବୁ ନାହିଁ। ଆଜିର ପ୍ରଶିକ୍ଷଣ ଶିବିରରେ ବିଧାୟକ ସମ୍ବିତ ରାଉତରାୟ ଭାଷଣ ଦେବାବେଳକୁ ବରିଷ୍ଠ କାର୍ଯ୍ୟକର୍ତ୍ତା ଉଲ୍ଲାସ ବିଶ୍ୱାଳଙ୍କ ସମେତ କେତେଜଣ କାର୍ଯ୍ୟକର୍ତ୍ତା ବାହାରକୁ ଚାଲିଯାଇଥିଲେ। ଏ ସମ୍ପର୍କରେ ବିଧାୟକ ସମ୍ବିତ ରାଉତରାୟଙ୍କୁ ପଚରାଯିବାରୁ ସେ କହିଥିଲେ, ମୋତେ ଭଲ ନ ପାଇଲେ ନାହିଁ। ନବୀନ ପଟ୍ଟନାୟକଙ୍କ ବିଜୁ ଜନତା ଦଳକୁ ଭଲ ପାଉଛନ୍ତି ମାନେ ସେଥିରେ ମୁଁ ଖୁସି। ଶୁକ୍ରବାର ପ୍ରଶିକ୍ଷଣ ଶିବିରରେ ଗୌତମ ବୁଦ୍ଧ ଦାସ ପ୍ରଶିକ୍ଷଣ ଦେଇଥିବା ବେଳେ, ଅଶୋକ ନାୟକ ସରକାରଙ୍କ ଯୋଜନା ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ପୌରପାଳ ବସନ୍ତ ବିଶ୍ୱାଳ, ନିର୍ବାଚିତ ପାରିଷଦ, ବ୍ଲକ ବିଜେଡି ସଭାପତି ନରେନ୍ଦ୍ର ପରିଡା, ବ୍ଲକ ଯୁବ ବିଜେଡି ସଭାପତି ଅରୁ ପ୍ରସାଦ ମହାନ୍ତି, ନିର୍ବାଚନ ମଣ୍ଡଳୀ ଯୁବ ବିଜେଡି ସଭାପତି ମାନଭଞ୍ଜନ ମଲ୍ଲ, ଜିଲା ସାଧାରଣ ସମ୍ପାଦକ ଅରୁଣ କୁମାର ବେହେରା, ରଘୁନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କୁଜଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷା ନୀନାରାଣୀ ସାହୁ ଧନ୍ୟବାଦ ଦେଇଥିଲେ।

# ସମିତିସଭ୍ୟଙ୍କୁ ମିଳୁନି ପାଣ୍ଠି: ବିଡିଓଙ୍କୁ ଅଭିଯୋଗ

ତିର୍ତ୍ତୋଲ, ୧୦।୧୧ (ଗୌରାଙ୍ଗ ଚରଣ ସ୍ୱାଇଁ)

ତିର୍ତ୍ତୋଲ ବ୍ଲକରେ ୨୦୨୨ରେ ନିର୍ବାଚିତ ସମିତିସଭ୍ୟମାନଙ୍କୁ ଉନ୍ନୟନମୂଳକ କାର୍ଯ୍ୟରେ ବ୍ୟବହାର ପାଇଁ ପାଣ୍ଠି ମିଳୁନାହିଁ ବୋଲି ଶୁକ୍ରବାର ବିଡିଓଙ୍କ ନିକଟରେ ଅଭିଯୋଗ ହୋଇଛି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ୨୦୨୨ରେ ନିର୍ବାଚିତ ସମିତିସଭ୍ୟମାନେ ୨ ବର୍ଷ ହେବ ନିର୍ବାଚିତ ହୋଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ସେମାନଙ୍କ ପାଣ୍ଠି ପାଇପାରିନାହାନ୍ତି। ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ଏପର୍ଯ୍ୟନ୍ତ କୌଣସି ପଞ୍ଚାୟତରେ ପାଣ୍ଠି ବଣ୍ଟନ ହୋଇନାହିଁ। ଅନୁରୂପ ଭାବେ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ସେମାନଙ୍କୁ ପାଣ୍ଠି ମିଳିନାହିଁ ବୋଲି ଅଭିଯୋଗରେ ଦର୍ଶାଇଛନ୍ତି। ଏନେଇ ସମିତିସଭ୍ୟଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ବିଡିଓ ତପନ କୁମାର ସେନାପତି କହିଛନ୍ତି, ସେ ନୂତନ ଭାବେ କାର୍ଯ୍ୟରେ ଯୋଗଦେଇଛନ୍ତି। ତେଣୁ ସେ ଏ ବିଷୟରେ ଅବଗତ ନାହାନ୍ତି। ଆସନ୍ତା ୭ ଦିନ ମଧ୍ୟରେ ଏ ବିଷୟରେ ବୁଝିବା ପରେ ପରବର୍ତ୍ତୀ ପଦକ୍ଷେପ ନେବେ ବୋଲି କହିଛନ୍ତି। ଏହି ଅଭିଯୋଗପତ୍ର ପ୍ରଦାନ ସମୟରେ କଟରା ସମିତିସଭ୍ୟା ରୋଜାଲିନ ଜେନା, କନକପୁର ସମିତିସଭ୍ୟା ନୟନା ସାମଲ, ଜଡ଼ତିରା ସମିତିସଭ୍ୟା ନମିତା ନାୟକ, ତୁଳଙ୍ଗ ସମିତିସଭ୍ୟ ଦେବୀ ପ୍ରସାଦ ପାଳ, ଆମ୍ରେରୀ ସମିତିସଭ୍ୟ ଅରୁଣ ମଲ୍ଲିକ, ମୂଳିସିଂହ ସମିତିସଭ୍ୟ ରଞ୍ଜନ କୁମାର ସାହୁ, ମଣିଜଙ୍ଗା ସମିତିସଭ୍ୟା ନଚିକେତା ଦାସ, ପିପ୍ପଳମାଧବ ସମିତିସଭ୍ୟା ସୁନିଶ୍ଚିତା ସାହୁ, କୋଷ୍ଟିମଲ୍ଲିକାପୁର ସମିତିସଭ୍ୟା ରାଜଲକ୍ଷ୍ମୀ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

**DATA ENTRY EXECUTIVE**
ଆବଶ୍ୟକ
Bhubaneswar Transports ସଂସ୍ଥା ପାଇଁ Microsoft Office ରେ Data Entry ପାଇଁ ଯୋଗ୍ୟ ପ୍ରାର୍ଥୀ ଆବଶ୍ୟକ। ଯୋଗ୍ୟତା- ଗ୍ରାଜୁଏସନ୍ ।
ଯୋଗାଯୋଗ- 9853802717

**WANTED**
A reputed Real Estate Company requires
MARKETING MANAGER- 4 Nos.
MARKETING EXECUTIVE- 6 Nos.
(Fixed salary with high incentives).
9938725854, 8339826767

# ଆର୍ଥିକ ସାକ୍ଷରତା, ସାଇବର ଠକେଇକୁ ଗୁରୁତ୍ୱ

## ଜିଲାସ୍ତରୀୟ ସଞ୍ଚୟ ପକ୍ଷରେ ବକ୍ତୃତା ପ୍ରତିଯୋଗିତା

ଜଗତ୍‌ସିଂହପୁର, ୧୦।୧୧ (ପ୍ରମାଦ କୁମାର ନାୟକ)

ରାଜ୍ୟ ସରକାର ଅକ୍ଟୋବର ୩୧ରୁ ନଭେମ୍ବର ୧୧ ତାରିଖ ପର୍ଯ୍ୟନ୍ତ ସଞ୍ଚୟ ପକ୍ଷ ପାଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏନେଇ ଜଗତ୍‌ସିଂହପୁର ଜିଲା ପ୍ରଶାସନ ଏବଂ ସ୍ୱଳ୍ପ ସଞ୍ଚୟ ବିଭାଗ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଶ୍ରୀକୃଷ୍ଣ ଏକାଡେମୀ ପରିସରରେ ବିଦ୍ୟାଳୟ ତଥା ମହାବିଦ୍ୟାଳୟସ୍ତରୀୟ ବକ୍ତୃତା ପ୍ରତିଯୋଗିତା ହୋଇଯାଇଛି। ପ୍ରତିଯୋଗିତାର ବିଷୟବସ୍ତୁ ବରିଷ୍ଠ ବିଭାଗରେ ଆର୍ଥିକ ସାକ୍ଷରତା ଓ ସାଇବର ଠକେଇ ପ୍ରତି ସତର୍କତା ରହିଥିବାବେଳେ କନିଷ୍ଠରେ ଆର୍ଥିକ ସାକ୍ଷରତା ଓ ସ୍ୱଳ୍ପ ସଞ୍ଚୟ ରହିଥିଲା। ଏହି ଅବସରରେ ସଞ୍ଚୟର ଉପକାରିତା ଓ ସାଇବର ଠକେଇରୁ ବର୍ତ୍ତିବା ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥିଭାବେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଯୋଗଦେଇ କୌଣସି ଅଜଣା ନମ୍ବରରୁ ଆସୁଥିବା ଫୋନ କିମ୍ବା ମେସେଜରେ ଓଟିପି ମଗାଯାଉଥିଲେ ତାହା ନ ଦେବା ପାଇଁ ପରାମର୍ଶ ଦେଇଥିଲେ। ଜିଲା ସଂସ୍କୃତି ଅଧିକାରୀ ଦିଲୀପ କୁମାର ଜେନା, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରତିଟୀ ତନୟା ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ରଞ୍ଜନ କୁମାର ଦାସ ସ୍ୱାଗତ ଭାଷଣ ଦେଇଥିଲେ। ବିଚାରକ ଭାବେ ଅବସରପ୍ରାପ୍ତ ଶିକ୍ଷକ ବିଜୟ ରଥ, ଶରତ ଚନ୍ଦ୍ର ବାରିକ, ନଗେନ୍ଦ୍ର ପଣ୍ଡା, ଉମାକାନ୍ତ ନାୟକ, ଏସ୍.କେ. ଏକାଡେମୀ ସହକାରୀ ଶିକ୍ଷକ ତ୍ରିଲୋଚନ ସାହୁ ଓ ରବୀନ୍ଦ୍ର ନାଥ ମିଶ୍ର ଯୋଗ ଦେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପ୍ରମାଣପତ୍ର ସହ ସଞ୍ଚୟ ପ୍ରତୀକ ସ୍ୱରୂପ ଗୋଟିଏ ଲେଖାଏ ମାଟି ଘଡି ପ୍ରଦାନ କରିଥିଲେ।

# କାର୍ଯ୍ୟାନୁଷ୍ଠାନ ନ ହେଲେ ୨୦ରୁ ଧାରଣା

## ପୂରଣଓ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଦୁର୍ନୀତି ଅଭିଯୋଗ


ସ୍କୁଲ ସମ୍ମୁଖରେ ଗ୍ରାମବାସୀ ଦୁର୍ନୀତି ସମ୍ପର୍କରେ ଅଭିଯୋଗ କରୁଛନ୍ତି।

ରଘୁନାଥପୁର,୧୦।୧୧(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ପୂରଣଓ ପଞ୍ଚାୟତ ପୂରଣ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଦୁର୍ନୀତି ହୋଇଥିବା ନେଇ ସ୍ଥାନୀୟ ଅଧିବାସୀ ଓ ଅଭିଭାବକମାନେ ଜିଲା ଶିକ୍ଷାଧିକାରୀ, ଜିଲାପାଳ ଓ ୫-ଟି ଅଧ୍ୟକ୍ଷଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏନେଇ ସେମାନେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କ ବଦଳି ସହ ମଧ୍ୟାହ୍ନଭୋଜନ ଦାୟିତ୍ୱରେ ଥିବା ଏସ୍‌ଏଚ୍‌ଜି (ସ୍ୱୟଂ ସହାୟିକା ଗୋଷ୍ଠୀ)କୁ କାର୍ଯ୍ୟରୁ ନିବୃତ୍ତ କରିବା ପାଇଁ ଦାବି କରିଛନ୍ତି। ଏନେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ନଭେମ୍ବର ୨୦ରୁ ସ୍କୁଲ ସମ୍ମୁଖରେ ଗଣଧାରଣା ଦେବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ବିଦ୍ୟାଳୟର ମୋଟ ଛାତ୍ରୀଛାତ୍ରଙ୍କ ସଂଖ୍ୟା ୧୪୭। ଏଠାରେ ମଧ୍ୟାହ୍ନଭୋଜନ ଦାୟିତ୍ୱରେ ଥିବା ଏସ୍‌ଏଚ୍‌ଜି ଗ୍ରୁପ୍ ନିମ୍ନମାନର ଓ ଅରୁଚିକର ଖାଦ୍ୟ ପ୍ରସ୍ତୁତ କରୁଛି। ଏଥିରେ ପ୍ରଧାନ ଶିକ୍ଷୟିତ୍ରୀ ଅଳ୍ପନା ନାୟକ ସହଯୋଗ କରୁଛନ୍ତି ବୋଲି ଆଲୁମ୍ନି ସଭାପତି ଦିଲୀପ କୁମାର ନାୟକ ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ପିଲାମାନେ ନିମ୍ନମାନର ଖାଦ୍ୟ ଖାଉଥିବାବେଳେ ବିଦ୍ୟାଳୟର ଶିକ୍ଷକମାନେ ମାଛ, ମାଂସ ଓ ବିରିୟାନି କରି ଖାଉଛନ୍ତି। ଏହା ପିଲାମାନଙ୍କ ଉପରେ ପ୍ରଭାବ ପକାଉଛି ବୋଲି ଆଲୁମ୍ନି ସଭାପତି ନାୟକ ପ୍ରକାଶ କରିଛନ୍ତି। ଅପରପକ୍ଷେ ବିଦ୍ୟାଳୟରେ ରାଜନୈତିକ ବାତାବରଣ ସୃଷ୍ଟି କରାଯାଉଛି। ୫-ଟି ଅନୁଦାନରେ ବଗିଚା ପାଇଁ ଆସିଥିବା ଟଙ୍କାକୁ ଆତ୍ମସାତ କରାଯାଇଛି। ଏଥିସହ କେତେଜଣ ପିଲାଙ୍କୁ ଡ୍ରେସ୍ ମିଳି ନ ଥିବା ଅଭିଯୋଗ ହୋଇଛି। ଏହାଛଡ଼ା ବିନା ସୂଚନାରେ ତରବରିଆ ଭାବେ ଏକ ନିର୍ଦ୍ଦିଷ୍ଟ ଏସ୍‌ଏଚଜି ଜରିଆରେ ପିଅନ, ରାତ୍ରିଜଗୁଆଳ ଓ ଝାଡୁଦାର ନିଯୁକ୍ତି ଦିଆଯାଇଛି। ଏଥିରେ ବଡ ଧରଣର ଲାଞ୍ଚ କାରବାର ହୋଇଛି ବୋଲି ଆଲୁମନି ସଭାପତି ନାୟକ ଅଭିଯୋଗ କରିଛନ୍ତି। ତଦନ୍ତ ନ ହେଲେ ଧାର୍ଯ୍ୟ ତାରିଖରେ ଧାରଣା ଦିଆଯିବ ବୋଲି ନମିତା ବେହେରା, ଅଞ୍ଜଳି ନାୟକ, କବିତା ମହାପାତ୍ର, ସନ୍ଧ୍ୟାବତୀ ସାହୁ, ଲିପିକା ସ୍ୱାଇଁ, ପୂଜା ସାହୁ, ସଂଯୁକ୍ତା ଦାସ, କଳ୍ପନା ପଲେଇ,ମନୋଜ ନାୟକଙ୍କ ପ୍ରମୁଖ ଚେତାବନୀ ଦେଇଛନ୍ତି। ପ୍ରଧାନ ଶିକ୍ଷୟିତ୍ରୀ ନାୟକ ଏସବୁ ଅଭିଯୋଗକୁ ଖଣ୍ଡନ କରିବା ସହ ଏଥିରେ କୌଣସି ସତ୍ୟତା ନାହିଁ ବୋଲି କହିଛନ୍ତି। ଏଥିସହ ପିଅନ ଓ ରାତ୍ରିଜଗୁଆଳି ନିଯୁକ୍ତି ସମ୍ପୂର୍ଣ୍ଣ ଭାବେ ଏସ୍‌ଏଚ୍‌ଜି ହସ୍ତରେ ନ୍ୟସ୍ତ ବୋଲି ସେ ପ୍ରକାଶ କରିଛନ୍ତି।

बैंक ऑफ़ बड़ौदा Bank of Baroda
କ୍ଷେତ୍ରୀୟ ଋଣଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ଭୁବନେଶ୍ୱର
ପ୍ଲଟ୍ ନଂ.: ୮୩୧/୩୮୨୩, ସାମପୁର, କଳିଙ୍ଗ ନଗର, ଭୁବନେଶ୍ୱର-୦୩,
ମୋ.: ୭୩୨୮୮୩୪୧୪୨, ଫୋନ୍: ୦୬୭୪-୨୩୮୭୨୦୦,
୭୩୨୮୮୩୪୧୪୦/୪୧, ଇମେଲ୍: sarbhu@bankofbaroda.com

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ଆପେଣ୍ଡିକ୍ସ- IV - A (ରୁଲ୍ ୬(୨) ଏବଂ ୮(୬) ଅନୁଯାୟୀ ପ୍ରଦତ୍ତ) ସ୍ଥାବର ସମ୍ପତ୍ତିଗୁଡ଼ିକର ନିଲାମ ନିମନ୍ତେ ବିକ୍ରୟ ବିଜ୍ଞପ୍ତି
ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ରୁଲ୍ ୬(୨) ଏବଂ ୮(୬) ଅନୁଯାୟୀ ସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ନୋଟିସ୍।

ଏତଦ୍ୱାରା ସର୍ବସାଧାରଣ, ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ବ୍ୟାଙ୍କ ଅଫ୍ ବରୋଦାର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା)ଙ୍କ ଦ୍ୱାରା ବ୍ୟାଙ୍କର ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର ସମ୍ପତ୍ତିଗୁଡ଼ିକୁ **ଭୌତିକ ଦଖଲ**ରେ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି"** ଭିତ୍ତିରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି। ଋଣଗ୍ରହୀତା / ବନ୍ଧକଦାତା / ଗ୍ୟାରେଣ୍ଟିଦାତା / ସୁରକ୍ଷିତ ସମ୍ପତ୍ତି / ଦେୟ / ସଂରକ୍ଷିତ ମୂଲ୍ୟ / ଅମାନତ ରାଶି, ବିଡ୍ ବର୍ଦ୍ଧିତ ରାଶି, ଇ-ନିଲାମ ତାରିଖ ଏବଂ ସମୟର ବିସ୍ତୃତ ବିବରଣୀ ନିମ୍ନରେ ପ୍ରଦତ୍ତ।

| କ୍ର. ନଂ. | ଶାଖା/ ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ସମ୍ପତ୍ତିଗୁଡ଼ିକର ବିବରଣୀ ଏବଂ ମାଲିକଙ୍କ ନାମ | ଡିମାଣ୍ଡ / ଦଖଲ ନୋଟିସ୍ ତାରିଖ/ ବକେୟା ଦେୟ | ଇ-ନିଲାମ ତାରିଖ ଓ ସମୟ | ସଂରକ୍ଷିତ ମୂଲ୍ୟ / EMD (ରାଶି)/ବିଡ୍ ବର୍ଦ୍ଧିତ ରାଶି | ଦଖଲ ସମ୍ପତ୍ତିର ସ୍ଥିତି (ସାଙ୍କେତିକ / ଭୌତିକ) | ସମ୍ପତ୍ତି ନିରୀକ୍ଷଣ ତାରିଖ ଏବଂ ସମୟ |
|---|---|---|---|---|---|---|---|
| ୧. | ନୟାପଲ୍ଲୀ ଶାଖା ଋଣଗ୍ରହୀତା: ମେସର୍ସ ସାଇ ଶମ୍ଭୁ ଟ୍ରେଡର୍ସ, ଅଂଶୀଦାରମାନେ: ୧) ଶ୍ରୀମତୀ ଅମୁଲି ପ୍ରଧାନ, ୨) ଶ୍ରୀ ଶିବାନନ୍ଦ ପ୍ରଧାନ, ଠିକଣା: ୧) ସା: ପ୍ଲଟ୍ ନଂ.: ୩୭୫, ଯାଳାଁ, ଜିଲ୍ଲା: ଖୋର୍ଦ୍ଧା, ପିନ୍ - ୭୫୨୦୫୪, ଠିକଣା:୨) ଝଗଦପଡା, ପୋ: ପଦ୍ମାବତୀ, ଜିଲ୍ଲା: ନୟାଗଡ, ପିନ୍ - ୭୫୨୦୬୩ | ଶ୍ରୀମତୀ ଅମୁଲି ପ୍ରଧାନଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଯାହାର ପ୍ଲଟ୍ ନଂ.: ୧୬୧, ଖାତା ନଂ.: ୨୦୧/୧୪, କ୍ଷେତ୍ର: ଏକର ୦.୧୬୦ ଡିସିମିଲି, ଅନୁରୂପ ସାବିକ ଖାତା ନଂ.: ୭୧, ସାବିକ ପ୍ଲଟ୍ ନଂ.: ୧୬୧, କ୍ଷେତ୍ର: ଏକର୦.୧୬୦ଡିସିମିଲି, ମୌଜା: ଶିଆରିଆପଲ୍ଲୀ, ଥାନା: ବୋଲଗଡ ନଂ.: ୭୦, ତହସିଲ: ବୋଲଗଡ, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାସ୍ତା, ପଶ୍ଚିମ: ପ୍ଲଟ୍ ନଂ.: ୧୫୬, ଉତ୍ତର: ପ୍ଲଟ୍ ନଂ.: ୧୬୦, ଦକ୍ଷିଣ: ପ୍ଲଟ୍ ନଂ.: ୧୬୨ | ୦୩.୦୭.୨୦୧୯ / ୩୧.୦୧.୨୦୨୦ / ୦୩.୦୭.୨୦୧୯ ସୁଦ୍ଧା ଟ.୯୪,୩୭,୭୫୧.୯୨ + ୦୩.୦୭.୨୦୧୯ ଠାରୁ ଚୁକ୍ତିହାରରେ ସେବାବଦ ପରବର୍ତ୍ତୀ ସୁଧ+ ଖର୍ଚ୍ଚ ଓ ଦେୟ ଏବଂ ବିଯୁକ୍ତ ଆଦାୟ ହୋଇଥିବା ରାଶି, ଯଦି ଥାଏ | ୨୯.୧୧.୨୦୨୩ ଅପରାହ୍ନ ୨.୦୦ ଘଟିକାରୁ ଅପରାହ୍ନ ୬.୦୦ ଘଟିକା | ଟ. ୪୧,୨୬,୮୬୯/- <br> ଟ.୪,୧୫,୦୦୦/- <br> ଟ.୨୦,୦୦୦/- | ଭୌତିକ | ୨୪.୧୧.୨୦୨୩ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା |
| ୨. | ଭୁବନେଶ୍ୱର ମୁଖ୍ୟ ଶାଖା / ଋଣଗ୍ରହୀତାମାନେ: ୧) ଶ୍ରୀମତୀ ବାସନ୍ତୀ ମଲ୍ଲିକ, ସ୍ୱାମୀ: ସ୍ୱ ସୁରେନ୍ଦ୍ର ମଲ୍ଲିକ, ଠିକଣା-୧: ପ୍ଲଟ ନଂ.: ୫୯୬/୨୭୭୪, ଗଣେଶ ମଣ୍ଡପ ନିକଟ, ଝାରପଡ଼ା, ଲକ୍ଷ୍ମୀସାଗର, ଭୁବନେଶ୍ୱର - ୭୫୧୦୦୬, ଠିକଣା-୨: କ୍ୱାର୍ଟର ନଂ.: ଈ/୨, ଇମ୍ପ୍ଲିମେଣ୍ଟ ଫ୍ୟାକ୍ଟ୍ରି କଲୋନୀ, ମଙ୍ଗଳା ମନ୍ଦିର ନିକଟ, ସତ୍ୟନଗର, ଭୁବନେଶ୍ୱର- ୭୫୧୦୦୭, ୨) ଶ୍ରୀ ମନୋଜ କୁମାର ମଲ୍ଲିକ, ପିତା: ସ୍ୱ ସୁରେନ୍ଦ୍ର ମଲ୍ଲିକ, ୩) ଶ୍ରୀ ସରୋଜ କୁମାର ମଲ୍ଲିକ, ପିତା: ସ୍ୱ ସୁରେନ୍ଦ୍ର ମଲ୍ଲିକ, ସମସ୍ତଙ୍କ ଠିକଣା- ପ୍ଲଟ ନଂ.: ୫୯୬/୨୭୭୪, ଗଣେଶ ମଣ୍ଡପ ନିକଟ, ଝାରପଡ଼ା, ଲକ୍ଷ୍ମୀସାଗର, ଭୁବନେଶ୍ୱର -୭୫୧୦୦୬ | ଶ୍ରୀମତୀ ବାସନ୍ତୀ ମଲ୍ଲିକ, ସ୍ୱାମୀ: ସ୍ୱ ସୁରେନ୍ଦ୍ର ମଲ୍ଲିକଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ ନଂ.: ୫୯୬/୨୭୭୪, ଖାତା ନଂ.: ୯୨୮/୧୮୪୯, କ୍ଷେତ୍ର: ଏକର ୦.୦୨୯ ଡ଼ିସିମିଲି, କିସମ: ଘରବାରୀ, ମୌଜା: ଭୁବନେଶ୍ୱର ସହର, ଗଣେଶ ମଣ୍ଡପ ନିକଟ, ଝାରପଡ଼ା, ଲକ୍ଷ୍ମୀସାଗର, ଭୁବନେଶ୍ୱର-୭୫୧୦୦୬, ଏହାର ଚାରିପାର୍ଶ୍ୱରେ ପୂର୍ବ: ଜୟୀ ସାମଲ, ପଶ୍ଚିମ: ଗୋପାଳ ସାମଲ, ଉତ୍ତର: ରାସ୍ତା, ଦକ୍ଷିଣ: ବୁଲା ଶ୍ରୀଚନ୍ଦନ | ୦୬.୦୧.୨୦୧୭ / ୨୧.୧୧.୨୦୧୭ / ୩୦.୦୭.୨୦୧୬ ସୁଦ୍ଧା ଟ.୩୪,୦୦,୪୦୪/- + ୩୦.୦୭.୨୦୧୬ ଠାରୁ ଚୁକ୍ତିହାରରେ ସେବାବଦ ପରବର୍ତ୍ତୀ ସୁଧ+ ଖର୍ଚ୍ଚ ଓ ଦେୟ ଏବଂ ବିଯୁକ୍ତ ଆଦାୟ ହୋଇଥିବା ରାଶି, ଯଦି ଥାଏ | ୨୯.୧୧.୨୦୨୩ ପୂର୍ବାହ୍ନ ୨.୦୦ ଘଟିକାରୁ ଅପରାହ୍ନ ୬.୦୦ ଘଟିକା | ଟ.୫୧,୭୫,୦୦୦/- <br> ଟ.୫,୨୦,୦୦୦/- <br> ଟ.୨୦,୦୦୦/- | ଭୌତିକ | ୨୪.୧୧.୨୦୨୩ ଅପରାହ୍ନ ୫ ଘଟିକା ସୁଦ୍ଧା |
| ୩. | ଶହୀଦ ନଗର ଶାଖା / ଋଣଗ୍ରହୀତା: ମେସର୍ସ ଦାସ କମ୍ପ୍ୟୁଟର୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ପ୍ରଶାନ୍ତ କୁମାର ଦାସ, ପ୍ଲଟ୍ ନଂ.: ୪୭୫, ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୬ / ଗ୍ୟାରେଣ୍ଟିଦାତା: ଶ୍ରୀମତୀ ଅନିତା ନାୟକ, ପ୍ଲଟ୍ ନଂ.: ୫୭୩/୫୭୪, ଏକାମ୍ର କାନନ ରୋଡ, ଜୟଦେବ ବିହାର, ଭୁବନେଶ୍ୱର-୭୫୧୦୧୫ | ଶ୍ରୀମତୀ ଅନିତା ନାୟକ ଓରଫ ଦାସଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଯାହାର ପ୍ଲଟ ନଂ.: ୩୬୧/୭୨୪, ସବ୍ ପ୍ଲଟ୍ ନଂ.: ୪୪ ଏବଂ ୪୫ (ଅଂଶ), ଖାତା ନଂ.: ୩୦୬/୧୩୭, କ୍ଷେତ୍ର: ଏକର୦.୦୫୫ ଡ଼ିସିମିଲି, ମୌଜା: କ୍ଷେତ୍ରପାଳ, ଥାନା: ଏୟାରଫିଲ୍ଡ, ତହସିଲ: ଜଟଣୀ, ଏହାର ଚାରିପାର୍ଶ୍ୱରେ ପୂର୍ବ: ରେଭିନ୍ୟୁ ପ୍ଲଟ୍ ନଂ.: ୩୬୮, ପଶ୍ଚିମ: ରାସ୍ତା, ଉତ୍ତର: ସବ୍ ପ୍ଲଟ୍ ନଂ.: ୪୩, ଦକ୍ଷିଣ: ସବ୍ ପ୍ଲଟ୍ ନଂ.: ୪୫ (ଅଂଶ) | ୨୧.୦୩.୨୦୧୭ / ୨୧.୧୦.୨୦୧୭ / ୦୬.୧୧.୨୦୨୩ସୁଦ୍ଧା ଟ.୧,୦୦,୫୧,୩୪୦.୭୮ +୦୬.୧୧.୨୦୨୩ଠାରୁ ଚୁକ୍ତିହାରରେ ସେବାବଦ ପରବର୍ତ୍ତୀ ସୁଧ+ ଖର୍ଚ୍ଚ ଓ ଦେୟ ଏବଂ ବିଯୁକ୍ତ ଆଦାୟ ହୋଇଥିବା ରାଶି, ଯଦି ଥାଏ | ୧୨.୧୨.୨୦୨୩ ପୂର୍ବାହ୍ନ ୨.୦୦ ଘଟିକାରୁ ଅପରାହ୍ନ ୬.୦୦ ଘଟିକା | ଟ.୧୬,୧୭,୦୦୦/- <br> ଟ.୧,୬୧,୭୦୦/- <br> ଟ.୨୦,୦୦୦/- | ଭୌତିକ | ୦୮.୧୨.୨୦୨୩ ଅପରାହ୍ନ ୫ ଘଟିକା ସୁଦ୍ଧା |

ନିୟମ ଏବଂ ସର୍ତ୍ତାବଳୀ: ଆଗ୍ରହୀ ନିଲାମଧାରୀମାନେ ୱେବ୍‌ସାଇଟ୍: www.mstcecommerce.com ଲଗ୍ ଇନ୍ କରି, ଅମାନତ ରାଶି ଅନଲାଇନ୍ ମାଧ୍ୟମରେ କ୍ର. ନଂ. ୧ ଓ ୨ ନିମନ୍ତେ ତା୨୮.୧୧.୨୦୨୩ରିଖ ଏବଂ କ୍ର. ନଂ. ୩ ନିମନ୍ତେ ୧୧.୧୨.୨୦୨୩ରିଖ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା ଦାଖଲ କରିବା ଆବଶ୍ୟକ।

ସବିଶେଷ ନିୟମ ଓ ସର୍ତ୍ତାବଳୀ ନିମନ୍ତେ ଏଠାରେ ସ୍କାନ କରନ୍ତୁ

ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ୱେବ୍‌ସାଇଟ୍ : https://www.bankofbaroda.in/e-auction.htm, www.mstcecommerce.com and https://ibapi.in ଦେଖନ୍ତୁ ଏବଂ ସମ୍ଭାବ୍ୟ ନିଲାମଧାରୀମାନେ ଯୋଗଯୋଗ କରନ୍ତୁ: କ୍ଷମତାପ୍ରାପ୍ତ ଅଧିକାରୀ/ ମୁଖ୍ୟ ପ୍ରବନ୍ଧକ, କ୍ଷେତ୍ରୀୟ ଋଣଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, କଳିଙ୍ଗ ନଗର, ଭୁବନେଶ୍ୱର, ମୋ.: ୭୩୨୮୮୩୪୧୪୨

ସରଫେଶୀ ଆକ୍ଟ ୨୦୦୨ର ସଂଶୋଧନର ରୁଲ ୮(୫), ୮(୬) ଏବଂ ୯(୧) ଅନୁଯାୟୀ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ ବନ୍ଧକଦାତାମାନଙ୍କୁ ପରବର୍ତ୍ତୀ ୧୫/୩୦ ଦିନିଆ ବୈଧାନିକ ବିକ୍ରୟ ନୋଟିସ

ସ୍ଥାନ: ଭୁବନେଶ୍ୱର
ତାରିଖ: ୧୦.୧୧.୨୦୨୩

କ୍ଷମତାପ୍ରାପ୍ତ ଅଧିକାରୀ
ବ୍ୟାଙ୍କ ଅଫ୍ ବରୋଦା

### ଶିଶୁକନ୍ୟାଙ୍କୁ ଯୌନ ନିର୍ଯାତନା ଘଟଣା

# ଅଭିଯୁକ୍ତଙ୍କୁ ୫ ବର୍ଷ ସଶ୍ରମ କାରାଦଣ୍ଡ

**ନୟାଗଡ଼,୧୦।୧୧(ଲୋକନାଥ ମିଶ୍ର):** ନୟାଗଡ଼ ଜିଲା ଦଶପଲ୍ଲାରେ ଏକ କ୍ୟାମ୍ପ କୋର୍ଟରେ ୭ ବର୍ଷିୟା ଶିଶୁକନ୍ୟା ଯୌନ ନିର୍ଯାତନା ଘଟଣାର ରାୟ ଶୁକ୍ରବାର ପ୍ରକାଶ ପାଇଛି। ୮ଜଣ ସାକ୍ଷଙ୍କ ବୟାନ, ପ୍ରମାଣ, ସରକାରୀ ଓକିଲ ଓ ପ୍ରତିପକ୍ଷ ଓକିଲଙ୍କ ଜବାବସୁଆଲକୁ ଭିତ୍ତି କରି ନୟାଗଡ଼ ପୋକସୋ କୋର୍ଟ ବିଚାରପତି ମାନସ କୁମାର ପଣ୍ଡା ଦଶପଲ୍ଲା ଥାନା ଅଞ୍ଚଳର ଏକ ଗାଁର ଅଭିଯୁକ୍ତ ସୁରେଶ ପ୍ରଧାନ(୪୫)ଙ୍କୁ ୫ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ ହଜାର ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ୬ ମାସ ଅଧିକ ଜେଲଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ରହିଛି। ସେହିପରି ପୀଡିତାଙ୍କୁ ୫୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିବାକୁ ଆଇନ ସେବା ପ୍ରାଧିକରଣଙ୍କୁ ଅନୁରୂପ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୧ ଜାନୁୟାରୀ ମାସରେ ଦଶପଲ୍ଲା ଥାନା ଅଞ୍ଚଳର ଜଣେ ୭ ବର୍ଷର ଶିଶୁକନ୍ୟା ତାଙ୍କ ସାଙ୍ଗକୁ ଟିଉସନ ଯିବାକୁ ଡାକିବାକୁ ଯାଉଥିଲେ। ଏହି ସମୟରେ ସୁରେଶ ଶିଶୁକନ୍ୟାଙ୍କୁ ଭିଡି ନେଇ ଯୌନ ନିର୍ଯାତନା ଦେଇଥିଲେ। ପୀଡିତାଙ୍କ ବାପାଙ୍କ ଏତଲାକୁ ଭିତ୍ତିକରି ଦଶପଲ୍ଲା ଥାନା ପୋଲିସ ନଂ. ୫।୨୧ରେ ମାମଲା ରୁଜୁ କରି ତଦନ୍ତ କରିଥିଲା। ପରେ ସୁରେଶଙ୍କୁ ଗିରଫ କରିଥିଲା। ତେବେ ସୁରେଶ ଜାମିନରେ ଥିଲେ। ସରକାରୀ ଓକିଲ ଦାଶରଥି ସାହୁ ମାମଲା ପରିଚାଳନା କରିଥିଲେ।

# ନୂଆ ଜିଲା ସଭାପତି ନିଯୁକ୍ତି ପରେ ଭାଜପାରେ ଫାଟ

**ନୟାଗଡ,୧୦।୧୧(ଲୋକନାଥ ମିଶ୍ର)**

- ପଦାରେ ପଡ଼ିଲା ଦଳୀୟ କନ୍ଦଳ
- ଇରାନୀ, ସିଦ୍ଧାର୍ଥ ଓ ଲାଲା ଅନୁପସ୍ଥିତ
- ପ୍ରତ୍ୟୁଷାଙ୍କ ନେତୃତ୍ୱରେ ସ୍ୱାଗତ ସମ୍ବର୍ଦ୍ଧନା ସଭା

ଭାଜପାର ନବନିଯୁକ୍ତ ନୟାଗଡ ଜିଲା ସଭାପତିଙ୍କୁ ସ୍ୱାଗତ ପାଇଁ ଶୁକ୍ରବାର ସ୍ୱାଗତ ସମ୍ବର୍ଦ୍ଧନା ସଭା ଓ ଶୋଭାଯାତ୍ରା ନୟାଗଡ଼ ନିର୍ବାଚନମଣ୍ଡଳୀ ସମେତ ଜିଲା ରାଜନୀତିର ଦୃଶ୍ୟପଟକୁ ବଦଳାଇବା ଆରମ୍ଭ କରିଛି। ପୁରୁଣା ଜିଲା ସଭାପତି ଲାଲା ମନୋଜ ରାୟ ହଟିବା ପରେ ନବନିଯୁକ୍ତ ଜିଲା ସଭାପତି ତାପସ ରଞ୍ଜନ ମାର୍ଥାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯିବାର ଦୃଶ୍ୟକୁ ଅନୁଧ୍ୟାନ କଲେ ଭାଜପାରେ ଫାଟ ଓ କନ୍ଦଳ ସ୍ପଷ୍ଟ ହୋଇଯାଉଛି। ସ୍ୱାଗତ ସମ୍ବର୍ଦ୍ଧନା ସଭା ଓ ଶୋଭାଯାତ୍ରାରେ ପୂର୍ବତନ ଜିଲା ସଭାପତି ଲାଲା ମନୋଜ ରାୟ, ନୟାଗଡ ନିର୍ବାଚନ ମଣ୍ଡଳୀ ପାଇଁ ନିର୍ବାଚନ ଲଢ଼ିଥିବା ଓ ସଙ୍ଗଠନକୁ ମଜଭୁତ କରିଥିବା ନାରୀନେତ୍ରୀ ଇରାନୀ ରାୟ, ଖଣ୍ଡପଡ଼ାର ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂଙ୍କ ଅନୁପସ୍ଥିତ ରହିବାକୁ ନେଇ ଭାଜପାରେ ଅନେକ କଥା ଚର୍ଚ୍ଚା ହେଉଛି। ଯଦିଓ ପୂର୍ବତନ ମନ୍ତ୍ରୀ ସୁରମା ପାଢ଼ୀ ଅନୁପସ୍ଥିତ ଥିଲେ ତେବେ ତାଙ୍କ ନାଁ ଚର୍ଚ୍ଚାକୁ ଆସୁନାହିଁ। କେତେଜଣ ଦଳୀୟ କର୍ମୀଙ୍କ ସୂଚନା ଅନୁସାରେ ନୟାଗଡ଼ରେ ଇରାନୀ ରାୟ ଓ କନ୍ଧମାଳ ପୂର୍ବତନ ଏମ୍‌ପି ପ୍ରତ୍ୟୁଷା ରାଜେଶ୍ୱରୀ ସିଂଙ୍କ ମଧ୍ୟରେ ଦଳୀୟ ଟିକେଟ ହାତେଇବା ପାଇଁ ପ୍ରତିଦ୍ୱନ୍ଦ୍ୱିତା ଚାଲିଥିଲା। କିଛି ଦିନର ନୀରବତା ପରେ ପ୍ରତ୍ୟୁଷା ବାଜିମାରି ନେଲେ। ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର ପଟ ପରିବର୍ତ୍ତନ କରିବା ପରେ ସବୁ କିଛି ଓଲଟପାଲଟ ହୋଇ ଚାଲିଛି। ପ୍ରଥମେ ଲାଲା ମନୋଜ ରାୟଙ୍କୁ ଜିଲା ସଭାପତି ପଦରୁ ହଟାଇ ସମ୍ବିତ୍ ନିଜର ଅନୁଗତକୁ ଥଇଥାନ କଲେ। ଏହାସହ ନୟାଗଡ଼ରେ ପ୍ରତ୍ୟଷାଙ୍କୁ ସହଯୋଗ କରିବାକୁ ଆଗେଇ ଆସିଲେ ବୋଲି କର୍ମୀମାନେ କହୁଛନ୍ତି।

ଭାଜପାର ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ରଙ୍କୁ ଲାଲା ମନୋଜ ରାୟ ଓ ସ୍ତ୍ରୀ ଇରାନୀ ରାୟଙ୍କ ଗୋଷ୍ଠୀର ଅଣ୍ଡାମାଡ଼ ମହଙ୍ଗା ପଡ଼ିଥିବା ଚର୍ଚ୍ଚା ହେଉଛି। ଗତ ସେପ୍ଟେମ୍ବର ୫ରେ ପୂର୍ବତନ ଏମ୍‌ପି ହେମେନ୍ଦ୍ର ଚନ୍ଦ୍ର ସିଂଙ୍କ ୯ମ ଶ୍ରାଦ୍ଧ ବାର୍ଷିକୀ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ସମ୍ବିତଙ୍କୁ ଏଭଳି ପରିସ୍ଥିତିର ସାମ୍ନା କରିବାକୁ ପଡ଼ିଥିଲା। କାରଣ ସମ୍ବିତ୍ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦିଅନ୍ତୁ ବୋଲି ଇରାନୀଙ୍କ ଗୋଷ୍ଠୀ ଚାହୁଁ ନ ଥିଲେ। ସେହି ଅଣ୍ଡାମାଡ଼ ଘଟଣା ପରେ ଲାଲା ମନୋଜ ଏବଂ ଇରାନୀଙ୍କୁ ଅଣଦେଖା କରାଯାଉଥିବା କୁହାଯାଉଛି। ଏଥିପାଇଁ ସେମାନେ ଭାଜପା ଛାଡ଼ିପାରନ୍ତି ବୋଲି ଚର୍ଚ୍ଚା ହେଉଛି। ନୟାଗଡ଼ ନିର୍ବାଚନମଣ୍ଡଳୀରେ ଇରାନୀ ଭାଜପା ସଙ୍ଗଠନକୁ ସୁଦୃଢ଼ କରି ଚାଲିଥିଲେ। ତେବେ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ଭାଜପାରେ ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ଯୋଗଦେବା ପରେ ସମୀକରଣ ବଦଳିଥିଲା। ୨୦୧୯ ସାଧାରଣ ନିର୍ବାଚନରେ ଇରାନୀ ବିଜେଡି ନେତା ଅରୁଣ ସାହୁଙ୍କଠାରୁ ପରାସ୍ତ ହୋଇଥିଲେ। ଏହାପରେ ମଧ ସଙ୍ଗଠନକୁ ମଜଭୁତ୍ କରିବା ପାଇଁ ଲାଗି ପଡ଼ିଥିଲେ। ସ୍ୱାମୀ ଲାଲା ମନୋଜ ରାୟ ଭାଜପାର ଜିଲା ସଭାପତି ଥିବାରୁ ଇରାନୀଙ୍କର ଅସୁବିଧା ନ ଥିଲା। ତେବେ ୨୦୨୪ ନିର୍ବାଚନକୁ ଆଖି ଆଗରେ ରଖି ପ୍ରତ୍ୟୁଷା ସମାନ୍ତରାଳ ଭାବେ ସଙ୍ଗଠନ ଆରମ୍ଭ କରିବା ପରେ ଦଳରେ ଦୁଇନେତ୍ରୀ ଇରାନୀ ଓ ପ୍ରତ୍ୟୁଷାଙ୍କ ମଧ୍ୟରେ ପତିଆରା ଲଢ଼େଇ ଚାଲିଥିବା କୁହାଯାଉଛି।

ଲାଲା ମନୋଜ ରାୟ କୁହନ୍ତି, ମୋ ସ୍ତ୍ରୀ ଇରାନୀ ନୟାଗଡ଼ ନିର୍ବାଚନ ମଣ୍ଡଳୀରେ ଭାଜପାର ସଙ୍ଗଠନକୁ ମଜଭୁତ କରିଥିଲେ। ମୁଁ ମଧ ସଙ୍ଗଠନ ପାଇଁ କାମ କରି ଦଳକୁ ଜିଲାରେ ଭଲ ସ୍ଥିତିରେ ରଖିଥିଲି । ହେଲେ ଜିଲା ସଭାପତି ପରିବର୍ତ୍ତନ ହେଲା। ନୂଆ ଜିଲା ସଭାପତିଙ୍କୁ ସମ୍ବର୍ଦ୍ଧନା ସମ୍ପର୍କରେ ଆମକୁ କିଛି କୁହାଗଲାନାହିଁ। ଆମଙ୍କୁ ଅଣଦେଖା କରାଯାଇ ପ୍ରତ୍ୟୁଷା ରାଜେଶ୍ୱରୀ ସିଂଙ୍କ ନେତୃତ୍ୱରେ ସମ୍ବର୍ଦ୍ଧନା ସଭା କରାଗଲା। ଦଳ ପକ୍ଷରୁ ଆମକୁ ଉପେକ୍ଷା କରାଯିବା ଠିକ୍ ନୁହେଁ। ଏହାଦ୍ୱାରା ଦଳରେ କ୍ଷତି ହେବ। ବହୁ କର୍ମକର୍ତ୍ତା, କର୍ମୀ ସମ୍ବର୍ଦ୍ଧନା ସଭାକୁ ଯାଇନାହାନ୍ତି ବୋଲି ସେ କହିଛନ୍ତି ।

# ଯୌତୁକଜନିତ ବଧୂହତ୍ୟାର ରାୟ ପ୍ରକାଶ

**ଓଡଗାଁ, ୧୦।୧୧ (ଆଦର୍ଶ କୁମାର ପଟ୍ଟନାୟକ)**

ଓଡଗାଁ ଅତିରିକ୍ତ ଜିଲା ଦୌରା ଜଜ ମାନସ ରଞ୍ଜନ ରଥ ଶୁକ୍ରବାର ଏକ ଯୌତୁକ ଜନିତ ବଧୂ ହତ୍ୟାର ରାୟ ଶୁକ୍ରବାର ପ୍ରକାଶ କରି ମୃତ ବଧୂଙ୍କ ଶାଶୁକୁ ଦଣ୍ଡ ବିଧାନ କରିଛନ୍ତି।

ନୟାଗଡ଼ ଜିଲା ଶରଣକୂଳ ଥାନା ଅନ୍ତର୍ଗତ ପଞ୍ଚରିଡା ଗ୍ରାମର ସୁଦାମ ବାରିକ ଙ୍କ ସାନ ଝିଅ ପ୍ରଶାନ୍ତି ଓଡ଼ଗାଁ ଥାନା ଅନ୍ତର୍ଗତ କୋମଣ୍ଡ (ମକରପଦା) ର ଦେବରାଜ ବାରିକଙ୍କ ପୁତ୍ର ବୁଲୁଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହର ବର୍ଷେ ଭିତରେ ବୁଲୁ ଓ ତାଙ୍କ ମା' କମା ବାରିକ ଯୌତୁକ ବାବଦରେ ୨ଟି ସୁନା ମାଳି ଓ ୧୦ ହଜାର ଟଙ୍କା ଦାବି କରିଥିଲେ। ମାତ୍ର ସୁଦାମ ଗରିବ ଲୋକ ହୋଇଥିବାରୁ ତାହା ପୂରଣ କରି ପାରି ନ ଥିଲେ। ହେଲେ ୨୬।୬।୧୩ରେ ପ୍ରଶାନ୍ତିଙ୍କ ମୃତ୍ୟୁ ଖବର ପାଇ ସୁଦାମ ତାଙ୍କ ଶାଶୁ ଘରକୁ ଯାଇ ଦେଖିଲେ ପ୍ରଶାନ୍ତି ତା ଶୋଇବା ଘର ଖଟ ଉପରେ ମରି ପଡ଼ିଛି। ଏ ସମ୍ପର୍କରେ ସୁଦାମ ସେହିଦିନ ଓଡ଼ଗାଁ ଥାନାରେ ଏତଲା ଦେଇଥିଲେ। ଏନେଇ ଥାନାରେ ନଂ. ୮୧/୧୩ରେ ମାମଲା ରୁଜୁ ହୋଇଥିଲା। ଏହି ମାମଲା ଓଡ଼ଗାଁ ଅତିରିକ୍ତ ଜଲା ଦୌରାଜଙ୍କ ଅଦାଲତରେ ବିଚାର ପ୍ରକ୍ରିୟା ହୋଇଥିଲା। ୧୨ଜଣ ସାକ୍ଷୀ ଓ ବୈଜ୍ଞାନିକ ତଦନ୍ତକୁ ଆଧାର କରି ଅତିରିକ୍ତ ଜିଲା ଦୌରାଜଜ୍ କମା ବାରିକଙ୍କୁ ୭ବର୍ଷ ସଶ୍ରମ କାରାଦଣ୍ଡ ସହ ୫ହଜାର ଟଙ୍କା ଜରିମାନା କରିଥିଲେ। ପ୍ରକାଶ ଥାଉ କି ବିଚାର ସମୟରେ ବୁଲୁ ବାରିକ ଅନୁପସ୍ଥିତି ଯୋଗୁ ତାଙ୍କ ବିରୋଧରେ ଜାମନ ବିହୀନ ଗିରଫ ପରୱାନା ଜାରି କରାଯାଇଛି। ଉକ୍ତ ମକଦ୍ଦମାକୁ ଅତିରିକ୍ତ ସରକାରୀ ଅଧିବକ୍ତା ଇନ୍ଦୁ ଭୂଷଣ ମିଶ୍ର ପରିଚାଳନା କରୁଥିଲେ।

# ବ୍ଲକ ସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା

**ନୂଆଗାଁ, ୧୦।୧୧ (ଧନେଶ୍ୱର ସାହୁ)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ସଂପଡା ମେଗା ନର୍ସରୀ ସଭାଗୃହରେ ଶୁକ୍ରବାର ଦକ୍ଷତା ବିକାଶ ଓ ପ୍ରଶିକ୍ଷଣ ମିଶନ ମାଧ୍ୟମରେ ଉଦ୍ୟାନ ବିଭାଗ ପକ୍ଷରୁ ବ୍ଲକସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସରକାର ଦେଶରୁ ଗରିବ ହଟାଇ ଜନସାଧାରଣଙ୍କୁ ସ୍ୱାବଲମ୍ବୀ କରିବାକୁ ବିଭିନ୍ନ ଯୋଜନା ମାଧ୍ୟମରେ ଚେଷ୍ଟା କରୁଛନ୍ତି। ସଫଳ କୃଷକଟିଏ ହୋଇପାରିଲେ ପରିବାର ସୁସ୍ଥ ହେବା ସହ ସୁସ୍ଥ ସମାଜ ମଧ୍ୟ ଗଠନ ହୋଇପାରିବ। ତେଣୁ ସଫଳ କୃଷକଟିଏ ହେବା ପାଇଁ ଦୃଢ଼ ମନୋବଳ ରହିବା ଆବଶ୍ୟକ ବୋଲି ଏହି କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ତଥା ନୂଆଗାଁ ବ୍ଲକ ଅଧକ୍ଷା ଲକ୍ଷ୍ମୀପ୍ରିୟା ବେହେରା କହିଥିଲେ। ସରକାର ଉଦ୍ୟାନ ବିଭାଗ ମାଧ୍ୟମରେ ଲୋକଙ୍କ ପାଇଁ ଅନେକ ଜନହିତକର ଯୋଜନା ପ୍ରସ୍ତୁତ କରିଛନ୍ତି। ସେହି ଯୋଜନାଭିମୁଖୀ ହେବା ପାଇଁ ଲୋଭନୀୟ ସବ୍‌ସିଡର ବ୍ୟବସ୍ଥା ମଧ୍ୟ କରିଛନ୍ତି। ତେଣୁ ଜନସାଧାରଣ ସେହି ଯୋଜନାରୁ ଲାଭ ଉଠାଇବା ସହ ନିଜେ ଜଣେ ସଫଳ ଚାଷୀ ହୋଇ ଲାଭବାନ୍ ହୁଅନ୍ତୁ। ବାହାରୁ ରାସାୟନିକ ସାର ବ୍ୟବହାର ହୋଇଥିବା ପନିପରିବା କିଣିବା ଅପେକ୍ଷା ନିଜ ବାଡିରେ ଗୋବର ଖତ, ଜିଆ ଖତ ଭଳି ଜୈବିକ ସାରରେ ଫସଲ କରି ତାକୁ ନିଜେ ବ୍ୟବହାର କରି ସୁସ୍ଥ ରୁହନ୍ତୁ ବୋଲି କାର୍ଯ୍ୟକ୍ରମର ଅନ୍ୟତମ ଅତିଥି ନୂଆଗାଁ ବିଡିଓ ବାସୁଦେବ ନାୟକ କହିଥିଲେ। ତେବେ ସ୍ୱାବଲମ୍ବୀ ହେବା ପାଇଁ ଆମମାନଙ୍କ ନିକଟରେ ଅନେକ ଯୋଜନା ରହିଛି। ଯେଉଁଥିରେ ରୁଚି ଅଛି ସେହି ବିଭାଗର ଅଧିକାରୀ, କର୍ମଚାରୀଙ୍କ ସହଯୋଗ ନିଅନ୍ତୁ। ଆମେ ଏଠି ଅଫିସର ହୋଇ ଆସି ନାହୁଁ , ଆମେମାନେ ଲୋକମାନଙ୍କର କାମ କରିବାକୁ ଆସିଛୁ ବୋଲି ବିଡିଓ ନାୟକ କହିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ବେହେରା, ବିଡିଓ ନାୟକ, ନୟାଗଡ ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ଲଳିତ କୁମାର ପଣ୍ଡା, ବ୍ଲକ ଉପାଧକ୍ଷ ପର୍ଶୁରାମ ସ୍ୱାଇଁ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ବ୍ଲକର ବିଭିନ୍ନ ଅଞ୍ଚଳର ଶତାଧିକ ଚାଷୀ, ଉଦ୍ୟାନ ସାଥୀ ଉପସ୍ଥିତ ଥିଲେ। ନୂଆଗାଁ ଉଦ୍ୟାନ ବିଭାଗ ଅତିରିକ୍ତ ଉଦ୍ୟାନ ଅଧିକାରୀ ଅଜିତ୍ କୁମାର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**DATA ENTRY EXECUTIVE ଆବଶ୍ୟକ**
Bhubaneswar Transports ସଂସ୍ଥା ପାଇଁ Microsoft Office ରେ Data Entry ପାଇଁ ଯୋଗ୍ୟ ପ୍ରାର୍ଥୀ ଆବଶ୍ୟକ। ଯୋଗ୍ୟତା– ଗ୍ରାଜୁଏସନ୍ ।
ଯୋଗାଯୋଗ- 9853802717

**WANTED**
A reputed Real Estate Company requires
MARKETING MANAGER- 4 Nos.
MARKETING EXECUTIVE- 6 Nos.
(Fixed salary with high incentives).
9938725854, 8339826767

# ଫତେଗଡ଼ ଥାନା ପକ୍ଷରୁ ନିର୍ବାଚନ ବୁଥ୍ ସର୍ଭେ

**ଭାପୁର ,୧୦।୧୧(ଭରତ କୁମାର ବେହେରା )**

ନିର୍ବାଚନ ସମୟ ପାଖେଇ ଆସୁଥିବା ବେଳେ ନେତା ଓ କର୍ମୀ ମହଲରେ ବୈଠକ ପରେ ବୈଠକ ଅନୁଷ୍ଠିତ ହେଉଛି। ୨୦୨୪ ସାଧାରଣ ନିର୍ବାଚନ ଯେତେ ପାଖେଇ ଆସୁଛି ସେତିକି ରାଜନୈତିକ ଉଷ୍ମତା ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀରେ ଦେଖିବାକୁ ମିଳୁଛି। ବିଜେଡି, ଭାଜପା ଓ କଂଗ୍ରେସ ପକ୍ଷରୁ ସ୍ଥାନୀୟ ନେତଅ ମଣ୍ଡଳୀଙ୍କ ମଧ୍ୟରେ ବିଶେଷ ବ୍ୟସ୍ତତା ପରିଲକ୍ଷିତ ହେଲାଣି। କେବଳ ରାଜନେତା ନୁହନ୍ତି, ପ୍ରଶାସନିକ ସ୍ତରରେ କିପରି ଭାବେ ଅବାଧ ଓ ନିରପେକ୍ଷ ନିର୍ବାଚନ ହେବ ସେଥିପାଇଁ ମଧ ରଣନୀତି ପ୍ରସ୍ତୁତ ହୋଇ କାର୍ଯ୍ୟକ୍ରମ ଆରମ୍ଭ ହେଲାଣି। ନୟାଗଡ଼ ଏସ୍‌ପି ରାହୁଲ ଜୈନଙ୍କ ନିର୍ଦ୍ଦେଶକ୍ରମେ ଫତେଗଡ ଥାନା ଅଧିକାରୀ ସୁଜିତ କୁମାର ଦାସଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟରତ ପୋଲିସ କର୍ମଚାରୀ ୧୨୧ ଟି ବୁଥ ସର୍ଭେ ଶୁକ୍ରବାରଠାରୁ ଚାଲିଛି। ମଦ ଓ ଗଞ୍ଜେଇ ନିଶା ଚୋରା ବିକ୍ରୟ ଧରପଗଡ, ପୁରୁଣା ଅଭିଯୁକ୍ତିଙ୍କୁ ଗିରଫ ତଥା ବିଶେଷକରି ୧୨୧ ବୁଥ୍‌ର ପାରିପାର୍ଶ୍ୱିକ ଅବସ୍ଥା ତଥା ନିରାପତ୍ତା, ଆଲୋକ ଓ ପାଣି ଅବସ୍ଥା ତଥା ଭୋଟ ଗ୍ରହଣ ପାଇଁ ଉପଯୁକ୍ତ ଓ ଅନୁପଯୁକ୍ତ ଦର୍ଶାଇବା ପାଇଁ ଯାଞ୍ଚ ପ୍ରକ୍ରିୟା ଚାଲୁ ରହିଛି। ଥାନା ପକ୍ଷରୁ ବ୍ଲକର ସମସ୍ତ ବୁଥ୍ ଯାଞ୍ଚ କରାଯାଇ ରିପୋର୍ଟ ଏସ୍‌ପିଙ୍କ କାର୍ଯ୍ୟାଳୟକୁ ପଠାଯିବା ପାଇଁ ନିର୍ଦ୍ଦେଶ ରହିଛି। ଏହା ୩ରୁ ୪ ଦିନ ପର୍ଯ୍ୟନ୍ତ ଚାଲିବ ବୋଲି ଆଇଆଇସି ଦାସ ସୂଚନା ଦେଇଛନ୍ତି।

# ମନ୍ଦିର ବିକାଶ ପ୍ରକଳ୍ପ ପାଇଁ ଗଛକଟା ଆରମ୍ଭ

**ଖଣ୍ଡପଡ଼ା,୧୦।୧୧(ଅଜୟ କୁମାର ମହାରଣା)**


ପ୍ରଶାସନ ପକ୍ଷରୁ ପ୍ରକଳ୍ପ ପାଇଁ ଗଛ କଟା ଯାଇଛି।

ନୟାଗଡ଼ ଜିଲାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ କଣ୍ଟିଲୋ ଶ୍ରୀନୀଳମାଧବ ପୀଠରେ ବିକାଶ ପ୍ରକଳ୍ପର ରାସ୍ତା ସମ୍ପ୍ରସାରଣ ନିମନ୍ତେ ପୂର୍ତ୍ତ ବିଭାଗ ପକ୍ଷରୁ ଶୁକ୍ରବାର ରାସ୍ତାପାର୍ଶ୍ୱରେ ଥିବା ଗଛ କଟା ଆରମ୍ଭ ହୋଇଛି। ଏହି ଅବସରରେ ନୀଳମାଧବ ଜୀଉଙ୍କ ପୂର୍ବ (ସିଂହ ଦ୍ୱାର) ଦ୍ୱାର ଠାରୁ ୪୦୦ ମିଟର ଦୀର୍ଘ ମୁଖ୍ୟ ରାଜପଥକୁ ସଂଯୋଗ କରୁଥିବା ରାସ୍ତାକୁ ୯ ମିଟର ପ୍ରସ୍ଥ ଭାବେ ସମ୍ପ୍ରସାରଣ କରାଯିବ। ଏହି ରାସ୍ତାକୁ ସିମେଣ୍ଟ କଂକ୍ରିଟ କରାଯିବ। ଉକ୍ତ ରାସ୍ତାର ଉଭୟପାର୍ଶ୍ୱରେ ଥିବା ପ୍ରାୟ ୧୮ଟି ପୁରାତନ ବୃକ୍ଷକୁ କଟାଯିବାକୁ ଭୁବନେଶ୍ୱର ଫରେଷ୍ଟ କରପୋରେଶନ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ଏହି ବୃକ୍ଷ ମଧ୍ୟରେ ଦେବଦାରୁ, ୟୁକାଲପଟାସ, ଚାକୁଣ୍ଡା, ବର, ଚାକୁଣ୍ଡା ଓ ଫଳ ପ୍ରଦାନକାରୀ ବହୁ ପୁରାତନ ଆମ୍ବ ଗଛ ରହିଛି। ତେବେ ବିଭାଗ ପକ୍ଷରୁ ଗଛ କଟା ଆରମ୍ଭ କରାଯାଇଥିବା ବେଳେ ପରିବେଶବିତ୍ ଅନ୍ତର୍ଯ୍ୟାମୀ ସାହୁ ସମ୍ପୃକ୍ତ ଗଛକୁ କାଟିବାକୁ ବିରୋଧ କରିଥିଲେ। ସୂଚନା ଯୋଗ୍ୟ, ସମସ୍ତ ବୃକ୍ଷକୁ କାଟିବା ନିମନ୍ତେ ନୀତି ନିୟମ ପ୍ରକାରରେ ସରକାରୀ ଆଦେଶନାମା ରହିଥିବା ଜାଣିବା ସତ୍ତ୍ୱେ ପରିବେଶବିତ୍ ସାହୁ ପୁରାତନ ଗଛ କାଟିବାକୁ ପ୍ରତିକ୍ରିୟା ପ୍ରକାଶ କରିବା ସହ ଆବଶ୍ୟକ ମତେ ଗଛର ଶାଖା ପ୍ରଶାଖା ଡାଳକୁ କାଟି ସମ୍ପୂର୍ଣ୍ଣ ଗଛକୁ ନ କାଟିବାକୁ ଅନୁରୋଧ କରିଥିଲେ। ତେବେ ସରକାରୀ ଆଦେଶ ମୁତାବକ ଗଛଗୁଡିକ କଟା ହେଉଥିବା ଦାୟିତ୍ୱରେ ଥିବା ଅଧିକାରୀ ପ୍ରକାଶ କରିଥିଲେ। ତେବେ ବିକାଶ ପ୍ରକଳ୍ପରେ ଆବଶ୍ୟକ ମୁତାବକ ବୃକ୍ଷ ଛେଦନ ହେଉଥିବାରୁ ଏଥିରେ ପ୍ରତିବନ୍ଧକ ସୃଷ୍ଟି ନ କରିବାକୁ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା।

# ବଦଳିବ ପୂର୍ତ୍ତ ବିଭାଗୀୟ ରାସ୍ତାର ରୂପ

**ନୟାଗଡ଼,୧୦।୧୧(ଲୋକନାଥ ମିଶ୍ର)**

- କଟିବ ବୃକ୍ଷ, ସ୍ଥାନାନ୍ତର ହେବ ବିଦ୍ୟୁତ୍ ଖୁଣ୍ଟ
- ପିଟିଏସ୍ ଜଗନ୍ନାଥ ମନ୍ଦିର ରାସ୍ତା ୧୨ ମିଟର ଚଉଡା ହେବ
- ପାଣି ପାଇପ ୧୫ ଦିନ ଭିତରେ କାମ
- ନୟାଗଡ଼ ବିଧାୟକଙ୍କ ସମୀକ୍ଷା

ନୟାଗଡ଼ ନିର୍ବାଚନମଣ୍ଡଳୀରେ ପୂର୍ତ୍ତ ବିଭାଗର ରାସ୍ତାରେ ଦେଖା ଦେଇଥିବା ସମସ୍ୟାକୁ ଏଡାଇବା ପାଇଁ ବିଧାୟକ ଅରୁଣ କୁମାର ସାହୁ ଶୁକ୍ରବାର ସମୀକ୍ଷା କରିଛନ୍ତି। ରାସ୍ତା ନିର୍ମାଣରେ ବାଧକ ସାଜୁଥିବା ଗଛକୁ କଟାଯିବାକୁ ନିଷ୍ପତି ହୋଇଛି। ସେହିପରି ରାସ୍ତା ଉପରେ ଥିବା ବିଦ୍ୟୁତ୍ ଖୁଣ୍ଟକୁ ସ୍ଥାନାନ୍ତର କରାଯିବ। ପାଇପ ଲାଇନର ପାଇପ ମଧ୍ୟ ଘୁଞ୍ଚିବ। ୧୫ ତାରିଖ ମଧ୍ୟରେ ରାସ୍ତା ସମସ୍ୟା ସମାଧାନ କରିବାକୁ କୁହାଯାଇଛି। ଏ ଅବସରରେ ନୟାଗଡ଼ କଲେଜ ନିକଟରେ ୨୧ ନଂ. ରାଜ୍ୟ ରାଜପଥରୁ ନୟାଗଡ଼ ପିଟିଏସ୍ ଦେଇ ନୟାଗଡ଼ ପୁରୁଣା ସହରକୁ ବଲାଙ୍ଗୀର–ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥକୁ ସଂଯୋଗ କରୁଥିବା ରାସ୍ତାର ରୂପରେଖ ବଦଳିବାକୁ ନିଷ୍ପତ୍ତି ହୋଇଛି। ଏହି ରାସ୍ତାକୁ ୧୨ ମିଟର ଚଉଡା କରାଯିବ। ରାସ୍ତାର ଓସାର ୭ ମିଟର ପିଚୁ ରହିବ। ତେବେ ଉଭୟପାର୍ଶ୍ୱରେ ଅଢ଼େଇ ମିଟର ଲେଖାଏ ମୋରମ ରାସ୍ତା ରହିବ। ସେହିଭଳି ନୟାଗଡ଼ ପାର୍ଟୁଳିସାହି ରାସ୍ତା, ଡିଆଁପଡା ରାସ୍ତା, ବାଲୁଗାଁ–ମହିପୁର, ବାହାଡାଝୋଲା–ସୁନାମହିଁ ଓ ବାହାଡାଝୋଲା–ଓଡଗାଁ ରାସ୍ତାର ଅନୁରୂପ ସମୀକ୍ଷା ହୋଇଛି। ସମ୍ପୃକ୍ତ ରାସ୍ତାରେ ଗଛ କଟାଯିବା ସହ ବିଦ୍ୟୁତ୍ ଖୁଣ୍ଟ ହଟିବାକୁ ନିଷ୍ପତ୍ତି ହୋଇଛି। ରାସ୍ତା ସମୀକ୍ଷା ନେଇ ବିଧାୟକ ସାହୁ ଜିଲା ମହୋତ୍ସବ ବୈଠକରେ ସୂଚନା ଦେଇଥିଲେ। ସମୀକ୍ଷା ବୈଠକରେ ଜିଲାପାଳ ରବୀନ୍ଦ୍ର ନାଥ ସାହୁ, ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ, ନିର୍ବାହୀ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ, ନୟାଗଡ ଡିଏଫ୍‌ଓ, ଏସିଏଫ୍, ନୟାଗଡ଼ ଓ ଓଡଗାଁ ରେଞ୍ଜ ଅଫିସର, ବିଦ୍ୟୁତ୍ ଜେଇ ଓ ସହକାରୀ ଯନ୍ତ୍ରୀ, ପିଏଚଡି ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର, ଆରଡବ୍ଲ୍ୟୁଏସ୍‌ଏସ୍‌ର ସହକାରୀ ଯନ୍ତ୍ରୀ ଉପସ୍ଥିତ ଥିଲେ।

# ପୁଷ୍ଟି ସଚେତନତା ମହୋତ୍ସବ


ଉତ୍ସବରେ ଅତିଥି ବୃନ୍ଦ।

**ଦଶପଲ୍ଲା, ୧୦।୧୧(ପ୍ରକାଶ କୁମାର ପାଣି)**

ଅପପୁଷ୍ଟି, ରକ୍ତହୀନତା ହ୍ରାସ ଏବଂ ମା' ଓ ଶିଶୁ ସ୍ୱାସ୍ଥ୍ୟ ମାପଦଣ୍ଡରେ ଉନ୍ନତି ସହ ସାଧାରଣ ଜନତାଙ୍କ ପାଇଁ ଦୈନନ୍ଦିନ ଖାଦ୍ୟାଭ୍ୟାସର ଅନେକ ଗୁରୁତ୍ୱ ବହନ କରିଛି। ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଘୁଗୁଡିପଡା ପଞ୍ଚାୟତର ରାଇମଡା ଗାଁରେ ଆଦିମ କାଳରୁ ରହି ଆସୁଥିବା ଆଦିବାସୀ ମହିଳାମାନେ ସାଧାରଣ ଜନତାଙ୍କ ଖାଦ୍ୟାଭ୍ୟାସରେ ପରିବର୍ତ୍ତନ ଆଣିବା ନିମନ୍ତେ ସୁଇସେଡ୍ ଫାଉଣ୍ଡେଶନ ସହଯୋଗରେ ସ୍ଥାନୀୟ ଅଞ୍ଚଳରେ କାର୍ଯ୍ୟରତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିର୍ମାଣ ଦ୍ୱାରା ରାଇମଡାଠାରେ ଶୁକ୍ରବାର ପାରମ୍ପାରିକ ଖାଦ୍ୟ ପ୍ରଦର୍ଶନୀ ପୁଷ୍ଟି ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଆଧୁନିକ ଖାଦ୍ୟ ଉପରେ ନିର୍ଭରଶୀଳ ସାଧାରଣ ଜନସାଧାରଣଙ୍କୁ ଖାଦ୍ୟାଭ୍ୟାସରେ ପରିବର୍ତ୍ତନ ଆଣିବା ଉପରେ ସଚେତନତା ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ। ଶରୀରର ଆବଶ୍ୟକତା ଅନୁସାରେ ପ୍ରକୃତି ସମସ୍ତ ବ୍ୟବସ୍ଥା କରିଛନ୍ତି। ମଣିଷ ମାଟି, ପାଣି, ପବନ ଓ ଜଙ୍ଗଲରୁ ମିଳୁଥିବା ପନିପରିବା, ଫଳମୂଳ ଆଦି ଆହରଣ ଦ୍ୱାରା ଆମେ ସୁସ୍ଥ ରହିପାରିବା ବୋଲି ସଙ୍ଗଠନ ପକ୍ଷରୁ ଆଲୋକପାତ କରିଥିଲେ। ଗ୍ରାମାଞ୍ଚଳର ଅଧିବାସୀମାନେ ନିଜ ବାଡିରେ ମିଳୁଥିବା ଅମୃତଭଣ୍ଡା, ଶାଗ, ପରିବ ଆଦି ନିୟମିତ ଆହରଣ କରି ସୁସ୍ଥ ଜୀବନଯାପନ କରିବାକୁ କର୍ମକର୍ତ୍ତା ପରାମର୍ଶ ଦେଇଥିଲେ। ଆଦିବାସୀମାନଙ୍କ ମୁଖ୍ୟ ଖାଦ୍ୟରେ କେବଳ ଶ୍ୱେତସାର ପ୍ରଧାନ କରାଯାଇଥାଏ। ଯାହାକି ଆମ ଶରୀରର ଅନ୍ୟ ଆବଶ୍ୟକତା ପୂରଣ କରିବାକୁ ପର୍ଯ୍ୟାପ୍ତ ନୁହେଁ। ଶରୀରର ସାମଗ୍ରିକ ବିକାଶ, ଅପପୁଷ୍ଟି, ରକ୍ତହୀନତା ଦୂର କରିବା ଏବଂ ମା' ଓ ଶିଶୁ ସ୍ୱାସ୍ଥ୍ୟରେ ଉନ୍ନତି ସହ ସ୍ୱାସ୍ଥ୍ୟ ମାନଦଣ୍ଡରେ ଉନ୍ନତି ସକାଶେ ଆଦିବାସୀମାନଙ୍କ ଖାଦ୍ୟାଭ୍ୟାସରେ ସମସ୍ତ ପ୍ରକାର ପୁଷ୍ଟିଯୁକ୍ତ ଖାଦ୍ୟ ସାମିଲ ହେବା ଆବଶ୍ୟକ। ଏହି ପରିପ୍ରେକ୍ଷୀରେ ଅଞ୍ଚଳର ବହୁ ଆଦିବାସୀ ଗ୍ରାମର ମହିଳାମାନେ ବିଭିନ୍ନ ଶାଗ, ପରିବା, ଜଙ୍ଗଲରୁ ମିଳୁଥିବା ଗଛମୂଳ ଓ ଚେର ଆଦିରୁ ପାରମ୍ପାରିକ ଶୈଳୀରେ ପ୍ରସ୍ତୁତ ଖାଦ୍ୟ ପରିବେଷଣ କରିଥିଲେ।

बैंक ऑफ़ बड़ौदा
Bank of Baroda

**କ୍ଷେତ୍ରୀୟ ଋଣଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ଭୁବନେଶ୍ୱର**
ପ୍ଲଟ୍ ନଂ.: ୮୩୧/୩୮୨୩, ସାମପୁର, କଳିଙ୍ଗ ନଗର, ଭୁବନେଶ୍ୱର-୦୩,
ମୋ.: ୭୩୨୮୮୩୪୧୪୨, ଫୋନ୍: ୦୬୭୪-୨୩୮୨୧୦୦,
୭୩୨୮୮୩୪୧୪୦/୪୧, ଇମେଲ୍: sarbhu@bankofbaroda.com

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ଆପେଣ୍ଡିକ୍ସ- IV - A (ରୁଲ୍ ୬(୨) ଏବଂ ୮(୬) ଅନୁଯାୟୀ ପ୍ରଦତ୍ତ) ସ୍ଥାବର ସମ୍ପତ୍ତିଗୁଡିକର ନିଲାମ ନିମନ୍ତେ ବିକ୍ରୟ ବିଜ୍ଞପ୍ତି
ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ରୁଲ୍ ୬(୨) ଏବଂ ୮(୬) ଅନୁଯାୟୀ ସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ନୋଟିସ୍।

ଏତଦ୍ୱାରା ସର୍ବସାଧାରଣ, ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ବ୍ୟାଙ୍କ ଅଫ୍ ବରୋଦାର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା)ଙ୍କ ଦ୍ୱାରା ବ୍ୟାଙ୍କର ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର ସମ୍ପତ୍ତିଗୁଡିକୁ **ଭୌତିକ ଦଖଲ**ରେ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡିକୁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି"** ଭିତ୍ତିରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି। ଋଣଗ୍ରହୀତା / ବନ୍ଧକଦାତା / ଗ୍ୟାରେଣ୍ଟିଦାତା / ସୁରକ୍ଷିତ ସମ୍ପତ୍ତି / ଦେୟ / ସଂରକ୍ଷିତ ମୂଲ୍ୟ / ଅମାନତ ରାଶି, ବିଡ୍ ବର୍ଦ୍ଧିତ ରାଶି, ଇ-ନିଲାମ ତାରିଖ ଏବଂ ସମୟର ବିସ୍ତୃତ ବିବରଣୀ ନିମ୍ନରେ ପ୍ରଦତ୍ତ।

| କ୍ର. ନଂ. | ଶାଖା/ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ସମ୍ପତ୍ତିଗୁଡିକର ବିବରଣୀ ଏବଂ ମାଲିକଙ୍କ ନାମ | ଡିମାଣ୍ଡ / ଦଖଲ ନୋଟିସ୍ ତାରିଖ/ ବକେୟା ଦେୟ | ଇ-ନିଲାମ ତାରିଖ ଓ ସମୟ | ସଂରକ୍ଷିତ ମୂଲ୍ୟ / EMD (ରାଶି)/ବିଡ୍ ବର୍ଦ୍ଧିତ ରାଶି | ଦଖଲ ସମ୍ପତ୍ତିର ସ୍ଥିତି (ସାଙ୍କେତିକ / ଭୌତିକ) | ସମ୍ପତ୍ତି ନିରୀକ୍ଷଣ ତାରିଖ ଏବଂ ସମୟ |
|---|---|---|---|---|---|---|---|
| ୧. | ନୟାପଲ୍ଲୀ ଶାଖା<br>ଋଣଗ୍ରହୀତା: ମେସର୍ସ ସାଇ ଶମ୍ଭୁ ଟ୍ରେଡର୍ସ, ଅଂଶୀଦାରମାନେ: ୧) ଶ୍ରୀମତୀ ଅମୁଲି ପ୍ରଧାନ, ୨) ଶ୍ରୀ ଶିବାନନ୍ଦ ପ୍ରଧାନ, ଠିକଣା: ୧) ସା: ପ୍ଲଟ୍ ନଂ.: ୩୭୫, ଯାଳାଁ, ଜିଲ୍ଲା: ଖୋର୍ଦ୍ଧା, ପିନ୍ - ୭୫୨୦୫୪, ଠିକଣା:୨) ଝଗଦପଡା, ପୋ: ପଦ୍ମାବତୀ, ଜିଲ୍ଲା: ନୟାଗଡ, ପିନ୍ - ୭୫୨୦୬୩ | ଶ୍ରୀମତୀ ଅମୁଲି ପ୍ରଧାନଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଯାହାର ପ୍ଲଟ୍ ନଂ.: ୧୬୧, ଖାତା ନଂ.: ୨୦୧/୧୪, କ୍ଷେତ୍ର: ଏକର ୦.୧୬୦ ଡିସିମିଲି, ଅନୁରୂପ ସାବିକ ଖାତା ନଂ.: ୭୧, ସାବିକ ପ୍ଲଟ୍ ନଂ.: ୧୬୧, କ୍ଷେତ୍ର: ଏକର୦.୧୬୦ଡିସିମିଲି, ମୌଜା: ଶିଆରିଆପଲ୍ଲୀ, ଥାନା: ବୋଲଗଡ ନଂ.: ୭୦, ତହସିଲ: ବୋଲଗଡ, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାସ୍ତା, ପଶ୍ଚିମ: ପ୍ଲଟ୍ ନଂ.: ୧୫୬, ଉତ୍ତର: ପ୍ଲଟ୍ ନଂ.: ୧୬୦, ଦକ୍ଷିଣ: ପ୍ଲଟ୍ ନଂ.: ୧୬୨ | ୦୩.୦୭.୨୦୧୯ / ୩୧.୦୧.୨୦୨୦ / ୦୩.୦୭.୨୦୧୯ ସୁଦ୍ଧା ଟ.୯୪,୩୭,୭୫୧.୯୨ + ୦୩.୦୭.୨୦୧୯ ଠାରୁ ଚୁକ୍ତିହାରରେ ସେବାବଦ ପରବର୍ତ୍ତୀ ସୁଧ+ ଖର୍ଚ୍ଚ ଓ ଦେୟ ଏବଂ ବିଯୁକ୍ତ ଆଦାୟ ହୋଇଥିବା ରାଶି, ଯଦି ଥାଏ | ୨୯.୧୧.୨୦୨୩ ଅପରାହ୍ନ ୨.୦୦ ଘଟିକାରୁ ଅପରାହ୍ନ ୬.୦୦ ଘଟିକା | ଟ. ୪୧,୨୬,୮୬୯/-<br>ଟ.୪,୧୫,୦୦୦/-<br>ଟ.୨୦,୦୦୦/- | ଭୌତିକ | ୨୪.୧୧.୨୦୨୩ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା |
| ୨. | ଭୁବନେଶ୍ୱର ମୁଖ୍ୟ ଶାଖା /<br>ଋଣଗ୍ରହୀତାମାନେ: ୧) ଶ୍ରୀମତୀ ବାସନ୍ତୀ ମଲ୍ଲିକ, ସ୍ୱାମୀ: ଵ ସୁରେନ୍ଦ୍ର ମଲ୍ଲିକ, ଠିକଣା-୧: ପ୍ଲଟ ନଂ.: ୫୯୬/୨୭୭୪, ଗଣେଶ ମଣ୍ଡପ ନିକଟ, ଝାରପଡ଼ା, ଲକ୍ଷ୍ମୀସାଗର, ଭୁବନେଶ୍ୱର -୭୫୧୦୦୬, ଠିକଣା-୨: କ୍ୱାର୍ଟର ନଂ.: ଭ।୨, ଇମ୍ପ୍ଲିମେଣ୍ଟ ଫ୍ୟାକ୍ଟ୍ରି କଲୋନୀ, ମଙ୍ଗଳା ମନ୍ଦିର ନିକଟ, ସତ୍ୟନଗର, ଭୁବନେଶ୍ୱର- ୭୫୧୦୦୭, ୨) ଶ୍ରୀ ମନୋଜ କୁମାର ମଲ୍ଲିକ, ପିତା: ଵ ସୁରେନ୍ଦ୍ର ମଲ୍ଲିକ, ୩) ଶ୍ରୀ ସରୋଜ କୁମାର ମଲ୍ଲିକ, ପିତା: ଵ ସୁରେନ୍ଦ୍ର ମଲ୍ଲିକ, ସମସ୍ତଙ୍କ ଠିକଣା- ପ୍ଲଟ ନଂ.: ୫୯୬/୨୭୭୪, ଗଣେଶ ମଣ୍ଡପ ନିକଟ, ଝାରପଡ଼ା, ଲକ୍ଷ୍ମୀସାଗର, ଭୁବନେଶ୍ୱର -୭୫୧୦୦୬ | ଶ୍ରୀମତୀ ବାସନ୍ତୀ ମଲ୍ଲିକ, ସ୍ୱାମୀ: ଵ ସୁରେନ୍ଦ୍ର ମଲ୍ଲିକଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ ନଂ.: ୫୯୬/୨୭୭୪, ଖାତା ନଂ.: ୯୨୮/୧୮୪୯, କ୍ଷେତ୍ର: ଏକର ୦.୦୨୯ ଡ଼ିସିମିଲି, କିସମ: ଘରବାରୀ, ମୌଜା: ଭୁବନେଶ୍ୱର ସହର, ଗଣେଶ ମଣ୍ଡପ ନିକଟ, ଝାରପଡ଼ା, ଲକ୍ଷ୍ମୀସାଗର, ଭୁବନେଶ୍ୱର-୭୫୧୦୦୬, ଏହାର ଚାରିପାର୍ଶ୍ୱରେ ପୂର୍ବ: ଜୟୀ ସାମଲ, ପଶ୍ଚିମ: ଗୋପାଳ ସାମଲ, ଉତ୍ତର: ରାସ୍ତା, ଦକ୍ଷିଣ: ବୁଲା ଶ୍ରୀଚନ୍ଦନ | ୦୬.୦୧.୨୦୧୭ / ୨୧.୧୧.୨୦୧୭ / ୩୦.୦୭.୨୦୧୬ ସୁଦ୍ଧା ଟ.୩୪,୦୦,୪୦୪/- + ୩୦.୦୭.୨୦୧୬ ଠାରୁ ଚୁକ୍ତିହାରରେ ସେବାବଦ ପରବର୍ତ୍ତୀ ସୁଧ+ ଖର୍ଚ୍ଚ ଓ ଦେୟ ଏବଂ ବିଯୁକ୍ତ ଆଦାୟ ହୋଇଥିବା ରାଶି, ଯଦି ଥାଏ | ୨୯.୧୧.୨୦୨୩ ପୂର୍ବାହ୍ନ ୨.୦୦ ଘଟିକାରୁ ଅପରାହ୍ନ ୬.୦୦ ଘଟିକା | ଟ:୫୧,୭୫,୦୦୦/-<br>ଟ.୫,୨୦,୦୦୦/-<br>ଟ.୨୦,୦୦୦/- | ଭୌତିକ | ୨୪.୧୧.୨୦୨୩ ଅପରାହ୍ନ ୫ ଘଟିକା ସୁଦ୍ଧା |
| ୩. | ଶହୀଦ ନଗର ଶାଖା /<br>ଋଣଗ୍ରହୀତା: ମେସର୍ସ ଦାସ କମ୍ପ୍ୟୁଟର୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ପ୍ରଶାନ୍ତ କୁମାର ଦାସ, ପ୍ଲଟ୍ ନଂ.: ୪୭୫, ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୬ / ଗ୍ୟାରେଣ୍ଟିଦାତା: ଶ୍ରୀମତୀ ଅନିତା ନାୟକ, ପ୍ଲଟ୍ ନଂ.: ୫୭୩/୫୭୪, ଏକାମ୍ର କାନନ ରୋଡ, ଜୟଦେବ ବିହାର, ଭୁବନେଶ୍ୱର-୭୫୧୦୧୫ | ଶ୍ରୀମତୀ ଅନିତା ନାୟକ ଓରଫ ଦାସଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଯାହାର ପ୍ଲଟ ନଂ.: ୩୬୧/୭୨୪, ସବ୍ ପ୍ଲଟ୍ ନଂ.: ୪୪ ଏବଂ ୪୫ (ଅଂଶ), ଖାତା ନଂ.: ୩୦୬/୧୩୭, କ୍ଷେତ୍ର: ଏକର୦.୦୫୫ ଡ଼ିସିମିଲି, ମୌଜା: କ୍ଷେତ୍ରପାଳ, ଥାନା: ଏୟାରଫିଲ୍ଡ, ତହସିଲ: ଜଟଣୀ, ଏହାର ଚାରିପାର୍ଶ୍ୱରେ ପୂର୍ବ: ରେଭିନ୍ୟୁ ପ୍ଲଟ୍ ନଂ.: ୩୬୮, ପଶ୍ଚିମ: ରାସ୍ତା, ଉତ୍ତର: ସବ୍ ପ୍ଲଟ୍ ନଂ.: ୪୩, ଦକ୍ଷିଣ: ସବ୍ ପ୍ଲଟ୍ ନଂ.: ୪୫ (ଅଂଶ) | ୨୧.୦୩.୨୦୧୭ / ୨୧.୧୦.୨୦୧୭ / ୦୬.୧୧.୨୦୨୩ସୁଦ୍ଧା ଟ.୧,୦୦,୫୧,୩୪୦.୭୮ +୦୬.୧୧.୨୦୨୩ଠାରୁ ଚୁକ୍ତିହାରରେ ସେବାବଦ ପରବର୍ତ୍ତୀ ସୁଧ+ ଖର୍ଚ୍ଚ ଓ ଦେୟ ଏବଂ ବିଯୁକ୍ତ ଆଦାୟ ହୋଇଥିବା ରାଶି, ଯଦି ଥାଏ | ୧୨.୧୨.୨୦୨୩ ପୂର୍ବାହ୍ନ ୨.୦୦ ଘଟିକାରୁ ଅପରାହ୍ନ ୬.୦୦ ଘଟିକା | ଟ.୧୬,୧୭,୦୦୦/-<br>ଟ.୧,୬୧,୭୦୦/-<br>ଟ.୨୦,୦୦୦/- | ଭୌତିକ | ୦୮.୧୨.୨୦୨୩ ଅପରାହ୍ନ ୫ ଘଟିକା ସୁଦ୍ଧା |

ନିୟମ ଏବଂ ସର୍ତ୍ତାବଳୀ: ଆଗ୍ରହୀ ନିଲାମଧାରୀମାନେ ୱେବ୍‌ସାଇଟ୍: www.mstcecommerce.com ଲଗ୍ ଇନ୍ କରି, ଅମାନତ ରାଶି ଅନଲାଇନ୍ ମାଧ୍ୟମରେ କ୍ର. ନଂ. ୧ ଓ ୨ ନିମନ୍ତେ ତା୨୮.୧୧.୨୦୨୩ରିଖ ଏବଂ କ୍ର. ନଂ. ୩ ନିମନ୍ତେ ୧୧.୧୨.୨୦୨୩ରିଖ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା ଦାଖଲ କରିବା ଆବଶ୍ୟକ।

ସବିଶେଷ ନିୟମ ଓ ସର୍ତ୍ତାବଳୀ ନିମନ୍ତେ ଏଠାରେ ସ୍କାନ କରନ୍ତୁ

ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ୱେବ୍‌ସାଇଟ୍ : https://www.bankofbaroda.in/e-auction.htm, www.mstcecommerce.com and https://ibapi.in ଦେଖନ୍ତୁ ଏବଂ ସମ୍ଭାବ୍ୟ ନିଲାମଧାରୀମାନେ ଯୋଗଯୋଗ କରନ୍ତୁ: କ୍ଷମତାପ୍ରାପ୍ତ ଅଧିକାରୀ/ ମୁଖ୍ୟ ପ୍ରବନ୍ଧକ, କ୍ଷେତ୍ରୀୟ ଋଣଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, କଳିଙ୍ଗ ନଗର, ଭୁବନେଶ୍ୱର, ମୋ.: ୭୩୨୮୮୩୪୧୪୨

ସରଫେଶୀ ଆକ୍ଟ ୨୦୦୨ର ସଂଶୋଧନର ରୁଲ ୮(୫), ୮(୬) ଏବଂ ୯(୧) ଅନୁଯାୟୀ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ ବନ୍ଧକଦାତାମାନଙ୍କୁ ପରବର୍ତ୍ତୀ ୧୫/୩୦ ଦିନିଆ ବୈଧାନିକ ବିକ୍ରୟ ନୋଟିସ

ସ୍ଥାନ: ଭୁବନେଶ୍ୱର
ତାରିଖ: ୧୦.୧୧.୨୦୨୩

କ୍ଷମତାପ୍ରାପ୍ତ ଅଧିକାରୀ
ବ୍ୟାଙ୍କ ଅଫ୍ ବରୋଦା

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧୧ ନଭେମ୍ବର , ୨୦୨୩

**ସିରିଆରେ ଆମେରିକାର ଏୟାରଷ୍ଟ୍ରାଇକ୍**

ପୂର୍ବ ସିରିଆରେ ଥିବା କେତେକ ସାମରିକ ଘାଟି ଉପରେ ଆମେରିକା ଆକାଶ ମାର୍ଗରୁ ଆକ୍ରମଣ କରିଛି। ଉକ୍ତ ଘାଟିଗୁଡ଼ିକ ଇରାନ୍‌ର ଇସ୍‌ଲାମିକ୍ ରିଭଲ୍ୟୁଶନାରି ଗାର୍ଡ କର୍ପସ୍ (ଆଇଆର୍‌ଜିସି) ଓ ଏହାର ସ୍ୱୀକୃତିପ୍ରାପ୍ତ ସଂଗଠନ ବ୍ୟବହାର କରୁଥିଲେ ବୋଲି ହ୍ୱାଇଟ୍ ହାଉସ୍ ପକ୍ଷରୁ କୁହାଯାଇଛି। ଇରାକ ଏବଂ ସିରିଆରେ ଥିବା ଆମେରିକା ଓ ଏହାର ସହଯୋଗୀ ରାଷ୍ଟ୍ରଙ୍କ ଘାଟି ଉପରେ ଆଇଆର୍‌ଜିସି ନିର୍ଦ୍ଦେଶରେ ଆକ୍ରମଣ ହୋଇଥିବାରୁ ଏହାର ଜବାବରେ ଯୁକ୍ତରାଷ୍ଟ୍ର ଏୟାରଷ୍ଟ୍ରାଇକ୍ କରିଛି।



## ସଂକ୍ଷେପରେ

### ପଓ୍ୱନ ମୁଞ୍ଜାଲଙ୍କ ୨୪.୯୫ କୋଟିର ସମ୍ପତ୍ତି ବାଜ୍ୟାପ୍ତ କଲା ଇଡି

**ନୂଆଦିଲ୍ଲୀ,୧୦।୧୧(ପି.ଟି.):** ହିରୋ ମୋଟୋକର୍ପର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ପଓ୍ୱନ କାନ୍ତ ମୁଞ୍ଜାଲ ଭାରତର ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ନିୟମାବଳୀର ଅବମାନନା କରି ଅନ୍ୟ ଲୋକଙ୍କ ନାଁରେ ଇସ୍ୟୁ ହୋଇଥିବା ବିଦେଶୀ ମୁଦ୍ରାକୁ ବିଦେଶରେ ନିଜର ବ୍ୟକ୍ତିଗତ ଖର୍ଚ୍ଚରେ ଲଗାଇଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଶୁକ୍ରବାର ଅଭିଯୋଗ କରିଛି। ମନି ଲଣ୍ଡରିଂରେ ସମ୍ପୃକ୍ତି ଅଭିଯୋଗରେ ମୁଞ୍ଜାଲଙ୍କ ୨୪.୯୫ କୋଟି ଟଙ୍କାର ସମ୍ପତ୍ତିକୁ ଇଡି ବାଜ୍ୟାପ୍ତ କରିଛି। ଉକ୍ତ ସମ୍ପତ୍ତି ମଧ୍ୟରେ ରହିଛି ଦିଲ୍ଲୀରେ ଥିବା ତିନୋଟି ଜମି। ମନି ଲଣ୍ଡରିଂ ପ୍ରତିକାର ଆଇନ (ପିଏମ୍‌ଏଲ୍‌ଏ)ର ବ୍ୟବସ୍ଥା ଅନୁଯାୟୀ ଉକ୍ତ ସମ୍ପତ୍ତିଗୁଡ଼ିକୁ ସାମୟିକ ଭାବେ ବାଜ୍ୟାପ୍ତ କରାଯାଇଥିବା ଇଡି କହିଛି।

### ଦଲାଇ ଲାମାଙ୍କ ଉତ୍ତରାଧିକାରୀ ପାଇଁ ଚାଇନା ମଞ୍ଜୁରୀ ଆବଶ୍ୟକ: ବେଜିଂ

**ବେଜିଂ,୧୦।୧୧(ପି.ଟି.):** ତିବ୍ବତୀୟ ଧର୍ମଗୁରୁ ୮୮ ବର୍ଷୀୟ ଦଲାଇ ଲାମାଙ୍କ ଉତ୍ତରାଧିକାରୀ ଦେଶ ଭିତରୁ ଚୟନ ହେବା ଆବଶ୍ୟକ ଓ ଏଥିପାଇଁ ଚାଇନାର ଅନୁମୋଦନ ଦରକାର ହେବ ବୋଲି ଶୁକ୍ରବାର ବେଜିଂ କହିଛି। ସେହିପରି ରଣନୀତିକ ଅବସ୍ଥିତି ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ତିବ୍ବତୀୟ ଅଞ୍ଚଳକୁ ଦକ୍ଷିଣ ଏସିଆର ଦ୍ୱାର ଭାବେ ଚାଇନା ଉପସ୍ଥାପନ କରିବା ସହ ଭାରତୀୟ ସୀମା ନିକଟବର୍ତ୍ତୀ ଉକ୍ତ ଅଞ୍ଚଳରେ ଭିତ୍ତିଭୂମିର ବିକାଶ କରାଉଛି। ଦଲାଇ ଲାମା ଏବଂ ପଞ୍ଚେନ୍ ରିନ୍‌ପୋଚେସ୍‌ଙ୍କ ସମେତ ଅଧିଷ୍ଠିତ ସମସ୍ତ ଜୀବନ୍ତ ବୁଦ୍ଧମାନେ ଦେଶ ଭିତରୁ ହେବା ଜରୁରୀ ଏବଂ ପାରମ୍ପରିକ ପଦ୍ଧତି ଜରିଆରେ ଏହି ନିଷ୍ପତ୍ତି ନିଆଯିବା ଆବଶ୍ୟକ। ମନୋନୀତ ଉତ୍ତରାଧିକାରୀ କେନ୍ଦ୍ରୀୟ ସରକାରଙ୍କ ଅନୁମୋଦନ ହାସଲ କରିବାକୁ ହେବ ବୋଲି ଚାଇନା ପକ୍ଷରୁ ଜାରି ଶ୍ୱେତପତ୍ରରେ କୁହାଯାଇଛି। ତିବ୍ବତକୁ ଚାଇନା ଶିଜାଙ୍ଗ ଭାବେ ନାମିତ କରିଛି। ଭାରତର ଧର୍ମଶାଳାରେ ରହିଥିବା ଦଲାଇ ଲାମା ତାଙ୍କ ଉତ୍ତରାଧିକାରୀ ନିଯୁକ୍ତିରେ ମୁଖ୍ୟ ଭୂମିକା ନେବା ବେଜିଂ ଚାହୁଁଛି। ସୂଚନାଯୋଗ୍ୟ, ପୂର୍ବରୁ ଦଲାଇ ଲାମା ଯାହାଙ୍କୁ ୨ ନମ୍ବର ଧର୍ମଗୁରୁ ବାଛିଥିଲେ, ତାଙ୍କୁ ବରଖାସ୍ତ କରି ଚାଇନା ପଞ୍ଚେନ୍ ଲାମାଙ୍କୁ ନିଯୁକ୍ତ କରିଥିଲା।

# ଫାଇଲ୍ ଚାପିଛନ୍ତି ରାଜ୍ୟପାଳ

**କେନ୍ଦ୍ର ସରକାରଙ୍କ ପରାମର୍ଶକ୍ରମେ ରାଜ୍ୟଗୁଡ଼ିକରେ ରାଜ୍ୟପାଳମାନଙ୍କୁ ରାଷ୍ଟ୍ରପତି ନିଯୁକ୍ତି ଦେଇଥାନ୍ତି। ତେଣୁ ବିରୋଧୀ ଶାସିତ ରାଜ୍ୟଗୁଡ଼ିକର ରାଜ୍ୟପାଳମାନେ କେନ୍ଦ୍ରରେ କ୍ଷମତାସୀନ ଦଳକୁ ସୁହାଇଲା ଭଳି ପଦକ୍ଷେପ ନେଉଥିବା ଅଭିଯୋଗ ବଢ଼ିବାରେ ଲାଗିଛି। ଏଭଳି ସ୍ଥିତିରେ ବିଧାନସଭା ଓ ରାଜଭବନ ମୁହାଁମୁହିଁ ହୋଇଛନ୍ତି। ଏହି କ୍ରମରେ ପଞ୍ଜାବ ରାଜ୍ୟପାଳ ବନଓ୍ୱାରିଲାଲ ପୁରୋହିତ, ତାମିଲନାଡୁ ରାଜ୍ୟପାଳ ଆର୍.ଏନ୍. ରବି, କେରଳ ରାଜ୍ୟପାଳ ଆରିଫ୍ ମହମ୍ମଦ ଖାନ୍ ଏବଂ ତେଲଙ୍ଗାନା ରାଜ୍ୟପାଳ ତାମିଲିସାଇ ସୌନ୍ଦରାରାଜନ୍‌ଙ୍କ ଭୂମିକା ଓ କାର୍ଯ୍ୟଶୈଳୀକୁ ନେଇ ପ୍ରଶ୍ନ ଉଠିଛି। ଏହି ରାଜ୍ୟପାଳମାନେ ବିଧାନସଭାରେ ଗୃହୀତ ବିଲ୍‌ଗୁଡ଼ିକରେ ସ୍ୱାକ୍ଷର ନ କରି ଅନେକ ବର୍ଷ ପର୍ଯ୍ୟନ୍ତ ପକାଇ ରଖୁଥିବା ନେଇ ରାଜ୍ୟ ସରକାରମାନେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ୩ ଜଣିଆ ଖଣ୍ଡପୀଠ କହିଛନ୍ତି, ରାଜ୍ୟ ବିଧାନସଭାରେ ପାରିତ ବିଧେୟକଗୁଡ଼ିକ ଉପରେ ରାଜ୍ୟପାଳ ସ୍ୱାକ୍ଷର ନ କରିବା ନିଆଁ ସହ ଖେଳିବା ସଦୃଶ। ବିଧାନସଭା ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଅପେକ୍ଷା କରିପାରିବ ନାହିଁ। ରାଜ୍ୟପାଳମାନେ ଯଦି ବିଲ୍‌ରେ ସ୍ୱାକ୍ଷର କରୁନାହାନ୍ତି, ତେବେ ସେଗୁଡ଼ିକୁ ଯଥାଶୀଘ୍ର ସମ୍ଭବ ରାଜ୍ୟ ସରକାରଙ୍କୁ ଫେରାଇଦେବା ଉଚିତ। ଅଧିବେଶନର ବୈଧତା ଉପରେ ରାଜ୍ୟପାଳ ସନ୍ଦେହ କରିପାରିବେ ନାହିଁ। ସନ୍ଦେହ କଲେ ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟିହେବ ବୋଲି ସୁପ୍ରିମକୋର୍ଟ ସମ୍ବିଧାନର ଅନୁଚ୍ଛେଦ ୨୦୦ର ଅବତାରଣା କରି ଚେତାଇଦେଇଛନ୍ତି।**

(ପ୍ରସ୍ତୁତି: ଦୁର୍ଯ୍ୟୋଧନ ମିଶ୍ର)


ବନଓ୍ୱାରିଲାଲ ପୁରୋହିତ (ପଞ୍ଜାବ)


ଆର୍.ଏନ୍ ରବି (ତାମିଲନାଡୁ)


ଆରିଫ୍ ମହମ୍ମଦ ଖାନ୍ (କେରଳ)


ତାମିଲିସାଇ ସୌନ୍ଦରାରାଜନ୍ (ତେଲଙ୍ଗାନା)

## ବିଲ୍‌ରେ ରାଜ୍ୟପାଳ ସ୍ୱାକ୍ଷର ନ କରିବା ନିଆଁ ସହ ଖେଳିବା ସଦୃଶ: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୧୦।୧୧**

ପଞ୍ଜାବ ରାଜ୍ୟପାଳ ବନଓ୍ୱାରିଲାଲ ପୁରୋହିତ ୨୦୨୩ ଜୁନ୍ ୧୯ ଓ ୨୦ରେ ଅନୁଷ୍ଠିତ ବିଧାନସଭା ଅଧିବେଶନକୁ ଅସାମ୍ବିଧାନିକ ଦର୍ଶାଇଥିଲେ। ମୁଖ୍ୟମନ୍ତ୍ରୀ ଭଗଓ୍ୱନ୍ତ ମାନ୍‌ଙ୍କ ନେତୃତ୍ୱାଧୀନ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ସରକାର ରାଜ୍ୟପାଳଙ୍କ ବିରୋଧରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ରାଜ୍ୟପାଳ ବିଲ୍‌ଗୁଡ଼ିକୁ ପକାଇ ରଖିଥିବାରୁ ପ୍ରଶାସନିକ ଅଚଳାବସ୍ଥା ଦେଖାଦେଇଥିବା ସରକାର ନିଜ ଆବେଦନରେ ଉଲ୍ଲେଖ କରିଥିଲେ। ସମ୍ବିଧାନର ଅନୁଚ୍ଛେଦ ୨୦୦ ଅଧୀନରେ ରାଜ୍ୟପାଳଙ୍କ ସୀମିତ କ୍ଷମତା ଥିବାରୁ ସେ ବିଲ୍‌ଗୁଡ଼ିକୁ ଅନିଶ୍ଚିତ କାଳ ପର୍ଯ୍ୟନ୍ତ ଚାପି ରଖିପାରିବେ ନାହିଁ ବୋଲି ଯୁକ୍ତି ବାଢ଼ିଥିଲେ। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ଜେ.ବି. ପରଦିଓ୍ୱାଲା ଏବଂ ମନୋଜ ମିଶ୍ରଙ୍କ ଖଣ୍ଡପୀଠ ଶୁକ୍ରବାର କହିଛନ୍ତି, ବିଧାନସଭାରେ ଗୃହୀତ ବିଲ୍‌ଗୁଡ଼ିକୁ ରାଜ୍ୟପାଳ ସ୍ୱୀକୃତି ନ ଦେବା ଯୋଗୁ ସୃଷ୍ଟି ହୋଇଥିବା ଅଚଳାବସ୍ଥା 'ଅତ୍ୟନ୍ତ ଚିନ୍ତାଜନକ' ବିଷୟ। ପ୍ରତିଷ୍ଠିତ ପରମ୍ପରା ଓ ରୀତିକୁ ନେଇ ଆମ ଦେଶ ଚାଲିଛି। ଏସବୁକୁ ରାଜ୍ୟପାଳ ମାନିବା ଆବଶ୍ୟକ। ବିଧେୟକଗୁଡ଼ିକ ଉପରେ ରାଜ୍ୟପାଳ ସ୍ୱାକ୍ଷର ନ କରିବା ନିଆଁ ସହ ଖେଳିବା ସଦୃଶ। ରାଜ୍ୟପାଳମାନେ ଲୋକଙ୍କ ଦ୍ୱାରା ନିର୍ବାଚିତ ପ୍ରତିନିଧି ନୁହନ୍ତି, ଏକଥା ସେମାନେ ଭୁଲିଯିବା ଅନୁଚିତ। ବିଧାନସଭା ଅଧିବେଶନକୁ ଅସାମ୍ବିଧାନିକ ଘୋଷଣା କରିବା ସମ୍ପର୍କିତ ରାଜ୍ୟପାଳଙ୍କ କ୍ଷମତାକୁ ନେଇ ଖଣ୍ଡପୀଠ ପ୍ରଶ୍ନ ଉଠାଇବା ସହ ତାଙ୍କ ଯୁକ୍ତିକୁ ଖାରଜ କରିଦେଇଛନ୍ତି।

ତାମିଲନାଡୁ ରାଜ୍ୟପାଳ ଆର୍.ଏନ୍. ରବିଙ୍କ ବିରୋଧରେ ମଧ୍ୟ ଅନୁରୂପ ଅଭିଯୋଗ ରହିଛି। ବିଧାନସଭାରେ ଗୃହୀତ ବିଲ୍‌ଗୁଡ଼ିକ ଉପରେ ସେ ମୋହର ଦେଉ ନ ଥିବାରୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍‌ଙ୍କ ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ବିଲ୍ ମଞ୍ଜୁରୀରେ ବିଳମ୍ବକୁ ନେଇ ଶୁକ୍ରବାର ସର୍ବୋଚ୍ଚ ଅଦାଲତ କେନ୍ଦ୍ର ସରକାରଙ୍କୁ ଜବାବ ମାଗିଛନ୍ତି। ତାମିଲନାଡୁ ସରକାରଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଅଭିଷେକ ମନୁ ସିଂଘଭି ଶୁଣାଣି ବେଳେ ଯୁକ୍ତି ବାଢ଼ିଥିଲେ, ବିଧାନସଭାରେ ଗୃହୀତ ୧୨ଟି ବିଲ୍ ରାଜ୍ୟପାଳଙ୍କ ଅଫିସରେ ପଡ଼ିରହିଛି। ଉତ୍ତମ ଆଚରଣ ପାଇଁ ବନ୍ଦୀଙ୍କୁ କ୍ଷମା ପ୍ରଦାନ ପୂର୍ବକ ଆଗୁଆ ମୁକ୍ତ କରିବା (ରେମିସନ) ଅର୍ଡର, ଦୈନନ୍ଦିନ ନଥିପତ୍ର, ନିଯୁକ୍ତି ନିର୍ଦ୍ଦେଶନାମା, ଦୁର୍ନୀତିଗ୍ରସ୍ତ ମନ୍ତ୍ରୀ ଓ ବିଧାୟକମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଅନୁମତି ପ୍ରଦାନ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ରାଜ୍ୟପାଳ ସ୍ୱାକ୍ଷର ନ କରିବା ଏବଂ ବିଧାନସଭାରେ ଗୃହୀତ ବିଲ୍ ଉପରେ ମୋହର ନ ଦେବା ଫଳରେ ପ୍ରଶାସନିକ ଅଚଳାବସ୍ଥା ସୃଷ୍ଟି ହୋଇଛି। ଜଣେ ସାମ୍ବିଧାନିକ କର୍ତ୍ତୃପକ୍ଷ ଅସାମ୍ବିଧାନିକ ଉପାୟରେ କାର୍ଯ୍ୟ କରୁଛନ୍ତି ଏବଂ ବାହ୍ୟ କାରଣରୁ ରାଜ୍ୟ ସରକାରଙ୍କ କାର୍ଯ୍ୟରେ ବାଧା ସୃଷ୍ଟି କରୁଛନ୍ତି। ରାଜ୍ୟପାଳଙ୍କ ଏଭଳି କାର୍ଯ୍ୟକୁ ଅସାମ୍ବିଧାନିକ, ବେଆଇନ, ଏକତରଫା ଏବଂ ମନ୍ଦ ଉଦ୍ଦେଶ୍ୟରେ କ୍ଷମତାର ଅପବ୍ୟବହାର ଭାବେ ଘୋଷଣା କରାଯାଉ ବୋଲି ତାମିଲନାଡୁ ସରକାର ସୁପ୍ରିମକୋର୍ଟଙ୍କୁ ନିବେଦନ କରିଛନ୍ତି। ନଭେମ୍ବର ୨୦ରେ ଏହା ଉପରେ ପରବର୍ତ୍ତୀ ଶୁଣାଣି ହେବ।

କେରଳର ବାମପନ୍ଥୀ ସରକାର ନଭେମ୍ବର ୮ରେ ରାଜ୍ୟପାଳ ଆରିଫ୍ ମହମ୍ମଦ ଖାନ୍‌ଙ୍କ ବିରୋଧରେ ଦ୍ୱିତୀୟ ଥର ପାଇଁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏଥର ରାଜ୍ୟ ହାଇକୋର୍ଟଙ୍କ ଏକ ରାୟକୁ ସର୍ବୋଚ୍ଚ ଅଦାଲତରେ ଚ୍ୟାଲେଞ୍ଜ କରାଯାଇଛି, ଯହିଁରେ ୮ ବିଲ୍‌କୁ ମଞ୍ଜୁର କରିବା ପାଇଁ ହାଇକୋର୍ଟ ନିର୍ଦ୍ଦିଷ୍ଟ ତାରିଖ ସ୍ଥିର କରିବାକୁ ମନା କରିଦେଇଛନ୍ତି। ପୂର୍ବରୁ ଚଳିତମାସ ରାଜ୍ୟ ସରକାର ସୁପ୍ରିମକୋର୍ଟରେ ଏକ ରିଟ୍ ପିଟିଶନ ଦାଖଲ କରିଥିଲେ। ବିଧାନସଭା ଦ୍ୱାରା ଗୃହୀତ ବିଲ୍‌ଗୁଡ଼ିକୁ ରାଜ୍ୟପାଳ ମଞ୍ଜୁର କରୁ ନ ଥିବା ଦର୍ଶାଇଥିଲେ। ରାଜ୍ୟପାଳ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବିଲ୍‌ଗୁଡ଼ିକୁ ପକାଇ ରଖିବା 'ଏକଛତ୍ରବାଦୀ କାର୍ଯ୍ୟ' ବୋଲି ଘୋଷଣା କରିବାକୁ ସରକାର କରିଥିବା ନିବେଦନକୁ କେରଳ ହାଇକୋର୍ଟ ୨୦୨୨ ନଭେମ୍ବର ୨୦ରେ ଖାରଜ କରିଦେଇଥିଲେ। ଏଥିସହ ଏକ ସଂସଦୀୟ ଗଣତନ୍ତ୍ରରେ ଜଣେ ରାଜ୍ୟପାଳ ସମ୍ବିଧାନର ଅନୁଚ୍ଛେଦ ୨୦୦ ବଳରେ ନେଉଥିବା ପଦକ୍ଷେପକୁ ବେଆଇନ ଘୋଷଣା କରିବା ଅଦାଲତଙ୍କ ପକ୍ଷେ ଉପଯୁକ୍ତ ନୁହେଁ ବୋଲି ହାଇକୋର୍ଟ କହିଥିଲେ। ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ୍‌ଙ୍କ ସରକାର ଏହି ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ରାଜ୍ୟପାଳଙ୍କ ଟେବୁଲରେ ୨ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ୩ ବିଲ୍ ଏବଂ ବର୍ଷେ ହେଲା ଅନ୍ୟ ୩ ବିଧେୟକ ପଡ଼ିରହିଛି। ଏଗୁଡ଼ିକ ମଧ୍ୟରୁ ୫ଟି ବିଲ୍ ବିଶ୍ୱବିଦ୍ୟାଳୟ ଆଇନ ସମ୍ପର୍କିତ। ରାଜ୍ୟପାଳ ଲୋକଙ୍କ ମୌଳିକ ଅଧିକାରଗୁଡ଼ିକୁ ନ୍ୟୁନ କରିବାକୁ ଉଦ୍ୟମ ଚଳାଇଥିବା ସରକାରଙ୍କ ଓକିଲ ସି.କେ. ସସି ଯୁକ୍ତି ବାଢ଼ିଛନ୍ତି। ଏହା ଉପରେ ରାଜ୍ୟପାଳ ଖାନ୍ ଶୁକ୍ରବାର କହିଛନ୍ତି, ସେ ସମ୍ବିଧାନ ଅନୁସାରେ କାର୍ଯ୍ୟ କରୁଛନ୍ତି। ସେ ରାଜ୍ୟରେ କୌଣସି ସଙ୍କଟ ସୃଷ୍ଟି କରିଥିବା ନେଇ କିଛି ପ୍ରମାଣ ଅଛି କି ବୋଲି ପ୍ରଶ୍ନ କରିଛନ୍ତି। ଏଥିସହ ରାଜ୍ୟ ସରକାର ଅନେକ ଥର ନିଜ ସୀମା ଡେଇଁଥିବା ସମାଲୋଚନା କରିଛନ୍ତି।

୨୦୨୩ ମାର୍ଚ୍ଚ ୨୦ରେ ତେଲଙ୍ଗାନାର ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) ସରକାର ରାଜ୍ୟପାଳ ତାମିଲିସାଇ ସୌନ୍ଦରାରାଜନ୍‌ଙ୍କ ବିରୋଧରେ ସୁପ୍ରିମକୋର୍ଟରେ ରିଟ୍ ପିଶିଟନ ଦାଖଲ କରିଥିଲେ। ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ ସରକାରଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଦୁଷ୍ୟନ୍ତ ଡାଭେ ଯୁକ୍ତି ବାଢ଼ିଥିଲେ, ବିଧାନସଭାରେ ଗୃହୀତ ୧୦ ବିଲ୍ ରାଜଭବନରେ ୨୦୨୨ ସେପ୍ଟେମ୍ବରରୁ ପଡ଼ିରହିଛି। ବିରୋଧୀ ଦଳ ଦ୍ୱାରା ଶାସିତ ରାଜ୍ୟ ବୋଲି ସେ ସେଗୁଡ଼ିକରେ ସ୍ୱାକ୍ଷର କରୁନାହାନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ରାଜ୍ୟପାଳ କେତୋଟି ବିଲ୍‌ରେ ସ୍ୱାକ୍ଷର କରିଥିବା ଜଣାପଡ଼ିଛି।

## ଦିଲ୍ଲୀରେ ବର୍ଷା ଆଣିଲା ଆଶ୍ୱସ୍ତି

# ଅଟକିଲା ଯୁଗ୍ମ-ଅଯୁଗ୍ମ ସୂତ୍ର

**ନୂଆଦିଲ୍ଲୀ,୧୦।୧୧(ପି.ଟି.)**

ଦିଲ୍ଲୀ ପ୍ରଦୂଷଣ ଉଦ୍‌ବେଗଜନକ ସ୍ଥିତିରେ ପହଞ୍ଚିଥିବାବେଳେ ଶୁକ୍ରବାର ବର୍ଷା ହେବାରୁ ସାମୟିକ ଆଶ୍ୱସ୍ତି ମିଳିଛି। ବର୍ଷା ପରେ ବାୟୁ ମାନରେ ଉଲ୍ଲେଖନୀୟ ଉନ୍ନତି ଦେଖାଦେଇଥିବାରୁ ଜାତୀୟ ରାଜଧାନୀରେ ଯୁଗ୍ମ-ଅଯୁଗ୍ମ ସୂତ୍ରରେ ଗାଡ଼ି ଚାଳନା ବର୍ତ୍ତମାନ ପାଇଁ ଲାଗୁ ହେବ ନାହିଁ ବୋଲି ପରିବେଶ ମନ୍ତ୍ରୀ ଗୋପାଳ ରାୟ କହିଛନ୍ତି। ଦୀପାବଳି ପରେ ସରକାର ବାୟୁ ମାନ ସ୍ଥିତିର ସମୀକ୍ଷା କରିବେ। ଯଦି ପ୍ରଦୂଷଣ ଅଧିକ ବଢ଼େ, ତେବେ ଯୁଗ୍ମ-ଅଯୁଗ୍ମ ସୂତ୍ର ଲାଗୁ ସମ୍ପର୍କରେ ନିଷ୍ପତ୍ତି ନିଆଯିବ ବୋଲି ରାୟ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ଦୀପାବଳି ପରେ ବାୟୁ ପ୍ରଦୂଷଣ ଅତ୍ୟଧିକ ବଢ଼ିବାକୁ ଥିବାରୁ ରାଜଧାନୀରେ ଆସନ୍ତା ୧୩ରୁ ୨୦ ତାରିଖ ପର୍ଯ୍ୟନ୍ତ ଯୁଗ୍ମ-ଅଯୁଗ୍ମ ସୂତ୍ର ଅର୍ଥାତ୍ ଦିନେ ଯୁଗ୍ମ ନମ୍ବର ଥିବା ଗାଡ଼ି ଓ ଅନ୍ୟ ଦିନ ଅଯୁଗ୍ମ ନମ୍ବର ଥିବା ଗାଡ଼ି ଚାଲିବ ବୋଲି ଦିଲ୍ଲୀ ସରକାର ଗତ ସୋମବାର ଘୋଷଣା କରିଥିଲେ। ଛୋଟ ଛୋଟ ପ୍ରବେଶ ପଥ ଦେଇ ଦିଲ୍ଲୀ ମଧ୍ୟକୁ ପ୍ରଦୂଷିତ ଟ୍ରକ୍ ପ୍ରବେଶ ବନ୍ଦ ନିର୍ଦ୍ଦେଶ ଠିକ୍ ଭାବେ କାର୍ଯ୍ୟକାରୀ ହେଉ ନ ଥିବାରୁ ମନ୍ତ୍ରୀ ରାୟ ଚିନ୍ତା ବ୍ୟକ୍ତ କରିଛନ୍ତି। ଏନେଇ ପଡ଼ୋଶୀ ରାଜ୍ୟର ପରିବହନ ମନ୍ତ୍ରୀମାନଙ୍କୁ ପତ୍ର ଲେଖାଯିବ ବୋଲି ସେ କହିଛନ୍ତି।

### ନଡ଼ାପୋଡ଼ି ବନ୍ଦ କରିବାକୁ ହେବ: ସୁପ୍ରିମକୋର୍ଟ

ଦିଲ୍ଲୀ ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର୍)ରେ ବାୟୁ ପ୍ରଦୂଷଣ ସ୍ତରକୁ ନେଇ ସୁପ୍ରିମକୋର୍ଟ ଶୁକ୍ରବାର ଉଦ୍‌ବେଗ ପ୍ରକାଶ କରିଛନ୍ତି। ପ୍ରଦୂଷଣ ସ୍ତର ହ୍ରାସ କରିବାକୁ ହେଲେ ଦିଲ୍ଲୀ ନିକଟବର୍ତ୍ତୀ ପଞ୍ଜାବ ଓ ଅନ୍ୟ ରାଜ୍ୟଗୁଡ଼ିକରେ ନଡ଼ାପୋଡ଼ିକୁ ତୁରନ୍ତ ବନ୍ଦ କରିବାକୁ ହେବ। ଏଥିସହିତ ଅନ୍ୟ ସମାଧାନ ସୂତ୍ର ବାହାର କରିବାକୁ ହେବ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ପ୍ରଦୂଷଣ ପ୍ରସଙ୍ଗକୁ ନେଇ ଅନେକ ରିପୋର୍ଟ ପ୍ରକାଶ ପାଇବା ସହ ବହୁ କମିଟି ଗଢ଼ାଯାଇଛି, ହେଲେ ତଳସ୍ତରରେ କିଛି ଘଟୁନାହିଁ ବୋଲି ଦିଲ୍ଲୀ-ଏନ୍‌ସିଆର୍ ବାୟୁ ପ୍ରଦୂଷଣ ମାମଲାର ଶୁଣାଣି ବେଳେ ଜଷ୍ଟିସ୍ ସଞ୍ଜୟ କିଷନ କୌଲଙ୍କ ଅଧ୍ୟକ୍ଷତାରେ ସୁଧାଂଶୁ ଧୁଲିଆ ଏବଂ ଅସାନୁଦ୍ଦିନ ଅମାନୁଲ୍ଲାଙ୍କୁ ନେଇ ଗଠିତ ଖଣ୍ଡପୀଠ ଟିପ୍ପଣୀ ଦେଇଛନ୍ତି। କିଛି ପଦକ୍ଷେପ ନ ନେଇ ଅଦାଲତ ଉପରେ ଦାୟିତ୍ୱ ଲଦିଦେବାକୁ ଚେଷ୍ଟା କରନାହିଁ ବୋଲି ଖଣ୍ଡପୀଠ ଦିଲ୍ଲୀ ସରକାରଙ୍କୁ କହିଛନ୍ତି। ଜାତୀୟ ରାଜଧାନୀରେ ଯୁଗ୍ମ-ଅଯୁଗ୍ମ ସୂତ୍ରରେ ଗାଡ଼ି ଚଳାଇବା ଦିଲ୍ଲୀ ସରକାରଙ୍କ ନିଷ୍ପତ୍ତି,ଏଥିରେ କୋର୍ଟ କୌଣସି ନିର୍ଦ୍ଦେଶ ଦେବେ ନାହିଁ ବୋଲି ସ୍ପଷ୍ଟ କରିଦେଇଛନ୍ତି।

# ଲଢୁଆ ଯାନ ନିର୍ମାଣ କରିବେ ଭାରତ-ଆମେରିକା

**ନୂଆଦିଲ୍ଲୀ,୧୦।୧୧(ପି.ଟି.)**

### ଇଣ୍ଡୋ-ପାସିଫିକ୍, ଇସ୍ରାଏଲ୍-ହମାସ୍ ଯୁଦ୍ଧ ଉପରେ ଆଲୋଚନା


ନୂଆଦିଲ୍ଲୀର ସୁଷମା ସ୍ୱରାଜ ଭବନରେ ଶୁକ୍ରବାର ଅନୁଷ୍ଠିତ ଭାରତ-ଆମେରିକା ୨+୨ ମନ୍ତ୍ରଣାଳୟସ୍ତରୀୟ ଆଲୋଚନାରେ ଆମେରିକା ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍, ପ୍ରତିରକ୍ଷା ସଚିବ ଲୟଡ ଅଷ୍ଟିନ୍, ଆମେରିକା ରାଷ୍ଟ୍ରଦୂତ ଏରିକ୍ ଗାର୍‌ସେଟି ଓ ଅନ୍ୟମାନେ।

ପ୍ରତିରକ୍ଷା ଶିଳ୍ପ ସହଯୋଗର ଅଂଶବିଶେଷ ଭାବେ ଭାରତ ଏବଂ ଆମେରିକା ମିଳିତ ଭାବେ ଲଢୁଆ ଯାନ ନିର୍ମାଣ କରିବେ ବୋଲି ଆମେରିକା ପ୍ରତିରକ୍ଷା ସଚିବ ଲୟଡ ଅଷ୍ଟିନ୍ ଶୁକ୍ରବାର କହିଛନ୍ତି। ଏହା ବ୍ୟତୀତ ଆମେରିକା ଭାରତକୁ ୩୧ଟି ଏମ୍‌କ୍ୟୁ-୯ବି ଡ୍ରୋନ୍ ଖୁବ୍‌ଶୀଘ୍ର ଯୋଗାଇଦେବା ପାଇଁ ଯଥାସମ୍ଭବ ଉଦ୍ୟମ ଜାରି ରଖିଛି ଓ ଠିକ୍ ସମୟରେ ତାହା ଘୋଷଣା କରାଯିବ। ଭାରତ-ଆମେରିକା ପ୍ରତିରକ୍ଷା ସମ୍ପର୍କକୁ ମହାକାଶରୁ ସମୁଦ୍ର ଗର୍ଭ ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ବଢ଼ାଇବାକୁ ପଦକ୍ଷେପ ନିଆଯାଉଥିବା ଅଷ୍ଟିନ୍ କହିଛନ୍ତି। ଦିଲ୍ଲୀରେ ଦୁଇଦେଶର ପ୍ରତିରକ୍ଷା ଓ ବହିର୍ବ୍ୟାପାର ମନ୍ତ୍ରଣାଳୟସ୍ତରୀୟ ଆଲୋଚନା ପରେ ଅଷ୍ଟିନ୍ ଖବରଦାତାମାନଙ୍କୁ ଏହି ସୂଚନା ଦେଇଛନ୍ତି। ଅଷ୍ଟିନ୍‌ଙ୍କ ସହ ଆମେରିକା ପ୍ରତିନିଧି ଦଳରେ ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍ ଥିବାବେଳେ ଭାରତ ପକ୍ଷର ନେତୃତ୍ୱ ନେଇଥିଲେ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଏବଂ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ। ଚାଇନାଠାରୁ ସୁରକ୍ଷାଗତ ଚ୍ୟାଲେଞ୍ଜ ବଢ଼ୁଥିବା ପ୍ରସଙ୍ଗ ଆଲୋଚନାରେ ସ୍ଥାନ ପାଇଥିଲା। ଭାରତ-ଆମେରିକା ସମ୍ପର୍କ କେବଳ ଚାଇନାର ଚ୍ୟାଲେଞ୍ଜ ଉପରେ ଆଧାରିତ ନୁହେଁ, ବରଂ ଦୁଇ ଦେଶର ମିଳିତ ମୂଲ୍ୟବୋଧ ଆଧାରରେ ବୋଲି କୁହାଯାଇଛି।

ଦୁଇ ଦେଶର କୂଟନୈତିକ ଓ ପ୍ରତିରକ୍ଷା ମୁଖ୍ୟମାନେ ଆଲୋଚନାରେ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ସୁରକ୍ଷା, ଚାଇନା ଏବଂ ଇସ୍ରାଏଲ୍-ହମାସ୍ ଯୁଦ୍ଧ ପ୍ରସଙ୍ଗ ଉପରେ ଗୁରୁତ୍ୱାରୋପ କରିଥିଲେ। ଭବିଷ୍ୟତରେ କାର୍ଯ୍ୟକାରୀ ହେବାକୁ ଥିବା ବିଭିନ୍ନ ପ୍ରସଙ୍ଗ ଉପରେ ମଧ୍ୟ ଆଲୋଚନା ହୋଇଥିବା ଆମେରିକା ପରରାଷ୍ଟ୍ର ସଚିବ ବ୍ଲିଙ୍କେନ୍ କହିଛନ୍ତି। ଏସିଆ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳକୁ ମୁକ୍ତ, ଅବାଧ ଓ ସମୃଦ୍ଧ କରିବା ପାଇଁ କ୍ୱାଡ୍ ସହଯୋଗୀ ଜାପାନ, ଅଷ୍ଟ୍ରେଲିଆ ସହ ମିଶି କାର୍ଯ୍ୟ କରିବୁ ବୋଲି ବୈଠକ ଶେଷରେ ବ୍ଲିଙ୍କେନ୍ କହିଛନ୍ତି।

## ଫୁର୍‌ସତ୍

# ସମାଧି ସ୍ଥଳରେ ଏକ୍ସରସାଇଜ

**ଲଣ୍ଡନ**

ବର୍ତ୍ତମାନ ସମୟରେ ଲୋକେ ନିଜ ସ୍ୱାସ୍ଥ୍ୟ ପ୍ରତି ପୂରା ଧ୍ୟାନ ଦେଉଛନ୍ତି। ପାର୍କରେ ଚାଲିବା ସହ ଅନେକେ ଜିମ୍ ଯାଉଛନ୍ତି। ହେଲେ ଜଣେ ମଡେଲ ସମାଧି ସ୍ଥାନରେ ଏକ୍ସରସାଇଜ କରୁଥିବା ଜଣାପଡ଼ିଛି। ରିପୋର୍ଟ ମୁତାବକ, ଲଣ୍ଡନରେ ରହୁଥିବା ବ୍ରାଜିଲ୍‌ର ଜଣେ ମଡେଲ ଅଣ୍ଡ୍ରିଆ ସନସାଇନ୍ ଜଣେ ବଡିବିଲ୍ଡର। ଜାଣି ଆଶ୍ଚର୍ଯ୍ୟ ଲାଗିବ ଯେ ସେ ଜେଜେ ମା' ହୋଇସାରିଛନ୍ତି। ତଥାପି ସେ ଅତ୍ୟନ୍ତ ଫିଟ୍ ଅଛନ୍ତି। ତାଙ୍କ ଇନ୍‌ଷ୍ଟାଗ୍ରାମ୍‌ରେ ଅନେକ ଫଲୋୟର୍ସ ଅଛନ୍ତି। ସେ ସବୁବେଳେ ଜିମ୍‌ରେ କସରତ କରୁଥିବାର ଫଟୋ ପୋଷ୍ଟ କରିଥାନ୍ତି। ହେଲେ ସେ ଜିମ୍ ତ୍ୟାଗ କରିଦେଇଛନ୍ତି। ସେ ଏବେ ସମାଧି ସ୍ଥାନରେ ଏକ୍ସରସାଇଜ୍ କରୁଛନ୍ତି। ଅଣ୍ଡ୍ରିଆ ଜିମ୍‌ରେ ଲୋକଙ୍କ କଥା ଶୁଣିଶୁଣି ବିରକ୍ତ ହୋଇଯାଇଥିବାରୁ ସେ ଜିମ୍ ତ୍ୟାଗ କରିଥିବା ଜଣାପଡ଼ିଛି। ତାଙ୍କ କହିବା କଥା, ପୁରୁଷଙ୍କ ଭଳି ତାଙ୍କ ଶରୀର ପାଇଁ ଅନେକେ ତାଙ୍କୁ ତାଳି ମାରିଥାନ୍ତି। ଏଥିପାଇଁ ସେ ଏବେ ଏକା ସମାଧି ସ୍ଥଳରେ ଆସି ଟ୍ରେନିଂ ଦେବା ଆରମ୍ଭ କରିଛନ୍ତି। ପ୍ରଥମେ ତାଙ୍କୁ ଗ୍ଲାମରସ୍ ରୂପରେ ସେଠାରେ ଟ୍ରେନିଂ ଦେବାକୁ ବାରଣ କରାଯାଉଥିଲା। ହେଲେ ଏବେ ସେ ସେଠାରେ ଅନେକଙ୍କୁ ଟ୍ରେନିଂ ଦେଉଛନ୍ତି। ତାଙ୍କ କହିବା କଥା ଯେ ସମାଧି ସ୍ଥଳ ବହୁତ ଶାନ୍ତ ସ୍ଥାନ। ଯେଉଁଠାରେ ମଣିଷ ଶାନ୍ତିର ଅନୁଭବ କରିପାରିବ। ସମାଧି ସ୍ଥଳରେ ସେ ଏକ୍ସରସାଇଜ୍ କରିବା ସହ ପ୍ରକୃତିକୁ ମଧ୍ୟ ଉପଭୋଗ କରୁଥିବା କହିଛନ୍ତି।





# ଇଲାୟାରାଜାଙ୍କ ବାୟୋପିକ୍‌ରେ ଧନୁଷ୍

**ମୁମ୍ବାଇ**

ସାଉଥ୍ ଅଭିନେତା ଧନୁଷ୍ ଖ୍ୟାତନାମା ସଙ୍ଗୀତଜ୍ଞ ଇଲାୟାରାଜାଙ୍କ ବାୟୋପିକ୍‌ରେ ନଜର ଆସିବେ। ଏନେଇ ଔପଚାରିକ ଭାବେ ଘୋଷଣା ହୋଇଛି। ଏହି ଫିଲ୍ମର ଶୁଟିଂ ଆସନ୍ତା ବର୍ଷ ଆରମ୍ଭ ହେବ ଏବଂ ୨୦୨୫ରେ ଏହା ମୁକ୍ତିଲାଭ କରିବ। ଫିଲ୍ମର ପ୍ରଯୋଜନା ଦାୟିତ୍ୱ କନେକ୍ଟ ମିଡିଆ ଏବଂ ମର୍କ୍ୟୁରି ଗ୍ରୁପ୍ ନେବ। ଇଲାୟାରାଜା ହେଉଛନ୍ତି ଲୋକପ୍ରିୟ ସଙ୍ଗୀତଜ୍ଞ, ଗୀତିକାର ଏବଂ ଗାୟକ। ସେ ତାଙ୍କ କ୍ୟାରିୟରରେ ୭ହଜାରରୁ ଅଧିକ ଗୀତ ରଚନା କରିଛନ୍ତି। ଏଥିସହ ୨୦ହଜାରରୁ ଅଧିକ କନ୍‌ସର୍ଟରେ ଭାଗ ନେଇଛନ୍ତି। ସଙ୍ଗୀତ ପ୍ରତି ତାଙ୍କର ଅବଦାନ ପାଇଁ ସେ ୨୦୧୦ରେ ପଦ୍ମଭୂଷଣ ଓ ୨୦୧୮ରେ ପଦ୍ମ ବିଭୂଷଣରେ ସମ୍ମାନିତ ହୋଇଛନ୍ତି। ଏଥିରେ ଶେଖର କମୁଲା ନିର୍ଦ୍ଦେଶନା ଦେବେ। ଫିଲ୍ମକୁ ବିଭିନ୍ନ ଭାଷାରେ ରିଲିଜ୍ କରାଯିବ। ତେବେ ଧନୁଷ୍ ୨୦୦୨ରେ ତାଙ୍କ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ। ସେବେଠାରୁ ସେ ଅନେକ ହିଟ୍ ଫିଲ୍ମ ତାଙ୍କ ପ୍ରଶଂସକଙ୍କୁ ଭେଟି ଆକାରରେ ଦେଇ ପ୍ରଶଂସିତ ହୋଇଛନ୍ତି। ଆଗକୁ ତାଙ୍କ ହାତରେ ଆଉ ୨ଟି ସିନେମା ରହିଛି।



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ରିଷି
ପରିବାରବର୍ଗ


ଶିବ ପ୍ରସାଦ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କଂଗ୍ରେସରେ ଯୋଗଦେବେ ଜୟରାମ ପାଙ୍ଗୀ

**କୋରାପୁଟ,୧୦।୧୧**
**(ଅମିତାଭ ବେହେରା)**

ବରିଷ୍ଠ ନେତା ଜୟରାମ ପାଙ୍ଗୀ ଆସନ୍ତା ନଭେମ୍ବର ୧୬ରେ କଂଗ୍ରେସ ଦଳରେ ଯୋଗଦେବେ। ଶୁକ୍ରବାର ପାଙ୍ଗୀ ଏ ସମ୍ପର୍କରେ ସୋସିଆଲ ମିଡିଆ ପେଜ୍‌ରେ ଉଲ୍ଲେଖ କରିଛନ୍ତି। ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ସମୟରେ ଜନତା ଦଳରୁ ବିଧାୟକ ନିର୍ବାଚିତ ହୋଇ ସେତେବେଳେ ସେ ଅବକାରୀ ମନ୍ତ୍ରୀ ରହିଥିଲେ। ବିଜେଡିରେ ସାମିଲହୋଇ ଏମ୍‌ପି ଭାବେ ମଧ୍ୟ ନିର୍ବାଚିତ ହୋଇଥିଲେ। ପରେ ପାଙ୍ଗୀ ଭାଜପାରେ ଯୋଗଦେଇଥିଲେ। କିଛି ମାସ ତଳେ ସେ ଭାଜପା ଛାଡି ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେସିଆର୍‌ଙ୍କ ବିଆର୍‌ଏସ୍ ଦଳରେ ଯୋଗଦେଇଥିଲେ। ବର୍ତ୍ତମାନ ପାଙ୍ଗୀ କଂଗ୍ରେସରେ ଯୋଗଦେବାକୁ ନିଷ୍ପତ୍ତି ନେଇଛନ୍ତି। ଏହାକୁ ନେଇ କୋରାପୁଟ ରାଜନୀତିରେ ଚର୍ଚ୍ଚା ଆରମ୍ଭ ହୋଇଛି। ସୂଚନାଯୋଗ୍ୟ, ଜୟରାମ ପାଙ୍ଗୀ ତାଙ୍କ ରାଜନୈତିକ କ୍ୟାରିୟରରେ ୪ ଥର ବିଧାୟକ ହୋଇଥିବାବେଳେ ଥରେ ଲୋକ ସଭାକୁ ନିର୍ବାଚିତ ହୋଇଛନ୍ତି। ୧୯୭୭ରେ ଜନତାପାର୍ଟିରୁ ପଟ୍ଟାଙ୍ଗି ବିଧାନସଭା ଆସନରୁ ନିର୍ବାଚିତ ହୋଇଥିଲେ। ୧୯୯୦ରେ ସେ ଏହି ଆସନରୁ ବିଜୟୀ ହୋଇଥିଲେ। ୨୦୦୦ ଓ ୨୦୦୪ରେ ସେ ବିଜେଡି ଟିକେଟରେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ୨୦୦୯ରେ ସେ ବିଜେଡିରୁ କୋରାପୁଟ ଲୋକ ସଭା ଆସନରୁ ବିଜୟୀ ହୋଇଥିଲେ। ୨୦୧୭ରେ ସେ ବିଜେଡି ଛାଡ଼ି ସେ ଭାଜପାରେ ଯୋଗଦେଇଥିଲେ। ୨୦୧୯ରେ ଭାଜପାରୁ କୋରାପୁଟ ଲୋକ ସଭା ଆସନରୁ ପ୍ରାର୍ଥୀ ହୋଇ ନିର୍ବାଚନରେ ପରାସ୍ତ ହୋଇଥିଲେ।




### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଆବିର୍ଭାବ: ୦୫।୦୩। ୧୯୪୨
ତିରୋଧାନ: ୦୧।୧୧।୨୦୨୩

ତୁମର ଏକାଦଶାହରେ ଆମ ସମସ୍ତଙ୍କର ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ପ୍ରାର୍ଥନା ଯେ ତୁମେ ଯେଉଁଠାରେ ବି ଥାଅ ଭଲରେ ଥାଅ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ।

ଶୋକସନ୍ତପ୍ତ: ପରିବାରବର୍ଗ।
ଛଣପୁର, ବାଲେଶ୍ୱର- ୭୫୬୦୫୬

୰ ଡକ୍ଟର ବାରୁଣୀ ଦାସ


# ଷମତାକୁ ଆସିଲେ ଜାତି ଜନଗଣନା କରିବୁ: ରାହୁଲ

**ଭୋପାଳ,୧୦।୧୧**

ଜାତି ଜନଗଣନା ଏକ ବିପ୍ଳବାତ୍ମକ ପଦକ୍ଷେପ। ଏହା ଜନସାଧାରଣଙ୍କ ଜୀବନରେ ପରିବର୍ତ୍ତନ ଆଣିବ ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ ଶୁକ୍ରବାର କହିଛନ୍ତି। ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନ ଜିତି କଂଗ୍ରେସ କ୍ଷମତାକୁ ଆସିଲେ, ଜାତି ଜନଗଣନା ତୁରନ୍ତ କାର୍ଯ୍ୟକାରୀ କରାଯିବ ବୋଲି ରାହୁଲ ପ୍ରତିଶ୍ରୁତି ଦେଇଛନ୍ତି। ଆସନ୍ତା ୧୭ ତାରିଖରେ ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ସାତନାଠାରେ ଏକ ରାଲିକୁ ଉଦ୍‌ବୋଧନ ଦେଇ ରାହୁଲ କହିଥିଲେ, ଅନ୍ୟାନ୍ୟ ପଛୁଆ ବର୍ଗଙ୍କ ବାସ୍ତବ ସଂଖ୍ୟା ଜାଣିବାକୁ ହେଲେ ଜାତି ଜନଗଣନା କଂଗ୍ରେସ ସରକାରଙ୍କ ପ୍ରଥମ କାର୍ଯ୍ୟ ହେବ।



ମଧ୍ୟପ୍ରଦେଶର ସାତନାଠାରେ ଉଦ୍‌ବୋଧନ ଦେଉଛନ୍ତି ରାହୁଲ ଗାନ୍ଧୀ।

ଏହା ଏକ ଏକ୍ସ-ରେ ଭଳି ପଛୁଆ ବର୍ଗଙ୍କ ସଂଖ୍ୟା ସ୍ପଷ୍ଟ କରିବ ଏବଂ ତଦନୁଯାୟୀ ସେମାନଙ୍କ କଲ୍ୟାଣ ପାଇଁ ଯୋଜନା ଓ ନୀତି ପ୍ରଣୟନ କରାଯିବ। ସେହିପରି କଂଗ୍ରେସ କେନ୍ଦ୍ରରେ କ୍ଷମତାକୁ ଆସିଲେ ଜାତୀୟ ସ୍ତରରେ ଜାତି ଜନଗଣନା କରିବ ବୋଲି ରାହୁଲ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜକୁ ଓବିସି କହୁଥିବାବେଳେ ଜାତି ଜନଗଣନା କଥା ଉଠିଲା ବେଳକୁ ତାଙ୍କ ମୁହଁ ବନ୍ଦ ହୋଇଯାଉଛି। ମଧ୍ୟପ୍ରଦେଶରେ ୫୩ ଆଇଏଏସ୍ ଅଫିସରଙ୍କ ମଧ୍ୟରୁ ମାତ୍ର ଜଣେ ଓବିସି ବୋଲି କଂଗ୍ରେସ ନେତା କହିଛନ୍ତି। ଋଣ ବୋଝରେ ଅତିଷ୍ଠ ହୋଇ ଗତ ୧୮ ବର୍ଷ ମଧ୍ୟରେ ମଧ୍ୟପ୍ରଦେଶରେ ୧୮,୦୦୦ ଚାଷୀ ଆତ୍ମହତ୍ୟା କରିଛନ୍ତି। ବିମୁଦ୍ରୀକରଣ ଏବଂ ଦ୍ରବ୍ୟ ଓ ସେବା ଟିକସ (ଜିଏସ୍‌ଟି) କ୍ଷୁଦ୍ର ଏବଂ ମଧ୍ୟମ ବ୍ୟବସାୟ ଉପରେ ଆକ୍ରମଣ, ଯେଉଁଥିପାଇଁ ଦେଶରେ ନିଯୁକ୍ତିବିହୀନ ସ୍ଥିତି ସୃଷ୍ଟି ହୋଇଥିବା ରାହୁଲ ଅଭିଯୋଗ କରିଛନ୍ତି।

# ୟେଦୁରପ୍ପାଙ୍କ ପୁଅ ହେଲେ କର୍ନାଟକ ଭାଜପା ସଭାପତି


ବିଜୟେନ୍ଦ୍ରଙ୍କ ସହ ବି.ଏସ୍. ୟେଦୁରପ୍ପା

**ନୂଆଦିଲ୍ଲୀ,୧୦।୧୧**

କର୍ନାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା ବି.ଏସ୍. ୟେଦୁରପ୍ପାଙ୍କ ପୁଅ ବିଜୟେନ୍ଦ୍ର ୟେଦୁରପ୍ପାଙ୍କୁ ଶୁକ୍ରବାର ରାଜ୍ୟ ଭାଜପା ସଭାପତି ନିଯୁକ୍ତ କରାଯାଇଛି। ଏହି ନିଷ୍ପତ୍ତି ଫଳରେ ବର୍ଷୀୟାନ ଲିଙ୍ଗାୟତ ନେତାଙ୍କ ପ୍ରଭାବକୁ ଦଳ ସ୍ୱୀକୃତି ଦେଇଛି। ବିଜୟେନ୍ଦ୍ର ଜଣେ ଦକ୍ଷ ସାଂଗଠନିକ ନେତା। ନିକଟରେ ସେ ବିଧାୟକ ନିର୍ବାଚିତ ହୋଇଥିଲେ। ୪୭ ବର୍ଷୀୟ ବିଜୟେନ୍ଦ୍ରଙ୍କୁ ୟେଦୁରପ୍ପାଙ୍କ ରାଜନୈତିକ ଉତ୍ତରାଧିକାରୀ ବିବେଚନା କରାଯାଉଛି। ଗତ ମେ' ବିଧାନସଭା ନିର୍ବାଚନରେ ଭାଜପା ପରାଜିତ ହେବା ପରେ ଦଳୀୟ ନେତୃତ୍ୱରେ ପରିବର୍ତ୍ତନ ହେବା ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଆସୁଥିଲା। ବହୁ ପୁରୁଖା ନେତା ଥିଲେ ମଧ୍ୟ ଲିଙ୍ଗାୟତ ଭୋଟକୁ ଦୃଷ୍ଟିରେ ରଖି ପ୍ରଥମ ଥର ବିଧାନସଭାକୁ ନିର୍ବାଚିତ ହୋଇଥିବା ବିଜୟେନ୍ଦ୍ରଙ୍କୁ ଭାଜପା ରାଜ୍ୟ ସଭାପତି ଭାବେ ନିଯୁକ୍ତି ଦେଇଛି। ନିର୍ବାଚନୀ ରାଜନୀତିରୁ ୟେଦୁରପ୍ପା ଓହରିଯାଇଥିଲେ ମଧ୍ୟ ଦଳରେ ତାଙ୍କର ଦବଦବା ଅକ୍ଷୁଣ୍ଣ ରହିଛି। ସୂଚନାଯୋଗ୍ୟ, ୟେଦୁରପ୍ପାଙ୍କ ବଡ଼ପୁଅ ବି.ୱାଇ. ରାଘବେନ୍ଦ୍ର ଲୋକ ସଭା ସଦସ୍ୟ ଅଛନ୍ତି।

# 'ଦଳୀୟ ଶୃଙ୍ଖଳା, ସାମାଜିକ ଗଣମାଧ୍ୟମ ପ୍ରମୁଖ ଅସ୍ତ୍ର'

## ସରିଲା ବିଜେଡି ଜୋନ୍‌ସ୍ତରୀୟ ପ୍ରଶିକ୍ଷଣ ଶିବିର

**ବାଲେଶ୍ୱର, ୧୦।୧୧**
**(ମାନସ ବିଶ୍ୱାଳ)**

ବାଲେଶ୍ୱର ଜିଲା ବସ୍ତା ନିର୍ବାଚନମଣ୍ଡଳୀର ବାଲିଆପାଳ ଠାରେ ବିଜେଡି ପକ୍ଷରୁ ବିଜୁ ମହିଳା ଜନତା ଦଳର ରାଜ୍ୟ କାର୍ଯ୍ୟକାରୀ ସଭାପତି ସୁବାସିନୀ ଜେନାଙ୍କ ନେତୃତ୍ୱରେ ଆୟୋଜିତ ୩ ଦିନ ଧରି ଚାଲିଥିବା ଜୋନ୍‌ସ୍ତରୀୟ ପ୍ରଶିକ୍ଷଣ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ବାଲେଶ୍ୱର ଜିଲା ପର୍ଯ୍ୟବେକ୍ଷକ ତଥା ମନ୍ତ୍ରୀ ପ୍ରତାପ କେଶରୀ ଦେବ ଯୋଗଦେଇ ଦଳୀୟ ଶୃଙ୍ଖଳା ଓ ସାମାଜିକ ଗଣମାଧ୍ୟମକୁ ପ୍ରମୁଖ ଅସ୍ତ୍ର ଭାବରେ ବ୍ୟବହାର କରିବାକୁ ଉପସ୍ଥିତ ସକ୍ରିୟ ସଦସ୍ୟଙ୍କୁ ପରାମର୍ଶ ଦେଇଥିଲେ। ଜିଲା ସଭାପତି ତଥା ମନ୍ତ୍ରୀ ଅଶ୍ୱିନୀ ପାତ୍ର ଦଳୀୟ ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ସକ୍ରିୟ କର୍ମୀମାନଙ୍କର ଭୂମିକା ବିଷୟରେ ଆଲୋଚନା କରିଥିଲେ। ପୂର୍ବତନ ଏମ୍‌ପି ତଥା ଖୋର୍ଦ୍ଧା ଜିଲା ବିଜେଡ଼ି ପର୍ଯ୍ୟବେକ୍ଷକ ଇଂ. ରବୀନ୍ଦ୍ର କୁମାର ଜେନା ଯୋଗଦେଇ ପ୍ରଶିକ୍ଷଣ ଶିବିରରୁ ଶିକ୍ଷାଲାଭ କରିଥିବା


ପ୍ରଶିକ୍ଷଣ ଶିବିର ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ମନ୍ତ୍ରୀ, ନେତା ଓ କର୍ମୀ।

ଉପାଦେୟ ତଥ୍ୟକୁ ତୃଣମୂଳସ୍ତରରେ ବ୍ୟବହାର କରି ସଙ୍ଗଠନକୁ ଆହୁରି ମଜଭୁତ ପାଇଁ ଆହ୍ୱାନ ଦେଇଥିଲେ। ବସ୍ତା ନିର୍ବାଚନମଣ୍ଡଳୀର ବିକାଶ ପାଇଁ ବିଜେଡି କିପରି ପ୍ରତିଶ୍ରୁତିବଦ୍ଧ ତାହା ବିଜୁ ମହିଳା ଜନତା ଦଳର ରାଜ୍ୟ କାର୍ଯ୍ୟକାରୀ ସଭାପତି ସୁବାସିନୀ ଉପସ୍ଥିତ କର୍ମୀମାନଙ୍କୁ ଜଣାଇ, ଦଳୀୟ ସଙ୍ଗଠନକୁ ଆହୁରି ଦୃଢ଼ କରି ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ପାଇଁ ପୁଣିଥରେ ମୁଖ୍ୟମନ୍ତ୍ରୀ କରିବା ପାଇଁ ଶପଥ କରାଇଥିଲେ।

# କଂଗ୍ରେସ କରିବ 'ତୁଳସୀ ଯାତ୍ରା'

**ଭୁବନେଶ୍ୱର, ୧୦।୧୧(ସୁନିତ୍‌ମିଶ୍ର)**

ଶ୍ରୀମନ୍ଦିରର ଚାରିଦ୍ୱାର ଖୋଲିବା, ରତ୍ନଭଣ୍ଡାରର ଗଣତି, ମଣତି ଓ ମରାମତି, ବେଦାନ୍ତ ବିଶ୍ୱବିଦ୍ୟାଳୟ ପାଇଁ ଅଧିକୃତ ଅମୃତମଣୋହି ଜମି ଏବଂ ଚାଷୀଙ୍କ ଜମିକୁ ଫେରସ୍ତ କରିବା ସମେତ ୬ ଦାବି ନେଇ କଂଗ୍ରେସ ଦୁଇ ଥର ଆନ୍ଦୋଳନ କଲାଣି। ଏହା ସତ୍ତ୍ୱେ ରାଜ୍ୟ ସରକାର ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା ପାଇଁ କୌଣସି ନିଷ୍ପତ୍ତି ନେଉନାହାନ୍ତି। ତେଣୁ କଂଗ୍ରେସ ପକ୍ଷରୁ ନଭେମ୍ବର ମାସ ଶେଷ ସୁଦ୍ଧା 'ତୁଳସୀ ଯାତ୍ରା' କରାଯିବ ବୋଲି ପିସିସି ସଭାପତି ପଟ୍ଟନାୟକ କହିଛନ୍ତି। ସେ ଆହୁରି କହିଛନ୍ତି, ରାଜ୍ୟର ସମସ୍ତ ପୁରପଲ୍ଲୀରୁ ବ୍ଲକ ପର୍ଯ୍ୟନ୍ତ ଏବଂ ସହର ବଜାରର ସାଧାରଣ ଜନତାଙ୍କ ସହଯୋଗରେ ତୁଳସୀ ସଂଗ୍ରହ କରାଯିବ। ଏହାପରେ ଶ୍ରୀକ୍ଷେତ୍ରକୁ ତୁଳସୀ ଯାତ୍ରା କରାଯିବ। ରାଜ୍ୟର ସମସ୍ତ ବ୍ଲକ ଓ ନଗରର ସାଧାରଣ ଜନତା, ଜଗନ୍ନାଥ ପ୍ରେମୀ, ଶ୍ରଦ୍ଧାଳୁ, ଯୁବତୀଯୁବକ, ଛାତ୍ରୀଛାତ୍ର, ହବିଷିଆଳି, ଭକ୍ତଙ୍କଠାରୁ ତୁଳସୀ ସଂଗ୍ରହ କରାଯିବ। କଂଗ୍ରେସ ଭବନଠାରେ ଶୁକ୍ରବାର ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ହୋଇଥିବା ସେ କହିଛନ୍ତି।

# ୧୪ରୁ ୧୮ ବ୍ଲକ ଆଗରେ ଭାଜପାର ବିକ୍ଷୋଭ

**ଭୁବନେଶ୍ୱର, ୧୦।୧୧(ସୁନିତ୍ ମିଶ୍ର)**

ମୋଦି ସରକାର ଶାସନକୁ ଆସିବା ପରେ ଚାଷୀଙ୍କ ସମସ୍ୟା ନେଇ ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। କିନ୍ତୁ ଦୀର୍ଘ ୨୩ ବର୍ଷର ରାଜ୍ୟ ସରକାର ଚାଷୀଙ୍କୁ ବାରମ୍ବାର ପ୍ରତାରଣା କରୁଛନ୍ତି। ଫଳରେ ଚାଷୀ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଆସନ୍ତା ୨୨ ତାରିଖରେ ପ୍ରତି ଜିଲାରୁ ୧୦ ଜଣ ଲେଖା ବିଭିନ୍ନ କ୍ଷେତ୍ରର ଚାଷୀଙ୍କୁ ନେଇ ପ୍ରଶିକ୍ଷଣ ଶିବିର କରାଯିବ। ଏହାସହ କେନ୍ଦ୍ରମନ୍ତ୍ରୀଙ୍କ ଦ୍ୱାରା ଚାଷୀମାନଙ୍କୁ ସମ୍ମାନିତ କରାଯିବା ପାଇଁ ଖସଡ଼ା ପ୍ରସ୍ତୁତି ହେବ। ଏହି କ୍ରମରେ ପ୍ରତ୍ୟେକ ପଞ୍ଚାୟତସ୍ତରରେ ଗ୍ରାମ୍ୟ ପରିକ୍ରମାକରି କେନ୍ଦ୍ର ସରକାରଙ୍କ ୯ ବର୍ଷର ଯୋଜନାକୁ ଲୋକଙ୍କ ନିକଟରେ ପହଞ୍ଚାଯିବ। ଆସନ୍ତା ୧୪ରୁ ୧୮ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ବ୍ଲକ ଆଗରେ ରାଜ୍ୟ ସରକାରଙ୍କ ବିଫଳତା ତଥା ବିଭିନ୍ନ ବିଷୟକୁ ନେଇ ବିକ୍ଷୋଭ କରାଯିବ। ଏଥିରେ କୃଷକ ମୋର୍ଚ୍ଚାର ବିଶେଷ ଭାଗୀଦାରି ରହିବ ବୋଲି ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶୁକ୍ରବାର ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୋର୍ଚ୍ଚା ସଭାପତି କହିଛନ୍ତି, ଏବେ ରାଜ୍ୟରେ ଜଳସେଚନ ଅବ୍ୟବସ୍ଥା ଯୋଗୁ ଚାଷ ଓ ଚାଷୀ ପ୍ରଭାବିତ ହୋଇଛନ୍ତି। ଏହାଦ୍ୱାରା ଧାନକ୍ଷେତରେ ଜଳର ଅଭାବ ଯୋଗୁ କ୍ଷେତ ଫାଟି ଆଁ କଲାଣି। ଓଡ଼ିଶାରେ ବହୁ ଅଞ୍ଚଳରେ ମରୁଡ଼ିର ପଦଧ୍ୱନି ଶୁଣାଗଲାଣି। ଏହାକୁ ନେଇ ଚାଷୀମାନେ ରାଜରାସ୍ତାକୁ ଆସିଲେଣି ବୋଲି ମହେଶ୍ୱର କହିଛନ୍ତି।


## CLASSIFIED DISPLAY

MORE SPACE • SAME PRICE

| TARIFF | For Single Day | | For 7 Days | | For 15 Days | | For 30 days | | GST 5% |
|---|---|---|---|---|---|---|---|---|---|
| | 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 | |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 | |

ADMISSION OPEN
Bhava Institute Of Medical Science & Research
Recognised by DMET, ON&MC, Health & FW Dept.,Govt. of Odisha
GNM
Duration : 3 Year, Eligibility : +2 Pass (Any Stream) 40% Mark
ANM
Duration : 2 Year, Eligibility : +2 Pass (Any Stream)
DMRT
DMLT
Duration : 2 Year, Eligibility : +2 Science
CBCA
Certified Blood Collection Assistant
Duration : 6 months, Eligibility : 10+
Stipend for SC/ST, OBC & SEBC
•Own Building •Hostel in Campus
•Transport facility •Placement Assistantance
ନର୍ସିଂ ଓ ପାରା-ମେଡିକାଲ୍ ଟ୍ରେନିଂରେ ଦୀର୍ଘ ୩୨ ବର୍ଷର ଅଭିଜ୍ଞତା
Plot - 1480, I.R.C. Village, Bhubaneswar - 15
9040009727
8456845313

ଦିୱାଲି ଧମାକା
ମୁଦ୍ରା ଫାଇନାନ୍ସ
PM
ମୁଦ୍ରା ଯୋଜନା ଅଧୀନରେ
1 ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କେଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି
ମହିଳାଙ୍କ ପାଇଁ ବିଶେଷ ରିହାତି
ଅନ୍‌ଲାଇନ୍ ସୁବିଧା।
ମୁଦ୍ରା ଫାଇନାନ୍ସ
Mob. 7382841797


### ପାଠକଙ୍କ ପାଇଁ ସୂଚନା:

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# Classified Everyday
0674-2580101, 2549949


REAL ESTATE

SALE

Twincity ମଧ୍ୟଭାଗରେ Grand Bazar (Nakhara NH-16) ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି Plot ସୁଲଭ ମୂଲ୍ୟରେ କିଣନ୍ତୁ। ଗୃହ ନିର୍ମାଣ କରନ୍ତୁ - 9658562429. D-75259

ଭୁବନେଶ୍ୱର ସତ୍ୟନଗର ପଞ୍ଜାବୀ କଲୋନୀଠାରେ 1,15,00,000/-ରେ resale 3BHK flat ମିଳୁଛି। (Bank Loan available). 9437114429, 8093465134. D-75258

Ready to move 3BHK flat Sundarpada, Urchid Residency, 65 Lakhs, negotiable, Mob. 9437331956. D-1755

HOUSE FOR SALE: Nayapalli Brit Colony, 3-Storied 2200 Sqft with 2-Garage, Price: 2.5 Crore (Negotiable). Contact: 9437226981/8327730412. D-1765

Commercial plot 3 sides road facing to NH Nakhara to Niali road frontage 60 feet facing to south 10000sqft., 8KM from Nakhara, 13KM from Bhubaneswar. 8249851363, 7809525452. D-75056

ଭୁବନେଶ୍ୱର ଖୋର୍ଦ୍ଧା NH side Gandhi College ଲାଗି 60' road, electricity, boundarywall ଥାଇ immediatly ଘର କରିବା ପାଇଁ ପ୍ଲଟ୍ ମିଳୁଛି। 9090963952. D-75250

ଜଟଣୀଗେଟ୍ NHରୁ ଅଳ୍ପଦୂରତାରେ sqft.-300/-, ଛତାବର-500/-, ନଖରା SC/Gen plot- 300/-. 7978663279. D-75249

4BHK Duplex South facing corner, Balianta Syphon. Land-1400, Construction-2200- 89Lakh. 9938219397, 9861022055. D-1763

ଭୁବନେଶ୍ୱର ନୂଆଗାଁ କାଟେଣୀ ରୋଡ୍‌ରୁ 100mtr ଦୂରତାରେ boundary plot ମିଳୁଛି। 9583375452. D-75251

Duplex sale adjacent Retang Medical, C.V. Raman, Tamando, Bhubaneswar@ 57,00,000/-, 9938368479. D-75248

Duplex sale Retang Railway Station, C.V Raman, Infocity-2, Bhubaneswar. 9777433701. D-75263

Few Office space left for immediate sale in a prime locality. For details Plz Contact- 7605932509. D-1713

ଭୁବନେଶ୍ୱର ଉପକଣ୍ଠ ବାଲକାଟି, ମଞ୍ଚରୀଦେବୀ କଲେଜ, 100 ft ପିଚୁରାସ୍ତାକୁ ଲାଗି Commercial / residential ଘରବାରି Boundary ଥାଇ ସଙ୍ଗେସଙ୍ଗେ ଘର କଲାଭଳି ପ୍ଲଟ୍ ବିକ୍ରିହେବ 9937335716. D-75262

ଭୁବନେଶ୍ୱର ରବିଟକିଜ୍ ସାଇମନ୍ଦିର ନିକଟରେ ଘରବାଡ଼ି ପାଚେରି ପ୍ଲଟ୍ ପଟ୍ଟାରୁ ବିକ୍ରିହେବ। 9827119799. D-1758

ଭୁବନେଶ୍ୱର, ଉତ୍ତରା କୃପାଜଳ କଲେଜ ନିକଟରେ ଘରବାଡ଼ି ପାଚେରୀ ପ୍ଲଟ୍ ପଟ୍ଟାରୁ ବିକ୍ରିହେବ। 9178660666. D-1720

20gunth (16, 000 sqft) residential land with 25ft road, Mouza- Jharpada, adjacent to new Puri Bypass road, near to Mangaraj Point for sale Rs. @ 3,000/- persqft (Negotiable), Contact- 9438504920, 7008010732. D-74597

Triplex for sale in a posh locality near AIIMS for details Plz contact. Mob- 7605932509. D-1714

ଭୁବନେଶ୍ୱର ତମାଣ୍ଡୋ ଥାନା ପାଖରେ ଏବଂ ଯାଆଁଳା, ଭୁଆସୁଣୀ ମନ୍ଦିର ପାଖରେ (General / SC) possession plot ବହୁତ କମ୍ ମୂଲ୍ୟରେ ବିକ୍ରି ହେଉଛି। 9438315973 / 9938066403. D-1655

ଭୁବନେଶ୍ୱର ତମାଣ୍ଡୋ Hyundai Showroom ପାଖରେ ଏବଂ ଯାଆଁଳା Overbridgeଠାରୁ 1 Km ଦୂରରେ ସ୍ଥିତିବାନ possession plot ସୁଲଭ ମୂଲ୍ୟରେ ବିକ୍ରି ହେଉଛି। Contact: 9777067303. D-1656


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।





Rent, Duplex at Dumduma, BBSR [Ground & First], 2BHK each. 15000 / Month. Contact: 9773683034. D-1761




Newly healthcare benefited SPA experience therapist in Bhubaneswar. Contact: 9938843929. D-75167

Asribadaa Panchakarma herbal SPA Kesharimall, Bhubaneswar. Contact: 8926173473. D-75057

Newly open health benefits SPA special offer @999. Contact: 7749034655. D-75168

Relax, Refresh your body, Mind at Saikrupa Spa with best therapies. 8984068077. D-1696

Full body massage in homely atmosphere in all therapy. Mob: 8114881641. D-73446

LOST

Missing Dalil RSD No. 2455 dated 17-10-1998. If found please call on 9937492075. D-1767

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com




AFFIDAVIT

I Suresh Kumar Agrawalla, S/o Late Madan lal Agrawalla, R/o Dolomandap Sahi,Puri Town -752001,Odisha have changed my name to Suresh Kumar Agarwalla for all future purposes & Late Madan lal Agarwalla. D-1764

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**ଶେୟାର ବଜାର କାରବାରରେ ଉତ୍ସାହ**

ନୂଆଦିଲ୍ଲୀ: ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇଛନ୍ତି। ବିଶେଷକରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍‌ସେକ୍ସ ୭୨ (୭୨.୪୮) ପଏଣ୍ଟ ବଢ଼ି ୬୪,୯୦୫ (୬୪,୯୦୪.୬୮) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ) ର ନିଫ୍ଟି-୫୦ରେ ମଧ୍ୟ ୩୦ (୩୦.୦୫) ପଏଣ୍ଟ ବୃଦ୍ଧି ଘଟି ୧୯,୪୨୫ (୧୯,୪୨୫.୩୫) ଅଙ୍କରେ କାରବାର ବନ୍ଦ କରିଥିଲା।

# ଧନ୍‌ତେରସ କାରବାର ଉତ୍ସାହଜନକ

ଭୁବନେଶ୍ୱର, ୧୦।୧୧ (ଅଭୟ ଦାଶ)



ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଧନ୍‌ତେରସ ଉପଲକ୍ଷେ ସାରା ରାଜ୍ୟରେ ଏକ ପ୍ରକାର ଉତ୍ସବ ପାଳିତ ହେଉଥିଲା। ବିଶେଷକରି ଧନ୍‌ତେରସରେ ଧନ କ୍ରୟ (ମୂଲ୍ୟବାନ୍ ଅଳଙ୍କାର) ସବୁ କ୍ଷେତ୍ର ପାଇଁ ସୁଫଳ ଦେଇଥାଏ ବୋଲି କାହିଁ କେଉଁ କାଳରୁ ଲୋକକଥା ରହିଆସିଛି। ଏପରିକି ଗାଁଠୁ ସହର ସବୁ ସ୍ଥାନରେ ଅଳଙ୍କାର ପ୍ରତିଷ୍ଠାନଗୁଡ଼ିକ ଧନ୍‌ତେରସ ପାଇଁ ଆକର୍ଷଣୀୟ ଅଫର ଓ ସୁବିଧା ଗ୍ରାହକମାନଙ୍କୁ ଯୋଗାଇ ଦେଇଛନ୍ତି। ଅପରପକ୍ଷରେ ଧନ୍‌ତେରସର କାରବାର ବେଶ୍ ଉତ୍ସାହଜନ ରହିଥିଲାବେଳେ ଅଳଙ୍କାର ପ୍ରତିଷ୍ଠାନଗୁଡ଼ିକ ପକ୍ଷରୁ ବ୍ୟାପକ ନୂତନ କଲେକ୍ସନର ସମ୍ଭାର ସାଙ୍ଗକୁ ଆକର୍ଷଣୀୟ ରିହାତି ଅଫର ଗ୍ରାହକଙ୍କୁ ଯୋଗାଇଦିଆଯାଇଛି। ଚଳିତ ବର୍ଷ ରାଜ୍ୟରେ ଧନ୍‌ତେରସ କାରବାର ୧୦୦ରୁ କୋଟି ଅଧିକ ଟଙ୍କା ହୋଇଥିବା ଓଡ଼ିଶାର ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ ଓ ସଂଘଗୁଡ଼ିକ ପକ୍ଷରୁ ଆକଳନ କରାଯାଇଛି। ସେହିଭଳି ଗତ ବର୍ଷ ଅପେକ୍ଷା ଚଳିତ ବର୍ଷର ଭିଡ଼ କାରବାରକୁ କିଛି ମାତ୍ରାରେ ସୁହାଇଛି ବୋଲି ବ୍ୟବସାୟୀମାନେ ସୁନା ବଜାରର ସମ୍ଭାବ୍ୟ ଭିଡ଼ରୁ ଅନୁମାନ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଚଳିତ ବର୍ଷର ଧନ୍‌ତେରସ ଉପଲକ୍ଷେ ସାରା ରାଜ୍ୟର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ଯଥା– ଲାଲ୍‌ଚାନ୍ଦ୍ ଜୁଏଲର୍ସ, ଖିମ୍‌ଜୀ ଜୁଏଲର୍ସ, କଲ୍ୟାଣ ଜୁଏଲର୍ସ, ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ, ଜୟ ଆଲୁକ୍କାସ, ତନିସ୍କ, ରିଲାଏନ୍ସ ଜୁଏଲର୍ସ, ପି.ସି.ଚନ୍ଦ୍ରା ଜୁଏଲର୍ସ, ଅରୁନ୍ଧତୀ ଜୁଏଲର୍ସ, ପ୍ରୀତମ ଜୁଏଲର୍ସ, ଭବାନୀ ଅଳଙ୍କାର, ଲୋକନାଥ ଜୁଏଲର୍ସ, ହିନ୍ଦୁସ୍ଥାନ ଜୁଏଲର୍ସ, ମା ଗୌରୀ ଜୁଏଲର୍ସ, ଜେ.କେ ଜୁଏଲର୍ସ, ଜାଭେରୀ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ, ରୀତା ଜୁଏଲର୍ସ, କଳାମନ୍ଦିର ଜୁଏଲର୍ସ, ସ୍ମାଇଲ ଗୋଲ୍ଡ ଜୁଏଲର୍ସ, ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡ, ରୀତା ଆଣ୍ଡ ସନ୍ସ ଭଳି ଗହଣା ଦୋକାନଗୁଡ଼ିକରେ ସମ୍ଭାବ୍ୟ ଭିଡ଼ ସାଙ୍ଗକୁ ଆକର୍ଷଣୀୟ ରିହାତି ଅଫର ଗ୍ରାହକଙ୍କୁ ବେଶ୍ ଆକୃଷ୍ଟ କରିଥିଲା। ଅପରପକ୍ଷରେ ଧନ୍‌ତେରସର ଶୁଭ ଅବସରରେ ଲାଲ୍‌ଚାନ୍ଦ୍ ଜୁଏଲର୍ସ ପକ୍ଷରୁ ଆକର୍ଷଣୀୟ ଅଫର ସାଙ୍ଗକୁ ନୂତନ କଲେକ୍ସନର ବୃହତ୍ ସମ୍ଭାରକୁ ଉନ୍ମୋଚନ କରାଯାଇଥିଲା। ବିଶେଷ କରି ପ୍ରତି ଗ୍ରାମ ପିଛା ୬୨୫ଟଙ୍କାର ମୂଲ୍ୟରେ ସମସ୍ତ ଏଚ୍‌ୟୁଆଇଡି ହଲ୍‌ମାର୍କଯୁକ୍ତ ସୁନା ଗହଣାର ଗଢ଼ା ମୂଲ୍ୟ ଦିଆଯାଉଥିବାବେଳେ ପ୍ରତି କ୍ୟାରେଟ ହୀରା ମୂଲ୍ୟ ଉପରେ ଫ୍ଲାଟ୍ ୨୦,୦୦୦ ଟଙ୍କାର ରିହାତି ଏବଂ ରୁପା ଗହଣାର ଗଢ଼ା ମୂଲ୍ୟ ଉପରେ ଫ୍ଲାଟ ୫୦% ରିହାତି ଗ୍ରାହକମାନଙ୍କୁ ଯୋଗାଇ ଦିଆଯାଇଛି।

# କାର୍ବନ ଫୁଟ୍‌ପ୍ରିଣ୍ଟ ହ୍ରାସକୁ ଗୁରୁତ୍ୱ

## ଇ ଫର୍କ ଲିଫ୍ଟର ଶୁଭାରମ୍ଭ

ଭୁବନେଶ୍ୱର,୧୦।୧୧



ଦେଶର ପ୍ରମୁଖ ଘରୋଇ ସଂସ୍ଥା ଟାଟା ଷ୍ଟିଲ୍‌ର ଫେରୋ ଆଲଏଜ ଆଣ୍ଡ ମିନେରାଲ୍ସ ଡିଭିଜନ (ଏଫ୍ଏଏମ୍‌ଡି) ପକ୍ଷରୁ ଏକ ନୂତନ ତଥା ଅତ୍ୟାଧୁନିକ ଇ-ଫର୍କ ଲିଫ୍ଟର ଶୁଭାରମ୍ଭ କରାଯାଇଛି। ବିଶେଷକରି ଦୀର୍ଘସ୍ଥାୟୀ ପରିଚାଳନା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହୋଇଥିବାବେଳେ ଏଫ୍ଏଏମ୍‌ଡିର ଫେରୋ କ୍ରୋମ୍ ରପ୍ତାନି କାର୍ଯ୍ୟରେ ବ୍ୟବହାର ପାଇଁ ଏହାକୁ ନିୟୋଜିତ କରାଯାଇଛି। ଏପରିକି କମ୍ପାନୀର କଣ୍ଟେନର ଫ୍ରେଟ୍ ଷ୍ଟେଶନ (ସିଏଫ୍ଏସ୍) ପାର୍ଟନର ଜରିଆରେ ଭାଇଜାଗ (ଆନ୍ଧ୍ରପ୍ରଦେଶ)ର ଭିପିଏଲ୍ କଣ୍ଟେନର ଫ୍ରେଟ୍ ଷ୍ଟେଶନରେ ଇ-ଫର୍କ ଲିଫ୍ଟ କାର୍ଯ୍ୟକ୍ଷମ ହୋଇଛି। ଏହି ପରିପ୍ରେକ୍ଷୀରେ ଟାଟା ଷ୍ଟିଲ୍‌ର କାର୍ଯ୍ୟନିର୍ବାହୀ ଭାରପ୍ରାପ୍ତ ଅଧିକାରୀ (ଏଫ୍ଏଏମ୍‌ଡି) ପଙ୍କଜ ସତିଜା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଇଜାଗ୍ ପ୍ରୋଫାଇଲ୍ ଗ୍ରୁପ୍‌ର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଇ.ଶଙ୍କର ରାଓ, ଟାଟା ଷ୍ଟିଲ୍ ଲଜିଷ୍ଟିକ୍ସର (ଏଫ୍ଏଏମ୍‌ଡି) ମୁଖ୍ୟ ଅମିତ ଚୌବେ, ପୋର୍ଟ ଅପରେଶନ (ଯୋଗାଣ ଶୃଙ୍ଖଳା)ର ବରିଷ୍ଠ ଏରିଆ ମ୍ୟାନେଜର ସୁରେଶ ବାବୁ ରବିପତି ଏବଂ ଟାଟା ଷ୍ଟିଲ୍‌ର ଏରିଆ ମ୍ୟାନେଜର ଲଜିଷ୍ଟିକ୍ସ (ଏଫ୍‌ଜି) ସୌମ୍ୟ ବସୁ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଟାଟା ଷ୍ଟିଲ୍‌ର କାର୍ଯ୍ୟନିର୍ବାହୀ ଭାରପ୍ରାପ୍ତ ଅଧିକାରୀ (ଏଫ୍ଏଏମ୍‌ଡି) ପଙ୍କଜ ସତିଜା କହିଛନ୍ତି, ଆମେ ଆମର କାର୍ବନ ଫୁଟ୍‌ପ୍ରିଣ୍ଟକୁ ହ୍ରାସ କରିବାକୁ ପ୍ରତିଶ୍ରୁତିବଦ୍ଧ ଏବଂ ପରିବେଶ ଅନୁକୂଳ କାର୍ଯ୍ୟ ପାଇଁ ସର୍ବଦା ପ୍ରୟାସ କରୁଛୁ। ଏପରିକି ଆମର ଫେରୋକ୍ରୋମ ରପ୍ତାନି ଅଭିଯାନରେ ଇଲେକ୍ଟ୍ରିକ୍ ରନ ଫର୍କ ଲିଫ୍ଟ ପ୍ରଚଳନ କରିଥିବାରୁ ଆମେ ବେଶ୍ ଉତ୍ସାହିତ ଅଛୁ। ବିଶେଷକରି ଆମର ସିଏଫ୍ଏସ ପାର୍ଟନର ଏମ୍ଏସ୍ ଭିପିଏଲ୍‌କୁ ଧନ୍ୟବାଦ ଜଣାଉଛୁ, ଯାହା ଆମର ଦୀର୍ଘସ୍ଥାୟୀ ଲକ୍ଷ୍ୟ ହାସଲ କରିବାରେ ଏହା ଆମକୁ ଆହୁରି ସାହାଯ୍ୟ କରିବ। ସେହିଭଳି ଶିଳ୍ପ ପ୍ରକ୍ରିୟାରେ ପରିବେଶ ଦାୟିତ୍ୱ ଏବଂ ଅଭିନବତା ପ୍ରତି ନିଜର ପ୍ରତିବଦ୍ଧତା ସ୍ୱରୂପ କମ୍ପାନୀ ଭାଇଜାଗ ପ୍ରୋଫାଇଲସ୍ ଲିମିଟେଡ୍ ସହଯୋଗରେ ଇ-ଫର୍କ ଲିଫ୍ଟକୁ ବ୍ୟବହାର ସହ କାର୍ବନ ଫୁଟପ୍ରିଣ୍ଟକୁ ଆହୁରି ହ୍ରାସ କରିବା ଏବଂ ଏକ ସ୍ୱଚ୍ଛ ସବୁଜ ଭବିଷ୍ୟତ ଗଠନରେ ଏହା ଯୋଗଦାନ ପ୍ରଦାନ କରୁଛି।

# ୩ ବର୍ଷରେ ୭,୭୦୦ କୋଟିର କାର୍ଯ୍ୟ ବରାଦ

ଭୁବନେଶ୍ୱର,୧୦।୧୧

ରାଜ୍ୟର ଅର୍ଥନୈତିକ ଏବଂ ଶିଳ୍ପର ବିକାଶ ପାଇଁ ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ମିଳିତ ଉଦ୍ୟୋଗ ଓଡ଼ିଶା ଡିସ୍‌କମ୍ ବିଗତ ୩ ବର୍ଷ ମଧ୍ୟରେ ବ୍ୟାପକ କାର୍ଯ୍ୟକ୍ରମ ଓ ପଦକ୍ଷେପ ଗ୍ରହଣ କରିଛି। ଏପରିକି ରାଜ୍ୟରେ ବିତରଣ କାର୍ଯ୍ୟ ହାତକୁ ନେବା ପରଠାରୁ କମ୍ପାନୀ ପ୍ରାୟ ୭,୭୦୦(୭,୬୬୧)କୋଟି ଟଙ୍କାର କାର୍ଯ୍ୟବରାଦ ପ୍ରଦାନ କରିଛି। ବିଶେଷକରି ସ୍ଥାନୀୟ ଠିକାଦାର ଏବଂ ଯୋଗାଣକାରୀଙ୍କୁ ସାମଗ୍ରୀ ଓ ସେବା ଭଳି ଦୁଇଟି ବ୍ୟାପକ ବର୍ଗରେ ଉକ୍ତ ଅର୍ଥ ରାଶି ବରାଦ ପ୍ରଦାନ କରାଯାଇଛି। ସେହିଭଳି ଓଡ଼ିଶା ଡିସ୍‌କମ୍‌ର ଟିପି ସେଣ୍ଟ୍ରାଲ, ଟିପି ସଦର୍ନ, ଟିପି ନଦର୍ନ ଏବଂ ଟିପି ୱେଷ୍ଟର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ ମୋଟ ୧,୭୩୨ ସ୍ଥାନୀୟ ବିକ୍ରେତା ଓ ଯୋଗାଣକାରୀଙ୍କ ସହ ଚୁକ୍ତି କରିଛନ୍ତି। ଉକ୍ତ ସହଯୋଗୀ ଭାଗୀଦାରି ଦୈନନ୍ଦିନ କାର୍ଯ୍ୟ ଏବଂ ସେବାଗୁଡ଼ିକ ପାଇଁ ମେରୁଦଣ୍ଡ ଭାବେ କାର୍ଯ୍ୟ କରିଥାଏ ଏବଂ ଏହା ସ୍ଥାନୀୟ ବିକ୍ରେତାମାନଙ୍କୁ ସ୍ଥାନୀୟ ବାସିନ୍ଦାଙ୍କୁ ନିଯୁକ୍ତି ଦେବା ପାଇଁ ଉତ୍ସାହିତ କରିବା ଉପରେ ଅଧିକ ଧ୍ୟାନ ଦେଇଥାଏ। ସେହିପରି ସେବା କ୍ଷେତ୍ରରେ ମିଟର ରିଡିଂ, ବିଲିଂ, ନେଟ୍‌ୱର୍କ ରକ୍ଷଣାବେକ୍ଷଣ ଇତ୍ୟାଦିକୁ ଅନ୍ତର୍ଭୁକ୍ତକରି ଡିସ୍‌କମ୍‌ଗୁଡ଼ିକ ମୋଟ ୬,୦୮୭ କୋଟି ଟଙ୍କା ମୂଲ୍ୟର ୧,୧୯୭ ଭେଣ୍ଡରଙ୍କୁ ଅର୍ଥ ବରାଦ ପ୍ରଦାନ କରିଥିଲାବେଳେ ସାରା ରାଜ୍ୟରେ ବିତରଣ ନେଟ୍‌ୱର୍କର ରକ୍ଷଣାବେକ୍ଷଣ ଓ ଉନ୍ନତୀକରଣ ପାଇଁ ବିତରଣ ଟ୍ରାନ୍ସଫର୍ମର, କେବୁଲ, ଖୁଣ୍ଟି, ଆଇଟି ହାର୍ଡୱେର ଭଳି ସାମଗ୍ରୀ ଯୋଗାଣ ବର୍ଗରେ ଡିସ୍‌କମ୍‌ଗୁଡ଼ିକ ୧,୫୭୪ କୋଟି ଟଙ୍କା ମୂଲ୍ୟର ୫୩୫ଟି କାର୍ଯ୍ୟ ବରାଦ ପ୍ରଦାନ କରିଛନ୍ତି।

ଏ ସମ୍ପର୍କରେ ଟାଟା ପାୱାରର ସଭାପତି (ଟି ଆଣ୍ଡ ଡି) ସଞ୍ଜୟ ବାଙ୍ଗା କହିଛନ୍ତି, ଓଡ଼ିଶା ଦେଶର ଦ୍ରୁତ ଅଭିବୃଦ୍ଧିଶୀଳ ଶିଳ୍ପ କେନ୍ଦ୍ର ଭାବେ ଉଭା ହେଉଛି ଏବଂ ସ୍ଥାନୀୟ ଠିକାଦାର ଓ ଯୋଗାଣକାରୀମାନେ ରାଜ୍ୟର ଅଭିବୃଦ୍ଧିର କାହାଣୀ ରଚନା କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି। ଅପରପକ୍ଷରେ ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ ଏବଂ ସେବା କିଣିବା ପାଇଁ ଆମେ ସେମାନଙ୍କ ସହ ଅନେକ ଅର୍ଥପୂର୍ଣ୍ଣ ସହଯୋଗିତା ସ୍ଥାପନ କରୁଛୁ। ଏପରିକି ଆମେ ସେମାନଙ୍କୁ ସେମାନଙ୍କ ଦୈନନ୍ଦିନ କାର୍ଯ୍ୟ ଏବଂ ଯୋଗାଣ ଶୃଙ୍ଖଳା ପରିଚାଳନାରେ ସ୍ଥାନୀୟ ଯୁବକ ନିୟୋଜିତ କରିବାକୁ ଉତ୍ସାହିତ କରୁଛୁ।


## GOVERNMENT OF ODISHA
No. O-1501
### "e" Procurement Notice
e-mail ID: rw_sambalpur@yahoo.co.in, Phone No.: 0663-2401850
No. 5661 Dated: 08.11.2023
**Bid Identification No. TENDER ONLINE SBPR - 09 of 23-24**

1. Name of the Work : Road & Building Works as per DTCN available in the website: www.tendersodisha.gov.in
2. Total No. of Work : 09 (Nine) Nos.
3. Estimated Cost : Varies from Rs.2.52 lakhs to Rs.47.46 lakhs
4. Period of Completion : 01 (One) to 04 (Four) Calendar Months
5. Period and time of availability of bid document in the portal for bidding : 14.11.2023 at 11.00 A.M. to 23.11.2023 upto 5.00 P.M.
6. Date and time of opening of Tender : 24.11.2023 at 11.00 A.M.
7. Name and address of the Officer Inviting Bid : S.E.R.W. Divn., Sambalpur
   (1) Other details can be seen from detailed notice inviting tenders, available in website: www.tendersodishagov.in.
   (2) Corrigendum if any shall only be published in the website: www.tenderodisha.gov.in.

Sd./- Superintending Engineer
Rural Works Division, Sambalpur
OIPR-25076/11/0015/2324

## ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଅନୁଗୁଳ
### ବିଜ୍ଞାପନ ରଦ୍ଦ ସୂଚନା

No. M-51: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଅନୁଗୁଳଙ୍କ ତରଫରୁ ୨୨ଗୋଟି ପ୍ରାଣୀ ସହାୟକ (Attendant) ପଦବୀ ପୂରଣ କରିବା ପାଇଁ ଦୈନିକ ଖବରକାଗଜ ସମ୍ବାଦ ଓ ଧରିତ୍ରୀ ତା୦୪।୧୧।୨୦୨୩ରିଖ ଏବଂ ତା୦୫।୧୧।୨୦୨୩ରିଖରେ ପ୍ରକାଶିତ ବିଜ୍ଞାପନ ନଂ. M-46କୁ ଅନିର୍ଦ୍ଦିଷ୍ଟ ସମୟ ନିମନ୍ତେ ରଦ୍ଦ କରାଗଲା।

ସ୍ୱାକ୍ଷର/– ଡା. ନିରୋଦ ଦାସ
ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଅନୁଗୁଳ
OIPR-06069/11/0002/2324

## GOVT. OF ODISHA
No. A-803
### OFFICE OF THE ENGINEER-IN-CHIEF WATER RESOURCES, ODISHA, BHUBANESWAR
**NOTICE INVITING RFP (Request for Proposal)**
**'e' Procurement Notice No. CEMKS 09 of 2023-24**

Online Request For Proposal (RFP) are invited from the eligible Government Registered Firms for Appointment of Proof Engineering Consultant (PEC) for construction of distribution system for 3745 ha. of CCA of Kusumi Smart Irrigation Project over river Kusumi at Sunalati-Krushnaprasad in Nayagarh Block through under ground pipe line irrigation system (pressure flow) in Nayagarh District of Odisha on EPC mode of Contract (turn key basis)

1. Name of the work : Appointment of Proof Engineering Consultant (PEC) for construction of distribution system for 3745 ha. of CCA of Kusumi Smart Irrigation Project over river Kusumi at Sunalati-Krushnaprasad in Nayagarh Block through under ground pipe line irrigation system (pressure flow) in Nayagarh District of Odisha on EPC mode of Contract (turnkey basis).
2. Class of Contractor : Government Registered Firm
3. Tender Fee : Rs.10,000.00 to be transferred online (Non-refundable)
4. E.M.D. : Rs.81,000/- to be transferred online
5. Period of Completion : 18 (Eighteen) Months
6. Other details are as follows :

| Procurement Officer | RFP Identification No. | Availability of RFP Online for Bidding | | Date of Opening of Technical Bid (Cover-I) |
|---|---|---|---|---|
| | | From | To | |
| Chief Engineer & BM, Mahanadi Kathajodi System, Bhubaneswar | CEMKS NAYD RFP 01 of 2023-24 | 10.11.2023 10.00 hrs. | 11.12.2023 17.00 hrs. | 12.12.2023 11.30 hrs. |

8. e-mail Id : celmbbbsr@yahoo.co.in

Further detail conditions can be seen from the Govt. website: www.tendersodisha.gov.in.
The Corrigendum/Cancellation of Tender, if any, will be uploaded and can be seen from the above website only.

Sd./- Chief Engineer & Basin Manager
Mahanadi Kathajodi System, Bhubaneswar
OIPR-32252/11/0011/2324

## GOVT. OF ODISHA
No. A-802
### OFFICE OF THE ENGINEER-IN-CHIEF WATER RESOURCES, ODISHA, BHUBANESWAR
**'e' Procurement Notice No. CEMKS 10 of 2023-24**

1. Name of the work : Raising & strengthening of Arakhakuda Saline Embankment within RD 2.00 Km. to 11.00 Km. with construction of sluices.
2. Amount put to tender : Rs.21,06,05,297.00
3. Bid Document Cost : Rs.10,000.00 (Online)
4. E.M.D. : Rs.21,06,100.00
5. Class of Contractor : "Special" Class & "Super" Class
6. Period of Completion : 18 Calendar months
7. Other details are as follows :

| Procurement Officer | Bid Identification No. | Availability of Tender Online for Bidding | | Date of Opening of Technical Bid (Cover-I) |
|---|---|---|---|---|
| | | From | To | |
| Chief Engineer & BM, Mahanadi Kathajodi System, Bhubaneswar | CEMKS PID 04 of 2023-24 | 13.11.2023 10.00 hrs. | 28.11.2023 17.00 hrs. | 29.11.2023 11.00 hrs. |

8. e-mail Id : celmbbbsr@yahoo.co.in

Further detail conditions can be seen from the Govt. website: www.tendersodisha.gov.in.
The Corrigendum/Cancellation of Tender, If any, will be uploaded and can be seen from the above website only.

Sd./- Chief Engineer & Basin Manager
Mahanadi Kathajodi System, Bhubaneswar
OIPR-32252/11/0013/2324

## OFFICE OF THE NOTIFIED AREA COUNCIL, ATHMALLIK
NO. 4240 DT.09.11.2023
**e-Procurement**
**Bid Identification No. Alkn-05/2023-24**

No. C-1797:- Bid documents consisting of work, estimated cost, cost of tender paper, EMD, time of completion, Class of contractors and the set of term and conditions of contract and details of other necessary documents can be seen in Govt. website i.e. www.tendersorissa.gov.in.

| | |
|---|---|
| Name of the works | Civil works |
| No. of works | 01 No. |
| Estimated cost | Rs.69.08 Lakh |
| Date & Time of availability of Bid Documents in the portal | From 10.00 A.M. of dt.08.11.2023 to 29.11.2023 upto 5.00 P.M. |
| Last Date of receive of Bid through Online | On or before 29.11.2023 upto 5.00 P.M. |
| Submission of original Document | On or before 30.11.2023 upto 11.00 A.M. |
| Date of opening of bid on | At 11.30 A.M. on 30.11.2023 |

Sd./- Executive Officer,
N.A.C., Athmallik
OIPR-13161/11/0014/2324

## BHUBANESWAR MUNICIPAL CORPORATION
No. C-1793 E-Mail Id: ee2@bmc.gov.in
### E-PROCUREMENT NOTICE

1. Bid Reference No. : BMC-EED-II-19/2023-24 Dt.04.11.2023
2. Tender Call Notice No. : No.51974 / Dtd.04.11.2023
3. No. of Work : 7 Nos.
4. Bid Value : Rs.6,20,332.00 to Rs.37,62,982.00
5. Period of Completion : 60 days

Date and time Schedule

| Start | End | Opening |
|---|---|---|
| 11.00 A.M. of 10.11.2023 | 5.00 P.M. of 20.11.2023 | 11.00 A.M. of 21.11.2023 |

6. Tender details can be seen for the Procurement portal https://www.tendersodisha.gov.in. BMC Website: https://www.bmc.gov.in.

Sd./- Executive Engineer, Div.-II
Bhubaneswar Municipal Corporation
OIPR-13002/11/0200/2324

## GOVERNMENT OF ODISHA
No. B-1227
### OFFICE OF THE SUPERINTENDING ENGINEER SAMBALPUR (R&B) DIVISION-I, SAMBALPUR
E-mail: exeengsbp@rediffmail.com
**e-Procurement Notice**
**Bid Identification No.: SE/R&B/SBP/26/2023-24**
Order No. 7276 Dtd.02.11.2023

1. The Superintending Engineer, Sambalpur (R&B) Division No. I, Sambalpur on behalf of Governor of Odisha, Invites Percentage Rate bids in Double Cover System in ONLINE MODE for construction of Civil/Electrical/P.H. Work as detailed in the DTCN from the eligible class of contractors.
2. No. of works : 01 (One)
3. Tender Cost : Rs.10,000/- (Online)
4. Class of Contractor : "B" Class Contractor
5. Date and time available in website & receipt of Bids : 11.00 Hrs. 10.11.2023 to 17.00 Hrs. of 24.11.2023
6. Date of Opening of tender : 24.11.2023 at 18.00 Hrs.
7. The biddes have to participate in ONLINE bidding only. Further details can be seen from the website.
8. Any Corrigendum/Addendum will be displayed in the website www.tendersodisha.gov.in only.

Sd./- Superintending Engineer
Sambalpur R&B Division-I
OIPR-34042/11/0008/2324

## OFFICE OF THE PROJECT ENGINEER PROJECT MANAGEMENT, UNIT-I,
### Orissa Water Supply & Sewerage Board
Unnati Bhawan, 3rd Floor, Satyanagar, Bhubaneswar-7
E-mail: pepmu1owssb@gmail.com
No.CAD-2787: Notice Inviting Tenders (NIT) Dtd.08.11.2023
NATIONAL COMPETITIVE BIDDING THROUGH e-PROCUREMENT

| Sl. No. | Name of Work | Bid Reference No. | Estimated Cost excluding GST (Rs. in Lakh) | Cost of Bid Document (In Rs.) (Online) | Bid Security/ EMD (in Rs.) (Online) |
|---|---|---|---|---|---|
| 1 | Repair and restoration of 5-layered cornice, water proofing treatment of top floor (4th) sloped roof and exterior painting works of Unnati Bhawan Building (B+G+4), Satyanagar, Bhubaneswar | 27/PMU-I/ OWSSB/ BBSR/2023-24 Dt.08.11.2023 | 67.20 | 10,000.00 | 67,200.00 |

* Availability of Bid document for Online Bidding: From dt.14.11.2023 (15.00 Hrs) to dt.30.11.2023 (17.00 Hrs)
* Period of Completion of the Work: 03 (Three) Calendar Months.
* Name & Address of Officer Inviting Bid: Project Engineer, Project Management Unit-I, Orissa, Water Supply & Sewerage Board, At- Unnati Bhawan, 3rd Floor, Satyanagar, Bhubaneswar-7, e-mail:pepmu1owssb@gmail.com.
* Further details can be seen from the e-Procurement portal https://www.tendersodisha.gov.in.
* Corrigendum, Clarification, if any for the above work shall be uploaded in the website only. Intending Bidders are urged to visit the above website regularly to keep themselves updated.

OIPR-32496/11/0002/2324
Sd./- Project Engineer, PMU-I, OWSSB, Bhubaneswar

## ODISHA JOINT ENTRANCE EXAMINATION - 2023 (OJEE - 2023)
No.: OJEE/567 Date: 09.11.2023
### NOTICE

No. h-26: This is for the information of all the candidates who have qualified in OJEE-2023/ NEET UG 2023/ JEE(MAIN)-2023 examinations and are interested to take admission into B.PHARM courses offered by various institutes in Odisha for the session 2023-24 that the process of choice filling and locking is scheduled to start from 10th November 2023, 5.00 PM. Same schedule is also applicable for candidates who have qualified in OJEE- 2023/ GPAT for M.Pharm examinations and are interested to apply for admission in M. PHARM Course. Candidates are advised to visit OJEE website and carefully read the "Counselling Brochure – 2023", Step by Step process for web-based counselling and also see the complete "Counselling Schedule".

Sd./- CHAIRMAN, OJEE
OIPR-14020/11/0019/2324

## GOVERNMENT OF ODISHA, "e"-PROCUREMENT NOTICE
### OFFICE OF THE CHIEF CONSTRUCTION ENGINEER, KHORDHA (R&B) CIRCLE, KHORDHA
### WORKS DEPARTMENT
**Tender Call Notice**
E-mail: rbcirciekhurda@gmail.com
Bid Identification No. CCE-Khordha (R&B) Circle-27/2023-24
Memo No -2313 Dt.31.10.2023

No.B-1229:The Chief Construction Engineer, Khordha (R&B) Circle, Khordha on behalf of Governor of Odisha inviting percentage rate bid in double cover system in ONLINE MODE from eligible contractors for temple works as detailed in the table below:

1. Nature of Work : Temple Works
2. No of Work : 7 No.
3. Tender Cost : Rs.10000.00 (On-line)
4. Class of Contractor : B & A Class
5. Available of Bid document in the Website : From 10.00 AM of Dt.10.11.2023 upto 05.00 PM of Dt.21.11.2023 upto 5.00 P.M.
6. Date of opening of Bid : Dt.22.11.2023 at 11.30 AM
7. The Bidders have to participate in ONLINE bidding only. Further details can be seen from the Website: https://tenderodisha.gov.in . Any Addendum / Corrigendum / Cancellation of tender can also be seen in the said website.

Sd./- Chief Construction Engineer
Khordha (R&B) Circle, Khordha
OIPR-34127/11/0035/2324

## ଜିଲ୍ଲାପାଳ କାର୍ଯ୍ୟାଳୟ, ସମ୍ବଲପୁର, ଓଡ଼ିଶା
ଇସ୍ତାହାର ସଂଖ୍ୟା ________/ତା ________

No.g-110:- ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶ କରାଯାଉଛି କି ନିମ୍ନରେ ଦିଆଯାଇଥିବା ଜଣେ ଶିଶୁକନ୍ୟାଟିକୁ କୁଚିଣ୍ଡା ଥାନା ଅନ୍ତର୍ଗତ ଖଣ୍ଡୋକଟା ଗ୍ରାମରେ ଜଣେ ବ୍ୟକ୍ତିଙ୍କ ବାରିକଡ଼ରେ ପରିତ୍ୟକ୍ତ ଅବସ୍ଥାରେ ଉଦ୍ଧାର କରାଯାଇ, ନିକଟସ୍ଥ ଡାକ୍ତରଖାନାରେ ଚିକିତ୍ସା କରିବା ପରେ ଶିଶୁ କଲ୍ୟାଣ ସମିତି, ସମ୍ବଲପୁରର ନିର୍ଦ୍ଦେଶନାମା ଅନୁସାରେ ଶିଶୁଗୃହ, ରୁକ୍ମିଣୀଲାଠ ବାଳନିକେତନ, ଛଚାନପାଲି, ସମ୍ବଲପୁରରେ ସୁରକ୍ଷିତ ଭାବରେ ଥଇଥାନ କରାଯାଇଅଛି । ଉକ୍ତ ଶିଶୁର ଯଦି କେହି ଜନ୍ମିତ ପିତାମାତା ତଥା ଆଇନଗତ ଅଭିଭାବକ ଥାଆନ୍ତି, ତେବେ ଏହି ବିଜ୍ଞାପନ ପ୍ରକାଶନ ହେବାର ୩୦ ଦିନ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ସମ୍ବଲପୁର, ଫୋ. ନମ୍ବର– ୦୬୬୩–୨୪୧୨୯୧୪ ଓ ଶିଶୁଗୃହ ପ୍ରବନ୍ଧକ, ରୁକ୍ମିଣୀଲାଠ ବାଳନିକେତନ, ଛଚାନପାଲି, ସମ୍ବଲପୁର ଫୋ. ନମ୍ବର– ୯୦୪୦୭୧୬୫୮୬ରେ ଯୋଗାଯୋଗ କରିବାକୁ ଅନୁରୋଧ । ଯଦି ଉପରୋକ୍ତ ସମୟ ସୀମା ମଧ୍ୟରେ କେହି ଦାବିଦାର ଦାବି ଉପସ୍ଥାପନ ନ କରନ୍ତି, ତେବେ ଶିଶୁଦ୍ୱୟଙ୍କୁ ପୋଷ୍ୟ ସନ୍ତାନ ଅଧିନିୟମ ୨୦୨୨ ଅନୁଯାୟୀ ପୋଷ୍ୟ ଯୋଗ୍ୟ ବୋଲି ବିବେଚିତ କରାଯିବ ।

| କ୍ର ନଂ. | ନାମ | ଲିଙ୍ଗ | ବୟସ | ଉଦ୍ଧାରସ୍ଥାନ | ବର୍ତ୍ତମାନ ଏହି ଶିଶୁ ଦ୍ୱୟ ରହୁଥିବା ଶିଶୁ ଯତ୍ନ ଅନୁଷ୍ଠାନ/ ଶିଶୁଗୃହର ନାମ | ଫଟୋ |
|---|---|---|---|---|---|---|
| ୧ | ଅଜଣା ଶିଶୁ କନ୍ୟା | କନ୍ୟା | ୦୭।୧୦।୨୦୨୩ | ଖଣ୍ଡୋକଟା, କୁଚିଣ୍ଡା | ଶିଶୁଗୃହ, ରୁକ୍ମିଣୀଲାଠ ବାଳନିକେତନ, ଛଚାନପାଲି, ସମ୍ବଲପୁର |  |

OIPR-24174/11/0002/2324
ସ୍ୱା./- ଜିଲ୍ଲାପାଳ, ସମ୍ବଲପୁର

## ODISHA CONSTRUCTION CORPORATION LIMITED
BHUBANESWAR, ODISHA PIN-751012, Tel.No.(0674) 2562020
e-Mail:theoccltd@odishaconstruction.com, GSTIN-21AAACO2571K2ZM
No.CAD-2779: "e"-Procurement Notice No.44/OCCL/2023-24 (online)
Online tender is invited for the following work on EPC-Turn Key Basis.

| Sl. No. | Brief name of Work | Bid Identification No. | Approx value of work (Rs. in Cores) (excluding GST) | Bid Security (through online transfer/ as per procedure mentioned in DTCN) (in Rs.) | Period of Completion | Availability of Tender (online) | Submission of tender (online) |
|---|---|---|---|---|---|---|---|
| 01 | Implementation of Underground pipeline Irrigation to the Command Area of Ong Irrigation Extension Project, Subarnapur, Odisha on EPC-Turn Key Basis. | OC-CL-LSIP/02/ 2023-24 | Rs.272.39 | Rs.2,73,00,000/- | 24 (Twenty Four) Calendar Months | From 13.11.2023, 3.30 PM to 27.12.2023, 5.30 PM | From 13.11.2023, 3.30 PM to 27.12.2023, 5.30 PM |

Procurement Officer : Managing Director, OCCL.
Date of Opening of the Technical Bid: 28.12.2023, 12.00 Noon
Further details can be seen from the : e-Procurement portal:https://www.tendersodisha.gov.in.

OIPR-34120/11/0056/2324
Sd./- Managing Director

Your classified advertisement published in Dharitri will be listed free in Dharitri online edition :
**www.dharitri.com**

See Career Appointment on every Wednesday & Saturday

RUCHI FOODLINE
Since 1976
Karlo Dosti Sehat Se...
ରୁଚି ମସଲା କିଣନ୍ତୁ, ଭାଗ୍ୟ ଚମକାନ୍ତୁ
ବମ୍ପର ପୁରସ୍କାର: 3ଟି କାର୍, 30ଟି ଇ-ସ୍କୁଟର
ଦୈନିକ ପୁରସ୍କାର
ଫେଷ୍ଟିଭାଲ୍ ବୋନାଞ୍ଜା ଅଫର୍
ଲକି ଡ୍ରରେ ଭାଗନେବା ପାଇଁ
ଷ୍ଟେପ୍-୧: ରୁଚି ପ୍ୟାକ୍ ଭିତରେ ଥିବା "WINNING CODE" କୁ ଖୋଜନ୍ତୁ
ଷ୍ଟେପ୍-୨: STATE NAME ଓ "WINNING CODE" କୁ ଲେଖି 72310 06006 ରେ SMS କରନ୍ତୁ
www.ruchifoodline.com



ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ରସି ଭାନ୍ ଡର୍ ଡୁସେନ।

# ଦକ୍ଷିଣ ଆଫ୍ରିକା ୫ ଉଇକେଟରେ ବିଜୟୀ

**ଅହମଦାବାଦ, ୧୦।୧୧**

ଚଳିତ ଦିନିକିଆ କ୍ରିକେଟ ବିଶ୍ୱକପରେ ବିଜୟ ସହ ଲିଗ୍ ପର୍ଯ୍ୟାୟ ଶେଷ କରିଛି ଦକ୍ଷିଣ ଆଫ୍ରିକା। ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ଏହି ଦଳ ୫ ଉଇକେଟରେ ଆଫଗାନିସ୍ତାନକୁ ପରାସ୍ତ କରିଛି। ଆଫଗାନିସ୍ତାନ ୫୦ ଓଭରରେ ୨୪୪ ରନକରି ଅଲ୍ଆଉଟ ହୋଇଥିବାବେଳେ ଦକ୍ଷିଣ ଆଫ୍ରିକା ୪୭.୩ ଓଭରରେ ୫ ଉଇକେଟ ହରାଇ ୨୪୭ ରନ ସଂଗ୍ରହ କରି ନେଇଥିଲା। ଅପରାଜିତ ୭୬ ରନର ଇନିଂସ ପାଇଁ ଦକ୍ଷିଣ ଆଫ୍ରିକାର ରସି ଭାନ୍ ଡର୍ ଡୁସେନ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିଲେ। ପୂର୍ବ ମ୍ୟାଚରେ ଭାରତଠାରୁ ହାରିଥିବା ଦକ୍ଷିଣ ଆଫ୍ରିକା ଏଠାରେ ବିଜୟ ଫଳରେ ଅଷ୍ଟ୍ରେଲିଆ ବିପକ୍ଷ ସେମିଫାଇନାଲ ପୂର୍ବରୁ ମନୋବଳ ଦୃଢ଼ କରିଛି। ଏହି ଦଳ ୯ ମ୍ୟାଚରୁ ୭ ବିଜୟ ସହ ୧୪ ପଏଣ୍ଟ ପାଇ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ୩ ଥର ବିପର୍ଯ୍ୟୟ ଘଟାଇ ଟିପ୍ ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହେଉଥିବା ଆଫଗାନିସ୍ତାନ ୯ ମ୍ୟାଚରୁ ୫ମ ପରାଜୟ ସହ ୬ଷ୍ଠ ସ୍ଥାନରେ ସନ୍ତୁଷ୍ଟ ରହିଛି।

ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିବା ଆଫଗାନିସ୍ତାନ ଓପନିଂ ଯୋଡ଼ିରେ ୪୧ ରନ ସଂଗ୍ରହ କରି ଭଲ ଆରମ୍ଭ କରିଥିଲେ ମଧ୍ୟ ନିୟମିତ ବ୍ୟବଧାନରେ ଉଇକେଟ ପତନ ଯୋଗୁ ବଡ଼ ସ୍କୋର କରିପାରି ନ ଥିଲା। ଆଜମତୁଲ୍ଲା ଓମାରଜାଇ ଶେଷ ପର୍ଯ୍ୟନ୍ତ ଏକାକୀ ଲଢ଼େଇ କରି ଅପରାଜିତ ରହିଥିଲେ। ତାଙ୍କୁ

**ଦିନିକିଆ ବିଶ୍ୱକପ**

ICC MEN'S CRICKET WORLD CUP INDIA 2023

**(ଆଜିର ମ୍ୟାଚ)**

**ଅଷ୍ଟ୍ରେଲିଆ ବନାମ ବାଂଲାଦେଶ**
ସ୍ଥାନ: ପୁଣେ, ସମୟ: ପୂର୍ବାହ୍ନ ୧୦ଟା ୩୦

**ଇଂଲଣ୍ଡ ବନାମ ପାକିସ୍ତାନ**
ସ୍ଥାନ: କୋଲକାତା, ସମୟ: ଅପରାହ୍ନ ୨ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

### ଆଫଗାନିସ୍ତାନର ଅଭିଯାନ ଶେଷ

ବାଦ୍ ଦେଲେ ଅଧିକାଂଶ ବ୍ୟାଟ୍ସମ୍ୟାନ ଭଲ ଆରମ୍ଭ କରିଥିଲେହେଁ ତାହାକୁ ବଡ଼ ସ୍କୋରରେ ପରିଣତ କରି ନ ପାରିବାରୁ ଦଳ ଅଲ୍ଆଉଟ ହୋଇ ଯାଇଥିଲା। ରହମଦ ଶାହା ଓ ନୁର ଅହମଦ ୨୬ ରନ ଲେଖାଏ ଏବଂ ଓପନର ରମାନତୁଲ୍ଲା ଗୁରବାଜ ୨୫ ରନ କରିବାକୁ ସକ୍ଷମ ହୋଇଥିଲେ। ୧୦୭ ବଲ୍‌ର ସମ୍ମୁଖୀନ ହୋଇଥିବା ଓମାରଜାଇ ୭ ଚୌକା ଓ ୩ ଛକା ସହାୟତାରେ ୯୭ ରନରେ ଅପରାଜିତ ରହିଥିଲେ। ଦକ୍ଷିଣ ଆଫ୍ରିକା ବୋଲରଙ୍କ ମଧ୍ୟରେ ଗେରାଲ୍ଡ କୋଜି ସର୍ବାଧିକ ୪ଟି, କେଶବ ମହାରାଜ ଓ ଲୁନ୍‌ଗି ଏନଗିଡ଼ି ୨ଟି ଲେଖାଏ ଏବଂ ଆଣ୍ଡିଲେ ଫେଲୁକ୍ୱାୟୋ ଗୋଟିଏ ଉଇକେଟ ନେଇଥିଲେ।

ଆଫଗାନିସ୍ତାନ ପରି ଦକ୍ଷିଣ ଆଫ୍ରିକା ଓପନିଂ ଯୋଡ଼ିରେ ୬୪ ରନ ଯୋଗକରି ଭଲ ଆରମ୍ଭ କରିଥିଲା। ମାତ୍ର ୨ ରନ ବ୍ୟବଧାନରେ ୨ଟି ଉଇକେଟ ପତନ ଏବଂ ମଧ୍ୟଭାଗରେ ଏଡେନ ମାରକ୍ରମ (୨୫), ହେନରିଚ୍ କ୍ଲାସେନ (୧୦) ଓ ଡେଭିଡ ମିଲର (୨୪)ଙ୍କ ବିଫଳତା ଯୋଗୁ ବିପଦ ମଧ୍ୟକୁ ଚାଲି ଆସିଥିଲା। ମାତ୍ର ରସି ଭାନ୍ ଡର୍ ଡୁସେନଙ୍କ ଧୈର୍ଯ୍ୟପୂର୍ଣ୍ଣ ଇନିଂସ ଏବଂ ଶେଷଭାଗରେ ଆଣ୍ଡିଲେ ଫେଲୁକ୍ୱାୟୋଙ୍କ ଉପଯୋଗୀ ୩୯ (୩୭ ବଲ, ୧ ଚୌକା, ୩ ଛକା) ରନ ଦଳକୁ ବିଜୟୀ କରିଥିଲା। ୯୫ଟି ବଲ୍‌ର ସମ୍ମୁଖୀନ ହୋଇଥିବା ଡୁସେନ ୬ ଚୌକା ଓ ୧ ଛକା ସହାୟତାରେ ୭୬ ରନରେ ଅପରାଜିତ ରହିଥିଲେ। ଆଫଗାନିସ୍ତାନ ପକ୍ଷରୁ ମହମ୍ମଦ ନବି ଓ ରଶିଦ ଖାଁ ୨ଟି ଲେଖାଏ ଏବଂ ମୁଜିବ ଉର୍ ରହମନ ଗୋଟିଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଆଫଗାନିସ୍ତାନ ୫୦ ଓଭରରେ ୨୪୪/ଅଲ୍ଆଉଟ (ଆଜମତୁଲ୍ଲା ଓମାରଜାଇ-୯୭*, ରହମଦ ଶାହା-୨୬, ନୁର୍ ଅହମଦ-୨୬, ଗେରାଲ୍ଡ କୋଜି-୪/୪୪, କେଶବ ମହାରାଜ-୨/୨୫, ଲୁନ୍‌ଗି ଏନଗିଡି-୨/୬୯, ଆଣ୍ଡିଲେ ଫେଲୁକ୍ୱାୟୋ-୧/୩୬)। ଦକ୍ଷିଣ ଆଫ୍ରିକା ୪୭.୩ ଓଭରରେ ୨୪୭/୫ (ରସି ଭାନ୍ ଡର୍ ଡୁସେନ-୭୬*, କ୍ୱିଣ୍ଟନ ଡି'କକ୍-୪୧, ଏଡେନ ମାରକ୍ରମ-୨୫, ରଶିଦ ଖାଁ-୨/୩୭, ମହମ୍ମଦ ନବି-୨/୩୫, ମୁଜିବ ଉର୍ ରହମନ-୧/୫୧)।

**ପଏଣ୍ଟ ଟେବୁଲ**

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ୍‌ହାର |
|---|---|---|---|---|---|
| ଭାରତ | ୮ | ୮ | ୦ | ୧୬ | +୨.୪୫୬ |
| ଦକ୍ଷିଣ ଆଫ୍ରିକା | ୯ | ୭ | ୨ | ୧୪ | +୧.୨୬୧ |
| ଅଷ୍ଟ୍ରେଲିଆ | ୮ | ୬ | ୨ | ୧୨ | +୦.୮୬୧ |
| ନ୍ୟୁଜିଲାଣ୍ଡ | ୯ | ୫ | ୪ | ୧୦ | +୦.୭୪୩ |
| ପାକିସ୍ତାନ | ୮ | ୪ | ୪ | ୮ | +୦.୦୩୬ |
| ଆଫଗାନିସ୍ତାନ | ୯ | ୪ | ୫ | ୮ | -୦.୩୩୬ |
| ଇଂଲଣ୍ଡ | ୮ | ୨ | ୬ | ୪ | -୦.୮୮୫ |
| ବାଂଲାଦେଶ | ୮ | ୨ | ୬ | ୪ | -୧.୧୪୨ |
| ଶ୍ରୀଲଙ୍କା | ୯ | ୨ | ୭ | ୪ | -୧.୪୧୯ |
| ନେଦରଲାଣ୍ଡ୍ସ | ୮ | ୨ | ୬ | ୪ | -୧.୬୩୫ |

# ଶ୍ରୀଲଙ୍କା କ୍ରିକେଟକୁ ସସ୍‌ପେଣ୍ଡ କଲା ଆଇସିସି

**ଦୁବାଇ, ୧୦।୧୧ (ପି.ଟି.)**

ସରକାରୀ ହସ୍ତକ୍ଷେପ ପାଇଁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଶୁକ୍ରବାର ଶ୍ରୀଲଙ୍କା କ୍ରିକେଟ (ଏସ୍ଏଲ୍ସି)କୁ ସସ୍‌ପେଣ୍ଡ କରିଛି। ଚଳିତ ଦିନିକିଆ ବିଶ୍ୱକପ୍‌ରେ ଶ୍ରୀଲଙ୍କାର ପ୍ରଦର୍ଶନ ନୈରାଶ୍ୟଜନକ ରହିଥିଲା। ଦଳ ୯ଟି ଗେମ୍‌ରୁ ୭ଟିରେ ପରାଜିତ ହୋଇଥିଲା। ଫଳତଃ ଶ୍ରୀଲଙ୍କା କ୍ରୀଡ଼ାମନ୍ତ୍ରୀ ଏସ୍ଏଲ୍ସିକୁ ବହିଷ୍କୃତ କରିଥିଲେ। ମାତ୍ର କୋର୍ଟରେ ଅପିଲ ଦ୍ୱାରା ଏସଏଲସି ପୁନଃ ଅବସ୍ଥାପିତ ହେବାରୁ ଦେଶର କ୍ରିକେଟ

### ସରକାରୀ ହସ୍ତକ୍ଷେପ

ପରିଚାଳନା ପରିଷଦରେ ପରିସ୍ଥିତି ଅଧିକ ଜଟିଳ ହୋଇପଡ଼ିଥିଲା। ଗୁରୁବାର ପାର୍ଲାମେଣ୍ଟରେ ସରକାର ଏବଂ ବିରୋଧୀ ଦଳ ମିଳିତ ଭାବେ ଏକ ପ୍ରସ୍ତାବ ଗୃହୀତ କରାଇଥିଲେ। ଏସ୍ଏଲ୍ସି ମ୍ୟାନେଜମେଣ୍ଟକୁ ଇସ୍ତଫା ପାଇଁ ଏଥିରେ ଦାବି କରାଯାଇଥିଲା। ଶ୍ରୀଲଙ୍କାର ସଦସ୍ୟତାକୁ ତୁରନ୍ତ ସସ୍‌ପେଣ୍ଡ କରାଯାଇଥିବା ଆଇସିସି ପକ୍ଷରୁ ଏକ ବିବୃତ୍ତିରେ ପ୍ରକାଶ କରାଯାଇଛି। ଶୁକ୍ରବାର ଆଇସିସି ବୋର୍ଡ ବୈଠକ ବସିଥିଲା। ଶ୍ରୀଲଙ୍କା କ୍ରିକେଟ ଏକ ସ୍ୱୟଂଚାଳିତ ସଂସ୍ଥା। କ୍ରିକେଟ ପ୍ରଶାସନ ଉପରେ ସରକାରୀ ହସ୍ତକ୍ଷେପ ଆଦୌ ଗ୍ରହଣୀୟ ନୁହେଁ। ଶ୍ରୀଲଙ୍କା ଆଇସିସିର ଜଣେ ସଦସ୍ୟ ଭାବେ ଏହାର ଦାୟିତ୍ୱ ସଠିକ ଭାବେ ତୁଲାଇ ପାରିନାହିଁ ବୋଲି ଆଇସିସିର ତରଫରୁ ଏକ ବିବୃତ୍ତିରେ ପ୍ରକାଶ କରାଯାଇଛି। ନିଲମ୍ବନ ସର୍ତ୍ତଗୁଡ଼ିକ ଆଇସିସି ବୋର୍ଡ ଠିକଣା ସମୟରେ ସ୍ଥିର କରିବ ବୋଲି ଏଥିରେ କୁହାଯାଇଛି। ଏସଏଲ୍ସି ବୋର୍ଡ ଅଫ୍ ମ୍ୟାନେଜମେଣ୍ଟକୁ ବହିଷ୍କାର କରିବାକୁ ଦେଶର କ୍ରୀଡ଼ାମନ୍ତ୍ରୀଙ୍କ ନିଷ୍ପତ୍ତିରେ ସରକାରଙ୍କ ଆଭିମୁଖ୍ୟ ଭିନ୍ନ ରହିଛି। ଏକ ରିପୋର୍ଟକୁ ଭିତ୍ତି କରି ଏକ ନୂଆ ସମ୍ବିଧାନ ଗଠନ ଏବଂ ନୂତନ ଭୋଟିଂ ବ୍ୟବସ୍ଥା ସହ କର୍ମକର୍ତ୍ତା ନିଯୁକ୍ତି ପାଇଁ ସୁପାରିସ କରାଯାଇଛି।

**'ଖରାପ ପ୍ରଦର୍ଶନ ପଛରେ ବାହ୍ୟ ଷଡ଼ଯନ୍ତ୍ର'**

**କଲମ୍ବୋ, ୧୦।୧୧ (ପି.ଟି.):** ବିଶ୍ୱକପ୍‌ରେ ଶ୍ରୀଲଙ୍କାର ନିରାଶାଜନକ ପ୍ରଦର୍ଶନ ପଛରେ ବାହ୍ୟ ଷଡ଼ଯନ୍ତ୍ର ରହିଛି। ଏଭଳି ଏକ ଅଭିଯୋଗ ଆଣିଛନ୍ତି ମୁଖ୍ୟ ଚୟନକର୍ତ୍ତା ପ୍ରମୋଦ୍ୟା ବିକ୍ରମସିଙ୍ଘେ। ଶ୍ରୀଲଙ୍କା କ୍ରିକେଟ ଦଳ ଶୁକ୍ରବାର ସକାଳେ ଭାରତରୁ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛି। ବିମାନ ବନ୍ଦରରେ ଖବରଦାତାଙ୍କ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି, ଷଡ଼ଯନ୍ତ୍ର ସମ୍ପର୍କିତ ସମସ୍ତ ତଥ୍ୟ ପ୍ରକାଶ କରିବେ। ଏଥିଲାଗି ତାଙ୍କୁ ଦୁଇ ଦିନ ସମୟ ଦରକାର।





ରାଜ୍ୟ ଟେବୁଲ ଟେନିସ ଚାମ୍ପିୟନଶିପ୍‌ର କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

# ଶ୍ୱେତପଦ୍ମା, ଜିଜ୍ଞାସୁଙ୍କୁ ତ୍ରିମୁକୁଟ

**ଭୁବନେଶ୍ୱର, ୧୦।୧୧**
**(ତପନ ସ୍ୱାଇଁ)**

ଲକ୍ଷ୍ମୀସାଗରସ୍ଥିତ ଓଡ଼ିଶା ଟେବୁଲ ଟେନିସ ଏକାଡେମୀର ବିଜୁ ପଟ୍ଟନାୟକ ଇନ୍‌ଡୋର ହଲ୍‌ରେ ୨୯ତମ ଆନ୍ତଃ ଜିଲା ଓ ରାଜ୍ୟ ଟେବୁଲ ଟେନିସ ଚାମ୍ପିୟନଶିପ୍ ଶୁକ୍ରବାର ଶେଷ ହୋଇଛି। ଏହି ସମ୍ମାନଜନକ ପ୍ରତିଯୋଗିତାରେ ଭୁବନେଶ୍ୱରର ଶ୍ୱେତପଦ୍ମା ଦଳାଇ ଓ କଟକର ଜିଜ୍ଞାସୁ ସାହୁ ୩ଟି ଲେଖାଏ ଟାଇଟଲ ହାସଲ କରିଛନ୍ତି। ଶ୍ୱେତପଦ୍ମା ମହିଳା ସିଙ୍ଗଲ୍ସ, ୧୯ ବର୍ଷରୁ କମ୍ ବାଳିକା ଓ ୧୭ ବର୍ଷରୁ

### ରାଜ୍ୟ ଟେବୁଲ ଟେନିସ ଚାମ୍ପିୟନଶିପ୍ ଉଦ୍‌ଯାପିତ

କମ୍ ବାଳିକାରେ ଏବଂ ଜିଜ୍ଞାସୁ ୧୯ ବର୍ଷରୁ କମ୍ ବାଳକ, ୧୭ ବର୍ଷରୁ କମ୍ ବାଳକ ଓ ୧୫ ବର୍ଷରୁ କମ୍ ବାଳକ ବର୍ଗରେ ଚାମ୍ପିୟନ ହୋଇଛନ୍ତି। ପୁରୁଷ ସିଙ୍ଗଲ୍ସରେ ଟାଇଟଲ ଜିତିଛନ୍ତି ଏଜି ଓଡ଼ିଶାର ମୈନାକ ଦାସ। ଶ୍ୱେତା ବର୍ମା ୧୧ ଓ ୧୩ ବର୍ଷରୁ କମ୍ ବାଳିକାରେ ଚାମ୍ପିୟନ ହୋଇଥିବାବେଳେ ୧୧ ବର୍ଷରୁ କମ୍ ବାଳକରେ ଆରୁଶ ମାଣିଆ, ୧୩ ବର୍ଷରୁ କମ୍ ବାଳକରେ ଜିଜ୍ଞାସୁ ସାଇ କିରଣ ପ୍ରଧାନ ଓ ୧୫ ବର୍ଷରୁ କମ୍ ବାଳିକାରେ ଉର୍ଜା ବର୍ମା ଟାଇଟଲ ହାସଲ କରିଛନ୍ତି। ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରମୁଖ ସଚିବ ତଥା ଓଡ଼ିଶା ଟେବୁଲ ଟେନିସ ଆସୋସିଏଶନ ସଭାପତି ସଞ୍ଜୟ କୁମାର ସିଂ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଆସୋସିଏଶନ ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ା, ଯୁଗ୍ମ ସମ୍ପାଦକ ଚିତ୍ତରଞ୍ଜନ ମହାନ୍ତି ଓ ଜୟଦୀପ ଦେବତା ପ୍ରମୁଖ ଉପସ୍ଥିତ ଥିଲେ।

# ହେନ୍‌ରୀଙ୍କ ବିରୋଧରେ ବଲ୍ ଟ୍ୟାମ୍ପରିଂ ଅଭିଯୋଗ

**ୱେଲିଂଟନ, ୧୦।୧୧ (ଏପି)**

ଟେଷ୍ଟ ବ୍ୟାଟର ହେନ୍‌ରୀ ନିକୋଲ୍ସ ନ୍ୟୁଜିଲାଣ୍ଡ କ୍ରିକେଟ ଆଚରଣବିଧି ଉଲ୍ଲଂଘନ କରିଛନ୍ତି। ଚଳିତ ସପ୍ତାହରେ ଏକ ଘରୋଇ ପ୍ରଥମ ଶ୍ରେଣୀ ମ୍ୟାଚରେ ଅମ୍ପାୟରମାନେ ତାଙ୍କ ବିରୋଧରେ ବଲ୍ ଟ୍ୟାମ୍ପରିଂ ଅଭିଯୋଗ ଆଣିଛନ୍ତି। ନିକୋଲ୍ସଙ୍କ କାଣ୍ଟରବୁରି ପ୍ରଦେଶ ଏବଂ ଅକ୍‌ଲାଣ୍ଡ ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ ସେ ହେଲ୍‌ମେଟରେ ବଲ୍‌କୁ ଘର୍ଷଣ କରୁଥିବା ଟେଲିଭିଜନ ଫୁଟେଜରେ ଦେଖିବାକୁ ମିଳିଥିଲା। ନ୍ୟୁଜିଲାଣ୍ଡ କ୍ରିକେଟ ଏହି ମାମଲାର ବିଚାର ପାଇଁ ପ୍ରଥମଶ୍ରେଣୀ କ୍ରିକେଟର କମିଶନରଙ୍କ ନିକଟକୁ ପଠାଇ ଦେଇଛି। ଶୁଣାଣି ପାଇଁ ଦିନ ଧାର୍ଯ୍ୟ ହୋଇ ନାହିଁ। ନିକୋଲ୍ସ ଚଳିତ ମାସ ପରବର୍ତ୍ତୀ ଭାଗରେ ନ୍ୟୁଜିଲାଣ୍ଡ ଟୁର୍ ଯିବାର କାର୍ଯ୍ୟକ୍ରମ ରହିଛି। ନିକୋଲ୍ସ ଏହି ପ୍ରସଙ୍ଗରେ କୌଣସି ଟିପ୍ପଣୀ ଦେଇନାହାନ୍ତି। ନ୍ୟୁଜିଲାଣ୍ଡର ଅଗ୍ରଣୀ ସୀମିତ ଓଭର ଖେଳାଳିମାନେ ବର୍ତ୍ତମାନ ଭାରତରେ ଦିନିକିଆ କ୍ରିକେଟ ବିଶ୍ୱକପ୍ ଖେଳୁଛନ୍ତି।

# ପୂର୍ବତନ ଜାତୀୟ ଫୁଟ୍‌ବଲରଙ୍କ ଦେହାନ୍ତ

**ଭୁବନେଶ୍ୱର, ୧୦।୧୧ (ବିଜୟ ରଣା)**

ଓଡ଼ିଶାର ପୂର୍ବତନ ଜାତୀୟ ଫୁଟ୍‌ବଲ ଖେଳାଳି ୟୁନୁସ ବେଗ୍‌ଙ୍କ



ୟୁନୁସ ବେଗ୍

ଶୁକ୍ରବାର କଟକ ସୂତାହାଟସ୍ଥିତ ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୯୦ବର୍ଷ ବୟସ ହୋଇଥିଲା। ସେ ସନ୍ତୋଷ ଟ୍ରଫି(ଜାତୀୟ ଫୁଟ୍‌ବଲ ଚାମ୍ପିୟନଶିପ୍)ରେ ବହୁ ବର୍ଷ ଧରି ଓଡ଼ିଶା ଦଳରୁ ଖେଳିଛନ୍ତି। ତାଙ୍କ ବିୟୋଗରେ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା(ଫାଓ) ତରଫରୁ ଶ୍ରଦ୍ଧାଞ୍ଜଳି ପ୍ରଦାନ ସହ ତାଙ୍କ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜ୍ଞାପନ କରାଯାଇଛି।

# ପୂର୍ବାଞ୍ଚଳ ଦଳରେ ଓଡ଼ିଶାର ମାଧୁରୀ ଓ ସୁଶ୍ରୀ

**ଭୁବନେଶ୍ୱର, ୧୦।୧୧**
**(ତପନ ସ୍ୱାଇଁ)**

### ସିନିୟର ମହିଳା ଆନ୍ତଃ ଜୋନ ଟି୨୦ ଟ୍ରଫି

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଘରୋଇ କ୍ରିକେଟ ସିଜନ ୨୦୨୩-୨୪ ଅନ୍ତର୍ଗତ ସିନିୟର ମହିଳା ଆନ୍ତଃ ଜୋନ୍ ଟି୨୦ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟ ଲକ୍ଷ୍ନୌରେ ଚଳିତ ମାସ ୨୪ରୁ ଡିସେମ୍ବର ୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ ଝାଡ଼ଖଣ୍ଡର ରାଞ୍ଚିଠାରେ ଶୁକ୍ରବାର ଚୟନ କମିଟି ବୈଠକ ବସି ପୂର୍ବାଞ୍ଚଳ ଦଳ ଘୋଷଣା କରାଯାଇଛି। ଏଥିରେ ଓଡ଼ିଶା ସିନିୟର ଦଳର ୨ ଜଣ ଖେଳାଳି ମାଧୁରୀ ମେହେଟ୍ଟା ଓ ସୁଶ୍ରୀ ଦିବ୍ୟଦର୍ଶିନୀ ସ୍ଥାନ ପାଇଛନ୍ତି। ମନୋନୀତ ୨ ଖେଳାଳିଙ୍କୁ ଓଡ଼ିଶା କ୍ରିକେଟ ଆସୋସିଏଶନ ସଭାପତି ପ୍ରଣବ ପ୍ରକାଶ ଦାସ, ସମ୍ପାଦକ ସଞ୍ଜୟ ବେହେରାଙ୍କ ସମେତ ଅନ୍ୟ ସଦସ୍ୟମାନେ ଅଭିନନ୍ଦନ ଜଣାଇଛନ୍ତି।





ମାଧୁରୀ ମେହେଟା ଓ ସୁଶ୍ରୀ ଦିବ୍ୟଦର୍ଶିନୀ।

ପୂର୍ବାଞ୍ଚଳ ଦଳ: ଦୀପ୍ତି ଶର୍ମା, ମାଧୁରୀ ମେହେଟ୍ଟା, ଧର ଗୁଜ୍ଜାର, ପ୍ରିୟଙ୍କା ବାଲା, ଅଶ୍ୱିନୀ କୁମାରୀ, ଉମା କେ. ଛେତ୍ରୀ, ସୁଶ୍ରୀ ଦିବ୍ୟଦର୍ଶିନୀ, ରିଚା ଘୋଷ, ସାଇକା ଇଶାକ୍, ମମତା ପାସୱାନ, ଜିଣ୍ଟି ମୋନି କାଲିଟା, ଟିଟାସ ସଦ୍ଧୁ, ପ୍ରିୟଙ୍କା ଆଚାର୍ଜୀ, ମୀତା ପାଲ୍, ଇନ୍ଦ୍ରାଣୀ ରୟ।

# କିଟ୍, ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ ଯୋଗ୍ୟତା

**ଭୁବନେଶ୍ୱର, ୧୦।୧୧**
**(ତପନ ସ୍ୱାଇଁ)**

ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ୍ (ଏଆଇୟୁ) ଅନୁମୋଦନ କ୍ରମେ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଚାଲିଥିବା ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ଭଲିବଲ(ପୁରୁଷ) ଚାମ୍ପିୟନଶିପ୍‌ର କ୍ୱାର୍ଟର ଫାଇନାଲ ପର୍ଯ୍ୟାୟ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କିଟ୍ ୩-୦ରେ ମିଜୋରାମ, ସମ୍ବଲପୁର ୩-୨ରେ ଉତ୍କଳ, ଏମ୍‌ଜି କାଶୀ ବିଦ୍ୟାପୀଠ ୩-୦ରେ ଜଉନପୁରର ବିଭିଏସ୍ ପୂର୍ବାଞ୍ଚଳକୁ ଏବଂ ଆଡାମାସ ୟୁନିଭର୍ସିଟି ୩-୦ରେ ବିଏଚ୍‌ୟୁ ବାରାଣସୀକୁ ପରାସ୍ତ କରିଛି। ଫଳରେ କିଟ୍ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟ ସହ ବିଜେତା ୪ ଦଳ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆନ୍ତଃ ଜୋନ୍ ଭଲିବଲ(ପୁରୁଷ) ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛି। ସର୍ବଭାରତୀୟ ପ୍ରତିଯୋଗିତା ଆସନ୍ତା ଡିସେମ୍ବରରେ କୁରୁକ୍ଷେତ୍ର ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବ।

ପୂର୍ବାଞ୍ଚଳ ଚାମ୍ପିୟନଶିପ୍‌ର ଶୀର୍ଷ ୪ ସ୍ଥାନ ଅଧିକାର କରିଥିବା ଦଳଗୁଡ଼ିକୁ ନେଇ ଅନୁଷ୍ଠିତ ପ୍ରଥମ ରାଉଣ୍ଡ ଲିଗ୍ ମ୍ୟାଚରେ କିଟ୍ ବିଶ୍ୱବିଦ୍ୟାଳୟ ୩-୦ରେ ସମ୍ବଲପୁରକୁ ଏବଂ ଏମ୍‌ଜି କାଶୀ ବିଦ୍ୟାପୀଠ ୩-୧ରେ ଆଡାମ୍ସ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି। ସର୍ବଭାରତୀୟ ଯୋଗ୍ୟତା ହାସଲ କରିଥିବାରୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଦଳଗୁଡ଼ିକୁ ଅଭିନନ୍ଦନ ଜଣାଇଛନ୍ତି। ପ୍ରତିଯୋଗିତାରେ ୬୫ ବିଶ୍ୱବିଦ୍ୟାଳୟର ୯୦୦ରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଛନ୍ତି। ଏହା ମଧ୍ୟରେ ଓଡ଼ିଶାର ୧୩ ବିଶ୍ୱବିଦ୍ୟାଳୟ ସାମିଲ।



ସର୍ବଭାରତୀୟ ଯୋଗ୍ୟତା ହାସଲ କରିଥିବା କିଟ୍ ବିଶ୍ୱବିଦ୍ୟାଳୟ ଦଳ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ନଭେମ୍ବର ୧୧/୨୦୨୩ Bhubaneswar, Saturday, November 11/ 2023

# ଆହାନଙ୍କୁ ଡବଲ ଟାଇଟଲ



## ଫ୍ୟୁଚର ଷ୍ଟାର ଏଆଇଟିଏ ସୁପର ସିରିଜ

ଭୁବନେଶ୍ୱର, ୧୦।୧୧
(ତପନ ସ୍ୱାଇଁ)

କୋଲକାତାରେ ଅନୁଷ୍ଠିତ ଫ୍ୟୁଚର ଷ୍ଟାର ଏଆଇଟିଏ ସୁପର ସିରିଜ ଟେନିସ ଟୁର୍ନାମେଣ୍ଟରେ ଓଡ଼ିଶାର ଆହାନ ଉଭୟ ସିଙ୍ଗଲ୍ସ ଓ ଡବଲ୍ସରେ ଟାଇଟଲ ବିଜୟୀ ହୋଇଛନ୍ତି। ବାଳିକା ସିଙ୍ଗଲ୍ସ ଫାଇନାଲରେ ସେ ପଶ୍ଚିମବଙ୍ଗର ରିୟା ରୟଙ୍କୁ ୬-୦, ୬-୦ ସେଟ୍‌ରେ ହରାଇ ଚାମ୍ପିୟନ ହୋଇଛନ୍ତି। ଡବଲ୍ସରେ ସେ ପଶ୍ଚିମବଙ୍ଗର ଇନ୍ଦ୍ରାକ୍ଷୀ ଭଟ୍ଟାଚାର୍ଯ୍ୟଙ୍କୁ ପାର୍ଟନର କରି ଖେଳିଥିଲେ। ଫାଇନାଲରେ ଆହାନ-ଇନ୍ଦ୍ରାକ୍ଷୀ ଯୋଡ଼ି ପଶ୍ଚିମବଙ୍ଗର ରିୟା ରୟ ଓ ସାଞ୍ଚାଫ ମାଲକାଣ୍ଡିଙ୍କୁ ୬-୪, ୬-୦ ସେଟ୍‌ରେ ହରାଇ ଦେଇଥିଲେ। ଆହାନ ସମ୍ପ୍ରତି ଏସ୍‌ବେସ୍ ଟେନିସ ଏକାଡେମୀରେ ରାଜ୍ୟର ପ୍ରତିଷ୍ଠିତ କୋଚ୍ ଅଜୟ ନିଶଙ୍କଠାରୁ ପ୍ରଶିକ୍ଷଣପ୍ରାପ୍ତ।

# ଗୁରକିରଟ ସିଂଙ୍କ ଅବସର

ଚଣ୍ଡିଗଡ଼, ୧୦।୧୧ (ପି.ଟି.)

ଗୁରକିରଟ ସିଂ ମାନ ଅନ୍ତର୍ଜାତୀୟ ଓ ଭାରତୀୟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ୨୦୧୬ ଅଷ୍ଟ୍ରେଲିଆ ଟୁର୍ ବେଳେ ସେ ୩ ଅନ୍ତର୍ଜାତୀୟ ଦିନିକିଆ ଖେଳିଥିଲେ। ଏହି ୩୩ ବର୍ଷୀୟ ଖେଳାଳି ଭାରତ ପାଇଁ ମିଡଲ ଅର୍ଡରରେ ବ୍ୟାଟିଂ କରିଥିଲେ। ଅଷ୍ଟ୍ରେଲିଆ ବିପକ୍ଷ ଅନ୍ତର୍ଜାତୀୟ ଦିନିକିଆ ସିରିଜରେ ସେ ୧୦ ଓଭର ଅଫ୍ ସ୍ପିନ ବୋଲିଂ କରିଥିଲେ। ପଞ୍ଜାବ ଦଳରେ ସ୍ଥିତି ସୁଦୃଢ ନ ରହିବାରୁ ସେ ଅବସର ଘୋଷଣା କରିଥିବା କୁହାଯାଉଛି। ସେ ୭ମ ତଥା ଶେଷଥର ପାଇଁ ଆଇପିଏଲ୍ ୨୦୨୦ରେ ଖେଳିଥିଲେ। ସୂଚନାଯୋଗ୍ୟ, ୨୦୧୧ ଘରୋଇ କ୍ରିକେଟ ପ୍ରତିଯୋଗିତାରେ ସେ ଚମତ୍କାର ପ୍ରଦର୍ଶନ କରି ସେ ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତାଙ୍କ ବିସ୍ଫୋରକ ବ୍ୟାଟିଂ ସହାୟତାରେ ପଞ୍ଜାବ ସିକେ ନାଇଡୁ ଟ୍ରଫି ଜିତିପାରିଥିଲା। ରଣଜୀ ଟ୍ରଫି ୨୦୧୫-୧୬ ସିଜନରେ ମଧ୍ୟ ସେ ଚମତ୍କାର ଫର୍ମରେ ଥିଲେ ଏବଂ ଏକ ଦ୍ୱିଶତକ ହାସଲ କରିଥିଲେ। ଗୁରକିରଟ ଅନ୍ତର୍ଜାତୀୟ ଦିନିକିଆରେ ପଦାର୍ପଣ ପୂର୍ବରୁ ଦକ୍ଷିଣ ଆଫ୍ରିକା ବିପକ୍ଷ ଘରୋଇ ସିରିଜ ପାଇଁ ଭାରତର ଟେଷ୍ଟ ଦଳକୁ ଡକରା ପାଇଥିଲେ। କିନ୍ତୁ ଏଥିରେ ତାଙ୍କୁ ଖେଳିବା ଲାଗି ସୁଯୋଗ ମିଳି ନ ଥିଲା। ୨୦୨୧-୨୨ରେ ସେ ବିଜୟ ହଜାରେ ଟ୍ରଫିରେ ପଞ୍ଜାବର ଟପ୍ ସ୍କୋରର ଥିଲେ।

# ଭାରତ-କାତାର ଫୁଟ୍‌ବଲ ମ୍ୟାଚ: ଅନ୍‌ଲାଇନ ଟିକେଟ ବିକ୍ରି ଆରମ୍ଭ

ଭୁବନେଶ୍ୱର, ୧୦।୧୧
(ତପନ ସ୍ୱାଇଁ)

ଭାରତ ଓ କାତାର ମଧ୍ୟରେ ଫିଫା ବିଶ୍ୱକପ ୨୦୨୬/ଏଏଫ୍‌ସି ଏସିଆନ କପ୍ ୨୦୨୭ ଯୁଗ୍ମ ଯୋଗ୍ୟତା ପର୍ଯ୍ୟାୟ ଫୁଟବଲ ମ୍ୟାଚ ଆସନ୍ତା ୨୧ ତାରିଖରେ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏହି ମ୍ୟାଚ ପାଇଁ ଶୁକ୍ରବାରଠାରୁ ଅନ୍‌ଲାଇନ୍ ଟିକେଟ ବିକ୍ରି ଆରମ୍ଭ ହୋଇଛି। ଟିକେଟ ଗୁଡ଼ିକ www. ticketgenie.inରେ ଉପଲବ୍ଧ। ଅନ୍‌ଲାଇନ୍‌ରେ ଟିକେଟ କିଣିବା ପରେ ଦର୍ଶକମାନେ ଏହାକୁ ୧୭ ତାରିଖ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୬ଟା ମଧ୍ୟରେ ଗେଟ୍ ନଂ-୪ ନିକଟରେ ଥିବା କାଉଣ୍ଟରରେ ସ୍ୱାପ୍ କରିପାରିବେ। କଳିଙ୍ଗ ଷ୍ଟାଡିୟମ ଗେଟ୍ ନଂ-୪ ନିକଟରେ ଉପଲବ୍ଧ କାଉଣ୍ଟରରେ ଆସନ୍ତା ୧୭ ତାରିଖରୁ ଅଫ୍‌ଲାଇନ୍ ଟିକେଟ ଉପଲବ୍ଧ ହେବ। ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୬ଟା ମଧ୍ୟରେ ଫୁଟବଲପ୍ରେମୀମାନେ ବ୍ୟକ୍ତିଗତ ଉପସ୍ଥିତ ରହି ଟିକେଟ କ୍ରୟ କରିପାରିବେ। ନର୍ଥ ୱେଷ୍ଟଷ୍ଟାଣ୍ଡ ପାଇଁ ଟିକେଟ ମୂଲ୍ୟ ୫୦୦ ଟଙ୍କା ଧାର୍ଯ୍ୟ କରାଯାଇଛି। ଏହା ବ୍ୟତୀତ ଇଷ୍ଟ ଷ୍ଟାଣ୍ଡ, ସାଉଥ୍ ଷ୍ଟାଣ୍ଡ ଓ ନର୍ଥ ଷ୍ଟାଣ୍ଡର ଟିକେଟ ମୂଲ୍ୟ ୨୦୦ ଟଙ୍କା ରଖା ଯାଇଛି।







Bhubaneswar - Hindustan Wheels: 9776048108/ 9937020816 | Bapuji Nagar Branch: 9348355705 / 9437142215 | Bhubaneswar –K2K Auto-Motives 7008987920 / 7008987917 /16 | Bhubaneswar: Torque Motor Pahal: 9692592014 / 7894252300 | Venus Automotives: 9776012326/ 8917395776 | Nayagarh: Shree Motors: 9123742457 9748294928 | Puri - Satyabadi Automobiles: 8917467272 / 8917475550 | Brahmagiri Branch: Ananya Automobiles : 8917467272 / 9556879502 Cuttack- PMG Motors: 7854912003 / 7854912006 | Cuttack : AMP Motors : 9692200591 / 592 Jajpur Road - Birendra Motors: 8114371861/ 8114371865 | Balipatna: 9078953592 | Dhalapathar: 7008951601 | Balugaon: 8018731318 | Jatni: 8249369308 Pipili: 9937681634 | Nimapara: 9776604707 | Kakatapur: 9861413314 | Chandpur: 8018731318 | Adaspur: 9438344646 | Banki: 9337390774 | Narsinghpur: 934891773 | Niali: 7377401859 | Rajnagar: 9776887470 | Bidharpur: 9777100623 | Athagarh: 8249515189 | Jagatsinghpur: 8249845109 | Paradeep: 8895513620 | Rahama: 9439064788 | Salepur: 9337115957 | Pattamundai: 9861502095 | Chhatia: 9437397655 | Duburi: 8093869659 | Binjharpur: 9778266966 | Balichandrapur: 7978609768 | Bhuban: 8249158563 | Jajpur Town: 9777022033 | Mangalapur: 9937726644 | Singhpur: 7008382026.

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ